# ଧରିତ୍ରୀ
DHARITRI

୪୭

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୩/୨୦୨୦ (୧୬ ପୃଷ୍ଠା) | Bhubaneswar, Thursday, December 3/2020 | ★★★★

୪୭ଶ ଭାଗ ୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ସଚିନଙ୍କ ରେକର୍ଡ ଭାଙ୍ଗିଲେ କୋହଲି

ବିରାଟ କୋହଲି ଏକଦିବସୀୟ କ୍ରିକେଟରେ ଦ୍ରୁତ ୧୨,୦୦୦ ରନ୍ ପୂରଣ କରି ସଚିନ ତେନ୍ଦୁଲକରଙ୍କ ନାମରେ ଥିବା ରେକର୍ଡ ଭାଙ୍ଗିଛନ୍ତି।

୧୬

୧୪

## ଭାଇରାଲ ହେଉଛି ଅନୁଷ୍କାଙ୍କ ଫଟୋ

ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିରେ ସେ ହସ୍ପିଟାଲରେ ଡାକ୍ତରଙ୍କ ସହ ଥିବା ପରି ମନେହେଉଛି।






# ଘରୋଇ ସ୍କୁଲ ଉପରେ କର୍ତ୍ତୃତ୍ୱ ନାହିଁ

## ଫି' ଛାଡ଼ ମାମଲା



- ସତ୍ୟପାଠରେ ତଥ୍ୟ ରଖିଲେ ରାଜ୍ୟ ସରକାର
- ପ୍ରଶ୍ନ ଉଠାଇଲା ଅଭିଭାବକ ସଂଘ

ଭୁବନେଶ୍ୱର,(ବ୍ୟୁରୋ)/ କଟକ ଅଫିସ୍, ୨।୧୨

ଘରୋଇ ସ୍କୁଲଗୁଡିକ କେତେମାତ୍ରାରେ ଫି' ଆଦାୟ କରିପାରିବେ, ତାହା ନିର୍ଦ୍ଧାରଣ କରିବା ଭଳି ଆଇନ ରାଜ୍ୟରେ ନାହିଁ। ଏହା ଉପରେ ମଧ ସରକାରଙ୍କର କୌଣସି କର୍ତ୍ତୃତ୍ୱ ନାହିଁ। ବୁଧବାର ସତ୍ୟପାଠ ଜରିଆରେ ହାଇକୋର୍ଟରେ ଏଭଳି ତଥ୍ୟ ରଖିଛନ୍ତି ରାଜ୍ୟ ସରକାର। ଫି' ଛାଡ଼ ନେଇ ଷ୍ଟେକ ହୋଲ୍‌ଡରଙ୍କ ଦ୍ୱାରା ହୋଇଥିବା ଏମ୍‌ଓୟୁରେ ୫ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ଉଲ୍ଲେଖ ରହିଛି, ଯାହା ଅଦାଲତ ଚାହିଁଲେ ବିଚାରକୁ ନେଇପାରିବେ। ଏଥିସହ ସରକାର କହିଛନ୍ତି, ରାଜ୍ୟରେ ଅନେକ ସରକାରୀ ବିଦ୍ୟାଳୟ ରହିଛି। ଅଭିଭାବକମାନେ କାହିଁକି ଘରୋଇ ସ୍କୁଲରେ ପିଲାଙ୍କ ନାମ ଲେଖାଉଛନ୍ତି। ମୁଖ୍ୟ ବିଚାରପତି ମହମ୍ମଦ ରଫିକ ଏବଂ ବିଚାରପତି ବିଶ୍ୱନାଥ ରଥଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଶୁଣାଣିବେଳେ ଅନ୍ୟ ରାଜ୍ୟ ଭଳି ଏଠାରେ ଘରୋଇ ସ୍କୁଲ ଆଇନ ଅଛି କି ବୋଲି କୋର୍ଟ ପ୍ରଶ୍ନ କରିଥିଲେ। ତେବେ ଏପରି ଆଇନ କିମ୍ବା ବ୍ୟବସ୍ଥା ନ ଥିବା ସରକାରଙ୍କ ତରଫରୁ ଆଡ୍‌ଭୋକେଟ ଜେନେରାଲ ସ୍ପଷ୍ଟ କରିଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆଗାମୀ ୭ ତାରିଖକୁ ଧାର୍ଯ୍ୟ ହୋଇଛି ବୋଲି ଆବେଦନକାରୀଙ୍କ ଓକିଲ ବିଭୂତି ଭୂଷଣ ଚୌଧୁରୀ କହିଛନ୍ତି। ଫି' ଛାଡ଼ ମାମଲାରେ ରାଜ୍ୟ ସରକାର ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟ ଗତ ୨୩ ତାରିଖ ଶୁଣାଣିବେଳେ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ସରକାରଙ୍କ ପକ୍ଷରୁ ବୁଧବାର କୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ପୂର୍ବରୁ ଫି' ଛାଡ଼ ବା ହ୍ରାସ ନେଇ କୋର୍ଟ ନିଜ ଆଡ଼ୁ ନିଷ୍ପତ୍ତି ନିଅନ୍ତୁ ବୋଲି ସରକାର ଯୁକ୍ତି ବାଢ଼ିଥିଲେ। ସରକାରଙ୍କ ଏହି ସତ୍ୟପାଠକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଓଡ଼ିଶା ଅଭିଭାବକ ମହାସଂଘ ଅଧକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, ଘରୋଇ ସ୍କୁଲ୍‌କୁ ☞ପୃଷ୍ଠା-୪

ଘରୋଇ ସ୍କୁଲ ଫି' ସମସ୍ୟା ଦୂର କରିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୧୮ରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। ସେହି କମିଟିରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଅଧକ୍ଷ ଥିବାବେଳେ ଆଇନ ବିଭାଗ ଓ ଅର୍ଥ ବିଭାଗ ଅଧିକାରୀ, ଘରୋଇ ସ୍କୁଲରୁ ୩ ଜଣ, ଅଭିଭାବକ ସଂଘରୁ ୩ ଜଣ, ବ୍ରହ୍ମପୁର ଓ ସମ୍ବଲପୁର ଅଞ୍ଚଳରୁ ଜଣେ ଲେଖାଏ ପ୍ରତିନିଧି ରହିଛନ୍ତି। ମାରାଥନ ବୈଠକ ପରେ ୨୦୧୮ ଅକ୍ଟୋବରରେ କମିଟି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲା। ହେଲେ ଏ ପର୍ଯ୍ୟନ୍ତ ଘରୋଇ ସ୍କୁଲଗୁଡ଼ିକ ପାଇଁ ନାମଲେଖା, ବାର୍ଷିକ ସ୍କୁଲ ଫି ଏବଂ ଛାତ୍ରୀଛାତ୍ରମାନଙ୍କ ସୁରକ୍ଷା ନେଇ ଚୂଡ଼ାନ୍ତ ଗାଇଡଲାଇନ ପ୍ରସ୍ତୁତ ହୋଇପାରିଲା ନାହିଁ। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ପୁଣି ବଢ଼ିଲା ପେଟ୍ରୋଲ, ଡିଜେଲ

ଭୁବନେଶ୍ୱର,୨।୧୨: ଦୁଇ ଦିନ ବ୍ୟବଧାନ ପରେ ପୁଣି ଥରେ ପେଟ୍ରୋଲ, ଡିଜେଲ ଦର ବଢ଼ିଛି। ଫଳରେ ବୁଧବାର ଭୁବନେଶ୍ୱର ପେଟ୍ରୋଲ ଦର ଲିଟର ପିଛା ୧୬ ପଇସା ବଢ଼ି ୮୩.୧୧ ଟଙ୍କା ରହିଛି। ସେହିଭଳି ଏଠାରେ ଡିଜେଲ ଦର ୨୫ ପଇସା ବୃଦ୍ଧି ହେବା ଯୋଗୁ ଦର ୭୯.୧୨ ଟଙ୍କା ଛୁଇଁଥିବା ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡିକ ପକ୍ଷରୁ ସୂଚନା ରହିଛି। ଦେଶର ମେଟ୍ରୋ ସହରଗୁଡିକରେ ପେଟ୍ରୋଲ ପ୍ରାୟ ୧୫ ପଇସା ଏବଂ ଡିଜେଲ ପ୍ରାୟ ୨୫ ପଇସା ବଢ଼ିଛି। ଗତ ୧୩ ଦିନରେ ୧୦ ଥର ତେଲ ଦର ବଢ଼ିଲାଣି। ନୂଆଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଏବଂ କୋଲକାତାରେ ପେଟ୍ରୋଲ ଯଥାକ୍ରମେ ୮୨.୪୨ ଟଙ୍କା, ୮୯.୧୬ ଟଙ୍କା, ୮୫.୪୪ ଟଙ୍କା, ୮୪.୦୨ ଟଙ୍କା ରହିଛି। ସେହି ଏହି ସ୍ଥାନଗୁଡିକରେ ଡିଜେଲ ଦର ୭୨.୬୫ ଟଙ୍କା, ୭୯.୨୨ ଟଙ୍କା, ୭୮.୦୬ ଟଙ୍କା ଏବଂ ୭୬.୨୨ ଟଙ୍କା ରହିଥିବା ସୂଚନା ରହିଛି।



# ୪୦୦ ଟଙ୍କାରେ ଆର୍‌ଟିପିସିଆର୍

- ଘରୋଇ ଲାବ୍ ପାଇଁ ପରିବର୍ତ୍ତିତ ମୂଲ୍ୟଧାର୍ଯ୍ୟ କଲେ ସରକାର
- ଏଣିକି ଆକ୍ରାନ୍ତଙ୍କ ଘର ବାହାରେ ଲାଗିବନି ପୋଷ୍ଟର
- କରୋନା ଚିକିତ୍ସାରୁ ଆୟୁଷ ଡାକ୍ତରଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨।୧୨(ବ୍ୟୁରୋ)

ରାଜ୍ୟ ସରକାର କରୋନା ପରୀକ୍ଷା ମାଗଣାରେ କରୁଛନ୍ତି। କିନ୍ତୁ ଘରୋଇ ଲାବରେଟୋରି ବା ହସ୍ପିଟାଲ ପାଇଁ ଧାର୍ଯ୍ୟ ହୋଇଥିବା ଆର୍‌ଟିପିସିଆର୍ ଟେଷ୍ଟ ମୂଲ୍ୟରେ ସରକାର ପୁଣି ହ୍ରାସ କରିଛନ୍ତି। ପୂର୍ବରୁ ଏଥିପାଇଁ ୧୨ଶହ ଟଙ୍କା ନିଆଯାଉଥିବାବେଳେ ଏଣିକି ସର୍ବାଧିକ ୪୦୦ ଟଙ୍କା ଦେବାକୁ ପଡିବ। ନିର୍ଦ୍ଧାରିତ ହୋଇଥିବା ଏହି ମୂଲ୍ୟ ମଧ୍ୟରେ ଜିଏସ୍‌ଟି ଅନ୍ତର୍ଭୁକ୍ତ ରହିଛି। ଏ ନେଇ ବୁଧବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ପୂର୍ବରୁ ଅର୍ଥାତ୍ ଗତ ଅଗଷ୍ଟ ୨୫ରେ ଜାରି ବିଜ୍ଞପ୍ତିକୁ ରାଜ୍ୟ ସରକାର ବାତିଲ୍ କରିଛନ୍ତି। ଘରୋଇ ଲାବରେଟୋରିଗୁଡ଼ିକ ପକ୍ଷରୁ କରାଯାଉଥିବା ସମସ୍ତ କରୋନା ଟେଷ୍ଟ ଭୁବନେଶ୍ୱରର ଆର୍‌ଏମ୍‌ଆର୍‌ସି ତତ୍ତ୍ୱାବଧାନରେ ହେବ ଓ ଆଇସିଏମ୍‌ଆର୍ ଗାଇଡ୍‌ଲାଇନ୍ ଅନୁସାରେ ପରୀକ୍ଷା କରାଯିବ ବୋଲି ନିର୍ଦ୍ଦେଶ ରହିଛି।

ପ୍ରଥମେ ଆର୍‌ଟିପିସିଆର୍ ଟେଷ୍ଟ ପାଇଁ ସରକାର ୨,୨୦୦ ☞ପୃଷ୍ଠା-୪

# 'ୟ୧୨'ରେ ସବୁ ଜରୁରୀ ସହାୟତା

ଭୁବନେଶ୍ୱର,୨।୧୨(ବ୍ୟୁରୋ)

ପୋଲିସ୍, ଆମ୍ବୁଲାନ୍ସ, ଦମକଳ, ମହିଳା ହେଲ୍‌ପଲାଇନ୍ ପାଇଁ ଆଉ ଭିନ୍ନ ଭିନ୍ନ ନମ୍ବରକୁ ଡାଏଲ କରିବାକୁ ପଡ଼ିବ ନାହିଁ। ଏଣିକି ୧୧୨ ନମ୍ବରକୁ ଡାଏଲ କରି ଜନସାଧାରଣ ଉକ୍ତ ସମସ୍ତ ଜରୁରୀ ସହାୟତା ପାଇପାରିବେ। ଲୋକମାନଙ୍କ ସୁବିଧା ତଥା ତ୍ୱରିତ ସେବା ଯୋଗାଣକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବିଭିନ୍ନ ସହାୟତା ନମ୍ବର ଯଥା ୧୦୦, ୧୦୧, ୧୦୨, ୧୦୪, ୧୦୮, ୧୮୧କୁ ଏକତ୍ରିତ କରି ଗୋଟିଏ ନମ୍ବର '୧୧୨' କରାଯାଇଛି।

୧୧୨ ଜରିଆରେ ସାଧାରଣ ଲୋକଙ୍କୁ ଦକ୍ଷତାର ସହ ତ୍ୱରିତ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୋଲିସ ବିଭାଗର ୧୦୯୮ଟି ବିଭିନ୍ନ ପଦବୀ ସୃଷ୍ଟିକୁ ଅନୁମୋଦନ କରିଛନ୍ତି। ୧୧୨ ସେବା ପାଇଁ ୪ ଡିଏସ୍‌ପି, ୧୫୧ ସବ୍‌ଇନ୍ସପେକ୍ଟର,୨୦୩ ସହକାରୀ ସବ୍ ଇନ୍ସପେକ୍ଟର ଏବଂ ୭୪୦ ଜଣ କନଷ୍ଟେବଳ ନିୟୋଜିତ ହେବେ। ଏହାଛଡ଼ା ଆଉଟସୋର୍ସିଂ ଜରିଆରେ ୨୩୬ ଗାଡ଼ି ସମେତ ୧୯୮ ଜଣ କଲ୍ ଟେକର ଏକ୍‌ଜିକ୍ୟୁଟିଭ ନିୟୋଜିତ ହେବେ। ଜରୁରୀ ସହାୟତା ପାଇଁ ଗୋଟିଏ ନମ୍ବରରେ ଉପଲବ୍ଧ ହେବା ଦ୍ୱାରା ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବାରେ ପୋଲିସ ସଫଳ ହେବ। ଏହାଦ୍ୱାରା ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥା ଅଧିକ ମଜଭୁତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।




## ଆଜିର ସମ୍ପାଦକୀୟ


### ପ୍ରାଣୀ ଓ ମନୁଷ୍ୟ ମଧ୍ୟରେ ସମାନତା

## ଆଜିର ମନ୍ତବ୍ୟ

"ସୁଟ୍‌ବୁଟ୍ ସରକାର ଅମଳରେ ଚାଷୀଙ୍କ ଆୟ ଅଧା ହୋଇଯାଇଛି, କିନ୍ତୁ କେନ୍ଦ୍ରର ବନ୍ଧୁମାନଙ୍କ ଆୟ ଚାରିଗୁଣ ବଢ଼ିଛି।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜଷ୍ଟିସ୍ ସି.ଏସ୍. କର୍ନନ ଗିରଫ



ଚେନ୍ନାଇ, ୨।୧୨

କଲିକତା ଓ ମାଡ୍ରାସ ହାଇକୋର୍ଟର ପୂର୍ବତନ ବିଚାରପତି ସି.ଏସ୍. କର୍ନନଙ୍କୁ ଚେନ୍ନାଇ ସିଟିପୋଲିସର ସାଇବର କ୍ରାଇମ୍ ଶାଖା ବୁଧବାର ଗିରଫ କରିଛି। ସେ ସୁପ୍ରିମକୋର୍ଟର କେତେଜଣ କାର୍ଯ୍ୟରତ ଓ ଅବସରପ୍ରାପ୍ତ ବିଚାରପତି, ସେମାନଙ୍କ ସ୍ତ୍ରୀ ଏବଂ ମହିଳା ବିଚାରପତିଙ୍କ ବିରୋଧରେ ଅଶ୍ଳୀଳ ତଥା ମର୍ଯ୍ୟାଦାହାନିକାରକ ମନ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଥିଲେ। ଜଷ୍ଟିସ୍ କର୍ନନଙ୍କୁ ତାଙ୍କ ଅଭଦ୍ଦିସ୍ଥିତ ବାସଭବନରୁ ଗିରଫ କରାଯାଇ କମିଶନରଙ୍କ କାର୍ଯ୍ୟାଳୟରେ ଅଟକ ରଖାଯାଇଛି। ପୋଲିସ ତାଙ୍କ ବିରୋଧରେ ଆଇପିସିର ଧାରା ୫୦୯ ଏବଂ ୧୫୩ରେ ମାମଲା ରୁଜୁ କରିଛି। ତାଙ୍କୁ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର କରାଯିବା ପରେ ରିମାଣ୍ଡରେ ପୁଝାଲ ଜେଲ୍‌ରେ ରଖାଯିବ ବୋଲି ପୋଲିସ କହିଛି। ଗତ ଅକ୍ଟୋବରରେ ସୁପ୍ରିମକୋର୍ଟ ବିଚାରପତି ଆର୍. ☞ପୃଷ୍ଠା-୪

# ଥାନା ହାଜତରେ ଲାଗିବ ସିସିଟିଭି

## ସୁପ୍ରିମକୋର୍ଟଙ୍କ ଐତିହାସିକ ନିର୍ଦ୍ଦେଶ



କ୍ୟାମେରାରେ ନାଇଟ୍ ଭିଜନ ସହ ଅଡିଓ ରେକର୍ଡିଂ ସୁବିଧା ରହିବ

ନୂଆଦିଲ୍ଲୀ, ୨।୧୨

ଦେଶର ସମସ୍ତ ଥାନା ଏବଂ ସିବିଆଇ, ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଦି ତଦନ୍ତକାରୀ ସଂସ୍ଥାରେ ସିସିଟିଭି କ୍ୟାମେରା ଲଗାଇବା ବାଧ୍ୟତାମୂଳକ। ଉକ୍ତ କ୍ୟାମେରାରେ ନାଇଟ୍ ଭିଜନ ସାଙ୍ଗକୁ ଅଡିଓ ରେକର୍ଡିଂ ସୁବିଧା ରହିବ। ହାଜତରେ ଅତ୍ୟାଚାର ରୋକିବା ଲାଗି ସୁପ୍ରିମକୋର୍ଟ ବୁଧବାର ଏଭଳି ଐତିହାସିକ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କୁ ପ୍ରତ୍ୟେକ ଥାନାରେ ସିସିଟିଭି କ୍ୟାମେରା ଲଗାଇବାକୁ କୁହାଯାଇଛି। ଏହି କ୍ୟାମେରା ଥାନାର ଜେରା ପ୍ରକୋଷ୍ଠ, ହାଜତ, ପ୍ରବେଶ ଓ ପ୍ରସ୍ଥାନ ପଥ, କରିଡର, ଲବି, ଅଭ୍ୟର୍ଥନା ପ୍ରକୋଷ୍ଠ, ଇନ୍‌ସ୍ପେକ୍ଟର ଓ ସବ୍‌ଇନ୍ସପେକ୍ଟରଙ୍କ ପ୍ରକୋଷ୍ଠରେ ରହିବ। ଅଧିକାଂଶ ତଦନ୍ତକାରୀ ସଂସ୍ଥା ସେମାନଙ୍କ କାର୍ଯ୍ୟାଳୟରେ ଜେରା କରୁଥିବାରୁ ସେହିସବୁ ଅଫିସରେ ସିସିଟିଭି କ୍ୟାମେରା ଲଗାଇବା ବାଧ୍ୟତାମୂଳକ ବୋଲି ବିଚାରପତି କହିଛନ୍ତି। ସେହିପରି ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ, ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ ଏବଂ ଗୁରୁତର ଜାଲିଆତି ତଦନ୍ତ କାର୍ଯ୍ୟାଳୟରେ ମଧ ସିସିଟିଭି କ୍ୟାମେରା ଲଗାଇବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସିସିଟିଭିର ଅଡିଓ ଏବଂ ଭିଡିଓ ରେକର୍ଡିଂ ଆବଶ୍ୟକ ସ୍ଥଳେ ପ୍ରମାଣ ପାଇଁ ୧୮ ମାସ ପର୍ଯ୍ୟନ୍ତ ସଂରକ୍ଷିତ ରଖିବାକୁ ହେବ। ରାଜ୍ୟ ସରକାରଗୁଡ଼ିକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କ୍ୟାମେରା ଲଗାଇବା ପାଇଁ କ'ଣ କାର୍ଯ୍ୟଯୋଜନା କରିଛନ୍ତି, ୬ ସପ୍ତାହ ମଧ୍ୟରେ ଜଣାଇବେ। ସମ୍ବିଧାନର ଧାରା ୨୧ ଅନୁଯାୟୀ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତା ସୁରକ୍ଷା ମୌଳିକ ଅଧିକାରର ସୁରକ୍ଷାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ପଞ୍ଜାବର ଏକ ହାଜତ ନିର୍ଯାତନା ମାମଲାର ଶୁଣାଣି ☞ପୃଷ୍ଠା-୪

# ଖୁବ୍‌ଶୀଘ୍ର ଲିଙ୍ଗରାଜ ମନ୍ଦିର ଆଇନ

- ପୁରୀ ଶ୍ରୀମନ୍ଦିର ଆଇନ ଢାଞ୍ଚାରେ ହେବ
- ଏକାମ୍ର ପ୍ରକଳ୍ପ ସମୀକ୍ଷା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
- ୧୫ଜଣିଆ କମିଟି ହାତରେ ପରିଚାଳନା ଦାୟିତ୍ୱ
- ହୁଣ୍ଡି ବ୍ୟବସ୍ଥା, ସେବାୟତଙ୍କୁ ପରିଚୟପତ୍ର

ଭୁବନେଶ୍ୱର(ବ୍ୟୁରୋ),୨।୧୨/ ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ.)

ପୁରୀ ଶ୍ରୀମନ୍ଦିର ଆଇନ ଢାଞ୍ଚାରେ ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମନ୍ଦିର ପାଇଁ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯିବ। ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନ-୧୯୫୧ ଅନୁଯାୟୀ ମନ୍ଦିର ପରିଚାଳନା କରିବା ପରିବର୍ତ୍ତେ ରାଜ୍ୟ ସରକାରଙ୍କ ଏହି ନୂତନ ଆଇନ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପାଦିତ ହେବ। ଲିଙ୍ଗରାଜ ମନ୍ଦିର ଓ ଏହାର ନୀତିକାନ୍ତି ସହ ଜଡ଼ିତ ସମସ୍ତ ମନ୍ଦିରର ପରିଚାଳନା ଦାୟିତ୍ୱ ଏକ ୧୫ଜଣିଆ ପରିଚାଳନା କମିଟି ଉପରେ ନ୍ୟସ୍ତ ରହିବ। ମନ୍ଦିରର ସମସ୍ତ ସମ୍ପତ୍ତିର ରକ୍ଷଣାବେକ୍ଷଣ, ଭିତ୍ତିଭୂମି ବିକାଶ, ଉପାର୍ଜନ, ନୀତିକାନ୍ତି, ସେବାୟତଙ୍କ କଲ୍ୟାଣ ସହ ସବୁ ନିଷ୍ପତ୍ତି ନେବାକୁ ଏହି କମିଟି କ୍ଷମତାପ୍ରାପ୍ତ ରହିବ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀଲିଙ୍ଗରାଜ ମନ୍ଦିର ଓ ଏକାମ୍ର କ୍ଷେତ୍ରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସମୀକ୍ଷା କରିବା ପରେ ଏହା ଘୋଷଣା କରିଛନ୍ତି।

ଏକାମ୍ର କ୍ଷେତ୍ର ବିକାଶ ପ୍ରକଳ୍ପ ବୁଲି ଦେଖିବା ଅବସରରେ ମୁଖ୍ୟମନ୍ତ୍ରୀ ଲିଙ୍ଗରାଜ ମନ୍ଦିର ☞ପୃଷ୍ଠା-୪



ଏକାମ୍ର କ୍ଷେତ୍ର ବିକାଶ ପ୍ରକଳ୍ପ ବୁଲି ଦେଖୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଓ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା।

# ଫାଇଜର ଟିକାକୁ ବ୍ରିଟେନର ମଞ୍ଜୁରୀ

## ଆସନ୍ତା ସପ୍ତାହରୁ ଟିକାକରଣ




ଲଣ୍ଡନ, ୨।୧୨

ଆମେରିକୀୟ କମ୍ପାନୀ ଫାଇଜର ଓ ଏହାର ସହଯୋଗୀ ବାୟୋଏନ୍‌ଟେକ୍ ଦ୍ୱାରା ପ୍ରସ୍ତୁତ ଟିକାକୁ ବ୍ୟବହାର ଲାଗି ବ୍ରିଟେନ୍ ପ୍ରଥମ ରାଷ୍ଟ୍ର ଭାବେ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ଆସନ୍ତା ସପ୍ତାହରୁ ସେଠାରେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ବ୍ରିଟିଶ୍ ସରକାର ସୂଚନା ଦେଇଛନ୍ତି। ମେଡିସିନ୍ସ ଆଣ୍ଡ ହେଲ୍‌ଥ କେୟାର ପ୍ରଡକ୍ଟସ୍ ରେଗୁଲେଟୋରି ଏଜେନ୍ସି (ଏମ୍‌ଏଚ୍‌ଆର୍‌ଏ) ଉକ୍ତ କୋଭିଡ୍ ଟିକାକୁ ବ୍ୟବହାର ନିମନ୍ତେ ଅନୁମୋଦନ ଲାଗି ସରକାରଙ୍କୁ ସୁପାରିସ୍ କରିଥିଲା। ବୁଧବାର ସରକାର ଉକ୍ତ ଅନୁମୋଦନକୁ ଗ୍ରହଣ କରିଛନ୍ତି। ଆସନ୍ତା ସପ୍ତାହରୁ ସମଗ୍ର ଦେଶରେ ଫାଇଜର ଟିକା ଉପଲବ୍ଧ ହେବ ବୋଲି ବ୍ରିଟିଶ୍ ସ୍ୱାସ୍ଥ୍ୟ ସଚିବ ମାଟ୍ଟ ହାନ୍‌କକ୍ କହିଛନ୍ତି।

ବ୍ରିଟେନ କର୍ତ୍ତୃପକ୍ଷଙ୍କ ମଞ୍ଜୁରୀ କୋଭିଡ୍-୧୯ ବିରୋଧୀ ଲଢ଼େଇରେ ଏକ ଐତିହାସିକ ମୁହୂର୍ତ୍ତ ବୋଲି ଫାଇଜର ପକ୍ଷରୁ କୁହାଯାଇଛି। ଏଥିପାଇଁ ସେମାନେ ଏମ୍‌ଏଚ୍‌ଆର୍‌ଏକୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେମାନେ ସତର୍କତାର ସହ ମୂଲ୍ୟାୟନ କରି ଠିକ୍ ସମୟରେ ପଦକ୍ଷେପ ନେଇ ମହାମାରୀ କବଳରୁ ବ୍ରିଟେନର ଜନସାଧାରଣଙ୍କୁ ସୁରକ୍ଷା ଦେବାରେ ସହଯୋଗ କରିଛନ୍ତି ☞ପୃଷ୍ଠା-୪

## ଭାରତକୁ ଏତେଶୀଘ୍ର ମିଳିବନି

ନୂଆଦିଲ୍ଲୀ, ୨।୧୨

ଭାରତରେ ଫାଇଜର ଟିକାକୁ ଅନୁମତି ଦେବା ପୂର୍ବରୁ ଏଠାରେ ଏହାର କ୍ଲିନିକାଲ ପରୀକ୍ଷା ଜରୁରୀ। ଫାଇଜର କିମ୍ବା ଏହାର ସହଯୋଗୀ କମ୍ପାନୀକୁ ପରୀକ୍ଷା କରାଇବାକୁ କୁହାଯାଇ ନ ଥିବା ଜଣାପଡ଼ିଛି। ତେଣୁ ଏତେଶୀଘ୍ର ଭାରତକୁ ଫାଇଜର ଟିକା ମିଳୁ ନ ଥିବା ଏକ ସୂତ୍ରରୁ ଜଣାପଡିଛି। ଏପରିକି ଫାଇଜର କୌଣସି ଭାରତୀୟ କମ୍ପାନୀକୁ ଅଂଶୀଦାର କଲେ ମଧ ଏଠାରେ ଟିକା ଉପଲବ୍ଧ ହେବାକୁ ସମୟ ଲାଗିବ। ଗତ ଅଗଷ୍ଟରେ ଭାରତ ସରକାର ଫାଇଜର ସହ କଥା ହୋଇଥିଲେ ହେଁ ଏଥିରେ କୌଣସି ଅଗ୍ରଗତି ହୋଇନାହିଁ। ଭାରତ ୪ଟି ଘରୋଇ ଟିକା ସମେତ ଅକ୍ସଫୋର୍ଡ ଟିକା ଉପରେ ଗୁରୁତ୍ୱ ଦେଉଛି।

**ଆସନ୍ତା ସପ୍ତାହରୁ ରୁଷିଆରେ ସମୂହ ଟିକାକରଣ**

ରୁଷିଆରେ ଆସନ୍ତା ସପ୍ତାହରୁ ସମୂହ କୋଭିଡ୍ ଟିକାକରଣ ଆରମ୍ଭ ହେବ। ଏଥିପାଇଁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ରୁଷିଆ ନିର୍ମିତ ଟିକା ସ୍ପୁଟ୍‌ନିକ-ଭି ପ୍ରଥମେ ଡାକ୍ତର ଓ ଶିକ୍ଷକମାନଙ୍କୁ ଓ ପରେ ଅନ୍ୟମାନଙ୍କୁ ଦିଆଯିବ। ଫାଇଜର ଓ ବାୟୋଏନ୍‌ଟେକ୍ କମ୍ପାନୀ ପ୍ରସ୍ତୁତ ଟିକାକୁ ବ୍ୟବହାର ଲାଗି ବ୍ରିଟେନ ଅନୁମତି ଦେବାର କିଛି ସମୟ ପରେ ରୁଷିଆ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି।

## ସଂକ୍ଷେପରେ

### ରିଆଙ୍କ ଭାଇଙ୍କୁ ଜାମିନ

**ମୁମ୍ବାଇ,୨।୧୨:** ଡ୍ରଗ୍ସ ମାମଲାରେ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀଙ୍କ ଭାଇ ସୌଭିକ ଚକ୍ରବର୍ତ୍ତୀଙ୍କୁ ପ୍ରାୟ ୩ ମାସ ପରେ ଜାମିନ ମିଳିଛି । ମୁମ୍ବାଇର ସ୍ୱତନ୍ତ୍ର କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ପକ୍ଷରୁ ଡ୍ରଗ୍ସ ମାମଲାକୁ ନେଇ ସୌଭିକ୍‌ଙ୍କୁ ଜେରା କରାଯିବା ପରେ ସେପ୍ଟେମ୍ବର ୪ରେ ଗିରଫ କରାଯାଇଥିଲା। ଅକ୍ଟୋବରରେ ବମ୍ବେ ହାଇକୋର୍ଟ ଜାମିନ ଦେବାକୁ ମନାକରିଥିଲେ। ଡ୍ରଗ୍ସ ଚେନ୍‌ରେ ସମ୍ପୃକ୍ତ ଥିବାର ତାଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ରହିଥିବା କୋର୍ଟ ଦର୍ଶାଇଥିଲେ। ପରେ ନଭେମ୍ବର ପ୍ରଥମ ସପ୍ତାହରେ ସେ ଜାମିନ ଆବେଦନ କରିଥିଲେ।

### ବି.ଭି. ଶ୍ରୀନିବାସ ଯୁବ କଂଗ୍ରେସ ଅଧ୍ୟକ୍ଷ

**ନୂଆଦିଲ୍ଲୀ,୨।୧୨:** ବର୍ଷାଧିକ କାଳ ଖାଲିପଡ଼ିଥିବା ଯୁବ କଂଗ୍ରେସ ଅଧ୍ୟକ୍ଷ ପଦ ବୁଧବାର ପୂରଣ ହୋଇଛି। କେଶବ ଚାନ୍ଦ ଯାଦବଙ୍କ ଇସ୍ତଫା ପରଠାରୁ ଏହି ପଦ ଖାଲିପଡ଼ିଥିଲା।



କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଯୁବ କଂଗ୍ରେସ ଅଧ୍ୟକ୍ଷ ଭାବେ ବି.ଭି. ଶ୍ରୀନିବାସଙ୍କୁ ନିଯୁକ୍ତି ଦେଇଛନ୍ତି। ମହାମାରୀ କରୋନା ବେଳେ ପ୍ରବାସୀ ଶ୍ରମିକଙ୍କ ସମସ୍ୟା ବୁଝିବା ସହ କଠିନ ପରିଶ୍ରମ କରିଥିଲେ। କର୍ଣ୍ଣାଟକର ସିମୋଗା ଜିଲା ଶିକାରିପୁରାରେ ଶ୍ରୀନିବାସ ବିଧାୟକ ଅଛନ୍ତି। ଅହମ୍ମଦ ପଟେଲଙ୍କ ଦେହାନ୍ତ ପରେ କଂଗ୍ରେସ ଅଧ୍ୟକ୍ଷାଙ୍କ ଏହା ପ୍ରଥମ ପ୍ରମୁଖ ନିଯୁକ୍ତି ବୋଲି କୁହାଯାଉଛି।

### ନାମାଙ୍କନପତ୍ର ଦାଖଲ କଲେ ସୁଶୀଲ ମୋଦି

**ପାଟନା,୨।୧୨:** ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ସୁଶୀଲ ମୋଦି ବୁଧବାର ବିହାର ରାଜ୍ୟ ସଭା ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲ କରିଛନ୍ତି। ନାମାଙ୍କନପତ୍ର ଦାଖଲ ବେଳେ ତାଙ୍କ ସହ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଉପମୁଖ୍ୟମନ୍ତ୍ରୀ ତାରକିଶୋର ପ୍ରସାଦ, ପ୍ରଦେଶ ଭାଜପା ଅଧ୍ୟକ୍ଷ ସଞ୍ଜୟ ଜୈସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଡିସେମ୍ବର ୩ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଥିବାବେଳେ ୧୪ରେ ଭୋଟଗ୍ରହଣ କରାଯିବ। ବିରୋଧୀ ମହାମେଣ୍ଟ ପକ୍ଷରୁ ଏପର୍ଯ୍ୟନ୍ତ ରାଜ୍ୟ ସଭା ନିର୍ବାଚନ ଲାଗି କୌଣସି ପ୍ରାର୍ଥୀ ଚୟନ କରାଯାଇ ନାହିଁ। ପ୍ରକାଶଥାଉ କି, ଏଲ୍‌ଜେପି ପ୍ରତିଷ୍ଠାତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ପରଲୋକ ପରେ ରାଜ୍ୟ ସଭା ଆସନଟି ଖାଲିପଡ଼ିଥିଲା।

### ଚାଇନା ଟାରିଫ୍ ଏତେଶୀଘ୍ର ହଟାଯିବନି: ବାଇଡେନ୍

**ୱାଶିଂଟନ୍,୨।୧୨:** ଚାଇନାରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ଟ୍ରମ୍ପ୍ ପ୍ରଶାସନ ଲଗାଇଥିବା ଟାରିଫ୍‌କୁ ଏତେଶୀଘ୍ର ହଟାଯିବ ନାହିଁ ବୋଲି ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ଭବିଷ୍ୟତରେ ଏନେଇ ବିଚାର କରାଯାଇପାରେ ବୋଲି ନ୍ୟୁୟର୍କ ଟାଇମ୍ସର ସ୍ତମ୍ଭକାର ଥୋମାସ ଫ୍ରିଡ୍‌ମ୍ୟାନଙ୍କ ସହ ଆଲୋଚନା ବେଳେ ଆମେରିକା-ଚାଇନା ଟ୍ରେଡ୍ ୱାର ନେଇ ସେ ମତ ରଖିଥିଲେ। ଶପଥଗ୍ରହଣ ପରେ ସହଯୋଗୀ ଦେଶଗୁଡିକ ସହ ସମ୍ପର୍କ ବୃଦ୍ଧିକୁ ଗୁରୁତ୍ୱ ଦିଆଯିବ ବୋଲି ବାଇଡେନ୍ ପ୍ରକାଶ କରିଛନ୍ତି।

**କେନ୍ଦ୍ର ଆଗରେ ଚାଷୀଙ୍କ ଦାବି**

# ଅଧିବେଶନ ଡାକି କୃଷି ଆଇନ ହଟାଅ



ସିଙ୍ଘୁ ବର୍ଡରରେ ଆନ୍ଦୋଳନରତ ଚାଷୀଙ୍କ ଗହଣରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି କ୍ରାନ୍ତିକାରୀ କିଷାନ ୟୁନିୟନ୍ ଅଧ୍ୟକ୍ଷ ଦର୍ଶନ ପାଲ। ଡାହାଣରେ ଅଛନ୍ତି ସ୍ୱରାଜ ଇଣ୍ଡିଆ ଅଧ୍ୟକ୍ଷ ଯୋଗେନ୍ଦ୍ର ଯାଦବ।



ଚଣ୍ଡିଗଡ଼ରେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ବାସଭବନ ଘେରାଉ ବେଳେ କଂଗ୍ରେସ କର୍ମୀଙ୍କ ଉପରେ ପୋଲିସର ପାଣିବର୍ଷା।

**ନୂଆଦିଲ୍ଲୀ,୨।୧୨**

- ଦିଲ୍ଲୀ ରାସ୍ତା ଅଚଳ କରିବାକୁ ଆନ୍ଦୋଳନରତ ଚାଷୀଙ୍କ ଚେତାବନୀ
- ୮ରୁ ଉତ୍ତର ଭାରତରେ ପରିବହନ ବନ୍ଦ କରିବ ଏଆଇଏମ୍‌ଟିସି
- ସୁଟ୍‌ବୁଟ୍ ସରକାର ଅମଳରେ କୃଷକଙ୍କ ଆୟ ଅଧା ହୋଇଯାଇଛି: ରାହୁଲ

କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ ଅନ୍ନଦାତାଙ୍କ ଆଦୌ ସ୍ୱାର୍ଥ ଅନୁକୂଳ ନୁହେଁ। ଏଥିରୁ କେହି ଜଣେ ହେଲେ କୃଷକ ଲାଭବାନ ହେବେ ନାହିଁ, ବରଂ ଚାଷୀକୁଳର ମେରୁଦଣ୍ଡ ଭାଙ୍ଗିଯିବ। ତେଣୁ କୃଷି ସଂସ୍କାର ନାମରେ ଅଣାଯାଇଥିବା ଏହି ବିବାଦୀୟ ଆଇନକୁ ସରକାର ତୁରନ୍ତ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକି ପ୍ରତ୍ୟାହାର କରନ୍ତୁ ବୋଲି ଦିଲ୍ଲୀ ଓ ଏହାର ସୀମା ସଂଲଗ୍ନ ରାଜ୍ୟଗୁଡ଼ିକରେ ଆନ୍ଦୋଳନରତ ଚାଷୀମାନେ ଦାବି କରିଛନ୍ତି। କୃଷି ଆଇନ, ୨୦୨୦କୁ ନ ହଟାଇଲେ ଦିଲ୍ଲୀର ସମସ୍ତ ରାସ୍ତାକୁ ବନ୍ଦ କରିଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କ୍ରାନ୍ତିକାରୀ କିଷାନ ୟୁନିୟନ୍ ଅଧ୍ୟକ୍ଷ ଦର୍ଶନ ପାଲ କହିଛନ୍ତି, କେନ୍ଦ୍ର ସରକାର କୃଷକ ସଙ୍ଗଠନଗୁଡ଼ିକୁ ବିଭାଜନ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏପରି ହେବାକୁ ଦିଆଯିବ ନାହିଁ। ୩ କୃଷି ଆଇନ ପ୍ରତ୍ୟାହାର ନ ହେବା ଯାଏ ବିକ୍ଷୋଭରତ ଚାଷୀ ଆନ୍ଦୋଳନରୁ ଓହରିବେ ନାହିଁ। ସରକାର ଏହି ଆଇନକୁ ପ୍ରତ୍ୟାହାର କରିବା ପାଇଁ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡାକନ୍ତୁ ବୋଲି ପାଲ୍ ଦାବି କରିଛନ୍ତି। ଚାଷୀନେତା ଗୁର୍‌ନାମ ସିଂ ଚାଦୋନି କହିଛନ୍ତି, ସରକାର ଏହି ଆଇନକୁ ପ୍ରତ୍ୟାହାର ନ କଲେ ଦାବି ପୂରଣ ପାଇଁ ଚାଷୀମାନେ ଆଗକୁ ଅଧିକ ପଦକ୍ଷେପ ନେବେ। ଏହା ପୂର୍ବରୁ ୩୨ଟି କୃଷକ ସଙ୍ଗଠନର ନେତାମାନେ ସିଙ୍ଘୁ ବର୍ଡରରେ ଏକ ବୈଠକ କରିଥିଲେ। ଏଥିରେ ଭାରତୀୟ କିଷାନ ୟୁନିୟନ୍ ନେତା ରାକେଶ ଟିକାଏତ୍ ମଧ୍ୟ ଉପସ୍ଥିତ ଥିଲେ। ଇତିମଧ୍ୟରେ ଚାଷୀ ଆନ୍ଦୋଳନକୁ ଅଲ୍ ଇଣ୍ଡିଆ ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସ (ଏଆଇଏମ୍‌ଟିସି)ର ସମର୍ଥନ ମିଳିଛି। କେନ୍ଦ୍ର ସରକାର ଚାଷୀଙ୍କ ସମସ୍ୟାର ସମାଧାନ ନ କଲେ ଡିସେମ୍ବର ୮ ତାରିଖରୁ ସମଗ୍ର ଉତ୍ତର ଭାରତରେ ପରିବହନ ସେବାକୁ ଠପ୍ କରିଦିଆଯିବ ବୋଲି ୯୫ ଲକ୍ଷ ଟ୍ରକ୍ ମାଲିକଙ୍କ ସର୍ବୋଚ୍ଚ ସଙ୍ଗଠନ ଏଆଇଏମ୍‌ଟିସି ଅଧ୍ୟକ୍ଷ କୁଲତରନ ସିଂ ଅଟୱାଲ ଚେତାବନୀ ଦେଇଛନ୍ତି। ସେପଟେ ଦିଲ୍ଲୀରେ କୃଷକ ଆନ୍ଦୋଳନ ସପ୍ତମ ଦିନରେ ପହଞ୍ଚିବା କାରଣରୁ ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ନିକଟରେ ବିକ୍ଷୋଭରତ ଚାଷୀଙ୍କୁ ରଖିବା ପାଇଁ ଷ୍ଟାଡିୟମ୍‌ଗୁଡ଼ିକୁ ଅସ୍ଥାୟୀ ଜେଲ୍‌ରେ ପରିଣତ କରିବାକୁ ଦିଲ୍ଲୀ ପୋଲିସ ଆମ୍ ଆଦମୀ ପାର୍ଟି (ଏଏପି) ସରକାରଙ୍କୁ ଅନୁରୋଧ କରିଥିଲା। ଦିଲ୍ଲୀ ସରକାର ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଥିବାରୁ ଭାଜପା ଶାସିତ କେନ୍ଦ୍ର ସରକାର ତାଙ୍କ ଉପରେ ରାଗିଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, କେନ୍ଦ୍ର ସରକାର ଚାଷୀଙ୍କ ଆୟ ଦୁଇଗୁଣ କରିବାକୁ ପ୍ରତିଶ୍ରୁତି ଦେଇବାବେଳେ ତାହା ଅଧା ହୋଇଯାଇଛି। ଏହି ସୁଟ୍‌ବୁଟ୍ ସରକାର ଅମଳରେ କେନ୍ଦ୍ରର ବନ୍ଧୁମାନଙ୍କ ଆୟ ଚାରିଗୁଣ ବଢ଼ିଛି। ଅନ୍ୟପକ୍ଷରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଗୁରୁବାର ଚତୁର୍ଥ ପର୍ଯ୍ୟାୟ ଆଲୋଚନା ପୂର୍ବରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

## ଖଟ୍ଟରଙ୍କ ବାସଭବନ ଘେରିଲା କଂଗ୍ରେସ

**ଚଣ୍ଡିଗଡ଼,୨।୧୨**

ପଞ୍ଜାବର ଯୁବ କଂଗ୍ରେସ କର୍ମୀମାନେ ବୁଧବାର ଚଣ୍ଡିଗଡ଼ରେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ସରକାରୀ ବାସଭବନ ଘେରାଉ କରିଛନ୍ତି। ସେମାନେ କୃଷି ଆଇନ ପ୍ରତ୍ୟାହାର ଦାବିରେ କେନ୍ଦ୍ର ଓ ହରିୟାଣା ସରକାର ବିରୋଧରେ ସ୍ଲୋଗାନ ଦେଇଛନ୍ତି। ପୋଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ୱାଟର କ୍ୟାନନ୍‌ରୁ ପାଣିମାଡ଼ କରିଛି। ପଞ୍ଜାବ ଯୁବ କଂଗ୍ରେସ ଅଧ୍ୟକ୍ଷ ବରିନ୍ଦର ଧିଲୋନଙ୍କ ସମେତ ଅନେକ କର୍ମୀଙ୍କୁ ଚଣ୍ଡିଗଡ଼ ପୋଲିସ ଅଟକ। ଗତ ୨୬ ଓ ୨୭ରେ ପଞ୍ଜାବର କୃଷକମାନେ ଦିଲ୍ଲୀ ଯାଉଥିବାବେଳେ ହରିୟାଣା ସୀମାରେ ପୋଲିସ ଅଟକାଇ ସେମାନଙ୍କ ଉପରେ ପାଣିବର୍ଷା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ତେଣୁ ହରିୟାଣାର ଖଟ୍ଟର ସରକାରଙ୍କୁ ଚେତାଇଦେବା ପାଇଁ ଆମେ ଏଠାକୁ ଆସିଛୁ ବୋଲି ଧିଲୋନ କହିଛନ୍ତି। ନ୍ୟାୟ ନ ମିଳିବା ଯାଏ ଲଢ଼େଇ ଜାରି ରହିବ। ସମାଜର ସବୁ ବର୍ଗର ଲୋକ ଏହାକୁ ସମର୍ଥନ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି।

## ସାଧାରଣତନ୍ତ୍ର ଦିବସ ଅତିଥି ହୋଇପାରନ୍ତି ଜନ୍‌ସନ



**ନୂଆଦିଲ୍ଲୀ, ୨।୧୨:** ୨୦୨୧ ସାଧାରଣତନ୍ତ୍ର ଦିବସରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇପାରନ୍ତି। ନଭେମ୍ବର ୨୭ରେ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଟେଲିଫୋନ୍‌ରେ ଆମନ୍ତ୍ରଣ କରିଥିଲେ। ୧୯୯୩ରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଜନ୍ ମେଜର ଭାରତର ସାଧାରଣତନ୍ତ୍ର ଦିବସ ପରେଡ୍‌ର ମୁଖ୍ୟ ଅତିଥି ହୋଇଥିଲେ। ଏହାର ୨୭ ବର୍ଷ ପରେ ଜଣେ ବ୍ରିଟିଶ ପ୍ରଧାନମନ୍ତ୍ରୀ ମୁଖ୍ୟ ଅତିଥି ହେବେ।

ଜନ୍‌ସନଙ୍କୁ ମୋଦିଙ୍କ ଆମନ୍ତ୍ରଣ ଏକ ଚତୁର ପ୍ରୟାସ ବୋଲି କୂଟନୀତିଜ୍ଞମାନେ କହିଛନ୍ତି। ଆଗାମୀ ଦଶନ୍ଧି ଲାଗି ବ୍ରିଟେନ ସହ ସମ୍ପର୍କକୁ ନୂଆ ମୋଡ଼ ଦେବା ପାଇଁ ନଭେମ୍ବର ୨୭ରେ ଜନ୍‌ସନଙ୍କ ସହ ଆଲୋଚନା ହୋଇଥିଲା ବୋଲି ମୋଦି ଟୁଇଟ କରି କହିଛନ୍ତି।

## ଦିଲ୍ଲୀରେ ବାଣ ସମ୍ପୂର୍ଣ୍ଣ ବନ୍ଦ

**ନୂଆଦିଲ୍ଲୀ, ୨।୧୨(ଆଇଏଏନ୍‌ଏସ୍)**

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳରେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ଧାରଣ କରିଥିବାବେଳେ କରୋନା ମହାମାରୀ ସମୟରେ ସେଠାରେ ବାଣ ତିଆରି ଓ ବିକ୍ରିକୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ସମ୍ପୂର୍ଣ୍ଣ ନିଷିଦ୍ଧ କରିଛି। କେବଳ ଦିଲ୍ଲୀ ନୁହେଁ, ବାୟୁର ମାନ ଅତ୍ୟନ୍ତ ଖରାପ ଥିବା ଦେଶର ଅନ୍ୟ ସହରଗୁଡ଼ିକରେ ମଧ୍ୟ ଏହି ନିଷିଦ୍ଧାଦେଶ ଲାଗୁ ହୋଇଛି। ଏନ୍‌ଜିଟି ନଭେମ୍ବର ୯ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ବାଣ ଉତ୍ପାଦନ ଓ ବିକ୍ରି ଉପରେ କଟକଣା ଲଗାଇଥିଲେ। ପ୍ରଦୂଷିତ ସହରରେ କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ କଟକଣା ସମୟସୀମା ପୁଣି ବଢ଼ାଇଦିଆଯାଇଛି। ମଧ୍ୟମ ପ୍ରଦୂଷିତ ସହରରେ ନିର୍ଦ୍ଦିଷ୍ଟ ପର୍ବ କିମ୍ବା ଅନୁମତି ମିଳିଥିବା କାର୍ଯ୍ୟକ୍ରମରେ ମଧ୍ୟ ବାଣ କଟକଣା ଲାଗୁ ହେବ। ଏହାବ୍ୟତୀତ ନିର୍ଦ୍ଦିଷ୍ଟ ପର୍ବରେ ସୀମିତ ସମୟ ପାଇଁ ବାଣ ଫୁଟାଇବାକୁ ହେଲେ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ଅନୁମତି ନେବାକୁ ହେବ। ସୁପ୍ରିମକୋର୍ଟ ଧାର୍ଯ୍ୟ କରିଥିବା ପ୍ରଦୂଷଣ ସୀମାଠାରୁ ତଳେ ଥିବା ସହରରେ ନୂଆବର୍ଷ ଓ ଖ୍ରୀଷ୍ଟମାସରେ ରାତି ୧୧ଟା ୫୫ରୁ ୧୨ଟା ୩୦ ମଧ୍ୟରେ ସବୁଜ ବାଣ ଫୁଟାଇବାକୁ ଅନୁମତି ମିଳିବ।

## ମାସ୍କ ନ ପିନ୍ଧିଲେ କୋଭିଡ୍ ସେଣ୍ଟରରେ ସେବା କର

**ଗାନ୍ଧୀନଗର, ୨।୧୨(ଆଇଏଏନ୍‌ଏସ୍)**



**ଗୁଜରାଟ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ଗୁଜରାଟରେ କୋଭିଡ-୧୯ ଗାଇଡ୍‌ଲାଇନର ଉଲ୍ଲଂଘନକୁ ନେଇ ହାଇକୋର୍ଟ ଚିନ୍ତା ପ୍ରକଟ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯେଉଁମାନେ ମାସ୍କ ପିନ୍ଧୁନାହାନ୍ତି,ସେମାନଙ୍କୁ ବିଭିନ୍ନ କୋଭିଡ୍ ସେଣ୍ଟରରେ ୫ରୁ ୧୫ ଦିନ ସେବାରେ ନିୟୋଜିତ କରିବା ଲାଗି ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରନ୍ତୁ ବୋଲି ଗୁଜରାଟ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭାଜପା ବିଧାୟକ କାନ୍ତି ଗମିତ୍ ଏକ ପାରିବାରିକ ଉତ୍ସବରେ ଯେଭଳି କୋଭିଡ୍ ନିୟମାବଳୀ ଓ ଗାଇଡ୍‌ଲାଇନର ଉଲ୍ଲଂଘନ କଲେ ସେ ନେଇ ଅଦାଲତ ମର୍ମାହତ। ଏନେଇ ରାଜ୍ୟ ସରକାର କ'ଣ କରୁଛନ୍ତି ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି।

ଭାଜପା ବିଧାୟକ ଗମିତ୍‌ଙ୍କ ନାତିର ନିର୍ବନ୍ଧ ଉତ୍ସବରେ ୬,୦୦୦ରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ମାସ୍କ ବ୍ୟବହାର କରି ନ ଥିଲେ ଓ କରୋନା ଗାଇଡ୍‌ଲାଇନ ଉଲ୍ଲଂଘନ କରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ରାଜ୍ୟରେ କରୋନା ଓ ଲକ୍‌ଡାଉନ ସ୍ଥିତିକୁ ନେଇ ୫୦ରୁ ଊର୍ଦ୍ଧ୍ୱ ଜନସ୍ୱାର୍ଥ ମାମଲାର ଶୁଣାଣି କରାଯାଇଥିଲା। ମାସ୍କ ପିନ୍ଧୁ ନ ଥିବା ଲୋକେ ୧୦୦୦ ଟଙ୍କା ଜରିମାନା ଦେବା ସହ କୋଭିଡ୍ କେୟାର ସେଣ୍ଟରରେ ସମାଜ ସେବା କରିବାକୁ ବିଜ୍ଞପ୍ତି ପ୍ରକାଶ କରାଯାଉ ବୋଲି ମୁଖ୍ୟ ବିଚାରପତି ବିକ୍ରମନାଥ ଏବଂ ବିଚାରପତି ଜେ.ବି. ପର୍ଡିୱାଲାଙ୍କ ଖଣ୍ଡପୀଠ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ୩୦ ବର୍ଷ ପରେ ଭାରତଠାରୁ ଚାଉଳ କିଣିଲା ଚାଇନା

**ମୁମ୍ବାଇ,୨।୧୨**

ସୀମା ବିବାଦ ସତ୍ତ୍ୱେ ଏବେ ଭାରତ-ଚାଇନା ସମ୍ପର୍କରେ ସାମାନ୍ୟ ସୁଧାର ଆସିଛି। ଦୀର୍ଘ ୩୦ ବର୍ଷ ପରେ ଚାଇନା ପ୍ରଥମ ଥର ଭାରତରୁ ଚାଉଳ କିଣିବା ଆରମ୍ଭ କରିଛି। ଭାରତ ବିଶ୍ୱର ସର୍ବବୃହତ୍ ଚାଉଳ ରପ୍ତାନିକାରୀ ଦେଶ ହୋଇଥିବାବେଳେ ଚାଇନାକୁ ରିହାତି ମୂଲ୍ୟରେ ଏହା ଯୋଗାଇଛି। ଚାଇନା ବାର୍ଷିକ ୪ ନିୟୁତ ଟନ୍ ଚାଉଳ ଭାରତଠାରୁ ଆମଦାନି କରିଥାଏ। ତେବେ ଚାଉଳର ମାନକୁ ନେଇ ଗତ କିଛିବର୍ଷ ହେବ ଭାରତଠାରୁ ଚାଉଳ ଆମଦାନି କରୁ ନ ଥିଲା। ଏବେ ଚାଉଳ ଯୋଗାଣ କମ୍ ରହିଛି। ଚାଇନାର ପାରମ୍ପରିକ ଚାଉଳ ଯୋଗାଣକାରୀ ରାଷ୍ଟ୍ର ଥାଇଲାଣ୍ଡ, ଭିଏତ୍‌ନାମ, ମ୍ୟାନ୍‌ମାର, ପାକିସ୍ତାନରେ ବଳକା ଚାଉଳ କମ୍ ରହିଛି। ଚାଇନାର ଆବଶ୍ୟକତା ମେଣ୍ଟାଇବାରେ ଏହା ଯଥେଷ୍ଟ କମ୍ ହେବ। ଏଥିସହ ଭାରତର ରିହାତି ଘୋଷଣା ଚାଇନାକୁ ପୁଣି ଆକୃଷ୍ଟ କରିଛି। ଫଳରେ ଚାଇନା ଭାରତୀୟ ଚାଉଳ ଆମଦାନି କରିବାକୁ ଆଗେଇ ଆସିଛି। ଆଗାମୀ ବର୍ଷ ଭାରତୀୟ ଚାଉଳର ମାନ ଦେଖିବା ପରେ ଚାଇନା ଅଧିକ ଆମଦାନି କରିବ ବୋଲି ଚାଉଳ ରପ୍ତାନିକାରୀ ମହାସଂଘର ସଭାପତି ବି.କେ. କ୍ରିଷ୍ଣ ରାଓ ପ୍ରକାଶ କରିଛନ୍ତି।

## ଗଲ୍‌ୱାନ୍ ସଂଘର୍ଷ ବେଜିଂର ଯୋଜନାବଦ୍ଧ କାର୍ଯ୍ୟ: ଆମେରିକା

**ୱାଶିଂଟନ, ୨।୧୨**

ପୂର୍ବ ଲଦାଖର ଗଲ୍‌ୱାନ୍ ଉପତ୍ୟକାରେ ଜୁନ୍‌ରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ୨୦ ଭାରତୀୟ ଯବାନ ଶହୀଦ ହୋଇଥିଲେ। ଏହି ସଂଘର୍ଷ ଲାଗି ଚାଇନା ସରକାର ଯୋଜନା ପ୍ରସ୍ତୁତ କରିଥିବା ନେଇ ସୂଚନା ମିଳିଥିବା ଆମେରିକା-ଚାଇନା ଇକୋନୋମିକ୍ ଆଣ୍ଡ ସିକ୍ୟୁରିଟି ରିଭ୍ୟୁ କମିଶନ (ୟୁଏସ୍‌ସିସି) ରିପୋର୍ଟରେ କୁହାଯାଇଛି। ଉକ୍ତ ରିପୋର୍ଟ ଆମେରିକା କଂଗ୍ରେସକୁ ଦିଆଯାଇଛି।

ସଂଘର୍ଷରେ ଭାରତୀୟ ଯବାନ ଯେପରି ଅଧିକ ସଂଖ୍ୟାରେ ମୃତାହତ ହେବେ ସେହି ଅନୁଯାୟୀ ଯୋଜନା ପ୍ରସ୍ତୁତ କରାଯାଇଥିଲା। ପ୍ରକୃତ ନିୟନ୍ତ୍ରଣ ରେଖାଠାରୁ ପଶ୍ଚିମରେ ଅବସ୍ଥିତ ଉକ୍ତ ଉପତ୍ୟକାରେ ଭାରତୀୟ ଓ ପିଏଲ୍‌ଏ ସୈନ୍ୟ ହାତାହାତି ହୋଇଥିଲେ। ମେ' ମାସରୁ ଏଲ୍‌ଏସିର ବିଭିନ୍ନ ସେକ୍ଟରରେ ଦୁଇପକ୍ଷ ସୈନ୍ୟଙ୍କ ମଧ୍ୟରେ ଏକାଧିକ ଥର ମୁହାଁମୁହିଁ ପରେ ଏହି ସଂଘର୍ଷ ଘଟିଥିଲା। ୧୯୭୫ ପରେ ପ୍ରଥମ ଥର ପାଇଁ ସୀମା ସଂଘର୍ଷରେ ଯବାନ ଶହୀଦ ହୋଇଥିଲେ।


ବହୁବର୍ଷ ହେଲା ବେଜିଂ ପଡୋଶୀ ଦେଶର ସୀମାରେ ବଳପୂର୍ବକ ପ୍ରବେଶ କରିଆସୁଛି। ଫଳରେ ଭାରତ,ଜାପାନ ଓ ଅନ୍ୟ ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ରଙ୍କ ସହ ଏହାର ସାମରିକ ଉତ୍ତେଜନା ସୃଷ୍ଟି ହୋଇଛି।

## ଅଯୋଧ୍ୟା ଆନ୍ଦୋଳନକୁ ପ୍ରଥମେ ଉତ୍ସାହିତ କରିଥିଲା କଂଗ୍ରେସ

**ନୂଆଦିଲ୍ଲୀ, ୨।୧୨(ପି.ଟି.)**

ଅଯୋଧ୍ୟା ଆନ୍ଦୋଳନକୁ ପ୍ରୋତ୍ସାହିତ କରିବାରେ କଂଗ୍ରେସ ପ୍ରଥମ ରାଜନୈତିକ ଦଳ ବୋଲି ଏକ ନୂତନ ପୁସ୍ତକରେ କୁହାଯାଇଛି। ଏପରିକି ଅଯୋଧ୍ୟା ଆନ୍ଦୋଳନକୁ କଂଗ୍ରେସର ପ୍ରାରମ୍ଭିକ ସମର୍ଥନ କଥାକୁ ବରିଷ୍ଠ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀ ସ୍ୱୀକାର କରିଛନ୍ତି। ସେତେବେଳେ ଭାଜପା ଏହି ଆନ୍ଦୋଳନଠାରୁ ଦୂରେଇ ରହିଥିଲା।

୧୯୮୩ରେ ଉତ୍ତରପ୍ରଦେଶର ମୁଜାଫରନଗର ସହରରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ଆୟୋଜିତ ହିନ୍ଦୁ ସମ୍ମିଳନୀରେ କଂଗ୍ରେସ ଅଯୋଧ୍ୟା ଆନ୍ଦୋଳନକୁ ଉସୁକାଇଥିଲା ବୋଲି ଲେଖକ ତଥା ରାଜନୀତି ବିଜ୍ଞାନୀ ବିନୟ ସୀତାପତି ତାଙ୍କ ପୁସ୍ତକ 'ଯୁଗଲବନ୍ଦୀ: ଦି ବିଜେପି ବିଫୋର ମୋଦି'ରେ ଉଲ୍ଲେଖ କରିଛନ୍ତି। ଭିଏଚ୍‌ପିର ଉକ୍ତ ବୈଠକରେ ଦୁଇ ପୂର୍ବତନ କଂଗ୍ରେସ ମନ୍ତ୍ରୀ ଦାଉ ଦୟାଲ ଖାନ୍ନା ଏବଂ ଗୁଲଜାରିଲାଲ୍ ନନ୍ଦା ଯୋଗଦେଇଥିଲେ। ଖାନ୍ନା ନିଜକୁ ତୁଳସୀ ଦାସଙ୍କ ଅବତାର କହୁଥିବାବେଳେ ଗୁଲ୍‌ଜାରିଲାଲ ଜଣେ ଖ୍ୟାତନାମା କଂଗ୍ରେସ ନେତା ଓ ସେ ଜବାହରଲାଲ ନେହେରୁ, ଲାଲ୍ ବାହାଦୁର ଶାସ୍ତ୍ରୀ ଓ ଇନ୍ଦିରା ଗାନ୍ଧୀଙ୍କ କ୍ୟାବିନେଟରେ ମନ୍ତ୍ରୀ ଥିଲେ। ଏହା ବ୍ୟତୀତ ସେ ଦୁଇଥର କାମଚଳା ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଗୁଲଜାରିଲାଲ ଏବଂ ଆର୍‌ଏସ୍‌ଏସ୍ ସଦସ୍ୟମାନଙ୍କ ଉପସ୍ଥିତିରେ ଖାନ୍ନା ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ।




# ବିଶ୍ୱକୁ ବିଭ୍ରାନ୍ତ କରିଛି ଚାଇନା

**ନୂଆଦିଲ୍ଲୀ, ୨।୧୨**

- କରୋନାକୁ ନେଇ ସରକାରୀ ତଥ୍ୟ ଲୁଚାଇଥିଲା
- ଉହାନ୍‌ରୁ ଲିକ୍ ଦସ୍ତାବିଜ୍‌ରୁ ଜଣାପଡ଼ିଲା



କରୋନା ସଂକ୍ରମଣର ପ୍ରାରମ୍ଭିକ ପର୍ଯ୍ୟାୟରେ ଚାଇନା ଜାଣିଶୁଣି ସରକାରୀ ତଥ୍ୟ ଲୁଚାଇଥିଲା। ଉହାନରୁ ଲିକ୍ ହୋଇଥିବା ଏକ ଦସ୍ତାବିଜ୍‌ରୁ ଏହି ରିପୋର୍ଟ ମିଳିଛି। ରିପୋର୍ଟ ଅନୁଯାୟୀ କରୋନା ପ୍ରଥମେ ଚିହ୍ନଟ ହୋଇଥିବା ହୁବେଇ ପ୍ରଦେଶରେ ଫେବୃୟାରୀ ୧୦ ସୁଦ୍ଧା ୫,୯୧୮ ସଂକ୍ରମଣର ତାଲିକା ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଦେଇଥିଲେ, ଯାହାକି ସରକାରୀ ସୂଚନାଠାରୁ ଦୁଇଗୁଣରୁ ଅଧିକ। ପ୍ରକୃତ ସଂଖ୍ୟା ଚାଇନା ପ୍ରକାଶ କରି ନ ଥିଲା।

ହୁବେଇ ପ୍ରୋଭିନ୍ସିଆଲ ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନର ଲିକ୍ ହୋଇଥିବା ୧୧୭ ପୃଷ୍ଠାର ଦସ୍ତାବିଜରୁ ଜଣାପଡ଼ିଛି, ନୂଆ ମାମଲା ସଂଖ୍ୟାର ଏକତୃତୀୟାଂଶ ସର୍ବସାଧାରଣରେ ପ୍ରକାଶ କରାଯାଉଥିଲା। ପ୍ରଥମ ଦିନରୁ କରୋନା ସଂକ୍ରମଣ ରୋକିବାରେ ଚାଇନାର ଦୁର୍ବଳ ପରିଚାଳନାକୁ ଉହାନ୍ ଫାଇଲ୍ ସ୍ପଷ୍ଟ ପ୍ରମାଣିତ କରୁଛି। କୋଭିଡ୍-୧୯ ଯେଉଁ ପ୍ରାଣୀ ଶରୀରରୁ ଆସିଛି, ତାକୁ ଖୋଜି ବାହାର କରାଯିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ମୁଖ୍ୟ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସସ୍ କହିବାର ଦିନକ ପରେ ଚାଇନାର କଳା କାରନାମା ପଦାକୁ ଆସିଛି। ଭୂତାଣୁର ମୂଳ ଖୋଜି ବାହାର କରିବା ଲାଗି ମହାମାରୀ ବିଜ୍ଞାନୀଙ୍କ ସମେତ ଅନ୍ତର୍ଜାତୀୟ ବିଶେଷଜ୍ଞ ଟିମ୍ ଚାଇନା ପଠାଇବା ଲାଗି ଡବ୍ଲ୍ୟୁଏଚ୍‌ଓ ଦୀର୍ଘ ମାସ ହେଲା କାର୍ଯ୍ୟ କରିଆସୁଛି। ପ୍ରଥମେ ଜୁଲାଇରେ ଏହି ସଂସ୍ଥା ଚାଇନାକୁ ତଦନ୍ତକାରୀ ଟିମ୍ ପଠାଇଥିଲେ ହେଁ ବେଜିଂ ଏପର୍ଯ୍ୟନ୍ତ ବଡ଼ ଟିମ୍ ପଠାଇବାକୁ ମଞ୍ଜୁରୀ ଦେଇନାହିଁ। ଚାଇନା ସ୍ୱଚ୍ଛତା ଅବଲମ୍ବନ କରୁ ନ ଥିବା ଜାଣି ମଧ୍ୟ ଡବ୍ଲ୍ୟୁଏଚ୍‌ଓ ନୀରବ ରହିଥିବାରୁ ଏହାର କାର୍ଯ୍ୟକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬,୪୫,୧୦,୭୭୩ | ୧୪,୯୩,୧୬୭ | ୪,୪୭,୨୭,୧୦୫ |
| ଭାରତ | ୯୫,୨୫,୬୬୮ | ୧,୩୮,୪୮୬ | ୮୯,୭୨,୪୧୯ |
| ଓଡ଼ିଶା | ୩,୧୯,୫୮୩ | ୧୭୫୦(+୫୩) | ୩,୧୩,୩୯୪ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ଆଠଗଡ଼ ସମବାୟ ବ୍ୟାଙ୍କ ଋଣ ଜାଲିଆତି ଘଟଣା**

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

- ସିବିଆଇ କିମ୍ବା ଏସ୍ଆଇଟି ମାଧ୍ୟମରେ ତଦନ୍ତ ଦାବି
- ମୁଖ୍ୟ ଶାସନ ସଚିବଙ୍କ ସମେତ ୮ଜଣଙ୍କୁ ପକ୍ଷଭୁକ୍ତ

କଟକ ଅଫିସ,୨।୧୨

କଟକ ଜିଲା ଆଠଗଡ଼ ସମବାୟ ବ୍ୟାଙ୍କରେ ଋଣ ପ୍ରଦାନରେ ହୋଇଥିବା ଅନିୟମିତତା ଘଟଣାର ସିବିଆଇ କିମ୍ବା କୋର୍ଟଙ୍କ ନିରୀକ୍ଷଣରେ ଏସ୍ଆଇଟି ତଦନ୍ତ କରିବା ଦାବିରେ ହାଇକୋର୍ଟରେ ମଙ୍ଗଳବାର ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଆଗତ ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ସିବିଆଇ ସମେତ ୮ଜଣଙ୍କୁ ପକ୍ଷଭୁକ୍ତ କରାଯାଇଛି। ଗତ ୨ବର୍ଷ ତଳେ ଆଠଗଡ଼ ଜିଲା ସମବାୟ ବ୍ୟାଙ୍କରୁ କିଛି ଅସାଧୁ ବ୍ୟକ୍ତି ଚଞ୍ଚକତା କରି ଅନ୍ୟମାନଙ୍କ ଆକାଉଣ୍ଟ ମାଧ୍ୟମରେ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ନେଇଯାଇଛନ୍ତି। ଏହାକୁ ବିରୋଧ କରି ଗତ ସପ୍ତାହରେ କେତେକ ଚାଷୀ ସମବାୟ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରି କି ଏହି ଠକେଇର ଶିକାର ହୋଇଥିବା ଆଠଗଡ଼ ଅଞ୍ଚଳର ୩ଜଣ ଚାଷୀ ଗତ ୨୭ତାରିଖରେ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ। ପୋଲିସ ପଚରାଉଚରା କରିବାବେଳେ ଋଣ ନ ନେଇ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ସେମାନଙ୍କୁ ଜୋର ଜବରଦସ୍ତ ଋଣ ପଇଠ କରିବାକୁ ବାଧ୍ୟ କରୁଛନ୍ତି ବୋଲି କହିଥିଲେ। ଋଣ ଜାଲିଆତି ସମୟରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ବଡ଼ଭାଇ ବୀରେନ୍ଦ୍ର ପ୍ରତାପ ସ୍ୱାଇଁ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ଥିବାରୁ ଏହି ଜାଲିଆତିରେ ତାଙ୍କର ସମ୍ପୃକ୍ତି ଥିବା ନେଇ ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳ ପକ୍ଷରୁ ଅଭିଯୋଗ ହେଉଛି।

# ସେବି ବିରୋଧରେ ସୁପ୍ରିମକୋର୍ଟ ଗଲା ସାହାରା

ନୂଆଦିଲ୍ଲୀ,୨।୧୨

ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି) ବିରୋଧରେ ସାହାରା ଗ୍ରୁପ୍‌ର ୨ ଫାର୍ମ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୬୨ ହଜାର କୋଟି ଟଙ୍କା ପ୍ରଦାନ କରିବା ଲାଗି ସେବି ସାହାରା ଗ୍ରୁପକୁ କହିଛି। ସେବିର ଏଭଳି ଦାବି ଅଦାଲତ ଅବମାନନା ବୋଲି ସାହାରା ଗ୍ରୁପ ପକ୍ଷରୁ ବୁଧବାର କୁହାଯାଇଛି। ଏହି ଗ୍ରୁପ ଆବେଦନରେ କହିଛି ଯେ, ସାହାରା ବିରୋଧରେ ଜନ ଆକ୍ରୋଶ ସୃଷ୍ଟି କରିବା ଲାଗି ସେବି ଏଭଳି କାର୍ଯ୍ୟ କରିଛି। ଏଭଳି କାର୍ଯ୍ୟ ସାହାରାକୁ କ୍ଷତି ପହଞ୍ଚାଉଥିବାରୁ ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ। ଅପରପକ୍ଷରେ ଯେଉଁ ୬୨ ହଜାର କୋଟି ଟଙ୍କାର ଡିମାଣ୍ଡ ସେବି ରଖିଛି ଏହା ଏକଦମ ଭୁଲ୍ ବୋଲି ସାହାରା ଗ୍ରୁପ ପକ୍ଷରୁ ସୁପ୍ରିମକୋର୍ଟଙ୍କୁ କୁହାଯାଇଛି। ଉକ୍ତ ଦାବିକୁ ମଧ୍ୟ ଗ୍ରୁପ ବିରୋଧ କରିଥିବା ଜଣାପଡିଛି। ସେବିର ଅଭିଯୋଗ ଭିତ୍ତିହୀନ ହୋଇଥିବା ବେଳେ ସୁପ୍ରିମକୋର୍ଟଙ୍କୁ ଭୁଆଁ ବୁଲାଇବା ଭଳି କାମ କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସାହାରା ଗ୍ରୁପ ମାନି ଆସିଛି। ମାତ୍ର ସେବି ନ୍ୟସ୍ତ ସ୍ୱାର୍ଥ ରଖି ଜାଣିଶୁଣି ହଇରାଣ କରିବାକୁ ବସିଛି ବୋଲି ସାହାରା ଆବେଦନରେ କହିଛି।

# ୮ରେ ଟାଟା–ମିସ୍ତ୍ରି ମାମଲା ଶୁଣାଣି

**ନୂଆଦିଲ୍ଲୀ,୨।୧୨:** ଟାଟା ଗ୍ରୁପର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ସାଇରସ ମିସ୍ତ୍ରିଙ୍କୁ ପୁନଃ ଅବସ୍ଥାପିତ କରିବା ନେଇ ନ୍ୟାଶନାଲ କମ୍ପାନୀ ଲ ଆପିଲେଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି)ଙ୍କ ରାୟ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଟାଟା ଗ୍ରୁପ ପକ୍ଷରୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏହି ମାମଲା ଉପରେ ଅନୁରୂପ ଭାବେ ସାଇରସ ମିସ୍ତ୍ରିଙ୍କ ଫାର୍ମ ମଧ୍ୟ ସୁପ୍ରିମକୋର୍ଟରେ ଏକ ଅପିଲ କରିଛି। ଉକ୍ତ ମାମଲାର ଶୁଣାଣି ସୁପ୍ରିମକୋର୍ଟ ଚଳିତ ମାସ ୮ରେ କରିବେ ବୋଲି ଜଣାପଡିଛି। ପ୍ରଧାନ ବିଚାରପତି ଏସ୍.ଏ. ବୋବଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିବେ। ଖଣ୍ଡପୀଠରେ ଜଷ୍ଟିସ ଏସ୍.ଏ. ବୋପାନ୍ନା ଏବଂ ଜଷ୍ଟିସ ଭି.ରାମ ସୁବ୍ରମଣ୍ୟନ ମଧ୍ୟ ରହିଛନ୍ତି।

# ଶ୍ରୀମନ୍ଦିରରେ ବନକଲାଗି ନୀତି ସମ୍ପନ୍ନ

**ପୁରୀ ଅଫିସ,୨।୧୨:** ଶ୍ରୀମନ୍ଦିରରେ ବୁଧବାର ବନକଲାଗି ନୀତି ସମ୍ପନ୍ନ ହୋଇଛି। ଠାକୁରଙ୍କର ଏହା ଏକ ଗୁପ୍ତ ନୀତି। ଦ୍ୱିପ୍ରହର ଧୂପ ସରିବା ପରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଏହି ନୀତିରେ ଦତ୍ତମହାପାତ୍ର ସେବକମାନେ ଚତୁର୍ଦ୍ଧାବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ପ୍ରାକୃତିକ ପ୍ରଣାଳୀରେ ଶୁଦ୍ଧପୂତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ଅପରାହ୍ନ ୩ଟା ୫୫ରେ ଦତ୍ତମହାପାତ୍ର ସେବକ ବନକଲାଗି ସାମଗ୍ରୀ ଧରି ବେହେରଣ ଦ୍ୱାର ଦେଇ ଭିତରକୁ ପ୍ରବେଶ କରି ସିଂହାସନ ଉପରକୁ ଯାଇଥିଲେ। ସନ୍ଧ୍ୟା ୭ଟାରେ ଦତ୍ତମହାପାତ୍ର ବନକଲାଗି ସାରି ସିଂହାସନରୁ ଓହ୍ଲାଇଥିଲେ। ପାଳିଆ ମେକାପ ସିଂହାସନ ଧୋଇବା ପରେ ତିନିଜଣ ପୂଜାପଣ୍ଡା ସାମନ୍ତ ସିଂହାସନ ତଳେ ବସି ମହାସ୍ନାନ କରିଥିଲେ। ଏହି ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରହିଥାଏ।

# ବେକ କାଟି ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା ଉଦ୍ୟମ

କୋରାପୁଟ,୨।୧୨(ସ୍ୱ.ପ୍ର.)

କୋରାପୁଟ ମଣ୍ଡଳ କାରାଗାରର ଜଣେ ବିଚାରାଧୀନ କଏଦୀ ମାନସିକ ଭାରସାମ୍ୟ ହରାଇ ବୁଧବାର ଛୁରିରେ ବେକକାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଜୟପୁର ଅଞ୍ଚଳର ବିକାଶ ପାତ୍ର। ଗୁରୁତର ଅବସ୍ଥାରେ ତାଙ୍କୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ବିକାଶଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିବା ମଣ୍ଡଳ କାରାଗାରର ଜେଲର ଗଗନ ସାହୁ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବିକାଶ ଗଞ୍ଜେଇ ଚାଲାଣବେଳେ ଧରାପଡି ୨ମାସ ହେବ କୋରାପୁଟ ଜେଲରେ ରହିଆସୁଥିଲେ। ତାଙ୍କୁ ଜାମିନ ମିଳୁ ନ ଥିବାରୁ ସେ ମାନସିକ ଭାରସାମ୍ୟ ହରାଇ ଏଭଳି ପଦକ୍ଷେପ ନେଇଥିବା ଜଣାପଡିଛି। ବୁଧବାର ପୂର୍ବାହ୍ନରେ ଭିଡିଓ କନ୍‌ଫରେନ୍ସରେ ଜାମିନ ଆବେଦନର ଶୁଣାଣି ଚାଲିଥିବାବେଳେ ବିଚାରପତି ବିକାଶଙ୍କ ଜାମିନ ନାମଞ୍ଜୁର କରିଥିଲେ। ଏଥିରେ ସେ ନିରାଶ ହୋଇ ପକେଟରେ ରଖିଥିବା ଏକ ଛୁରିରେ ନିଜ ବେକ କାଟି ଦେଇଥିଲେ।






# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

କୋରାପୁଟ,୨।୧୨(ସ୍ୱ.ପ୍ର.)



ମହିଳା ମାଓବାଦୀ ରାମେ ମାଡକାମୀଙ୍କୁ ଏସ୍‌ପି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

- ରାମକ୍ରିଷ୍ଣାଙ୍କ ଅଙ୍ଗରକ୍ଷୀ ଥିଲେ
- ମୁଣ୍ଡଜାମିନ ପାଇଁ ଥିଲା ୪ ଲକ୍ଷ ଟଙ୍କା ପୁରସ୍କାର

ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ମାଓବାଦୀ ନେତା ଆକିରାଜୁ ଓରଫ ରାମକ୍ରୀଷ୍ଣାଙ୍କ ଅଙ୍ଗରକ୍ଷୀ ତଥା ଏସିଏମ୍ ର୍‍ୟାଙ୍କର ରାମେ ମାଡକାମୀ କୋରାପୁଟ ଏସ୍‌ପି ମୁକେଶ ଭାମୁଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ରାମେଙ୍କ ମୁଣ୍ଡ ଜାମିନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୪ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ମାଓବାଦୀଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ସଙ୍ଗଠନ ଛାଡିଛି ବୋଲି ରାମେ କହିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶ ଓ ଲୋକ କଲ୍ୟାଣ କାର୍ଯ୍ୟକୁ ଦେଖି ଆତ୍ମସମର୍ପଣ କରିବାକୁ ମନସ୍ଥ କରିଥିଲି ବୋଲି ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାମେ କହିଛନ୍ତି। ଆତ୍ମସମର୍ପଣ କରିବା ପରେ ରାମେଙ୍କୁ ଏସ୍‌ପି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ସୁବିଧା ଓ ସହାୟତା ରାମେଙ୍କୁ ମିଳିବ ବୋଲି ଏସ୍‌ପି କହିଛନ୍ତି।

ରାମେଙ୍କ ଘର ମାଲକାନାଗିରି ଜିଲା କାଲିମେଲା ଥାନା ଅଧୀନ କୁରୁବୁ ଗ୍ରାମରେ। ସେ ୨୦୧୩ରେ ମାଓବାଦୀ ସଙ୍ଗଠନରେ ଯୋଗ ଦେଇଥିଲେ। ବନ୍ଧୁକ ଚଳାଇବା ସହିତ ବିଭିନ୍ନ କାର୍ଯ୍ୟରେ ସଫଳତା ହାସଲ କରିବା ପରେ ତାଙ୍କୁ ଏସିଏମ୍ ର୍‍ୟାଙ୍କକୁ ପଦୋନ୍ନତି କରାଯିବା ସହ ଇନସାସ୍ ରାଇଫଲ ଚଳାଇବା ତାଲିମ ଦିଆଯାଇଥିଲା। ପଡିଆ ଥାନା ଅଧୀନ ସିଲାକଟା ଜଙ୍ଗଲରେ ଗୁଳିବିନିମୟ, ଚିତ୍ରକୋଣ୍ଡାର ପାନପଦର ଓ ରାମଗୁଡାଠାରେ ଗୁଳିବିନିମୟ, ଯୋଡାମ୍ବ ଗ୍ରାମରେ ଗୁଳିବିନିମୟ, ଖାଲଗୁଡା, ଗୋଇଗୁଡା ଗ୍ରାମରେ ପୋଲିସ ସହ ଗୁଳିବିନିମୟ ସମେତ ମାଲକାନାଗିରି ଓ କୋରାପୁଟ ଜିଲାରେ ଘଟିଥିବା ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପରେ ସେ ସାମିଲ ଥିଲେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

# ପରୀ ହତ୍ୟାକାଣ୍ଡ: ବାବୁଲା ନାୟକଙ୍କୁ ଏସ୍ଆଇଟିର ପଚରାଉଚୁରା

ନୟାଗଡ଼ ଅଫିସ,୨।୧୨

ପରୀ ହତ୍ୟା ଘଟଣାରେ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ୍ ଟିମ୍ (ଏସ୍ଆଇଟି) ବୁଧବାର ନୟାଗଡ଼ ଜିଲା ପୋଲିସ ଓ କ୍ରାଇମବ୍ରାଞ୍ଚ ସହଯୋଗରେ ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କୁ ପୃଥକ୍ ଭାବେ ପଚରାଉଚୁରା କରିଛି। ଗୋଟିଏ ଟିମ୍ ବାବୁଲା ନାୟକଙ୍କୁ ନୟାଗଡ଼ ଟାଉନ ଥାନା ପରିସରରେ ପ୍ରାୟ ସାଢ଼େ ୩ ଘଣ୍ଟା ଧରି ପଚରାଉଚୁରା କରିଛି। ବାବୁଲା ତାଙ୍କ ଝିଅକୁ ହତ୍ୟା କରିଥିବା ନେଇ ପରୀର ମା'ବାପା ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଅଣଦେଖା କରିଆସୁଥିଲା। ୨ୟ ଟିମ୍ ଯଦୁପୁରକୁ ଯାଇ ସ୍ଥାନୀୟ ଲୋକଙ୍କୁ ପଚରାଉଚୁରା କରିଥିଲା। ଏହି ସମୟରେ ତଦନ୍ତକାରୀ ଅଫିସରଙ୍କ ଛଡା ଆଉ କେହି ପାଖରେ ରହୁ ନ ଥିଲେ। ତୃତୀୟ ଟିମ୍ ନୟାଗଡ଼ ସଦର ଥାନା ଆଇଆଇସି ଓ ତଦନ୍ତକାରୀ ଅଫିସରଙ୍କୁ ପଚରାଉଚୁରା କରିଛି। ସେହିପରି ଚତୁର୍ଥ ଟିମ୍ ଓଡଗାଁ ଅଞ୍ଚଳର କିଛି ଲୋକଙ୍କୁ ପଚରାଉଚୁରା କରିଥିବାବେଳେ ପଞ୍ଚମ ଟିମ୍ ପୃଥକ୍ ଭାବେ ଲୋକଙ୍କୁ ପରିଚୟ ନ ଦେଇ ଘଟଣାର ତଦନ୍ତ କରୁଥିଲା ବୋଲି ଜଣାପଡିଛି। ତେବେ ତଦନ୍ତରେ ବ୍ୟାଘାତ ହେବା ଦର୍ଶାଇ ତଦନ୍ତକାରୀ ଟିମ୍ ଏ ସମ୍ପର୍କରେ କୌଣସି ସୂଚନା ଦେଇନାହାଁନ୍ତି।

# ଟ୍ରାଭେଲ ସଂସ୍ଥାର ୬୫ ଲକ୍ଷ ଟଙ୍କା ବକେୟା ରଖିଥିବା ସ୍ପଷ୍ଟକଲା ପୋଲିସ

ଭୁବନେଶ୍ୱର,୨।୧୨(ବ୍ୟୁରୋ)

ନିଲମ୍ବିତ ଆଇଏଫ୍ଏସ୍ ଅଫିସର ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶ ଚାର୍ଟର ଫ୍ଲାଇଟ୍‌ରେ ଯିବାଆସିବା କରିବା ସହ ପଞ୍ଚତାରକା ହୋଟେଲରେ ରହୁଥିଲେ। ତେବେ ଚାର୍ଟର ଫ୍ଲାଇଟ୍ ସେବା ବାବଦକୁ ଉଭୟ ବାପପୁଅ ୬୫ଲକ୍ଷ ଟଙ୍କା ବାକି ରଖିଥିବା ନେଇ ବୁଧବାର ସ୍ପଷ୍ଟ କରିଛି ଖାରବେଳନଗର ଥାନା ପୋଲିସ। ମଙ୍ଗଳବାର ସ୍କାଏ କିଙ୍ଗ୍ ଟ୍ରାଭେଲ ଏଜେନ୍ସିର ମ୍ୟାନେଜିଂ ପାର୍ଟନର ପ୍ରଭାସ କୁମାର ଚୌଧୁରୀ ଏନେଇ ଠକେଇ ଅଭିଯୋଗ ଆଣିବା ପରେ ପୋଲିସ ଆଇପିସି ଦଫା ୪୧୯, ୪୨୦,୪୬୮, ୪୭୧, ୫୦୬ ଓ ୩୪ରେ ମାମଲା (ନଂ. ୨୧୩/୨୦) ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ ସ୍କାଏ କିଙ୍ଗ ସଂସ୍ଥାକୁ ଯାଇ ଚାର୍ଟର ଫ୍ଲାଇଟ୍ ସେବା ସଂକ୍ରାନ୍ତ ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ଗତ ଜୁନ୍ ମାସରେ ଆକାଶ ପାଠକ ନିଜକୁ ଟାଟା ମୋଟର୍ସର ଏମ୍‌ଡି ବୋଲି ପରିଚୟ ଦେବା ସହ ଜାଲ୍ ପ୍ରମାଣପତ୍ର ଦେଇ ଜନପଥର ଓସିଏଚ୍‌ସି କମ୍ପ୍ଲେକ୍ସରେ ଥିବା 'ସ୍କାଏ କିଙ୍ଗ' ଟ୍ରାଭେଲ ଏଜେନ୍ସି ଦ୍ୱାରା ଏକ ଚାର୍ଟର ଫ୍ଲାଇଟ ବୁକ୍ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ସଂସ୍ଥା ବହୁଥର ଏହି ସେବା ଯୋଗାଇଥିଲା। ଏ ବାବଦରେ ମୋଟ ୨ କୋଟି ୭୮ ଲକ୍ଷ ୩୯ ହଜାର ୮୭ ଟଙ୍କା ବିଲ୍ ହୋଇଥିଲା। ତେବେ ଆକାଶ ସ୍କାଏ କିଙ୍ଗକୁ ୨କୋଟି ୧୩ ଲକ୍ଷ ୨୨ ହଜାର ୮୫୪ ଟଙ୍କା ଦେଇଥିବାବେଳେ ୬୫ଲକ୍ଷ ୧୬ ହଜାର ୨୩୩ ଟଙ୍କା ବାକି ରହିଛି। ଏ ନେଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି।

# ୩ ଦିନିଆ ରିମାଣ୍ଡରେ ପାଠକ ବାପ, ପୁଅ

ଭୁବନେଶ୍ୱର,୨।୧୨(ବ୍ୟୁରୋ)

- ବେଆଇନ ସମ୍ପତ୍ତି, ଅର୍ଥ କାରବାରର ତଦନ୍ତ ହେବ
- ଇଡି, ଆୟକର ବିଭାଗକୁ ଚିଠି ଲେଖିଲା ଭିଜିଲାନ୍ସ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଜେଲ ଯାଇଥିବା ଆଇଏଫ୍ଏସ୍ ଅଧିକାରୀ ତଥା ନିଲମ୍ବିତ ରାଜ୍ୟ ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶଙ୍କ ଠକେଇ ର୍‍ୟାକେଟ୍‌ର ଗୁମର ଖୋଲିବ ଭିଜିଲାନ୍ସ। ପାଠକ ବାପପୁଅଙ୍କ କଳା ସାମ୍ରାଜ୍ୟର ଗୁମର ଖୋଲିବା ପାଇଁ ଭିଜିଲାନ୍ସ ଏସ୍ଆଇଟି ସେମାନଙ୍କୁ ୩ ଦିନିଆ ରିମାଣ୍ଡରେ ଆଣିଛି। ଏଥିପାଇଁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବୁଧବାର ଆବେଦନ କରାଯାଇଥିଲା। ତେବେ କୋର୍ଟ ଅନୁମତି ଦେଇଛନ୍ତି। ଅଭୟକାନ୍ତ କିପରି ଓ କେଉଁଠୁ ଏପରି ବହୁ କୋଟିର ବେଆଇନ ସମ୍ପତ୍ତି ଠୁଳ କରୁଥିଲେ। ଏହା ପଛରେ କେଉଁମାନଙ୍କର ହାତ ରହିଛି। ଏହି ସମ୍ପତ୍ତିକୁ ସୁରକ୍ଷା ଦେଇ କେଉଁମାନେ ଭାଗ ପାଇଛନ୍ତି ଓ ଠକେଇ ଅଭିଯୋଗ ନେଇ ଦୃଢ଼ ତଥ୍ୟ ସହ ପ୍ରମାଣ ଯୋଗାଡ଼ କରିବାକୁ ଲକ୍ଷ୍ୟ ରଖିଛି ଏସ୍ଆଇଟି।

ଅନ୍ୟପକ୍ଷରେ ବେଆଇନ ସମ୍ପତ୍ତି ଓ ଅର୍ଥ କାରବାରର ତଦନ୍ତ ପାଇଁ ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ଆୟକର ବିଭାଗକୁ ଚିଠି ଲେଖିଛି ଭିଜିଲାନ୍ସ। ୧୪ କୋଟି ୭୭ ଲକ୍ଷ ଟଙ୍କାର ଟିକସ ପଇଠ ହୋଇ ନ ଥିବା ଜଣାପଡିଥିବାରୁ ଆୟକର ବିଭାଗ ଏହାର ଖୋଳତାଡ଼ କରିବ। ସେହିପରି ବିଭିନ୍ନ ବେନାମୀ ଲୋକଙ୍କ ନାମରେ ପାଠକ ବେଆଇନ ସମ୍ପତ୍ତି ଠୁଳ କରିଥିବାରୁ ଏହାର ତଦନ୍ତ କରିବ ଇଡି।

ସୂଚନାଯୋଗ୍ୟ, ଗତ ନଭେମ୍ବର ୨୭ରେ ଅଭୟ ଓ ପୁଅ ଆକାଶ ଗିରଫ ହେବା ପରେ ଭୁବନେଶ୍ୱରର ସ୍ପେଶାଲ ଭିଜିଲାନ୍ସ କୋର୍ଟ ସେମାନଙ୍କୁ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ସେମାନେ ଏବେ ଝାରପଡ଼ା ଜେଲରେ ରହିଥିବାବେଳେ ଆସନ୍ତା ଡିସେମ୍ବର ୯ ପର୍ଯ୍ୟନ୍ତ ସେମାନେ ସେଠାରେ ରହିବେ।

# ବ୍ୟାଙ୍କ, ଇନ୍ସ୍ୟୁରାନ୍ସ କମ୍ପାନୀ ଆକାଉଣ୍ଟ ଯାଞ୍ଚ

ବ୍ରହ୍ମପୁର ଅଫିସ,୨।୧୨

**ବ୍ରହ୍ମପୁରରେ ପାଠକଙ୍କ ଦୁର୍ନୀତିର ଖୋଳତାଡ଼**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜେଲ ଯାଇଥିବା ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ଦୁର୍ନୀତିର ଚେର ବିଷୟରେ ଭିଜିଲାନ୍ସର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ବିଭିନ୍ନ ସ୍ଥାନରେ ଖୋଳତାଡ଼ ଜାରି ରଖିଛି। ବୁଧବାର ଭିଜିଲାନ୍ସ ଏଏସ୍‌ପି ଶାନ୍ତନୁ କୁମାର ପାଢ଼ୀଙ୍କ ନେତୃତ୍ୱରେ ଥିବା ଟିମ୍ ସିଣ୍ଡିକେଟ ବ୍ୟାଙ୍କ ଓ ଆଇସିଆଇସିଆଇ, ବଜାଜ୍ ଆଲିଏଞ୍ଜ, ଏଲଆଇସି, ବିର୍ଲା ସନ୍ ଲାଇଫ ଭଳି ଜୀବନ ବୀମା କମ୍ପାନୀରୁ ଅଭୟକାନ୍ତଙ୍କ ନାମରେ ରହିଥିବା ସମସ୍ତ କାଗଜପତ୍ର ସଂଗ୍ରହ କରି ଯାଞ୍ଚ ଚଳାଇ ଥିବା ଏଏସ୍‌ପି ପାଢ଼ୀ ସୂଚନା ଦେଇଛନ୍ତି। ତଦନ୍ତ ବେଳେ ଅନ୍ୟ ଯେଉଁମାନଙ୍କ ସମ୍ପୃକ୍ତି ଥିବା ଜଣାପଡିବ, ସେମାନଙ୍କୁ ମଧ୍ୟ ଜେରା କରାଯିବ ସହ ସେମାନଙ୍କର ବୟାନ ରେକର୍ଡ କରାଯିବ ବୋଲି ସେ କହିଛନ୍ତି। ଭିଜିଲାନ୍ସ ଟିମ୍ ଏବେ ପ୍ରାୟ ୩ ହଜାର ପୃଷ୍ଠାର ନଥିପତ୍ର ସଂଗ୍ରହ କରି ତଦନ୍ତ ଚଳାଇଛି। ପାଠକଙ୍କ ଦୁର୍ନୀତି ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ତଥା ଏମିତି କିଛି ଦସ୍ତାବିଜ ଭିଜିଲାନ୍ସ ଟିମ୍ ହାତରେ ଲାଗିଛି ଯାହାକି ଅନେକ ଲୋକଙ୍କ ମୁଖା ଖୋଲିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ସେହିପରି ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଅଭୟକାନ୍ତଙ୍କ ପୁଅ ଆକାଶ ୬୮ ଜଣ ବେକାର ଯୁବତୀ ଯୁବକଙ୍କଠାରୁ ବିପୁଳ ଟଙ୍କା ଠକେଇ କରିଥିବା ନେଇ ହୋଇଥିବା ଅଭିଯୋଗର ତଦନ୍ତ ପାଇଁ ବ୍ରହ୍ମପୁରରେ କ୍ରାଇମବ୍ରାଞ୍ଚର ଏକ ଟିମ୍ ଡେରା ପକାଇଛନ୍ତି। ତାଙ୍କ ସ୍କାନରରେ ଏବେ କେତେକ ନେତା ରହିଛନ୍ତି। ସେମାନଙ୍କୁ ଡାକି ଟିମ୍ ଜେରା କରିବା ସହ ତାଙ୍କ ବୟାନ ରେକର୍ଡ କରାଯାଇଛି ବୋଲି ମଙ୍ଗଳବାର ବ୍ରହ୍ମପୁର ଗସ୍ତରେ ଆସିଥିବା କ୍ରାଇମବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଖବରଦାତାଙ୍କୁ ସୂଚନା ଦେଇଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ମାମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୭ କ୍ରଶର ଭଙ୍ଗାଗଲା, ୧୪ ସିଲ୍



ପ୍ରଶାସନ ପକ୍ଷରୁ ବେଆଇନ କ୍ରଶର ଉଚ୍ଛେଦ କରାଯାଉଛି।

## ଜିଲାପାଳଙ୍କ ନିର୍ଦ୍ଦେଶରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

**ଧର୍ମଶାଳା ୨।୧୨(ଡି.ଏନ.ଏ.)**

ଧର୍ମଶାଳା ତହସିଲ ଅଧୀନରେ ଗଡିଉଠିଥିବା ବେଆଇନ କ୍ରଶରଗୁଡ଼ିକୁ ପ୍ରଶାସନ ବୁଧବାରଠାରୁ ଉଚ୍ଛେଦ ଆରମ୍ଭ କରିଛି। ପରିବେଶ ମଞ୍ଜୁରୀ ନ ଥାଇ ଯାଜପୁର ଜିଲାର ବିଶେଷ କରି ଧର୍ମଶାଳା ତହସିଲ ଅଧୀନରେ ଶହ ଶହ ବେଆଇନ କ୍ରଶର ଗଡିଉଠିଛି। ଏ ସମ୍ପର୍କରେ ଅବଗତ ହେବା ପରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସେଗୁଡ଼ିକୁ ୧୫ଦିନ ମଧ୍ୟରେ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ଟାସ୍କ ଫୋର୍ସ ଗଠନ କରାଯାଇଥିଲା। ଅଧିକାରୀମାନେ ପୂର୍ବାହ୍ନରେ ଏହି ତହସିଲ ଅଧୀନ ବିଛାଖଣ୍ଡି ଓ ଏଣ୍ଡଲବା ମୌଜାରେ ଥିବା ୭ଗୋଟି ବେଆଇନ କ୍ରଶର ଭାଙ୍ଗିବା ସହ ପରିବେଶ ମଞ୍ଜୁରୀ ପାଇଁ ଅବେଦନ କରିଥିବା ୧୪ କ୍ରଶରକୁ ସିଲ୍ କରିଥିଲେ। ଜିଲାରେ ୨୭୫ ବେଆଇନ କ୍ରଶର ଥିବାବେଳେ ଧର୍ମଶାଳା ତହସିଲ ଅଧୀନରେ ସର୍ବାଧିକ ୨୪୩ ବେଆଇନ କ୍ରଶର ରହିଛି। ଉଚ୍ଛେଦ ପ୍ରକ୍ରିୟାରେ ଯାଜପୁର ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲିକ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଯାଜପୁରରୋଡ ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ, ପ୍ରଦୂଷଣ ବିଭାଗର ଅଧିକାରୀ ତହସିଲଦାର, ଜେନାପୁର ଆଇଆଇସି, ସ୍ଥାନୀୟ ଆରଆଇଙ୍କ ସମେତ ଏକ ସେକସନ ଫୋର୍ସ ମୁତୟନ କରାଯାଇଥିଲା। ଗୁରୁବାର ଏହି ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ

**ଚୌଦ୍ୱାର,୨।୧୨(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକାର ୧୭ନଂ ୱାର୍ଡ ପଲ୍ଲୀ ସାହିରେ ଜଣେ ନାବାଳିକାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ବୁଧବାର ଅପରାହ୍ନରେ ଘରେ କେହି ନ ଥିବାବେଳେ ୧୩ବର୍ଷର ଏହି ନାବାଳିକା ଘରେ ଏକାକି ଥିଲେ। ପରେ ପରିବାର ଲୋକ ଫେରିବାବେଳେ ଝିଅ ଏକ ଘରେ କବାଟ ଦେଇଥିବାବେଳେ ବହୁ ସମୟ ହେବ ବାହାରକୁ ଆସି ନ ଥିଲେ। ପରେ ସନ୍ଦେହରେ କବାଟ ଭାଙ୍ଗିବାବେଳେ ବେକରେ ଲୁଗା ଗୁଡାଇ ଛାତ ପାଇପ୍‌ରେ ଝୁଲୁଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ରିପୋର୍ଟ ଆସିବା ପରେ ହିଁ ସତ୍ୟ ଜଣାପଡ଼ିବ।

# କେରଳର ୪ ଜିଲାରେ ରେଡ୍ ଆଲର୍ଟ

## ମାଡ଼ିଆସୁଛି ବାତ୍ୟା 'ବୁରେଭି'

**ଥିରୁଭାନନ୍ତପୁରମ୍,୨।୧୨**

ବାତ୍ୟା 'ନିଭାର' ପରେ ବଙ୍ଗୋପସାଗରର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ଆଉ ଏକ ବାତ୍ୟା 'ବୁରେଭି' ମୁଣ୍ଡ ଟେକିଛି। ଶ୍ରୀଲଙ୍କା ଉପକୂଳ ଦେଇ ଏହା ଅତିକ୍ରମ କରିବା ସହ କେରଳ, ତାମିଲନାଡୁ ଓ ପୁଡୁଚେରିରେ ଗୁରୁବାର ପ୍ରବେଶ କରିବ। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କେରଳର ୪ ଜିଲା (ଥିରୁଭାନନ୍ତପୁରମ୍, କୋଲ୍ଲାମ, ପଠାଦମ୍‌ଥିଟ୍ଟା, ଆଲାପୁଝା)ରେ ରେଡ୍ ଆଲର୍ଟ ଜାରି କରାଯାଇଛି। ସପ୍ତାହକ ମଧ୍ୟରେ ଦୁଇ ଦୁଇଟି ବାତ୍ୟା ଯୋଗୁ ଲୋକମାନେ ଆତଙ୍କିତ ହୋଇପଡ଼ିଛନ୍ତି।

ବାତ୍ୟା 'ବୁରେଭି' ଏବେ ଶ୍ରୀଲଙ୍କାର ଉତ୍ତର-ପୂର୍ବ ଅଞ୍ଚଳର ୧୧୦ କି.ମି. ଦୂରରେ ରହିଛି। ଗୁରୁବାର ସକାଳେ ଏହା ପମ୍ବାନ୍ ଓ କୋମରଇନ୍ ଅଞ୍ଚଳ ଛୁଇଁବାର ଆଶଙ୍କା କରାଯାଉଛି। ମଧ୍ୟାହ୍ନ ବେଳକୁ ୯୦ କି.ମି. ବେଗରେ ପବନ ବହିବ। କେରଳରେ ତାଣ୍ଡବ ରଚିବା ପରେ ଏହା ତାମିଲନାଡୁ, ପୁଡୁଚେରି ଅଭିମୁଖେ ମୁହାଁଇବ। ଡିସେମ୍ବର ୪ ଯାଏ ପ୍ରବଳ ବର୍ଷା ଓ ପବନ ହେବ। ଫଳରେ ବ୍ୟାପକ କ୍ଷତି ଘଟିବାର ଆଶଙ୍କା କରାଯାଉଛି।



## ପ୍ରଥମ ପୃଷ୍ଠାରୁ...

### ଘରୋଇ ସ୍କୁଲ...

ନିୟନ୍ତ୍ରଣାଧୀନ କରିବା ପାଇଁ ଏକ ରିଜୋଲ୍ୟୁଶନ ହୋଇଥିଲା। ରାଜ୍ୟ ସରକାର ତାହାକୁ ଲାଗୁ ନ କରି ଜାଣିଶୁଣି ହାଇକୋର୍ଟକୁ ମିଛ କହିଛନ୍ତି। ବିନା ନିୟନ୍ତ୍ରଣରେ ରାଜ୍ୟରେ କିଭଳି ଘରୋଇ ସ୍କୁଲ ଚାଲିଛି ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଶିକ୍ଷା ଅଧିକାର ଆଇନ ଅନୁସାରେ ସ୍କୁଲ ଖୋଲିବା ପାଇଁ ରାଜ୍ୟ ସରକାର ଅନୁବନ୍ଧିତ ପ୍ରମାଣପତ୍ର (ସିଓଆର୍) ଦେଉଛନ୍ତି। ଏଥିପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ସ୍କୁଲର ଭିତ୍ତିଭୂମି ତଦାରଖ ପାଇଁ ପଠାଯାଉଛି। ଯଦି ଏତେ ସବୁ କରାଯାଉଛି, ତେବେ ସ୍କୁଲ ଫି' ବାବଦରେ କାହିଁକି ସରକାର ଆଇନ କରିନାହାନ୍ତି ତାହା ଏବେ ସନ୍ଦେହ ଘେରକୁ ଆସୁଛି। ରାଜ୍ୟ ସରକାର ଓ ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ର୍‍ୟାକେଟ୍ ଚାଲିଥିବା ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି। ସେପଟେ ସରକାରୀ ସ୍କୁଲରେ ଗୁଣାତ୍ମକ ଶିକ୍ଷା ପାଇଁ ବ୍ୟବସ୍ଥା ନ ଥିବା ସରକାର ମାନିଛନ୍ତି। ତେଣୁ ଅଭିଭାବକମାନେ ଘରୋଇ ସ୍କୁଲକୁ ପସନ୍ଦ କରୁଛନ୍ତି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, କରୋନା ଯୋଗୁ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଏଭଳିସ୍ଥଳେ ବେସରକାରୀ ସ୍କୁଲ୍ କର୍ତ୍ତୃପକ୍ଷ ପିଲାଙ୍କଠାରୁ ମାସିକ ଦେୟ ଆଦାୟ କରିବାରେ ଲାଗିଛନ୍ତି। ଏହାକୁ ବିରୋଧ କରି ଓଡ଼ିଶା ଅବିଭାବକ ମହାସଂଘ ସ୍କୁଲ ଫି' ଛାଡ଼ କରିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଘରୋଇ ସ୍କୁଲ ଫି' ବୃଦ୍ଧି ମାମଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ପକ୍ଷରୁ ହାଇକୋର୍ଟରେ ଦାଖଲ କରିଥିବା ରିପୋର୍ଟରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ଫି' କମାଇବା ନେଇ ସୁପାରିସ କରାଯାଇଥିଲା। କିନ୍ତୁ କେତେକ ସ୍କୁଲ କର୍ତ୍ତୃପକ୍ଷ ଫି' ହ୍ରାସକୁ ବିରୋଧ କରିଥିଲେ। ରାଜ୍ୟ ସରକାର ରଖିଥିବା ପ୍ରସ୍ତାବକୁ ବିରୋଧ କରି ଇଣ୍ଟରଭେନ୍ସିଂ ପିଟିଶନ ଦାୟର କରିଥିଲେ। ଏହାକୁ ହାଇକୋର୍ଟ ଅଗ୍ରାହ୍ୟ କରିଦେବା ସହ ଫି' ହ୍ରାସ ସମ୍ପର୍କରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏ ସମ୍ପର୍କରେ ଆଭିମୁଖ୍ୟ ସ୍ପଷ୍ଟ ସହ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ୪୦୦ ଟଙ୍କାରେ...

ଟଙ୍କା ସ୍ଥିର କରିଥିଲେ। ଜିଏସ୍‌ଟି ସହ ଅନ୍ୟ ଖର୍ଚ୍ଚକୁ ମିଶାଇ ବିଭିନ୍ନ ଘରୋଇ ଲାବ୍ ଓ ହସ୍ପିଟାଲରେ ରୋଗୀଙ୍କଠାରୁ ୨୪ ଶହରୁ ୫ ହଜାର ଟଙ୍କା ଯାଏ ନିଆଯାଉଥିଲା। ଏହାପରେ ସରକାର ଆର୍‌ଟିପିସିଆର୍ ଟେଷ୍ଟର ମୂଲ୍ୟ ୧,୨୦୦ ଟଙ୍କା କରିଥିଲେ ମଧ୍ୟ ଘରୋଇ ହସ୍ପିଟାଲରେ ନମୁନା କଲେକ୍ସନ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଅଲଗା ବିଲ୍ କରି ଶୋଷଣ କରାଯାଉଥିଲା। ଏ ନେଇ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ଆର୍‌ଟିପିସିଆର ଟେଷ୍ଟ ବାବଦକୁ ନିଆଯାଉଥିବା ଅଧିକ ଟଙ୍କା ଏକ ପ୍ରକାର ଲୁଟ୍ ବୋଲି ଜଣେ ଆଇନଜୀବୀ ତାଙ୍କ ଆବେଦନରେ ଦର୍ଶାଇବା ସହ ଏହାର ମୂଲ୍ୟ ସର୍ବାଧିକ ୪୦୦ ଟଙ୍କା କରିବାକୁ ନିବେଦନ କରିଥିଲେ। ଏହା ଉପରେ ଶୁଣାଣି କରି ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନୋଟିସ କରିଥିଲେ। ଏହି ଆଧାରରେ ରାଜ୍ୟ ସରକାର ନୂଆ ବିଜ୍ଞପ୍ତିଜାରିକରିବା ସହ ଏବାବଦ ମୂଲ୍ୟରେ ପରିବର୍ତ୍ତନ କରିଥିବା କୁହାଯାଉଛି।

ଅନ୍ୟପଟେ ରାଜ୍ୟରେ ହୋମ୍ ଆଇସୋଲେଶନରେ ରହୁଥିବା କରୋନା ଆକ୍ରାନ୍ତଙ୍କ ଘରେ ଆଉ ପୋଷ୍ଟର ଲଗାଯିବ ନାହିଁ। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବୁଧବାର ରାଜ୍ୟର ସମସ୍ତ ଜିଲାପାଳ ଓ ଜିଲା ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଯାଇଛି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି ଯେ, ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଉଛି। ତେଣୁ ବର୍ତ୍ତମାନ ଘରେ ଯେଉଁ ଆକ୍ରାନ୍ତମାନେ ହୋମ୍ ଆଇସୋଲେଶନରେ ରହୁଛନ୍ତି, ସେମାନଙ୍କ ଘର ବାହାରେ ଆଉ ପୋଷ୍ଟର ଲଗା ହେବା ଜରୁରୀ ନୁହେଁ ବୋଲି ଅନୁଭବ ହେଉଛି। ତେଣୁ ଯଥାଶୀଘ୍ର ଏହାକୁ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ସଂକ୍ରମଣ ଆଉ ସେପରି ହେଉ ନ ଥିବାରୁ ଓ ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି କରୋନା ଚିକିତ୍ସାରେ ସାମିଲ ଥିବା ଆୟୁଷ ଡାକ୍ତରଙ୍କୁ ମୁକ୍ତ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି।

### ଖୁବ୍‌ଶୀଘ୍ର ଲିଙ୍ଗରାଜ...

ସିଂହଦ୍ୱାରକୁ ଯାଇ ସେଠାରୁ ମହାପ୍ରଭୁଙ୍କୁ ପ୍ରଣାମ ଜଣାଇ ସେବାୟତମାନଙ୍କ ସହିତ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ଦେବୀ ପାଦହରା ପୁଷ୍କରିଣୀ ବୁଲି ଦେଖିବା ସହ ବିନ୍ଦୁସାଗର ମଠଘାଟରେ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ଏକାମ୍ର କ୍ଷେତ୍ର ପ୍ରକଳ୍ପ ପାଇଁ ଜମି ଦାନ କରିଥିବା ବ୍ୟକ୍ତିମାନଙ୍କୁ ମୁଖ୍ୟମନ୍ତ୍ରୀ ସାଧୁବାଦ ଜଣାଇଥିଲେ ଏବଂ ପ୍ରକଳ୍ପ କାର୍ଯ୍ୟ ଆଗକୁ ନେବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏକାମ୍ର କ୍ଷେତ୍ରକୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଏହି ଯୋଜନା ଏକ ସଫଳ ଉଦ୍ୟମ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଅନ୍ୟପକ୍ଷରେ ରାଜ୍ୟ ଆଇନ ସଚିବଙ୍କ ଅଧ୍ୟକ୍ଷତାରେ ଶ୍ରୀଲିଙ୍ଗରାଜ ମନ୍ଦିର ଆଇନ-୨୦୨୦ର ଚିଠା ବିଲ୍ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା ହୋଇଥିଲା। ଏହି ଅନୁଯାୟୀ ମନ୍ଦିର ପରିଚାଳନା କମିଟିରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ମିଶାଇ ସର୍ବାଧିକ ୧୫ଜଣ ସଦସ୍ୟ ରହିବେ। ମନ୍ଦିରର ବିଭିନ୍ନ ବର୍ଗର ସେବକଙ୍କ ମଧ୍ୟରୁ ୩ଜଣ ଏବଂ ଧାର୍ମିକ ତଥା ସାମାଜିକ କ୍ଷେତ୍ରରେ ପରିଚିତ ୨ଜଣ ବ୍ୟକ୍ତିଙ୍କୁ କମିଟିର ସଦସ୍ୟ ଭାବେ ରାଜ୍ୟ ସରକାର ଚୟନ କରିବେ। ଅନ୍ୟ ୮ଜଣ ସରକାରୀ ଏକ୍ସ-ଅଫିସିଓ ସଦସ୍ୟ ଭାବେ କାର୍ଯ୍ୟ କରିବେ। ଏକ୍ସ-ଅଫିସିଓ ସଦସ୍ୟ ଭାବେ ଦେବୋତ୍ତର କମିଶନର, ଆଇନ ବିଭାଗର ଅତିରିକ୍ତ ସଚିବ, ବିଏମ୍‌ସି କମିଶନର, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ, ଭୁବନେଶ୍ୱର ଡିସିପି ଏବଂ ଏଏସ୍‌ଆଇ ଅଧୀକ୍ଷକ ରହିବେ। ହିନ୍ଦୁ ଧର୍ମାବଲମ୍ବୀ ଜଣେ ସଚିବ ପାହ୍ୟାର ଆଇଏଏସ୍ ଅଧିକାରୀଙ୍କୁ ମନ୍ଦିର ପ୍ରଶାସକ ବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯିବ। ଏକ୍ସ-ଅଫିସିଓ ସଦସ୍ୟଙ୍କୁ ଛାଡ଼ିଦେଲେ କମିଟିର ବାକି ସଦସ୍ୟଙ୍କ କାର୍ଯ୍ୟକାଳ ସର୍ବାଧିକ ୩ବର୍ଷ ରହିବ। କେବଳ ଉତ୍ତରାଧିକାରୀ ସେବକଙ୍କ ବ୍ୟତୀତ ୨୧ବର୍ଷରୁ କମ୍ ଓ ୬୫ବର୍ଷରୁ ଅଧିକ ବୟସର କୌଣସି ବ୍ୟକ୍ତିଙ୍କୁ ମନ୍ଦିରର କୌଣସି କାର୍ଯ୍ୟର ଦାୟିତ୍ୱ ଦିଆଯିବ ନାହିଁ। ସେବାପୂଜାରେ ନିୟୋଜିତ ସମସ୍ତ ସେବକଙ୍କୁ ପଞ୍ଜୀକରଣ କରାଯିବା ସହ ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ। ଦାନ ଦେବା ପାଇଁ ଶ୍ରୀମନ୍ଦିର ଭଳି ଲିଙ୍ଗରାଜ ମନ୍ଦିରରେ ହୁଣ୍ଡି ବ୍ୟବସ୍ଥା କରାଯିବ। ମନ୍ଦିରର କୌଣସି ସମ୍ପତ୍ତିକୁ ବିକ୍ରି କରିବା ଓ ୫ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ଲିଜ୍ ଦେବାକୁ ହେଲେ ରାଜ୍ୟ ସରକାରଙ୍କ ଅନୁମତି ନେବାକୁ ପଡ଼ିବ। ଏହି ପ୍ରସ୍ତାବିତ ଆଇନ ଅନ୍ତର୍ଗତ ପରିଚାଳନା କମିଟି କିମ୍ବା ମନ୍ଦିର ପ୍ରଶାସକଙ୍କ କୌଣସି କାର୍ଯ୍ୟକୁ କୋର୍ଟରେ ଚ୍ୟାଲେଞ୍ଜ କରାଯାଇ ପାରିବ ନାହିଁ।

ମୁଖ୍ୟମନ୍ତ୍ରୀଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ହେଉଥିବା ଏକାମ୍ରକ୍ଷେତ୍ର ପ୍ରକଳ୍ପରେ ସୁଦୃଶ୍ୟ ପ୍ରବେଶ ପଥ ନିର୍ମାଣ ସହ ବିନ୍ଦୁସାଗର ପୁନରୁଦ୍ଧାର, ବିଭିନ୍ନ ଐତିହ୍ୟ ପୁଷ୍କରିଣୀର ପୁନରୁଦ୍ଧାର, ଅତ୍ୟାଧୁନିକ ପାର୍କିଂ, ଲିଙ୍ଗରାଜ ଐତିହ୍ୟ ପ୍ରକଳ୍ପ, କେଦାରଗୌରୀ ଓ ମୁକ୍ତେଶ୍ୱର ପରିସରର ବିକାଶ କାର୍ଯ୍ୟ ରହିଛି। ୪ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଉଥିବାବେଳେ ମନ୍ଦିର ସମ୍ମୁଖରେ ଉଦ୍ୟାନ ନିର୍ମାଣ ଓ ଏହାର ସୌନ୍ଦର୍ଯ୍ୟକରଣ କରାଯାଉଛି। ଏହାସହ ଇ-ଅଟୋ କାର୍ଯ୍ୟକ୍ରମ, ଐତିହ୍ୟ ବ୍ୟାଖ୍ୟାନ କେନ୍ଦ୍ର ଭଳି ୯ଟି ପ୍ରକଳ୍ପ ପ୍ରସ୍ତୁତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ବେଳେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ପୂର୍ତ୍ତ ବିଭାଗ ସଚିବ କ୍ରିଷନ କୁମାର, ବିଏମ୍‌ସି କମିଶନର ପ୍ରେମଚାନ୍ଦ ଚୌଧାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଫାଇଜର ଟିକାକୁ...

ବୋଲି ଫାଇଜର ସିଇଓ ଆଲବର୍ଟ ବୌର୍ଲା କହିଛନ୍ତି। ଜନଜୀବନର ସୁରକ୍ଷା ସହ ଅର୍ଥନୀତିକୁ ପୁଣିଥରେ ସକ୍ରିୟ କରିବାରେ ସହାୟକ ହେବାକୁ ଥିବା ଟିକାର ସୁରକ୍ଷା କରାଗଲା ବୋଲି ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ଟୁଇଟ୍ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ସପ୍ତାହରୁ ପ୍ରଥମ ପର୍ଯ୍ୟାୟରେ ବ୍ରିଟେନରେ ଭାକ୍ସିନ୍‌ର ୮ ଲକ୍ଷ ଡୋଜ୍ ଉପଲବ୍ଧ ହେବ। କେୟାର ହୋମ୍‌ରେ ରହୁଥିବା ଅନ୍ତେବାସୀ, ସ୍ୱାସ୍ଥ୍ୟ କର୍ମଚାରୀ, ବରିଷ୍ଠ ବ୍ୟକ୍ତି ଏବଂ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ଥିବା ବ୍ୟକ୍ତିଙ୍କୁ ପ୍ରାଥମିକତା ଭିତ୍ତିରେ ଟିକା ଯୋଗାଇଦିଆଯିବ। ଏନେଇ ଯୁଗ୍ମ ଟିକାକରଣ ଓ ରୋଗ ପ୍ରତିରୋଧକ କମିଟି (ଜେସିଭିଆଇ) ପ୍ରାଥମିକ ପର୍ଯ୍ୟାୟରେ ଟିକା ନେବାକୁ ଥିବା ଲୋକଙ୍କ ସମ୍ପର୍କରେ ଚୂଡ଼ାନ୍ତ ନିୟମାବଳୀ ପ୍ରକାଶ କରିବ ବୋଲି ବ୍ରିଟେନ ସ୍ୱାସ୍ଥ୍ୟ ଓ ସୋସିଆଲ କେୟାର ମୁଖପାତ୍ର କହିଛନ୍ତି। ବ୍ରିଟେନକୁ ଆସନ୍ତାବର୍ଷ ସୁଦ୍ଧା କୋଭିଡ୍ ଟିକାର ୪ କୋଟି ଡୋଜ୍ ଯୋଗାଇଦେବାକୁ ଫାଇଜରଏବଂ ବାୟୋଏନ୍‌ଟେକ୍ ପୂର୍ବରୁ ଚୁକ୍ତି ସ୍ୱାକ୍ଷର କରିଥିଲେ।

ସୂଚନାଯୋଗ୍ୟ ତୃତୀୟ ପର୍ଯ୍ୟାୟ ପରୀକ୍ଷାରେ ଫାଇଜର ଟିକା ୯୫ ପ୍ରତିଶତ ଫଳପ୍ରଦ ପ୍ରମାଣିତ ହେବା ପରେ ଏହାର ଜରୁରୀ ବ୍ୟବହାର ଲାଗି ଆମେରିକା ଓ ବ୍ରିଟେନ୍ କର୍ତ୍ତୃପକ୍ଷଙ୍କଠାରେ କମ୍ପାନୀ ପକ୍ଷରୁ ଆବେଦନ କରାଯାଇଥିଲା। ଆଗାମୀ ଦିନରେ ଅନ୍ୟ ଦେଶଗୁଡ଼ିକର ଅନୁମୋଦନ ମିଳିବା ନେଇ କମ୍ପାନୀ ଆଶାବାଦୀ ରହିଛି। ଚଳିତ ବର୍ଷ ଶେଷ ସୁଦ୍ଧା ବିଶ୍ୱର ବିଭିନ୍ନ ଦେଶକୁ ୫ କୋଟି ଏବଂ ୨୦୨୧ ସୁଦ୍ଧା ୧୩୦ କୋଟି ଭାକ୍ସିନ୍ ଡୋଜ୍ ଯୋଗାଇଦେବା ଲାଗି ଫାଇଜର ଓ ବାୟୋଏନ୍‌ଟେକ୍ ଲକ୍ଷ୍ୟ ରଖିଛନ୍ତି। ଉତ୍ପାଦନ ଲାଗି ଆବଶ୍ୟକ ଭିତ୍ତିଭୂମି ରହିଥିବାବେଳେ ୬ ମାସ ପର୍ଯ୍ୟନ୍ତ ଟିକାକୁ ସଂରକ୍ଷିତ ରଖିବା ଲାଗି ଡିଷ୍ଟ୍ରିବ୍ୟୁଶନ ହବ୍ ପ୍ରସ୍ତୁତ କରାଯାଇଥିବା ଫାଇଜର କହିଛି।

### ଥାନା ହାଜତରେ...

ବେଳେ ସେଠାରେ ସୁରକ୍ଷା କ୍ୟାମେରା ଲଗାଯାଇ ନ ଥିବା ଜାଣିବା ପରେ ସର୍ବୋଚ୍ଚ ଅଦାଲତ ଏହା କହିଛନ୍ତି। ସିସିଟିଭି କ୍ୟାମେରା ଲଗାଇବା ପାଇଁ ୨୦୧୮ରେ ସୁପ୍ରମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ଖଣ୍ଡପୀଠ କ୍ଷୁବ୍ଧ ହୋଇଥିଲେ। ସିସିଟିଭି କ୍ୟାମେରା ଲଗାଇବା ପାଇଁ ପାଣ୍ଠି ବ୍ୟବସ୍ଥା କରିବା ସହ ହାଜତ ନିର୍ଯାତନା ଅଭିଯୋଗର ଶୁଣାଣି ଲାଗି ପ୍ରତି ଜିଲାରେ ମାନବାଧିକାର କୋର୍ଟ ସ୍ଥାପନ ଲାଗି ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୨୭ରେ ହେବ।

### ଜଷ୍ଟିସ୍ ସି.ଏସ୍....

ବାନୁମଥିଙ୍କ କଳାକ୍ଷେତ୍ର କଲୋନିସ୍ଥିତ ବାସଭବନରେ ବଳପୂର୍ବକ ପ୍ରବେଶ କରିବା ଅଭିଯୋଗରେ ତ୍ରିଭୁବନମିୟୁର ପୋଲିସ ୫ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲେ ହେଁ କର୍ନନଙ୍କ ନାଁ ପ୍ରକାଶ କରି ନ ଥିଲା। ଅଦାଲତ ଅବମାନନା ପାଇଁ ୨୦୧୭ରେ କର୍ନନଙ୍କୁ ୬ ମାସ ଜେଲ୍‌ଦଣ୍ଡ ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟସିଦ୍ଧି ଘଟିବା ସହିତ ଆଶା କରୁଥିବା ଜିନିଷ ନିଶ୍ଚିତ ପାଇ ପାରିବେ। କିନ୍ତୁ ଆତ୍ମୀୟମାନଙ୍କ ଉପରେ ଭୁଲ୍ ବୁଝାମଣା ହେତୁ ପାରିବାରିକ ସମସ୍ୟା ବଢ଼ିପାରେ। ପିଲାଙ୍କ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହେବ। ପରକଥାରେ ପଡି ଭୁଲ ମାର୍ଗ ଅନୁସରଣ କରିପାରନ୍ତି।

**ବୃଷ**
ସ୍ଥଗିତ ଥିବା କାମଟି ବନ୍ଧୁଙ୍କ ସାହାଯ୍ୟରୁ ପୁନଃ ଆରମ୍ଭ କରିବାକୁ ମନସ୍ଥ କରିବେ। ପରିଜନଙ୍କ ସମ୍ବନ୍ଧରେ କୌଣସି ଶୁଭ ସମ୍ବାଦ ଶୁଣି ଖୁସି ହେବେ। ଦିନରେ କଠୋର ପରିଶ୍ରମ ହେତୁ ରାତ୍ରିରେ ଅନିଦ୍ରାଜନିତ ପୀଡା ଅନୁଭବ କରିବେ। ସକାଳୁ ସକାଳୁ ବ୍ୟସ୍ତତାର ସହ କରିଥିବା ଯାତ୍ରାରେ କୌଣସି ଜିନିଷ ସାଙ୍ଗରେ ନେବାକୁ ଭୁଲି ଯାଇ ପାରନ୍ତି।

**ମିଥୁନ**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବୁଝାମଣା ଭିତରେ କାମ କଲେ ଉପକୃତ ହେବେ। ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହୋଇପାରନ୍ତି। ସଭାସମିତିରେ ଯୋଗ ଦେଲେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ବ୍ୟକ୍ତିଗତ ଭାବରେ ଲାଭବାନ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ।

**କର୍କଟ**
ସମସ୍ୟାଗୁଡିକର ସମୀକ୍ଷା କରି କାର୍ଯ୍ୟପନ୍ଥା ସ୍ଥିର କରିବାକୁ ମନସ୍ଥ କରିବେ। ନିର୍ମାଣାଧୀନ ଗୃହ କିମ୍ବା ଘରଭଡାକୁ କେନ୍ଦ୍ର କରି ବିତର୍କ ଆଶଙ୍କା ରହିଛି। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ ଲକ୍ଷ୍ୟ ହାସଲରେ ସମର୍ଥ ହେବେ। ଯାନବାହାନରେ ସତର୍କତା ଅବଲମ୍ବନ ନ କଲେ ଯାନ୍ତ୍ରିକ ତ୍ରୁଟି ପ୍ରତିବନ୍ଧକ ସାଜିପାରେ।

**ସିଂହ**
ଆଜି ମନମୁତାବକ କାମଗୁଡିକ ସମ୍ପନ୍ନ ହେବାରେ ଅସୁବିଧା ହେବ ନାହିଁ। ସାମାନ୍ୟ ବଚସାରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ପରିବାରର ଅସଜଡା ପରିସ୍ଥିତିକୁ ସଜାଡି ନେବେ। ପଡୋଶୀଙ୍କ ସହ ପିଲାମାନଙ୍କର କନ୍ଦଳକୁ କେନ୍ଦ୍ରକରି ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

**କନ୍ୟା**
ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆନୁସଙ୍ଗିକ ସୁବିଧା ସୁଯୋଗ ପାଇ ପଡୋଶୀଙ୍କଠାରୁ କାମ ହାସଲ କରିବେ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଘଟିପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ସମସ୍ୟା ସମାଧାନ ହେବା ସଙ୍ଗକୁ ଉଚ୍ଚ ପ୍ରଶଂସା ମଧ୍ୟ ପାଇବେ।

**ତୁଳା**
ସ୍ୱାସ୍ଥ୍ୟ ଭଲ ରହିବା ସହ ପସନ୍ଦର ଜିନିଷ କିଣିବାର ସୁଯୋଗ ପାଇବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବ୍ୟବସାୟରେ ମନାନ୍ତର ଘଟିଲେ ମଧ୍ୟ ବିଶେଷ କ୍ଷତି ହେବ ନାହିଁ। ମାଲିମକଦ୍ଦମାରେ ନିଜ ପକ୍ଷ ସବଳ ରହିବା ହେତୁ ଆଶ୍ୱସ୍ତି ଲାଭ କରିବେ।

**ବିଛା**
ଆଜିର କର୍ମକ୍ଷେତ୍ର ଓ ପାରିବାରିକ ପରିସ୍ଥିତି ପ୍ରାୟତଃ ସ୍ୱାଭାବିକ ରହିବ। କିନ୍ତୁ ପ୍ରତ୍ୟେକ କଥାରେ ପଡୋଶୀଙ୍କ କଥାକୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ନୂଆ ଯୋଜନାକୁ ବାସ୍ତବ ରୂପ ଦେବାର ଯୋଜନା କଲେ ଅବଶ୍ୟ ସଫଳ ହେବେ। ଆନୁଷ୍ଠାନିକ କ୍ଷେତରେ ସାମୁହିକ ସମସ୍ୟାର ସରଳ ସମାଧାନ କରି ପରୋକ୍ଷ ଭାବରେ ପ୍ରଶଂସିତ ହେବେ।

**ଧନୁ**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାମନାରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ଭୁଲ୍ ବୁଝାମଣା ଯୋଗୁଁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପାରିବାରିକ କ୍ଷେତ୍ରରେ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ ମଉକା ପାଇବେ।

**ମକର**
ଆଜି ସକାଳୁ ଇଚ୍ଛା କରିଥିବା ଜିନିଷଟି ନପାଇବାରୁ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ବନ୍ଧୁଙ୍କ ଅନାଦର ଭାବ ଯୋଗୁଁ ଦୁଃଖୀ ହେବେ। କର୍ମକ୍ଷେତ୍ରରେ ସରକାରୀ ସ୍ତରରେ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ଯାତ୍ରା ସମୟରେ ସତର୍କତା ଅଭାବରୁ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ।

**କୁମ୍ଭ**
ସହକର୍ମୀଙ୍କ ସହାୟତାରେ କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରାଦମରେ କରିଚାଲିବେ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନ ବଳାଇବେ। ନିଜ ଚତୁଃପାର୍ଶ୍ୱରେ ବିରୋଧ ମନୋଭାବ ପୋଷଣ କରୁଥିବା ଲୋକମାନେ ଶତ୍ରୁତା ଆଚରଣ କରିପାରନ୍ତି।

**ମୀନ**
ନିଜ ଲୋକମାନଙ୍କ ଟାହି ଟାପରାକୁ ସହିପାରିବେ ନାହିଁ କିମ୍ବା କିଛି କହି ପାରିବେ ନାହିଁ। ମଧ୍ୟାହ୍ନରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ବିବାଦୀୟ ଘଟଣାରେ ଟେନ୍‌ସନ ଲାଗି ରହିବ।

ଆଜି ମାର୍ଗଶୀର କୃଷ୍ଣ ତୃତୀୟା ଗୁରୁବାର, ମାଣବସା ଗୁରୁବାର ପ୍ରଥମ ପାଳି, ଡିସେମ୍ବର ୩ ତାରିଖ, ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ଡକ୍ଟର ରାଜେନ୍ଦ୍ର ପ୍ରସାଦ ଙ୍କଜୟନ୍ତୀ, ରାଶିନକ୍ଷତ୍ର-ଦିବା, ଘ.୧୨/୨୦, ପର୍ଯ୍ୟାଆରଦ୍ରା/ମିଥୁନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, କନ୍ୟା ରାଶିର ଘାତଚନ୍ଦ୍ର, ଦିବା.ଘ.୦୬/୧୦, ଗତେ, ଘ.୦୭/୩୭, ମଧ୍ୟେ, ଘ.୦୧/୨୫, ମି, ଗତେ, ଘ.୦୨/୫୨, ମଧ୍ୟେ, ସନ୍ଧ୍ୟା, ଘ.୦୫/୫୫, ମି, ଗତେ, ଘ.୦୯/୨୨, ମଧ୍ୟେ, ଅମୃତବେଳା, ଦିବା, ଘ.୧୨/୫୮, ମି, ଗତେ, ଘ.୦୨/୨୨, ମି, ମଧ୍ୟେ, ରାହୁକାଳ।


# classifieds

**Everyday**
**0674-2580101, 2549302**




**SALE**

**Flat sale Jagannathdham Puri, AC, LED TV, BED, Matress, Celling, Diningset free. 7978230118, 9348332283.** D-69197

Hanspal duplex 45,00,000/-, homestead plot 1900/-, Aiginia-1700/-, Nakhara East College 550/-, Sundarpada- 600/- (Bank finance available) 9777236619. D-70111

ଭୁବନେଶ୍ୱର ସୁନ୍ଦରପଦା **Indus Engineering College backside** ସ୍ଥିତିବାନ ପ୍ଲଟ **Sqft.299/-** ମିଳୁଅଛି। **7848882166.** D-70113

Bhubaneswar ସୁନ୍ଦରପଦାରେ 1200sqft. ପ୍ଲଟକୁ 3,60,000/- ଦିଆଯାଉଛି (20 plot available), Lipsa- 9853150290. D-70116

Sai Vihar କଲୋନୀରେ ପିଚୁ ରୋଡ୍‌କୁ ଲାଗି **30'** ରାସ୍ତା ଘରବାରି, **boundary,** ଇଲେକ୍ଟ୍ରିସିଟି ଥାଇ ରଙ୍ଗବଜାର, **BJEM-II** ନିକଟରେ **1500sqft. 6,75,000/-** ଦେଇ ସଙ୍ଗେସଙ୍ଗେ ଘର କରନ୍ତୁ। **9437522339.** D-70114

ଭୁବନେଶ୍ୱର ଚନ୍ଦକାଛକରୁ **500mtr. near Nalanda** ଓ **BCST College** ପାଖରେ ଘର ଉପଯୋଗୀ **plot** ମିଳୁଛି। **Immediate registration/ possession. 8895492671, 9348870771.** D-70112

**PURCHASE**

We buy Old Gold, Land, Building. Please Contact: Hindustan Jewellers, 9437033691. D-68399

LAND Requires for Plotting Project in Around, Bhubaneswar. 9937816565, 9937568585. D-19112




**Newly open Saikrupa Panchakarma and Spa. Contact: 8984068077.** D-19124

Swarna SPA newly open positively health benefits with expert therapist. 9556978408. D-70034

Refreshing your mind & body with best therapy at Lotus Spa. 8018234866 D-69584

Rejuvenate and Ayurvedic full body massage by smart therapist. 9348123330. D-70038

Get refreshment body massage by expert therapist contact for 7205084157. D-70036

Newly open full body massage SPA in Bhubaneswar. Contact: 7205058838. D-70037




Required 30Nos. of Hyva(10 wheels) for mines project at Joda & Barbil having long term basis. Trip wise billing per month estimate bill 4.5L -5L. Call - 9439856856, 9776001000. D-19084

**LOST**

I, Bhabani Sankar Panda, lost the original sale deed issued to Manju Agarwal bearing document No. 11081302181 on dated 28.01.2013 and a construction agreement which was made on 29.05.2010. If anybody get kindly contact on 9896405552. D-70041

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମଣିପୁର ହରିଣ ଶାବକ ଜନ୍ମ

ବାରଙ୍ଗ (ଡି.ଏନ୍.ଏ.): ପ୍ରାଣୀଉଦ୍ୟାନ ନନ୍ଦନକାନନର ୩୬ବି ଏନକ୍ଲୋଜରରେ ଥିବା ମଣିପୁର ହରିଣ ବୁଧବାର ଏକ ଶାବକ ଜନ୍ମ ଦେଇଛି। ମା ଓ ଛୁଆ ଉଭୟ ସୁସ୍ଥ ଥିବା ଜଣାପଡ଼ିଛି। ଏହି ନବଜାତକକୁ ମିଶାଇ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ବୃଦ୍ଧିପାଇ ୧୬ରେ ପହଞ୍ଚିଛି। ସେଥିମଧ୍ୟରେ ୬ ଅଣ୍ଡିରା, ୫ ମାଈ ଓ ୫ଟିର ଲିଙ୍ଗ ନିରୂପଣ ହୋଇପାରି ନାହିଁ। ମଣିପୁର, ବର୍ମା ଓ ଥାଇଲାଣ୍ଡ ଅଞ୍ଚଳରେ ବହୁଳଭାବେ ଦେଖାଯାଉଥିବା ଏହି ମଣିପୁର ହରିଣ ବୁଦୁବୁଦୁଆ ଜଙ୍ଗଲରେ ବସବାସ କରିବାକୁ ଭଲପାଆନ୍ତି। ୧୫/୨୦ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରୁଥିବା ଏହି ତୃଣଭୋଜି ପ୍ରାଣୀ ୨୩୯ରୁ ୨୫୨ଦିନ ମଧ୍ୟରେ ଗର୍ଭଧାରଣ କରି ଶାବକ ଜନ୍ମ ଦେଇଥାନ୍ତି।

# ସିସିବିରେ ବଢ଼ୁଛି ଆର୍ଥିକ ଅନିୟମିତତା

ଯାଜପୁର ଅଫିସ,୨।୧୨

- ୨୦୧୮ ପରଠାରୁ ୧୫.୪୩ କୋଟି ଆତ୍ମସାତ୍
- ସୁନ୍ଦରଗଡ଼ ସିସିବିରେ ସର୍ବାଧିକ ୧୦.୧୨ କୋଟି ହେରଫେର

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ସହିତ ଅନୁବନ୍ଧିତ ୧୭ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ସିସିବି) ବା ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ରହିଛି। ସେଥିମଧ୍ୟରୁ ୮ ସିସିବିରେ ୨୦୧୮ ପରଠାରୁ ଅଦ୍ୟାବଧି ୧୫ କୋଟି ୪୩ ଲକ୍ଷ ୨୫ ହଜାର ୪୫୪ ଟଙ୍କାର ଆର୍ଥିକ ଅନିୟମିତତା ହୋଇଛି। ଏଥିରୁ ୨ଟି ବ୍ୟାଙ୍କର ଆର୍ଥିକ ଅନିୟମିତତା ଉପରେ ଭିଜିଲାନ୍ସ ତଦନ୍ତ ଚାଲିଥିବା ଗତ ୨୯ ତାରିଖରେ ଶେଷ ହୋଇଥିବା ବିଧାନସଭା ଶୀତ ଅଧିବେଶନରେ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ମିଳିଛି। ଅନ୍ୟପକ୍ଷରେ ୨୦୧୮ ସୁଦ୍ଧା ରାଜ୍ୟ ସମବାୟ ବ୍ୟାଙ୍କ ଏବଂ ଜିଲା ସିସିବିଗୁଡ଼ିକରେ ପ୍ରାୟ ୩୭୦ କୋଟି ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିଲା ବୋଲି ତତ୍କାଳୀନ ସମବାୟ ମନ୍ତ୍ରୀ ବିଧାନସଭାରେ ସ୍ୱୀକାର କରିଥିଲେ।

ସରକାରଙ୍କ ପକ୍ଷରୁ ଅଭିଯୋଗ କିମ୍ବା ମାମଲା ହସ୍ତାନ୍ତର ହେବା ପରେ ଭିଜିଲାନ୍ସ ବିଭାଗ ପୂରା ଦମରେ ମାମଲା ରୁଜୁ କରୁଛି। ହେଲେ ତଦନ୍ତ ଓ ବିଚାର ପ୍ରକ୍ରିୟାରେ ବିଳମ୍ବ ଯୋଗୁ ବର୍ଷ ବର୍ଷ ଧରି ଶତାଧିକ ମାମଲା ପଡ଼ିରହୁଛି। ଜୀବନର ସବୁ ସମୟ ଭୋଗ କରି ସାରିବା ପରେ ଦୁର୍ନୀତିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଫଇସଲା ହେଉଛି। ସେତେବେଳକୁ କେତେଜଣଙ୍କ ଚାକିରି କାଳ ଶେଷ ହୋଇଯାଇଥିବାବେଳେ ଆଉ କେତେଜଣଙ୍କ ପରଲୋକ ଘଟିଯାଉଛି। ଯାଜପୁର ଜିଲା ସମବାୟ ସଂସ୍ଥାଗୁଡ଼ିକରେ କେତେଜଣ ଅଧିକାରୀଙ୍କ ବିରୋଧରେ ଅନିୟମିତତା ମାମଲା ବିଚାରାଧୀନ ରହିଛି। ବିଭାଗୀୟ ତଦନ୍ତ ଗଡ଼ିଚାଲିଥିବାରୁ ସମବାୟ ବିଭାଗରେ ଦୁର୍ନୀତି ବରଗଛର ଓହଳ ପରି ଲମ୍ବିଚାଲିଛି। ଫଳରେ ଅଭିଯୁକ୍ତମାନେ ପୁଣି ସରକାରୀ ଚାକିରିରେ ରହି ଅନାୟାସରେ ଦୁର୍ନୀତି କରିଚାଲିଥିବା ଅଭିଯୋଗ ହେଉଛି। ଯାଜପୁର ଜିଲା ଧର୍ମଶାଳା ବ୍ଲକ ମହିସରା ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ରେ କୃଷକଙ୍କ ନାମରେ ଆସୁଥିବା ବିଭିନ୍ନ ଯୋଜନାର ଅନୁଦାନ ଲୁଟ୍ ହୋଇଥିବା ଅଭିଯୋଗ ସଂକ୍ରାନ୍ତରେ ୨୦୧୯ ଜୁନରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ୧।୪।୨୦୧୬ରୁ ୩୧।୩।୨୦୧୭ ମଧ୍ୟରେ ଚାଷୀଙ୍କ ବୀମା, ବିହନ, ଋଣ ଆଦି ଅନୁଦାନ ବାବଦକୁ ପ୍ରାୟ ୧୫ ଲକ୍ଷ ଟଙ୍କା ହଡ଼ପ ହୋଇଥିବା ଭିଜିଲାନ୍ସ ପକ୍ଷରୁ ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିଲା। ଏହାବାଦ୍ ୨୦୧୯ ନଭେମ୍ବରର ଏକ ବିଧାନସଭା ପ୍ରଶ୍ନର ଉତ୍ତରରେ ସୂଚନା ମିଳିଥିଲା ଯେ, ରାଜ୍ୟ ସମବାୟ ବ୍ୟାଙ୍କର ୩୨ଜଣ ଅଧିକାରୀଙ୍କ ବିରୋଧରେ ମାମଲା ବିଚାରାଧୀନ ରହିଛି। ସେଥିମଧ୍ୟରୁ କେବଳ କଟକ ବ୍ରାଞ୍ଚରେ ୧୨ ମାମଲା ପଡ଼ିରହିଛି। ଏହାବାଦ୍ ଓଡ଼ିଶା କଞ୍ଜ୍ୟୁମର କୋଅପରେଟିଭ ଫାଉଣ୍ଡେଶନ, ମାର୍କଫେଡ୍, ଓଡ଼ିଶା କୋଅପରେଟିଭ ହାଉସିଂ କର୍ପୋରେଶନରେ ଏକାଧିକ ମାମଲା ଗଡ଼ୁଛି। ଯାଜପୁର ଜିଲାର ୧୩ ଜଣ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀଙ୍କ ନାଁରେ ମାମଲା ରହିଛି। ଅର୍ବାନ କୋଅପରେଟିଭ ବ୍ୟାଙ୍କରେ ମଧ୍ୟ ଏକାଧିକ ଅଧିକାରୀଙ୍କ ନାମରେ ଆପରାଧିକ ମାମଲା ଚାଲିଛି ।

ବିଧାନସଭା ଶୀତ ଅଧିବେଶନର ଏକ ପ୍ରଶ୍ନର ଉତ୍ତରରେ ୨୦୧୮ ପରଠାରୁ ୮ ସିସିବିରେ ୨ ଭିଜିଲାନ୍ସ ମାମଲା ବିଚାରାଧୀନ ଥିବା ଜଣାପଡିଛି। କଟକ ସିସିବିରେ ୧ କୋଟି ୯ ଲକ୍ଷ ୫୦ ହଜାର ୨୯୦ ଟଙ୍କା, ବଲାଙ୍ଗୀର ସିସିବିରେ ୩ କୋଟି ୭ ଲକ୍ଷ ୮୫ ହଜାର ୫୨୪ ଟଙ୍କା, ବାଲେଶ୍ୱର ସିସିବିରେ ୩ ଲକ୍ଷ ୩୪ ହଜାର ଟଙ୍କା, ବାଙ୍କୀ ସିସିବିରେ ୧୧ ଲକ୍ଷ ୨୯ ହଜାର ୪୬୪ ଟଙ୍କା, ମୟୂରଭଞ୍ଜ ସିସିବିରେ ୭୬ ଲକ୍ଷ ୪୫ ହଜାର ଟଙ୍କା, ୟୁନାଇଟେଡ୍ ପୁରୀ-ନିମାପଡ଼ାରେ ୧୫ ଲକ୍ଷ ୨୮ ହଜାର ଟଙ୍କା, ସମ୍ବଲପୁର ସିସିବିରେ ୬ ଲକ୍ଷ ୮୨ ହଜାର ଟଙ୍କା ଏବଂ ସୁନ୍ଦରଗଡ ସିସିବିରେ ସର୍ବାଧିକ ୧୦ କୋଟି ୧୨ ଲକ୍ଷ ୭୧ ହଜାର ୧୭୫ ଟଙ୍କା ଆର୍ଥିକ ଅନିୟମିତତା ହୋଇଛି। ସେଥିମଧ୍ୟରୁ ବଲାଙ୍ଗୀର ଓ ସୁନ୍ଦରଗଡ ସିସିବିରେ ଦୁର୍ନୀତି ମାମଲା ଉପରେ ଭିଜିଲାନ୍ସ ତଦନ୍ତ ଚାଲିଛି। ଏହିସବୁ ଆର୍ଥିକ ଅନିୟମିତତାରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଲମ୍ବନ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ଆପରାଧିକ ମାମଲା, ବିଭାଗୀୟ କାର୍ଯ୍ୟାନୁଷ୍ଠାନ, ଗିରଫ ଇତ୍ୟାଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବିଧାନସଭା ଉତ୍ତରରେ ସୂଚନା ମିଳିଛି।

## ୧୦ରୁ ବଢ଼ିବ ଶୀତ

ଭୁବନେଶ୍ୱର,୨।୧୨(ବ୍ୟୁରୋ)

ଆସନ୍ତା ୧୦ ତାରିଖରୁ ରାଜ୍ୟରେ ଥଣ୍ଡା ବୃଦ୍ଧିପାଇବ। ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ତଳକୁ ଖସିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ସୋନପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଏବଂ କେନ୍ଦୁଝର ଜିଲାର ଗୋଟିଏ ଦୁଇଟି ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି। ରାଜ୍ୟରେ ହାଲୁକା ଶୀତ ଜାରି ରହିଛି। ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ସୋନପୁରରେ ତାପମାତ୍ରା ୮.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଫୁଲବାଣୀରେ ୮, ଦାରିଙ୍ଗବାଡ଼ି ୧୦.୬, ଅନୁଗୋଳ ୧୦, ବାରିପଦା ୧୨.୯, କେନ୍ଦୁଝର ୧୨.୨, ସୁନ୍ଦରଗଡ଼ ୧୩, ତାଳଚେର ୧୨.୩, ଭବାନୀପାଟଣା ୧୧.୫, ଏବଂ କୋରାପୁଟରେ ୧୨.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।























































ଭାରତ ଏପରି ଏକ ଶାଶ୍ୱତ ଧର୍ମର କ୍ରମବିକାଶ କରିଚାଲିଛି, ଯାହାର ଆଲିଙ୍ଗନ ଭିତରେ ନିଖିଳ ମାନବଜାତିର ହୃଦୟର ସମ୍ବେଦନ-ମସ୍ତିଷ୍କର ସଂକଳ୍ପ ଓ ତା'ର ବାସ୍ତବ ଜୀବନର ଆଶା ଆକାଂକ୍ଷାକୁ ମଧ୍ୟ ଧାରଣ କରିପାରେ। -**ଶ୍ରୀଅରବିନ୍ଦ**





# ପ୍ରାଣୀ ଓ ମନୁଷ୍ୟ ମଧ୍ୟରେ ସମାନତା

ମାନେକା ଗାନ୍ଧୀ

ପାଶ୍ଚାତ୍ୟ ଦର୍ଶନ କେବଳ ମଣିଷ ଓ ପ୍ରାଣୀ (ମୁଖ୍ୟତଃ ମଣିଷ ଓ ପଶୁ)ଙ୍କ ମଧ୍ୟରେ ଏକ ବିଭାଜନ ରେଖା ଟାଣିଦେଇଛି। ପୃଥିବୀରେ ସ୍ୱାଭାବିକ ଭାବେ ସୃଷ୍ଟି ହୋଇଥିବା ସମ୍ପ୍ରଦାୟ ଏଭଳି କେବେ ବି କରିନାହିଁ। ହିନ୍ଦୁ ଧର୍ମ 'ବସୁଧୈବ କୁଟୁମ୍ବକମ୍' ବା ସାରା ପୃଥିବୀ ଗୋଟିଏ ପରିବାର ବୋଲି ବିଶ୍ୱାସ କରେ। ଏହାର ବିଚାରରେ ସୃଷ୍ଟିର ସବୁଜୀବ ପରସ୍ପର ସହ ଯୋଡ଼ି ହୋଇ ରହିଛନ୍ତି। ଏହା ମଧ୍ୟ ପ୍ରଣୀମାନଙ୍କୁ ସମ୍ବେଦନଶୀଳ ଜୀବ ଭାବେ ଗ୍ରହଣ କରେ। ଶେଷରେ ପ୍ରଚଳିତ ଆମ ବିଶ୍ୱାସ ଧାରାକୁ ବିଜ୍ଞାନ ମଧ୍ୟ ଗ୍ରହଣ କରୁଛି। ସବୁ ଜୀବମାନଙ୍କ ମଧ୍ୟରେ ସମାନତା ରହିଛି ବୋଲି ବିଗତ ୫୦ ବର୍ଷ ଧରି କରାଯାଇଥିବା ଅନେକ ଗବେଷଣା ଏହା ପ୍ରମାଣ କରିଆସିଛି।

ମଣିଷ ମସ୍ତିଷ୍କର ଉଭୟ ବାମ ଓ ଡାହାଣ ପାଖ ବିଭିନ୍ନ କାର୍ଯ୍ୟ କରିଥାନ୍ତି। କେବଳ ମଣିଷ ମସ୍ତିଷ୍କ ଏଭଳି କରେ ବୋଲି ଆମମାନଙ୍କର ଧାରଣା, କିନ୍ତୁ କୁକୁଡ଼ା ମଧ୍ୟ ଏଭଳି କରିପାରେ। ସେମାନଙ୍କର ମଣିଷ ଭଳି ମସ୍ତିଷ୍କ ରହିଛି। କୁକୁଡ଼ାର ମସ୍ତିଷ୍କ ଏହାର ମାନସିକ ପ୍ରକ୍ରିୟାକୁ ଦୁଇ ଭାଗରେ ବିଭକ୍ତ କରେ, ଯାହାଦ୍ୱାରା ଏହାର ଡାହାଣ ହେମିସ୍ପିୟର(ବାମ ଆଖି) ଅପ୍ରତ୍ୟାଶିତ ପ୍ରତିକ୍ରିୟାକୁ ଠାବ କରେ ଏବଂ ବାମ ହେମିସ୍ପିୟର( ଡାହାଣ ଆଖି) ଅତୀତର ଅନୁଭୂତିକୁ ଆଧାର କରି ବିଭିନ୍ନ ପ୍ରତିକ୍ରିୟାକୁ ବର୍ଗୀକୃତ କରିଥାଏ। ଡାହାଣ ହେମିସ୍ପିୟର ବିସ୍ତୃତ ସ୍ଥାନ ଉପରେ ଲକ୍ଷ୍ୟ ରଖୁଥିବାବେଳେ ବାମ ହେମିସ୍ପିୟର ସାବଧାନତା ପ୍ରତି ଧ୍ୟାନ କେନ୍ଦ୍ରିତ କରେ। କୁକୁଡ଼ା ଏକାବେଳକେ ଦୁଇଟି ଭିଜୁଆଲ ଟାସ୍କ ତୁଲାଇପାରେ। ଏଭଳି କାର୍ଯ୍ୟ ଉପରେ ୟୁନିଭର୍ସିଟି ଅଫ୍ ନ୍ୟୁ ଇଂଲଣ୍ଡରେ ଗବେଷଣା କରାଯାଇଛି। ଏକ ଗୋଲାକାର ପଥର ପଛରେ ବୁଣାଯାଇଥିବା ଖାଦ୍ୟଶସ୍ୟକୁ ଖୋଜିବା ଓ ମୁଣ୍ଡ ଉପରେ ଗତି କରୁଥିବା ଏକ ଶତ୍ରୁକୁ ଠାବ କରିବା ଭଳି କୁକୁଡ଼ାର ଏହି ଦୁଇଟି କାର୍ଯ୍ୟ ଉପରେ ଅନୁଧ୍ୟାନ କରାଯାଇଥିଲା। ବାମ ହେମିସ୍ପିୟର ଶତ୍ରୁ ଉପରେ ନଜର ରଖିଥିବାବେଳେ ଖାଦ୍ୟଶସ୍ୟ ଉପରେ ନଜର ରଖିଥିଲା ଡାହାଣ ହେମିସ୍ପିୟର । ମୁଣ୍ଡରେ ଢୁକିଥିବା ଏକ ସଙ୍ଗୀତକୁ ଗୁଣୁଗୁଣୁ କରି ଗାଇବା ଅବସ୍ଥାରେ କେବେ ତୁମକୁ ପାଇଛ କି? କିନ୍ତୁ ଡଲ୍‌ଫିନ ଏହା କରିପାରେ। ଫ୍ରାନ୍ସର ପ୍ଲାନେଟି ସୌଭେଗର ଏକ ଆକ୍ୱାଟିକ ପାର୍କରେ ଥିବା ୫ଟି ଡଲଫିନ ବିଳମ୍ବିତ ରାତିରେ ତିମି ସ୍ୱର ଭଳି ଶବ୍ଦ କରୁଥିବା ରେକର୍ଡିଂ କରାଯାଇଛି। ୟୁନିଭର୍ସିଟି ଅଫ ରେନେସର ଗବେଷକ ଏଥୋଲୋଜିଷ୍ଟ ମାର୍ଟିନ ହଉସ୍‌ବର୍ଗର ଓ ତାଙ୍କ ସାଥୀମାନେ ଅନୁଧ୍ୟାନ କରି ଏହା ଜାଣି ପାରିଛନ୍ତି।

ଲଞ୍ଚବକ୍ସ ଛାଡିଗଲା ପରେ ପଛରେ ତୁମ ମା' ଚିଲେଇ ଡାକିବା ଘଟଣା ମନେରଖିଛ କି? ଛେଳିଙ୍କ ଉପରେ ଗବେଷଣା କରୁଥିବା ଡ.ଡାନିଏଲ ୱାଲଡ୍ରନଙ୍କ ଅନୁସାରେ ଛେଳିମାନେ ମଧ୍ୟ ଏଭଳି ଚିଲେଇଥାନ୍ତି (୨୦୧୩ରେ ୱିକ୍‌ମ୍ୟାନରେ ପ୍ରକାଶିତ)। ଉଭୟ ଛେଳି ଏବଂ ମେଣ୍ଢାର ମଣିଷଙ୍କ ଭଳି ଗଳା ଓ ଭୋକାଲ କର୍ଡ ରହିଛି। ସେମାନେ ଠିକ୍ ଆମ ଭଳି ତାହାକୁ ଉପଯୋଗ କରିଥାନ୍ତି। ଛେଳି ଛୁଆଠାରୁ ତା'ମା'କୁ ଅଲଗା କରିଦେଲେ ସେ ଚିଲାଏ (ଖୁବ ଜୋରରେ ବୋବାଏ)। ସେମାନଙ୍କ ଖାଇବା ସମୟ ହୋଇଗଲେ ତୁମକୁ ଜଣାଇବା ଲାଗି ମଧ୍ୟ ଚିଲାନ୍ତି। ମଣିଷଙ୍କର ବିଭିନ୍ନ ଶବ୍ଦ ଉଚ୍ଚାରଣ ଶୈଳୀ ବିକାଶ ହେବା ଭଳି ଛେଳିଙ୍କ ସ୍ୱରର ବିକାଶ ହୋଇଥାଏ। ସେମାନେ ଯାହା ସହ ଓ ଯେଉଁଠି ରହନ୍ତି ତା'ଉପରେ ଏହା ନିର୍ଭର କରେ। ୨୦୧୨ରେ ଗବେଷକ ବ୍ରିଫର ଏବଂ ମ୍ୟାକ-ଏଲିଗୋଟଙ୍କ ଦ୍ୱାରା କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି ଯେ,ଏକା ଗ୍ରୁପରେ ବା ଗୋଠରେ ବଢିଥିବା ଛେଳିଛୁଆମାନଙ୍କର ସ୍ୱର ବା ଡ଼ାକ ଅନେକ ସମୟରେ ଅଧିକ ସମାନ ରହିଥିଲା। ବିଭିନ୍ନ ଗ୍ରୁପରେ ବଢ଼ିଥିବା ଛୁଆମାନଙ୍କ ସ୍ୱର ଭିନ୍ନ ରହୁଥିବାବେଳେ ଏମାନଙ୍କର ସ୍ୱର ସମାନ ରହିଥିଲା। ଗୋଟିଏ ସପ୍ତାହ ଓ ୫ ସପ୍ତାହ ତଳର ଛେଳିଙ୍କ ସ୍ୱରକୁ ସେମାନେ ମଧ୍ୟ ତୁଳନା କରିଥିଲେ । ଗୋଟିଏ ଗ୍ରୁପ୍‌ରେ ଥିବା ଛେଳିଛୁଆମାନଙ୍କ ସ୍ୱରରେ ବହୁ ସାମଞ୍ଜସ୍ୟ ରହିଥିଲା। ବିଭିନ୍ନ ଗ୍ରୁପ ତୁଳନାରେ ଏମାନଙ୍କର ସ୍ୱରର ସାମଞ୍ଜସ୍ୟ ଅଧିକ ରହିଥିଲା। ଏହା ମଧ୍ୟ ଗାଈମାନଙ୍କ କ୍ଷେତ୍ରରେ ଘଟିଥାଏ। ବିଭିନ୍ନ ଗୋଠରୁ ଆସିଥିବା ଗାଈମାନଙ୍କ ହମ୍ବାଳରେ ପ୍ରଭେଦ ଥିବା ଇଂଲଣ୍ଡର ଡାଏରୀ ଫାର୍ମରମାନେ ଜାଣିବା ପରେ ଏହା ଉପରେ ଏକ ଗବେଷଣା କରାଯାଇଥିଲା। ଆଞ୍ଚଳିକ ଭିତ୍ତିରେ ମଣିଷଙ୍କ ସ୍ୱର ଯେଭଳି ରହିଥାଏ ଗାଈମାନଙ୍କର ବି ସେମିତି ରହେ। ଏଥିରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ, ସାମାଜିକ ପରିବେଶ ଅନୁସାରେ ପ୍ରାଣୀମାନେ ମଧ୍ୟ ସ୍ୱର ପରିବର୍ତ୍ତନ ବା ବିକଶିତ କରିପାରନ୍ତି, ଅର୍ଥାତ ସେମାନେ ସହଜରେ ଭାଷା ବି ଶିଖିଥାନ୍ତି।

ଆମେ ଯଦି ସମ୍ପର୍କ , ସ୍ମୃତିଶକ୍ତି ବିଷୟକୁ ଲକ୍ଷ୍ୟ କରିବା ତେବେ ଗର୍ଭସ୍ଥ ଶିଶୁଟିଏ କିପରି ଶୁଣି ମନେରଖିପାରେ ତା'ର କାହାଣୀ ମହାଭାରତରେ ଉଲ୍ଲେଖ ରହିଛି। ଶୁଭଦ୍ରାଙ୍କୁ ଚକ୍ରବ୍ୟୁହର ରହସ୍ୟ ସମ୍ବନ୍ଧରେ କୁହାଯିବା ସମୟରେ ଗର୍ଭରେ ରହି ଅଭିମନ୍ୟୁ ତାହାକୁ ଶୁଣି ମନେ ରଖିଥିଲେ। ଗର୍ଭରେ ଶିଶୁ ରହି ବାହାରର ମ୍ୟୁଜିକ ଓ କଥୋପକଥନ ଭଳି କାର୍ଯ୍ୟକ୍ରମ ଉପରେ ସକାରାତ୍ମକ ପ୍ରତିକ୍ରିୟା ପ୍ରକାଶ କରିବା ବିଷୟକୁ ମଧ୍ୟ ସମ୍ପୂର୍ଣ୍ଣ ବିଜ୍ଞାନରେ ଗ୍ରହଣ କରାଯାଉଛି। ବହୁ ସମୟରେ ଗର୍ଭବତୀ ମା'ମାନେ ସେମାନଙ୍କ ଗର୍ଭସ୍ଥ ଶିଶୁଙ୍କୁ ଗୁଣୁଗୁଣୁ ବା ଧୀରେଧୀରେ କହିବା ଦେଖାଯାଇଥାଏ। ଏହା ମଧ୍ୟ ପ୍ରାଣୀମାନଙ୍କ କ୍ଷେତ୍ରରେ ଘଟିଥାଏ। ମା' କୁକୁଡ଼ାଟିଏ ଛୁଆ ଫୁଟିବା ପୂର୍ବରୁ ସେମାନଙ୍କ ସହ କଥା ହୁଏ। ଅଣ୍ଡା ଉଷୁମାଇବା ସମୟରେ କିମ୍ବା ସେଗୁଡ଼ିକୁ ପେଟତଳେ ଏପାଖସେପାଖ କରିବାବେଳେ ସେ କୁକ୍କୁକକ୍ ଶବ୍ଦ କରେ। ଅଣ୍ଡା ଭିତରେ ଥିବା ଛୁଆମାନଙ୍କ ମସ୍ତିଷ୍କରେ ଆରମ୍ଭରୁ ସେମାନଙ୍କ ମା'ର ଶବ୍ଦ ରହିଯାଏ। ଏହାଦ୍ୱାରା ଛୁଆ ଫୁଟିବା ପରେ ଅନ୍ୟ କୁକୁଡ଼ାଙ୍କ ମଧ୍ୟରେ ମା'ର ଶବ୍ଦକୁ ସେମାନେ ସ୍ପଷ୍ଟ ଜାଣିପାରିଥାନ୍ତି। ଅଣ୍ଡା ଫୁଟିବାର ଶେଷ ପର୍ଯ୍ୟାୟରେ ଅଣ୍ଡାକୁ ଖୁମ୍ପି ବହାରକୁ ଆସିବା ଓ ସେମାନେ ସୁରକ୍ଷିତ ରହିଛନ୍ତି ବୋଲି ଆଶ୍ୱାସନା ଦେଉଥିବା ମା'କୁକୁଡ଼ାର ସ୍ୱର ପ୍ରତି ସେମାନେ କେତେ ପ୍ରତିକ୍ରିୟା ପ୍ରକାଶ କରିଥାନ୍ତି । ଏହା ମଧ୍ୟ ପ୍ରମାଣ କରାଯାଇଛି ଯେ,କୁକୁଡ଼ାଛୁଆଗୁଡ଼ିକର ବୋଧଶକ୍ତି ଓ ଯୋଗ୍ୟତାକୁ ଆଧାର କରି ମା'କୁକୁଡ଼ା ସେମାନଙ୍କୁ ଶିଖାଇବାର ଧାରାରେ ପରିବର୍ତ୍ତନ କରିଥାନ୍ତି। ଯଦି କୁକୁଡ଼ା ଛୁଆ କମ୍ ଶିଖୁଥାଏ ତେବେ ତା ପାଇଁ ମା' ତା'ଶିକ୍ଷାର ଗତି ମନ୍ଥର କରିଦିଏ। ଯେମିତି ଖାଇବାବେଳେ ଆମ ମା'ଆମ ଆଡକୁ ସନ୍ତୁଳିତ ଆହାର ଠେଲିଦେଇ ଖରାପ ଖାଦ୍ୟଠାରୁ ଦୂରେଇ ରଖେ, ସେମିତି ମା'କୁକୁଡ଼ା ତା'ଛୁଆମାନଙ୍କୁ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବାକୁ ଉତ୍ସାହିତ କରେ। ନିକଟରେ ଏହା ଉପରେ ବି ଏକ ଗବେଷଣା କରାଯାଇଥିଲା। ଏଥିରେ ମା' କୁକୁଡ଼ାମାନଙ୍କୁ ସେମାନଙ୍କ ପସନ୍ଦ ଖାଦ୍ୟର ରଙ୍ଗ ଓ ଅନୁପଯୁକ୍ତ ଖାଦ୍ୟର ରଙ୍ଗକୁ ଚିହ୍ନଟ କରିବା ଲାଗି ପ୍ରଶିକ୍ଷଣ ଦିଆଯାଇଥିଲା। ପରେ ଏକ ଅଲଗା ରୁମ୍‌ରେ ମା'କୁକୁଡ଼ାମାନେ ଯେଉଁ ଖାଦ୍ୟକୁ ଖାଇବା ଲାଗି କମ୍ ପସନ୍ଦ କରନ୍ତି ତାହାକୁ ସେମାନଙ୍କ ଛୁଆମାନଙ୍କୁ ଦିଆଯାଇଥିଲା । ସେମାନେ ଖାଇବାବେଳେ ମା'ଡ଼କୁକୁଡ଼ାଙ୍କୁ ତାହା ଲକ୍ଷ୍ୟ କରିବାକୁ ଛାଡି ଦିଆଯାଇଥିଲା। ଛୁଆମାନେ ଭୁଲ୍ କରୁଥିବା ଜାଣିପାରି ଏଭଳି ଖରାପ ଖାଦ୍ୟଠାରୁ ଦୂରେଇ ରଖିବା ଲାଗି ସେମାନେ ମାଟିକୁ ବାରମ୍ବାର ଖୁମ୍ପି ଓ ଆମ୍ପୁଡ଼ି ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିଥିଲେ। କୁକୁଡ଼ା ଛୁଆମାନଙ୍କୁ ଖରାପ ଖାଦ୍ୟଠାରୁ ଦୂରେଇ ରଖି ଭଲ ଖାଦ୍ୟପ୍ରତି ଆକର୍ଷିତ କରିବା ପାଇଁ ସେମାନେ ଏଭଳି କରିଥିଲେ। ମା'ସବୁବେଳେ ମା'। ଛୁଆର ଭଲ ସେ ସବୁବେଳେ ଚାହିଁଥାଏ। ମଣିଷ କ୍ଷେତ୍ରରେ ଯାହା ପ୍ରାଣୀଙ୍କ କ୍ଷେତ୍ରରେ ବି ସେୟା।

ପ୍ରାଣୀମାନେ ଆମ ଭଳି ଚିନ୍ତା କରନ୍ତି, କହନ୍ତି ଏବଂ ଆମ ଭଳି ବ୍ୟବହାର କରନ୍ତି,ଯାହାକୁ ଏବେ ବିଜ୍ଞାନ ଅସ୍ୱୀକାର କରିପାରୁ ନାହିଁ। ଆମେ ମନୁଷ୍ୟ ଭାବେ ତାହାକୁ କେମିତି ଅସ୍ୱୀକାର କରିବା। ସ୍ୱାଧୀନତା କେବଳ ଆମର ଜନ୍ମଗତ ଅଧିକାର ବୋଲି ଯଦି ଆମେ ଦାବି କରିବା,ତେବେ ଚିଡ଼ିଆଖାନା,ଫାର୍ମ, ପରୀକ୍ଷାଗାର,ଆବଦ୍ଧ ପଶୁଗୃହ, କଂସେଇଖାନାରେ ବନ୍ଦୀଭାବେ ରଖି ପ୍ରାଣୀମାନଙ୍କୁ ଭୟଙ୍କର ନିର୍ଯାତନା ଦେଇ ସେମାନଙ୍କ ପ୍ରତି ଆମେ କି ନ୍ୟାୟ କରିବା। ସମଭାବକୁ ଗ୍ରହଣ କଲେ ଏହା ହୁଅନ୍ତା ସବୁଠୁ ଖୁସି ଖବର। ମୁଁ ଜାଣେ, ମୋ ମୃତ୍ୟୁ ପୂର୍ବରୁ ଇକ୍ୱେଡୋରିଆନ ହିଲ୍ ଷ୍ଟାର ହ୍ୟୁମିଙ୍ଗବାର୍ଡର ପ୍ରେମସଙ୍ଗୀତ ଶୁଣିବାକୁ ଚାହିଁବି। ଅଣ୍ଡିରା ପକ୍ଷୀ ଗଳା ଫୁଲାଇ ତା'ଗଳାପରକୁ ଆକର୍ଷଣୀୟ କରି ଗାଇବା ଆରମ୍ଭ କରିଦିଏ ତା'ସାଥୀପାଇଁ। ଏହି ମେଟିଂ କଲ୍ ଏତେ ଉଚ୍ଚ( ୧୩,୪ କିଲୋହର୍ଜ) ଯେ ତାହାକୁ ଅନ୍ୟ କୌଣସି ପକ୍ଷୀ ଶୁଣିପାରନ୍ତି ନାହିଁ। କାରଣ ପକ୍ଷୀ ୧୦ କିଲୋହର୍ଜରୁ ଅଧିକ ଶୁଣିପାରିନଥାନ୍ତି। ସେମାନେ କାହିଁକି ଏଭଳି ଗାଆନ୍ତି ଜାଣନ୍ତି? ଏହି ପେମର ସ୍ୱର ପବନ, ଝରଣା ଓ ଅନ୍ୟ ପକ୍ଷୀଙ୍କ ସ୍ୱରକୁ ବି ଟପିଯାଏ। ସାଥୀ ଆଉ କିଛି ଶବ୍ଦ ଶୁଣି ନ ପାରି କେବଳ ତା ସ୍ୱରକୁ ହିଁ ଶୁଣେ। କି ଅଦ୍ଭୁତ ଏ ସ୍ୱର।

Email: gandhim@nic.in

## ଏଇ ଭାରତରେ

କର୍ତ୍ତବ୍ୟ ହିଁ ଭଗବାନ,ଏହା ଉପଲବ୍ଧି କରିଛନ୍ତି ଅଙ୍ଗନୱାଡି କର୍ମୀ ରେଲୁ ଭାସ୍‌ଭେ। ମହାରାଷ୍ଟ୍ରର ନନ୍ଦୁବାର ଜିଲା ବାସିନ୍ଦା ରେଲୁ ନର୍ମଦା ନଦୀରେ ପ୍ରତିଦିନ ୧୪ କି.ମି ନୌକା ଚଳାଇ ତାଙ୍କ ଗାଁର ଦୁର୍ଗମ ଅଞ୍ଚଳରେ ପହଞ୍ଚୁଛନ୍ତି। ସେଠାରେ ଗର୍ଭବତୀ ମା' ଓ ନବଜାତ ଶିଶୁମାନଙ୍କୁ ପୌଷ୍ଟିକ ଖାଦ୍ୟ ଓ ଔଷଧ ଯୋଗାଉଛନ୍ତି। ରେଲୁଙ୍କ ବୟସ ୨୮। ଆଦିବାସୀ ଅଧ୍ୟୁଷିତ ତାଙ୍କ ଗାଁକୁ ଯିବା ଲାଗି କୌଣସି ରାସ୍ତା ନାହିଁ। ଏହି ଗାଁଟି ନଦୀ ପାହାଡ଼ ମଧ୍ୟରେ ଭାଗ ଭାଗ ହୋଇ ରହିଛି। ୨୦୧୪ରେ ଅଙ୍ଗନୱାଡି କର୍ମୀ ଭାବେ ସେ କାର୍ଯ୍ୟରେ ଯୋଗଦେଇଥିଲେ। ୬ ବର୍ଷ ହେବ ସେ ନିଷ୍ଠାପର ଭାବେ ଏହି କାର୍ଯ୍ୟ କରି ଆସୁଛନ୍ତି। ପିଲାବେଳୁ ସେ ନଦୀରେ ଡଙ୍ଗା ଚଳାଇବା ଶିଖିଥିଲେ , ଯାହା ଏବେ ଲୋକଙ୍କ ସେବାରେ ଏହା ଲାଗିପାରୁଛି ବୋଲି କହନ୍ତି ରେଲୁ। ନାଉରିଆମାନଙ୍କ ଉପରେ ନିର୍ଭର କଲେ କାର୍ଯ୍ୟରେ ବିଳମ୍ବ ହେଉଥିବାରୁ ସେ ନିଜେ ଡଙ୍ଗା ନେଇ ଯାଉଛନ୍ତି। ଏଥିପାଇଁ ସେ ଦୁଇମାସ ଅଭ୍ୟାସ କରିଥିଲେ। ସକାଳୁ ଯାଇ ଫେରିବାବେଳକୁ ସନ୍ଧ୍ୟା ହୋଇଯାଏ। ଏବେ ସେ ସାଙ୍ଗରେ ତାଙ୍କ ୭ ବର୍ଷ ବୟସର ପୁଅ ଓ ୧୩ ମାସର ଝିଅକୁ ନେଇ କାର୍ଯ୍ୟ କ୍ଷେତ୍ରକୁ ଯାଉଛନ୍ତି। ସେଠାରେ ସକାଳ ୮ଟାରୁ ମଧ୍ୟାହ୍ନ ଯାଏ ମହିଳାମାନଙ୍କୁ ସାକ୍ଷାତ କରିବା ପରେ ଗାଁରେ ଥିବା ଶିଶୁମାନଙ୍କ ସମସ୍ୟା ବୁଝିବାକୁ ବାହାରିଯାଆନ୍ତି। ଲୋକମାନେ ସାଧାରଣତଃ ଅଙ୍ଗନୱାଡି କେନ୍ଦ୍ରକୁ ଆସିଥାନ୍ତି। କିନ୍ତୁ ଲକ୍‌ଡାଉନ ଯୋଗୁ ତାଙ୍କୁ ପ୍ରତିଦିନ ଗାଁର ସବୁ ସ୍ଥାନକୁ ଡଙ୍ଗା ନେଇ ଯିବାକୁ ପଡୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୩ ଡିସେମ୍ବର ୧୯୯୫

- ହାରାରେସ୍ଥିତ ଏକ ହ୍ରଦ ମଝିରେ ଡଙ୍ଗାବୁଡ଼ି ୨୨ ସ୍କୁଲ ପିଲା ମୃତ୍ୟୁବରଣ କରିଛନ୍ତି।
- ଶ୍ରୀଲଙ୍କା ସେନାବାହିନୀ ଓ ଏଲ୍‌ଟିଟିଇ ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ଘଟି ୮୦ ଉଗ୍ରପନ୍ଥୀଙ୍କ ମୃତ୍ୟୁ।
- ହିମାଚଳ ସଡ଼କ ପରିବହନ ନିଗମର ଏକ ବସ୍ ୧ ହଜାର ଫୁଟ ଗଭୀର ଖାତ ମଧ୍ୟକୁ ଖସିପଡ଼ିବା ଫଳରେ ୨୮ ଛାତ୍ରୀ ମୃତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 9 | | | | | | | | B | | 5 | |
| | | | 0 | 6 | A | | B | 9 | | | C | 3 | | |
| 5 | | 6 | | B | | 3 | | 1 | | | | | 2 | C |
| | | | | C | | E | | | | | 8 | 6 | | |
| B | | | 5 | 4 | 1 | 8 | | | | | | 7 | | |
| | | 8 | 1 | 0 | | C | E | 5 | | | D | | | |
| 2 | E | | | | D | | | 6 | | A | | | | 4 |
| | 6 | 9 | C | | | | | 3 | | | | | | 2 |
| 1 | 0 | C | | | | | 2 | B | | | 3 | | | |
| A | | | B | | 9 | 0 | 4 | | | | | | | |
| | C | 4 | | 1 | | | | | | 8 | | 5 | 0 | |
| | 3 | A | 8 | | 6 | | C | 7 | D | | | | | |
| E | | 2 | | | C | 9 | | | | | 5 | | 3 | D |
| | | 0 | 3 | | | | | | | 2 | | A | 1 | |
| | | | | E | | 5 | | | | 9 | A | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 3 | 8 | E | 4 | D | 2 | C | 5 | 1 | 6 | B | A | 7 | 9 |
| 7 | 6 | 4 | B | 3 | A | 1 | D | 9 | E | 2 | C | 0 | 5 | 8 |
| C | 2 | D | 8 | 9 | 1 | A | 3 | 0 | 5 | 4 | 7 | B | 6 | E |
| B | E | A | 7 | 5 | 2 | 4 | 8 | 6 | 9 | 0 | 3 | 1 | C | D |
| 1 | 9 | 5 | 6 | C | 0 | B | 7 | E | A | D | 8 | 4 | 3 | 2 |
| 8 | C | 7 | 0 | E | 9 | 5 | 6 | 4 | B | 3 | D | 2 | A | 1 |
| 2 | 5 | E | 1 | A | C | 0 | B | 8 | 7 | 9 | 4 | 6 | D | 3 |
| D | 1 | 0 | 4 | 2 | 3 | 7 | E | C | 8 | A | 6 | 9 | B | 5 |
| 6 | 4 | 3 | D | 7 | B | 9 | 1 | A | 0 | 5 | 2 | 8 | E | C |
| 9 | A | B | 5 | 6 | 8 | 3 | 2 | D | C | 1 | E | 7 | 4 | 0 |
| A | 0 | 6 | 3 | 8 | 7 | D | 5 | 2 | 4 | E | 9 | C | 1 | B |
| 5 | B | 9 | C | D | E | 8 | A | 1 | 6 | 7 | 0 | 3 | 2 | 4 |
| 4 | 7 | C | 2 | 1 | 6 | E | 9 | B | 3 | 8 | 5 | D | 0 | A |
| 3 | 8 | 2 | A | 0 | 5 | C | 4 | 7 | D | B | 1 | E | 9 | 6 |
| E | D | 1 | 9 | B | 4 | 6 | 0 | 3 | 2 | C | A | 5 | 8 | 7 |

ଗତକାଲିର ଉତ୍ତର



# ଭୋକିଲା ଶିଶୁ ଓ ବିକାଶର ସ୍ୱପ୍ନ

ରାଜୀବ କର୍ମ

ବିଶ୍ୱ ଭୋକିଲା ସୂଚୀ ୨୦୨୦ ଅନୁସାରେ ଭାରତର ଅନେକ ଶିଶୁ ଆଜି ବି ଭୋକିଲା ସ୍ଥିତିରେ ଅଛନ୍ତି। ଗତ ମାସରେ ପ୍ରକାଶିତ ଏହି ସୂଚୀରେ ୧୦୭ଟି ମଧ୍ୟରୁ ୨୭.୨ ପଏଣ୍ଟ ସହ ଭାରତ ୯୪ତମ ସ୍ଥାନରେ ରହିଛି; ଯାହା କି ୨୦୦୦ ମସିହାରେ ୩୮.୯ ପଏଣ୍ଟ ସହ ୫୫ତମ ସ୍ଥାନରେ ଥିଲା। ଉକ୍ତ ତଥ୍ୟରେ ଦର୍ଶାଯାଇଛି ଯେ, ପଡ଼ୋଶୀ ବାଂଲାଦେଶ, ନେପାଳ ଏବଂ ପାକିସ୍ତାନର ଶିଶୁଙ୍କ ପୋଷଣ ସ୍ଥିତି ଭାରତଠାରୁ ଯଥେଷ୍ଟ ଭଲ। ଭାରତରେ ୨୦୧୦ରୁ ୨୦୧୪ ମଧ୍ୟରେ କୁପୋଷଣ ହାର ୧୫.୧ ଭାଗ ଥିବା ବେଳେ ୨୦୧୫ରୁ ୨୦୧୯ ମଧ୍ୟରେ ଏହାର ହାର ୧୭.୩ ଭାଗରେ ପହଞ୍ଚିଛି। ଏହି ସୂଚୀର ସର୍ବେକ୍ଷଣରେ ମୁଖ୍ୟତଃ ବୟସ ଅନୁସାରେ ଉଚ୍ଚତା, ଉଚ୍ଚତା ଅନୁସାରେ ଓଜନ, ତିବ୍ର କୁପୋଷଣ ଏବଂ ଶିଶୁ ମୃତ୍ୟୁହାରର ସ୍ଥିତିକୁ ମାପକାଠି ଭାବରେ ନିଆଯାଇଥିଲା। ଯେଉଁଥିରେ ଦେଖାଯାଇଛି ଯେ ଗତ ଦୁଇଦଶନ୍ଧି ଭିତରେ ବୟସ ଅନୁସାରେ କମ୍ ଉଚ୍ଚତାର ଶିଶୁଙ୍କ ସଂଖ୍ୟା କମିଛି କିନ୍ତୁ ଦୁର୍ବଳ ଶିଶୁଙ୍କ ସଂଖ୍ୟାରେ ବୃଦ୍ଧି ହୋଇଛି। ଏବେ ବି ଭାରତର ୧୪ ଭାଗ ଶିଶୁ ଉପଯୁକ୍ତ ପୋଷଣ ପାଇପାରୁ ନାହାନ୍ତି। ପରିତାପର ବିଷୟ,ଅନେକ ଛୋଟଛୋଟ ଅଣ ବିକଶିତ ଦେଶଠାରୁ ବି ଭାରତର ଭୋକିଲା ଶିଶୁଙ୍କ ସ୍ଥିତି ଉଦ୍‌ବେଗଜନକ।

ଶିଶୁମାନଙ୍କୁ ଭୋକିଲା ରଖି କୌଣସି ଦେଶର ବିକାଶ ହେବ ନାହିଁ। ଶୈଶବରେ ଉପଯୁକ୍ତ ପୋଷଣ ଶିଶୁକୁ ମାନସିକ ଏବଂ ଶାରୀରିକ ଭାବରେ ପୂର୍ଣ୍ଣାଙ୍ଗ କରିଥାଏ। ଏହି ସମୟରେ ଯଦି ପୁଷ୍ଟିକର ଖାଦ୍ୟର ଅଭାବ ହୁଏ ତେବେ ଅପପୁଷ୍ଟି ଏବଂ ରକ୍ତହୀନତା ଆଦି ରୋଗ ଦେଖାଦିଏ। ଯାହାଫଳରେ ଶିଶୁଟି ଉପଯୁକ୍ତ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସୁବିଧା ଗ୍ରହଣ କରିପାରେ ନାହିଁ; ଯଦ୍ୱାରା ତା'ର ଭବିଷ୍ୟତ ପ୍ରଭାବିତ ହେବ ଏବଂ ସମାଜରେ ତାହାର ଭାଗୀଦାରିତା କମିଯିବ। ଫଳରେ ସେ ପରିବାର ଚଳେଇବାରେ ଅସୁବିଧାର ସମ୍ମୁଖୀନ ହେବା ସଙ୍ଗେସଙ୍ଗେ ଦେଶ ଏକ ଉତ୍ପାଦନକ୍ଷମ ଯୁବକକୁ ହରାଇବ।

ଦାରିଦ୍ର୍ୟତା ହେତୁ ଲୋକମାନେ ପୁଷ୍ଟିକର ଖାଦ୍ୟ ପାଉ ନାହାନ୍ତି। ପୁଷ୍ଟିକର ଖାଦ୍ୟକୁ ସୁନିଶ୍ଚିତ କରିବା ପାଇଁ ଆମ ଦେଶରେ ଅନେକ ଆଇନ ଅଛି। ଦାରିଦ୍ର୍ୟକୁ କମ୍ କରିବା ନିମିତ୍ତ ଯୋଜନାର ମଧ୍ୟ ଅଭାବ ନାହିଁ। ଆୟରେ ବୃଦ୍ଧି ହେଲେ ଲୋକଙ୍କ କ୍ରୟ କ୍ଷମତା ବଢ଼ିବ ଏବଂ ଗରିବୀ ହଟିବ। ଜିଇବାର ମାନଦଣ୍ଡରେ ବୃଦ୍ଧି ହେବ। ଗ୍ରାମାଞ୍ଚଳର ଲୋକଙ୍କ ଆୟରେ ବୃଦ୍ଧି ଲକ୍ଷ୍ୟରେ ୨୦୦୫ରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଆରମ୍ଭ ହୋଇଛି। ଲୋକଙ୍କୁ ଆବଶ୍ୟକ ମୁତାବକ ନିଜ ଘର ପାଖରେ କାମ ଯୋଗାଇ ଦେଇ ରୋଜଗାର ବଢ଼ାଇବା ଏହାର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମ ଦ୍ୱାରା ଅନେକ ଶ୍ରମ ଦିବସ ସୃଷ୍ଟି ହୋଇଛି କିନ୍ତୁ ଠିକ୍ ସମୟରେ ମଜୁରି ନ ପାଇବାରୁ କାମ କରିବାକୁ ଲୋକ ଅଗ୍ରହ ପ୍ରକାଶ କରୁ ନାହାନ୍ତି। ଫଳରେ ଲୋକ ବଦଳରେ ମେଶିନ୍ ଦ୍ୱାରା କାମ କରାଯାଉଛି; ଯାହାଦ୍ୱାରା ଲୋକଙ୍କ ପାଖକୁ ପଇସା ଗଲା ନାହିଁ କି ଦାରିଦ୍ର୍ୟରେ କିଛି ପରିବର୍ତ୍ତନ ହୋଇପାରିଲା ନାହିଁ।

ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା ୬ ବର୍ଷରୁ କମ୍ ଶିଶୁଙ୍କର ଅପପୁଷ୍ଟିକୁ ରୋକିବା ପାଇଁ ଏକ ଅଭିନବ କାର୍ଯ୍ୟକ୍ରମ। ଯେଉଁଠି ମା' ଗର୍ଭରୁ ୬ ବର୍ଷର ଶିଶୁମାନେ ଯେପରି କୁପୋଷଣର ଶିକାର ନ ହେବେ ସେଥିପାଇଁ ପରିପୂରକ ଖାଦ୍ୟ ଯୋଗାଇ ଦିଆଯାଇଥାଏ। କେତେକ ଆଭ୍ୟନ୍ତରୀଣ ଅଞ୍ଚଳ ବ୍ୟତୀତ ପ୍ରାୟତଃ ସବୁ ସ୍ଥାନରେ ଗତ ୪୫ ବର୍ଷଧରି ଏହି ସେବା ଚାଲି ଆସୁଛି। ପୁଷ୍ଟିକର ଖାଦ୍ୟର ଅଭ୍ୟାସ ବିଷୟରେ ଲୋକଙ୍କୁ ସଚେତନ କରିବା ଏବଂ ଅପପୁଷ୍ଟିକୁ ରୋକିବା ପାଇଁ ପରିପୂରକ ଖାଦ୍ୟ ଯୋଗାଇବା ଏହାର ମୂଳ ଲକ୍ଷ୍ୟ। ବର୍ତ୍ତମାନ ଅଙ୍ଗନୱାଡି କେନ୍ଦ୍ରରେ ପୁଷ୍ଟିକର ଖାଦ୍ୟରେ ପିଲାଙ୍କୁ ଚୂନା ମାଛ ଦେବାପାଇଁ ସରକାର ପରୀକ୍ଷା ମୂଳକ ଭାବରେ ଆରମ୍ଭ କରିବାକୁ ଯାଉଛନ୍ତି, ଯାହା କି ଏକ ସ୍ୱାଗତମୂଳକ ପଦକ୍ଷେପ। କିନ୍ତୁ ଅନେକ ସମୟରେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ମିଳୁଥିବା ଅନେକ ସେବାର ଲାଭ ସମସ୍ତେ ପାଇପାରୁ ନାହାନ୍ତି। କେନ୍ଦ୍ରକୁ ପିଲାମାନେ ଠିକ୍ ଭାବରେ ଆସୁ ନ ଥିବାରୁ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଏବଂ କେନ୍ଦ୍ରରେ ଦିଆଯାଉଥିବା ପରିପୂରକ ଖାଦ୍ୟରୁ ବଞ୍ଚିତ ହେଉଛନ୍ତି। ଅନେକ କେନ୍ଦ୍ରରେ ଅତ୍ୟନ୍ତ ନିମ୍ନମାନର ଛତୁଆ ଦିଆଯାଉଥିବାରୁ କେହି ପସନ୍ଦ କରୁନାହାନ୍ତି। ଅନେକ ଅଙ୍ଗନୱାଡି କେନ୍ଦ୍ରରେ ପ୍ରାକ୍ ବିଦ୍ୟାଳୟ କାର୍ଯ୍ୟକ୍ରମ ସହିତ କିଛି ଜନ ସଚେତନତା କାର୍ଯ୍ୟକ୍ରମ ଛାଡ଼ିଦେଲେ ଅନ୍ୟ କୌଣସି କାର୍ଯ୍ୟକ୍ରମ ଚାଲୁ ନାହିଁ। ଯଦି ଏହି କାର୍ଯ୍ୟକ୍ରମକୁ ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଆନ୍ତା ତେବେ ୫୦ରୁ ୬୦ ଶତକଡ଼ା ଶିଶୁଙ୍କ ଅପପୁଷ୍ଟି ରୋକାଯାଇ ପାରନ୍ତା।

ଖାଦ୍ୟକୁ ସୁନିଶ୍ଚିତ କରିବା ପାଇଁ ୨୦୧୩ରୁ ଲାଗୁ ହୋଇଥିବା ଜାତୀୟ ଖାଦ୍ୟ ନିରାପତ୍ତା ଆଇନରେ ୭୫ ଭାଗ ଗ୍ରାମାଞ୍ଚଳର ଲୋକ ଏବଂ ୫୦ ଭାଗ ସହରାଞ୍ଚଳର ଲୋକ ଉପକୃତ ହେଉଛନ୍ତି। ଏହି ଆଇନ ଅନୁସାରେ ସବୁଠାରୁ ଗରିବ ଶ୍ରେଣୀର ପରିବାରର ପୁଷ୍ଟିକର ଖାଦ୍ୟକୁ ସୁନିଶ୍ଚିତ କରିବା ପାଇଁ ରିହାତି ଦରରେ ମୁଣ୍ଡପିଛା ପ୍ରତିମାସ ୫ କେ.ଜି. ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଥାଏ। ଆମ ରାଜ୍ୟରେ ଏହି ଯୋଜନା ୨୦୧୫ରୁ ଆରମ୍ଭ ହୋଇଛି। ବିଦ୍ୟାଳୟରେ ଚାଲୁଥିବା ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଏବଂ ଅଙ୍ଗନୱାଡି ସେବା ମଧ୍ୟ ଏହି ଆଇନର ଅନ୍ତର୍ଭୁକ୍ତ। ଯେଉଁମାନେ ଯାତାୟାତର ଅଭାବ ହେତୁ ଖାଦ୍ୟ ଶସ୍ୟ ପାଇବାରୁ ବଞ୍ଚିତ ହେବେ ତାଙ୍କୁ ଏହି ଆଇନ୍ ଅନୁସାରେ ଭତ୍ତା ଦେବାର ବ୍ୟବସ୍ଥା ମଧ୍ୟ ଅଛି। ଅର୍ଥାତ୍ କୌଣସି ଲୋକ ଯେପରି ଭୋକରେ ନ ରହିବେ ତାହାକୁ ସୁନିଶ୍ଚିତ କରିବା ଏହାର ମୂଳ ଲକ୍ଷ୍ୟ।

ସମୃଦ୍ଧି ଏବଂ ବିକାଶ ଦୁଇଟି ଅଲଗା କଥା। ଅନେକ ଲୋକ ସମୃଦ୍ଧିକୁ ବିକାଶର ସଂଜ୍ଞା ଭାବରେ ବିଚାର କରିଥାନ୍ତି। ଶାରୀରିକ ବିକାଶ ଏବଂ ଆନ୍ତରିକ ବିକାଶ ସମାନ ନୁହେଁ। ବିକାଶ ଦୀର୍ଘସ୍ଥାୟୀ କିନ୍ତୁ ସମୃଦ୍ଧି କ୍ଷଣ ସ୍ଥାୟୀ। ବିକାଶ ହେଲେ ସମୃଦ୍ଧି ସୁନିଶ୍ଚିତ ମାତ୍ର କେବଳ ସମୃଦ୍ଧି ହେଲେ ବିକାଶ ଅନିଶ୍ଚିତ। ଗୁଣାତ୍ମକ ଶିକ୍ଷା, ଉପଯୁକ୍ତ ସ୍ୱାସ୍ଥ୍ୟସେବା ଏବଂ ଭିତ୍ତିଭୂମିର ଉନ୍ନତି ମାଧ୍ୟମରେ ବିକାଶ ହୋଇଥାଏ। ଆମେ ଅନେକ ସମୟରେ ଭିତ୍ତିଭୂମି ବୃଦ୍ଧିର ମାପକାଠିରେ ବିକାଶର ସଂଜ୍ଞା ମାପିଥାଉ। ଆମର ଜନ ପ୍ରତିନିଧି ହୁଅନ୍ତୁ କିମ୍ବା ସରକାରୀ ଅଧିକାରୀ ହୁଅନ୍ତୁ ଅନେକଙ୍କ ଧାରଣା ରାସ୍ତାଘାଟ, କଳକାରଖାନା, ସେତୁ ଇତ୍ୟାଦି ନିର୍ମାଣରେ ବିକାଶ ହୋଇଥାଏ। ଧୀରେଧୀରେ ସାଧାରଣ ଲୋକଙ୍କର ମଧ୍ୟ ଧାରଣା ସେଇ ଆଡ଼କୁ ଯାଉଛି। ତେଣୁ ଅନେକ ସମୟରେ ଲୋକମାନେ ବିଦ୍ୟାଳୟ ପରିବର୍ତ୍ତେ ଗୋଷ୍ଠୀ କେନ୍ଦ୍ର, ସ୍ୱାସ୍ଥ୍ୟସେବା ପରିବର୍ତ୍ତେ ରାସ୍ତାଘାଟ, ରୋଜଗାର ପରିବର୍ତ୍ତେ ସେତୁ ନିର୍ମାଣ ଇତ୍ୟାଦି ଦରକାର କରିଥାନ୍ତି। ଫଳତଃ ଗାଁ ପାଇଁ ଅନେକ ଯୋଜନା ହୁଏ, ବ୍ୟୟ ଅଟକଳ ହୁଏ, ଅନେକ ଅନୁଦାନ ଆସେ କିନ୍ତୁ ଲୋକଙ୍କର ଜୀବନ ଧାରଣରେ ଉନ୍ନତି ହୁଏ ନାହିଁ।

କାର୍ଯ୍ୟକ୍ରମ ଯାହା ଭୋକ ମେଣ୍ଟାଇ ପାରୁନାହିଁ ତାହାଦ୍ୱାରା ବିକାଶ ଏକ ସ୍ୱପ୍ନ ସଦୃଶ। ମାଲମାଲ ଯୋଜନା ପରେ ବି ଭୋକିଲାଙ୍କ ସ୍ଥିତି ବଢ଼ିବଢ଼ି ଚାଲିବା ଏହାର ସଦ୍ୟତମ ଉଦାହରଣ। ଯୋଜନା ଅଛି, ଲୋକଙ୍କ ପାଖକୁ ପହଞ୍ଚି ପାରୁ ନାହିଁ। ଖାଦ୍ୟ ସାମଗ୍ରୀ ବାଟ ମାରଣା, ବିସମ ବଣ୍ଟନ ବ୍ୟବସ୍ଥା, ପୁଷ୍ଟି ବିଯୁକ୍ତ ଖାଦ୍ୟ, ସରକାରୀ ଅବହେଳା ଏବଂ ଜନ ସଚେତନତାର ଅଭାବ ସ୍ଥିତିକୁ ଆହୁରି ଜଟିଳ କରୁଛି। ଏସବୁର ଉପଯୁକ୍ତ ପରିଚାଳନା ବିନା ବିକାଶ ଅସମ୍ଭବ। କେତୋଟି ଦିଗ ପ୍ରତି ଧ୍ୟାନ ଦେଲେ ଅପପୁଷ୍ଟିକୁ କିଛି ମାତ୍ରାରେ କମ୍ କରାଯାଇପାରିବ। ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍‌କୁ କଡ଼ା କଡ଼ି ଭାବରେ ପାଳନ କରିବା ଅତ୍ୟନ୍ତ ଜରୁରୀ। ପ୍ରତି ଘରକୁ ଖାଦ୍ୟ ସାମଗ୍ରୀ ପହଞ୍ଚିବାକୁ ସୁନିଶ୍ଚିତ କରିବା ଦରକାର। ବିଦ୍ୟାଳୟ ଏବଂ ଅଙ୍ଗନୱାଡିରେ ଦିଆଯାଉଥିବା ଖାଦ୍ୟରେ ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟକୁସାମିଲ କରିଏହାର ଗୁଣବତ୍ତାକୁବୃଦ୍ଧିକରିବା। ଉତ୍ପାଦିତ ଖାଦ୍ୟ ସାମଗ୍ରୀର ବିକ୍ରି ପାଇଁ ଗ୍ରାମାଞ୍ଚଳରେ ଥିବା ଛୋଟଛୋଟ ବଜାର ଗୁଡ଼ିକୁ ମଜଭୁତ କରିବା। ଖାଦ୍ୟର ମାନ ଅନୁସାରେ ମୂଲ୍ୟ ନିର୍ଦ୍ଧାରଣ କରିବା। ଅଧିକରୁ ଅଧିକ ଖାଦ୍ୟ ଶସ୍ୟର ଉତ୍ପାଦନ ଏବଂ ସୁକ୍ଷମ ବଣ୍ଟନ ବ୍ୟବସ୍ଥା। ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ସହିତ ମା ଓ ଶିଶୁ ସ୍ୱାସ୍ଥ୍ୟର ଉନ୍ନତି ଏବଂ ଶିକ୍ଷା ମାଧ୍ୟମରେ ପୁଷ୍ଟିକର ଖାଦ୍ୟର ଅଭ୍ୟାସ ବୃଦ୍ଧି ସକାଶେ ଯୁବକମାନଙ୍କୁ ସାମିଲ କରିବା। ଖାଦ୍ୟ ନିରାପତ୍ତା ଏବଂ ପରିବାରର ସାମୂହିକ ବିକାଶ ପାଇଁ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନର ମିଳିତ ସହଯୋଗରେ ଯୋଜନା ପ୍ରସ୍ତୁତି ଏବଂ ରୂପାୟନ ଇତ୍ୟାଦି କେତେକ କାର୍ଯ୍ୟକ୍ରମ ମାଧ୍ୟମରେ ଭୋକିଲା ଶିଶୁଙ୍କ ସ୍ଥିତିରେ ସୁଧାର ସମ୍ଭବ ହୋଇପାରେ।

ଶଗଡ଼ା, ବୌଦ୍ଧ
ମୋ- ୮୩୨୮୮୪୮୧୪୫

# ଧର୍ମବଳ

ଅଲେଖ ଚନ୍ଦ୍ର ମିଶ୍ର

କୌଣସି ଏକ ଗ୍ରାମରେ ବାସ କରୁଥିଲେ ଜଣେ କୁଳୀନ ପଣ୍ଡିତ। ଦୁର୍ଭାଗ୍ୟକୁ ସେ ଖୁବ୍ ଦରିଦ୍ର ଥିଲେ। ଥରେ ସେ ଗ୍ରାମରେ ଏକ ଯଜ୍ଞ ଅନୁଷ୍ଠିତ ହେଲା। ନବଦିନବ୍ୟାପୀ ଯଜ୍ଞକୁ ଲୋକେ ଖୁବ୍ ଆନନ୍ଦ, ଉତ୍ସାହରେ ପାଳନ କଲେ। ଯଜ୍ଞ ଶେଷ ହେବାର ଦୁଇତିନି ଦିନ ପରେ ଗ୍ରାମର ଜଣେ ମହିଳା ନିକଟସ୍ଥ ନଦୀକୁ ପାଣି ଆଣିବାକୁ ଯାଇଥିବା ବେଳେ ହଠାତ୍ ବର୍ଷା ଆସିଯିବାରୁ ଆଶ୍ରୟ ପାଇଁ ସେ ପରିତ୍ୟକ୍ତ ଯଜ୍ଞ ଗୃହ ଭିତରକୁ ପଶିଗଲେ। କିଛି ସମୟ ଧରି ବର୍ଷା ଲାଗି ରହିଲା। ତାଙ୍କୁ ପରିସ୍ରା ଲାଗିଲା। କୁଆଡ଼େ ଯାଇ ନ ପାରି ସେ ଯଜ୍ଞକୁଣ୍ଡରେ ପରିସ୍ରା କରିଦେଲେ। ଆଶ୍ଚର୍ଯ୍ୟର କଥା ଯଜ୍ଞକୁଣ୍ଡରେ ଦେଖାଗଲା ଏକ ମୂଲ୍ୟବାନ ସ୍ୱର୍ଣ୍ଣମୁଦ୍ରା। ଆଗ୍ରହରେ ତାକୁ ଉଠେଇନେଇ ବର୍ଷାରେ ଓଦା ହୋଇ ବି ସେ ଘରକୁ ଚାଲି ଆସିଲେ। ଘର ଲୋକମାନେ ବି ଉତ୍ସାହିତ ହୋଇ ସେୟା କଲେ। କାନରୁ କାନ ହୋଇ କଥାଟା ସାରା ଗାଁରେ ବ୍ୟାପିଗଲା। ସମସ୍ତେ ଯଜ୍ଞକୁଣ୍ଡରେ ପରିସ୍ରା କରି ସ୍ୱର୍ଣ୍ଣମୁଦ୍ରା ସଂଗ୍ରହ କଲେ। ସେ କଥା ପଣ୍ଡିତିଆଣୀ ଶୁଣିଲେ। ଖୁବ୍ ଆଗ୍ରହରେ ପଣ୍ଡିତଙ୍କୁ ଜଣେଇଲେ। ଚାଲ ଆମେ ସେ ଯଜ୍ଞକୁଣ୍ଡରେ ପରିସ୍ରା କରି ସ୍ୱର୍ଣ୍ଣମୁଦ୍ରା ଆଣିବା। ଆମର ଦରିଦ୍ର ଅବସ୍ଥା ଆଉ ରହିବନି। କିନ୍ତୁ ପଣ୍ଡିତେ ରୋକଠୋକ୍ କହିଦେଲେ ଅସମ୍ଭବ। ଏଭଳି ଅଧର୍ମ ମୁଁ କରି ପାରିବିନି। ଗ୍ରାମବାସୀଙ୍କର ସେ ପାପକର୍ମ ପଣ୍ଡିତଙ୍କୁ ଖୁବ୍ ବାଧିଲା। ସେଭଳି ପାପୀଙ୍କ ସହିତ ରହିବାକୁ ସେ ଆଉ ଚାହିଁଲେନି। ହଠାତ୍ ଦିନେ ସପତ୍ନୀକ ଗାଁ ଛାଡିଲେ। ସେ ଗାଁର ସୀମା ଟପିଛନ୍ତି କି ନାହିଁ ଭୀଷଣ କୋଳାହଳ ଶୁଣି ଫେରି ଚାହିଁଲେ। ଭୟଙ୍କର ନିଆଁରେ ସାରା ଗାଁ ହୁତ୍‌ହୁତ୍ ହୋଇ ଜଳୁଥିଲା। ଲୋକମାନେ ବିକଳରେ ଇତସ୍ତତଃ ଧାଉଁଥିଲେ। କିଛି ସମୟ ପରେ ସବୁ ଘରଦ୍ୱାର, ଧନସମ୍ପଦ ପୋଡି ପାଉଁଶ ହୋଇଗଲା। କାଣୀ କଉଡିଟିଏ ବି ଉଦ୍ଧାର ହୋଇ ପାରିଲାନି। କେବଳ ପଣ୍ଡିତଙ୍କ ଘରଟି ଅକ୍ଷତ ରହିଥାଏ। ପଣ୍ଡିତେ ସ୍ତ୍ରୀଙ୍କର ମୁହଁକୁ ଚାହିଁଲେ। ଦୁଃଖରେ ଅଭିଭୂତ ପଣ୍ଡିତିଆଣୀ ପଣ୍ଡିତଙ୍କ ହାତକୁ ଧରି କହିଲେ, ଆଉ ମୋତେ କିଛି ବୁଝେଇବା ଦରକାର ନାହିଁ। ଗାଁକୁ ଫେରିଚାଲ। ଏଠିକାର ଲୋକଙ୍କୁ ବାଟକୁ ଆଣିବା ପାଇଁ ତୁମର ଆବଶ୍ୟକତା ରହିଛି। ସେତେବେଳକୁ ଗାଁବାଲା ବି ତାଙ୍କ ଆଡ଼କୁ ଆସୁଥିଲେ।

ଏ କାହାଣୀଟିକୁ କେହି କେହି କାଳ୍ପନିକ ଭାବିପାରନ୍ତି। କିନ୍ତୁ ଦୈନନ୍ଦିନ ଜୀବନରେ ନିଜେ ଶୁଣୁଥିବା, ଦେଖୁଥିବା ଅଥବା ଭୋଗୁଥିବା ଘଟଣାକୁ ତ ଅବିଶ୍ୱାସ କରିପାରିବେନି। ଆଜିକାଲି ଗାଧୁଆଘରେ ଗୋଡ଼ ଖସି ପଡିଯିବା ଏକ ସାଧାରଣ ଘଟଣା। କିନ୍ତୁ ସେଥିରେ କାହାର ମୃତ୍ୟୁ ହୋଇଯାଏ ତ କିଏ ଭୟଙ୍କର ଭାବରେ ଆହତ ହୋଇ ମାସ ମାସ ଧରି ଶଯ୍ୟାଶାୟୀ ହୁଏ। ଅନ୍ୟ କେହି ସାମାନ୍ୟ ଆଘାତ ପାଇ ଘରୋଇ ଯତ୍ନରେ ଭଲ ହୋଇଯାଏ। ଏକା ବସ୍‌ରେ ଅନେକ ଯାତ୍ରୀ ଯାଉଥିବେ। ହଠାତ୍ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହେଲେ କେହି ସେଇଠି ମରିଯାଏ। କେହି ଆଜୀବନ ବିକଳାଙ୍ଗ ହୋଇଯାଏ ତ କେହି ସାମାନ୍ୟ କ୍ଷତିଗ୍ରସ୍ତ ହୁଏ। ବେଳେ ବେଳେ ମାରାତ୍ମକ ଦୁର୍ଘଟଣାର ଶିକାର ହୋଇ ସାରା ପରିବାର ନିଶ୍ଚିହ୍ନ ହୋଇଗଲେ ବି ଶିଶୁଟିଏ ବା ବୃଦ୍ଧା/ବୃଦ୍ଧଟିଏ ବଞ୍ଚି ରହନ୍ତି। ଏଭଳି ଅନେକ କ୍ଷେତ୍ରରେ ଘଟଣା ଏକ ହେଲେ ବି ତା'ର ପରିଣାମ ଅନେକ। ଏମିତି କାହିଁକି ହୁଏ? ଜଣେ ଜଣେ ଲୋକ (ସ୍ତ୍ରୀ ବା ପୁରୁଷ) ଥାନ୍ତି ଯାହା ପାଇଁ ପରିବାରରେ ଧନସମ୍ପତ୍ତି ମାଡିଯାଏ। ସେ ଚାଲିଗଲା ପରେ କ୍ରମେ ସବୁ ଉଭେଇଯାଏ। ଏପରି ଘଟଣାସମୂହକୁ କେହି କେହି କର୍ମଫଳ, କେହି ଦଇବ ଦଣ୍ଡ ଓ ଅନ୍ୟ କେହି ଭାଗ୍ୟର ବିଡ଼ମ୍ବନା ବୋଲି କହିଥାନ୍ତି। ଏହି ସବୁ ସମ୍ଭାବନାର ମୂଳରେ ଥାଏ ଧର୍ମବଳ ଯାହା ସବୁଠାରୁ ଅଧିକ ପ୍ରଭାବଶାଳୀ। ମହାଭାରତର ବନପର୍ବରେ ବର୍ଣ୍ଣିତ ଯୁଧିଷ୍ଠିର-ଯକ୍ଷ ସମ୍ବାଦରେ ଅମିତ ପରାକ୍ରମଶାଳୀ ପାଣ୍ଡବ ଚାରିଭାଇ ଧର୍ମବଳକୁ ଅବମାନନା କରି ମୃତ୍ୟୁମୁଖରେ ପଡିଥିବା ବେଳେ ଧର୍ମରାଜ ଯୁଧିଷ୍ଠିରଙ୍କର ଧର୍ମବଳ ହିଁ ସେମାନଙ୍କୁ ଜୀବନ ଦାନ ଦେଇଥିଲା। ଧର୍ମ ଯୋଗୁ ପ୍ରଭୁ ଶ୍ରୀରାମ ଲଙ୍କା ଜୟ କରିଥିଲେ। ରାଜା ହରିଶ୍ଚନ୍ଦ୍ର ସ୍ୱଦେହରେ ସ୍ୱର୍ଗାରୋହଣ କରିଥିଲେ।

ତେବେ ଧର୍ମ କ'ଣ? ଧର୍ମର ଅର୍ଥ ଅତି ଗୂଢ଼ ଓ ପରିସର ବ୍ୟାପକ। ଧର୍ମସ୍ୟ ତତ୍ତ୍ୱଂ ନିହିତଂ ଗୁହାୟାଂ ମହାଜନୋ ଯେନ ଗତଃ ସ ପନ୍ଥା। ମହାଜନ (ପ୍ରତି ଯୁଗର ଅବତାରୀ ପୁରୁଷ ବା ପୁରୁଷୋତ୍ତମ- ଏମାନେ କୌଣସି ଯୁଗରେ ଦୁଇଜଣ ନ ଥାନ୍ତି, ତେଣୁ ଏକବଚନରେ ବ୍ୟବହାର କରାଯାଇଛି) ଯେଉଁ ପଥ ଦେଇ ଯାଆନ୍ତି, ବା ସେ ନିଜେ ଆଚରଣ କରି ଆମକୁ ଯାହା ଶିଖାଇଦିଅନ୍ତି, ଆମେ ନିଃସନ୍ଦେହରେ ତାହାକୁ ଅନୁସରଣ କରିବା ଉଚିତ। ତାହା ହିଁ ଧର୍ମର ପଥ। କିନ୍ତୁ ଆଜିକାଲି ପୂଜ୍ୟପୂଜାରେ ବ୍ୟତିକ୍ରମ ଓ ବେଖାତିର ମନୋଭାବ ଯୋଗୁ ଧାର୍ମିକ ଚିନ୍ତାଧାରାରେ ଦ୍ରୁତ ଅବକ୍ଷୟ ଘଟିଚାଲିଛି ଯାହାର କୁପରିଣାମ ଅନେକ ଅଜଣା ବ୍ୟାଧି, ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ଅସନ୍ତୁଳନ ଇତ୍ୟାଦି ସୃଷ୍ଟି କରୁଛି। ସେଥିରୁ ରକ୍ଷା ପାଇବାର ଉପାୟ କେବଳ ଧର୍ମବଳ।

ସାରଦାଶ୍ରୀ,୯୦୪ ଶାସ୍ତ୍ରୀନଗର, ୟୁନିଟ-୪,
ଭୁବନେଶ୍ୱର, ମୋ-୯୪୩୮୬୭୩୮୯୮

## ଚିରନ୍ତନୀ

ବିରହୀ ଚକୋର ଦମ୍ପତି
ତାଙ୍କୁ, ଦେବି ମୁଁ ମିଳନ-ସମ୍ପତ୍ତି,
ଭୁବନ ଚାହିଁଛି କାତରେ, ତାକୁ ମୁଁ
ବିରଚିବି ଶୋଭା ସଦନ
ହାହାକାରେ ପୂରେ ଗଗନ! -(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭାରତ ପାଇଁ ଗର୍ବର ବିଷୟ

ମହାଶୟ,

ଆମେରିକାରେ ସର୍ବପ୍ରଥମେ ଜଣେ ମହିଳା ଉପରାଷ୍ଟ୍ରପତି ନିର୍ବାଚିତ ହେବା ଫଳରେ ଏକ ନୂତନ ଇତିହାସ ସୃଷ୍ଟି ହେଲା। ଏହି ମହିଳା ହେଉଛନ୍ତି ଭାରତ ଓ ଜାମାଇକା ବଂଶଜ କମଳା ହାରିସ୍। ଏହା ଜାମାଇକା ପାଇଁ ଯେତିକି ଗର୍ବର ବିଷୟ ନୁହେଁ ଭାରତ ପାଇଁ ଅଧିକ ଗର୍ବର ବିଷୟ। ୨୦୨୧ ଜାନୁୟାରୀ ୨୦ରେ ବାଇଡେନ୍‌ଙ୍କ ସହ ସେ ଶପଥ ଗ୍ରହଣ କରିବେ। ଆମେରିକାର ଉଚ୍ଚସ୍ତରୀୟ ପଦ ପାଇଁ ହୋଇଥିବା ବହୁଚର୍ଚ୍ଚିତ ନିର୍ବାଚନରେ ଜିତିଥିବା ୫୬ ବର୍ଷ ବୟସ୍କା କମଳା ଜଣେ ଉଚ୍ଚଶିକ୍ଷିତା। ତାଙ୍କର ଅଜାଙ୍କ ଘର ହେଉଛି ତାମିଲନାଡୁ ରାଜ୍ୟ ତିରୁବାରୁର ଜିଲାର ମାନସଗୁଡି। ତାଙ୍କ ନାମ ପି.ଭି ଗୋପାଳନ। ଭାରତ ସରକାରଙ୍କ ଅଧୀନରେ ସେ ଯୁଗ୍ମ ସଚିବ ଭାବେ କାମ କରୁଥିଲେ। କମଳା ହାରିସ୍ ଉପରାଷ୍ଟ୍ରପତି ହେବା ପରେ ତାଙ୍କ ଗ୍ରାମରେ ବିରାଟ ଉତ୍ସବ ପାଳିତ ହୋଇଛି। ଜଣେ ଭାରତୀୟ ବଂଶଜ ମହିଳା ଉପରାଷ୍ଟ୍ରପତି ହେବା ପରେ ଆଶା କରାଯାଏ ଯେ ଭାରତ ଓ ଆମେରିକା ମଧ୍ୟରେ ସୁସମ୍ପର୍କ ନିଶ୍ଚିତଭାବେ ଶକ୍ତିଶାଳୀ ହେବ।

-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଅତର୍କିତ ଆକ୍ରମଣରେ ବାପ ପୁଅ ଗୁରୁତର

**ସିମୁଳିଆ(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ମାର୍କୋଣା ପଞ୍ଚାୟତର ନୟାପଲ୍ଲୀ ଗ୍ରାମରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ବାପ ପୁଅ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ନୟାପଲ୍ଲୀ ଗ୍ରାମର ମଧୁସୂଦନ ବେହେରା ଓ ତାଙ୍କ ପୁଅ ଗୋପାଳ ଘରେ ଥିବା ବେଳେ ବୁଧବାର ରାତିରେ ୨ଟି ବାଇକ୍‌ରେ ୪ ଯୁବକ ଆସି ମାରଣାସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ପାଟିତୁଣ୍ଡ ଶୁଣି ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଦୁର୍ବୃତ୍ତମାନେ ସେଠାରୁ ପଳାଇ ଯାଇଥିଲେ। ଆକ୍ରମଣର କାରଣ ସ୍ପଷ୍ଟ ହୋଇ ନାହିଁ।

# ସଂକ୍ଷେପରେ

## ୪ରେ ଆସୁଛନ୍ତି ଚେଲ୍ଲାକୁମାର

**ଭୁବନେଶ୍ୱର,୨।୧୨(ବ୍ୟୁରୋ):** କଂଗ୍ରେସର ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲାକୁମାର ଆସନ୍ତା ୪ତାରିଖରେ ୨ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱରରେ ଚେଲ୍ଲାକୁମାର ପହଞ୍ଚିବା ପରେ କଂଗ୍ରେସ ଭବନରେ ହେବାକୁ ଥିବା ବିଧାୟକ ଦଳ ବୈଠକରେ ଯୋଗ ଦେବେ। ସେହିଦିନ ଅପରାହ୍ନ ୪ଟାରେ ଦଳର ସାଂଗଠନିକ ସ୍ଥିତି ନେଇ ବରିଷ୍ଠ ନେତାଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ୫ତାରିଖ ଶନିବାର ନୟାଗଡ଼ ଗସ୍ତ କରି ମୃତ ପରୀର ପରିବାରକୁ ଭେଟିବାକୁ ଯିବେ। ସେଠାରୁ ଫେରି ପିସିସି ପର୍ଯ୍ୟବେକ୍ଷକ ଓ ଜିଲା ସଭାପତିଙ୍କ ବୈଠକରେ ଯୋଗ ଦେବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

## ୨୦୨୨ ସୁଦ୍ଧା ଅଶୋଧିତ ତୈଳ ଆମଦାନୀ ୧୦% ହ୍ରାସ ଲକ୍ଷ୍ୟ

**ଭୁବନେଶ୍ୱର,୨।୧୨(ବ୍ୟୁରୋ):** ୨୦୨୨ ସୁଦ୍ଧା ଦେଶର ଅଶୋଧିତ ତୈଳ ଆମଦାନୀ ୧୦ ପ୍ରତିଶତ ହ୍ରାସ କରିବା ନିମନ୍ତେ ଭାରତ ସରକାର ରୋଡମ୍ୟାପ ପ୍ରସ୍ତୁତ କରିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସ୍ୱରାଜ୍ୟ ପକ୍ଷରୁ ଆୟୋଜିତ ଆତ୍ମନିର୍ଭର ଭାରତରେ ତୈଳ ଓ ଗ୍ୟାସ କ୍ଷେତ୍ର ପାଇଁ ୨୦୩୦ର ଭିଜନ ଶୀର୍ଷକ ୱେବିନାରରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଇଜ୍ ଅଫ ଡୁଇଙ୍ଗ ବିଜନେସ୍‌କୁ ସର୍ବାଧିକ ପ୍ରାଥମିକତା ଦେଇଥିବାବେଳେ ଆଗାମୀ ଦିନରେ ଭାରତ ବିଶ୍ୱ ଉର୍ଜା ଚାହିଦା ଅଭିବୃଦ୍ଧିର ନେତୃତ୍ୱ ନେବ। ବର୍ତ୍ତମାନ ଭାରତ ବିଶ୍ୱ ପ୍ରାଥମିକ ଉର୍ଜାର କେବଳ ୬ପ୍ରତିଶତ ବ୍ୟବହାର କରୁଛି। ଏହାସତ୍ତ୍ୱେ ଭାରତର ମୁଣ୍ଡ ପିଛା ଉର୍ଜା ବ୍ୟବହାର ବିଶ୍ୱ ହାରାହାରିର ଏକ ତୃତୀୟାଂଶ ରହିଛି। ମାତ୍ର ଏଥିରେ ଦ୍ରୁତ ବୃଦ୍ଧି ପରିଲକ୍ଷିତ ହେଉଛି। ୨୦୪୦ ସୁଦ୍ଧା ମଜଭୁତ ଅର୍ଥନୈତିକ ଅଭିବୃଦ୍ଧି ସହ ଭାରତର ନିଜର ବାର୍ଷିକ ଉର୍ଜା ବ୍ୟବହାରରେ ୩ ପ୍ରତିଶୁତି ବୃଦ୍ଧି ଘଟିବ ବୋଲି ଆକଳନ କରାଯାଉଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବି

**କଣ୍ଟାପଡା,୨।୧୨(ଡି.ଏନ୍.ଏ.):** ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବିନେଇ ରାଜ୍ୟ ସାରା ପଦଯାତ୍ରାରେ ବାହାରିଥିବା ଜନସଚେତନତା ମଞ୍ଚର ଆବାହକ ସତ୍ୟବ୍ରତ ଦାସ ବୁଧବାର କଣ୍ଟାପଡ଼ାରେ ପହଞ୍ଚିଛନ୍ତି। ଓଡ଼ିଶା ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବାବେଳେ ମହାନଦୀ ଜଳ ସମସ୍ୟାର ସମାଧାନ ସ୍ଥାୟୀ ସମାଧାନ ନ ହେବାରୁ ଲକ୍ଷଲକ୍ଷ ଜୀବନ ପ୍ରଭାବିତ ହେଉଛି। ପୋଲାଭରମ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବହୁ ପରିବାର ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଏହି ପ୍ରକଳ୍ପକୁ ବନ୍ଦ କରିବା ଆଦି ଦାବି ନେଇ ସତ୍ୟବ୍ରତ ଜଗତ୍‌ସିଂହପୁର ଜିଲାରୁ ପଦଯାତ୍ରା ଆରମ୍ଭ କରିଛନ୍ତି। ବ୍ଲକ କାର୍ଯ୍ୟାଳୟ ପରିସରରେ କଣ୍ଟାପଡା ସାମ୍ବାଦିକ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିବାବେଳେ କଣ୍ଟାପଡ଼ା ପଞ୍ଚାୟତ ସମିତି ଅଧକ୍ଷା ସ୍ମିତାରାଣୀ ସ୍ୱାଇଁ, ଏବିଡିଓ ରୁବି ଦାସ ଓ ସାମାଜିକ କର୍ମୀ ସନ୍ତୋଷ ମାଝୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# କୋଭିଡ୍‌ରେ ୮ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କୁ କାମ ମିଳିଛି

- ଚଳିତ ବର୍ଷ ୧୦୦ କୋଟି ବ୍ୟବସାୟ ଲକ୍ଷ୍ୟ
- ସବୁ ଜିଲାରେ ବୁଦା କାଟିବା ଯୋଜନା କରିବାକୁ ପରାମର୍ଶ
- ଏପ୍ରିଲ, ମେ'ରେ ୨ଲକ୍ଷ କୁଇଣ୍ଟାଲ କେନ୍ଦୁପତ୍ର ସଂଗ୍ରହ

**ଭୁବନେଶ୍ୱର,୨।୧୨(ବ୍ୟୁରୋ)**

କୋଭିଡ-୧୯ ମହାମାରୀ ସତ୍ତ୍ୱେ ରାଜ୍ୟ ସରକାର ୮ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କୁ କାମ ଯୋଗାଇ ଦେବାରେ ସଫଳ ହୋଇଛନ୍ତି। କୋଭିଡ ଲକ୍‌ଡାଉନ ଓ ଶଟ୍‌ଡାଉନ ସହିତ ଫେବୃୟାରୀ ଓ ମାର୍ଚ୍ଚରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଚଳିତ ବର୍ଷ କେନ୍ଦୁପତ୍ର ସଂଗ୍ରହ କ୍ଷେତ୍ରରେ ୧୦୦ କୋଟି ଟଙ୍କାର ବ୍ୟବସାୟ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ବୁଧବାର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଡିଜିଟାଲ ମୋଡ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ କେନ୍ଦୁପତ୍ର ସମନ୍ୱୟ ସମିତି ବୈଠକରେ ଏହି ସୂଚନା ଦିଆଯାଇଛି। କେନ୍ଦୁପତ୍ର ସଂଗ୍ରହର ସମୀକ୍ଷା କରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଅଧିକ ବୁଦାକାଟିବା କାର୍ଯ୍ୟକୁ ସାମିଲ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଅଧିକ ବୁଦା କାଟିବା ଦ୍ୱାରା କେନ୍ଦୁପତ୍ର ଉତ୍ପାଦନ ଓ ସଂଗ୍ରହ ବୃଦ୍ଧି ପାଇବ। କେନ୍ଦୁପତ୍ର ପ୍ରକ୍ରିୟାକରଣର ମାନରେ ଉନ୍ନତି ଦେଖା ଦେବ। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଜିଲାସ୍ତରୀୟ ବୁଦା କଟିଂ ଯୋଜନା ପ୍ରସ୍ତୁତ କରିବା ସହ ଏହାକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି। ମୁଖ୍ୟ ବନ ସଂରକ୍ଷକ(କେନ୍ଦୁପତ୍ର) ପ୍ରଭାକର ବେହେରା ବୈଠକରେ ସୂଚନା ଦେଇ କହିଥିଲେ ଯେ, ଚଳିତ ବର୍ଷ ବୁଦା କାଟିବା, କେନ୍ଦୁପତ୍ର ସଂଗ୍ରହ, ଫଡି ପ୍ରସ୍ତୁତି, ପତ୍ର ଶୁଖାଇବା, ରଖିବା, ପ୍ରକ୍ରିୟାକରଣ, ବାନ୍ଧିବା,ପ୍ୟାକିଂ ଏବଂ ପରିବହନ କରିବା ପାଇଁ ୬୦ ଲକ୍ଷ ମାନବ ଦିବସ ସୃଷ୍ଟି କରାଯାଇଛି। ଏହି କାର୍ଯ୍ୟରେ ୭,୫୪,୬୩୧ ଜଣ କେନ୍ଦୁପତ୍ର ତୋଳାଳି ଏବଂ ୧୮,୫୨୩ କେନ୍ଦୁପତ୍ର ବନ୍ଧାଳି ନିୟୋଜିତ ଥିଲେ। ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ମହିଳା ଶ୍ରମିକ। ଏହାଛଡ଼ା ୧୬,୫୩୩ ଋତୁକାଳୀନ ଶ୍ରମିକ ମଧ ଏଥିରେ ନିୟୋଜିତ ହୋଇଥିଲେ। ମୋଟ ୫.୩୭ ଲକ୍ଷ ହେକ୍ଟରରେ ବୁଦା ସଫା କାର୍ଯ୍ୟ ହୋଇଥିଲା। ଗ୍ରାମବାସୀଙ୍କ ଦ୍ୱାରା ୭୧୭୬ ଫଡିର ମରାମତି ହୋଇଥିଲା। ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ବୈଠକରେ ସୂଚନା ଦେଇ କହିଥିଲେ ଯେ, ଏପ୍ରିଲ ଓ ମେ ମାଧ୍ୟମରେ କେନ୍ଦୁପତ୍ର ତୋଳାଳିଙ୍କଠାରୁ ୧୧୯.୫୭ କୋଟି ଟଙ୍କାର ପ୍ରାୟ ୨ଲକ୍ଷ କୁଇଣ୍ଟାଲ କେନ୍ଦୁପତ୍ର ସଂଗ୍ରହ କରାଯାଇଛି। ସେହି ଅର୍ଥ ତୋଳାଳିଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଯାଇଛି। ଏହି ଋତୁରେ ପ୍ରତ୍ୟେକ କେନ୍ଦୁପତ୍ର ତୋଳାଳି ପରିବାର ୧୫୮୫ ଟଙ୍କା କେବଳ ତୋଳିବାରୁ ପାଇଛନ୍ତି। ୨୦୧୯ ନଭେମ୍ବର ସୁଦ୍ଧା ୩୭୭ କୋଟି ଟଙ୍କାର କେନ୍ଦୁପତ୍ର ସଂଗ୍ରହ କରାଯାଇଥିବା ବେଳେ ଚଳିତ ବର୍ଷ ନଭେମ୍ବର ଶେଷ ପର୍ଯ୍ୟନ୍ତ ୩୨୧ କୋଟି ଟଙ୍କାର କେନ୍ଦୁପତ୍ର ସଂଗ୍ରହ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୫୦ ହଜାର କୁଇଣ୍ଟାଲ କେନ୍ଦୁପତ୍ର ବିକ୍ରି ପ୍ରକ୍ରିୟାରେ ରହିଛି, ଯାହାର ମୂଲ୍ୟ ୧୦୦ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଇଛି।

ଏହି ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅର୍ଥ ବିଭାଗ ସଚିବ ଅଶୋକ କୁମାର ମୀନା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସନ୍ଦିପ ତ୍ରିପାଠୀ ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ।

# ଭିଜିଲାନ୍ସ ଜାଲରେ କୋଟିପତି ମହିଳା କିରାଣି



ଭିଜିଲାନ୍ସ ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

**ଜଗତ୍‌ସିଂହପୁର ଅଫିସ, ୨।୧୨**

### ୪ ପୃଥକ୍ ସ୍ଥାନରେ ଚଢ଼ାଉ

ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଗତ୍‌ସିଂହପୁର ଜିଲା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ (ଜିପିଓ) ସେକ୍ସନ୍ ଅଫିସର ସଞ୍ଜୁକ୍ତା ଦାସ। ଭିଜିଲାନ୍ସ ଟିମ୍ ବୁଧବାର ତାଙ୍କ ଜଗତ୍‌ସିଂହପୁର ସାତପୁରାସ୍ଥିତ ପୈତୃକ ବାସଭବନ ସମେତ ସ୍ଥାନୀୟ ପାଣିଶାଳିଆସ୍ଥିତ ଘର, କଟକ ମହାନଦୀ ବିହାରସ୍ଥିତ ଫ୍ଲାଟ୍ ଓ ଜିପିଓରେ ଏକକାଳୀନ ଚଢ଼ାଉ କରିଛି। ଏହି ସମୟରେ ୧ କୋଟି ୪୨ ଲକ୍ଷ ୮ ହଜାର ୮୭୦ ଟଙ୍କାର ସମ୍ପତ୍ତି ଠାବ କରାଯାଇଛି ବୋଲି କଟକ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। କଟକ ଜିଲା ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତିଙ୍କ ୱାରେଣ୍ଟ ବଳରେ ବିଭାଗୀୟ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜଗତ୍‌ସିଂହପୁର ଜିଲାର ୪ଟି ସ୍ଥାନରେ ସକାଳୁ ଚଢ଼ାଉ ଆରମ୍ଭ ହୋଇଥିଲା। ଏଥିରେ ୩୦ ଜଣିଆ ଅଧିକାରୀ ଓ କର୍ମଚାରୀ ନିୟୋଜିତ ଥିଲେ। ରାତି ୭ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ଦାସଙ୍କ ସାତପୁରାସ୍ଥିତ ତ୍ରିତଳ ବିଶିଷ୍ଟ ପୈତୃକ ଘରର ମୂଲ୍ୟ ୩୭,୬୪,୭୮୭ ଟଙ୍କା ଥିବା ଜଣାଯାଇଛି। ସେହିପରି ପାଣିଶାଳିଆସ୍ଥିତ ୨ ମହଲା କୋଠାର ମୂଲ୍ୟ ୧୫,୭୪,୪୮୫ ଓ କଟକ ଆଦିତ୍ୟ ରେସିଡେନ୍ସରେ ଥିବା ୩ ବିଏଚ୍‌କେ ଫ୍ଲାଟ୍‌ର ମୂଲ୍ୟ ୪୪,୬୩,୬୪୨ ଟଙ୍କା ଆକଳନ କରାଯାଇଛି। ଏହାବାଦ୍ ତାଙ୍କ ନାଁରେ ପୃଥକ୍ ସ୍ଥାନରେ ୬ଟି ପ୍ଲଟ ରହିଛି। ଏହାର ଆନୁମାନିକ ମୂଲ୍ୟ ୨,୭୨,୩୪୮ ଟଙ୍କା ହେବ ବୋଲି କୁହାଯାଇଛି। ଚଢ଼ାଉ ବେଳେ ନଗଦ ୬ ହଜାର ଟଙ୍କା ମିଳିଛି। ଏଥିସହ ଏକ କାର୍ ଓ ୨ଟି ବାଇକ୍ ମଧ ଚିହ୍ନଟ କରାଯାଇଛି। ବ୍ୟାଙ୍କ ଓ ପୋଷ୍ଟ ଅଫିସରେ ୨୧,୧୩,୬୫୨ ଟଙ୍କା ଜମା ଅଛି। ଜୀବନ ବୀମା ନିଗମ ପ୍ରିମିୟମ ବାବଦରେ ସେ ୧,୮୮,୮୪୮ ଟଙ୍କା ଜମା କରାଯାଇଥିବା ଜଣାପଡିଛି। ୨୯୯ ଗ୍ରାମ ସୁନା ଅଳଙ୍କାର ମୂଲ୍ୟ ୯ ଲକ୍ଷ ଓ ଗୃହକରଣା ସାମଗ୍ରୀ ବାବଦରେ ୨ଲକ୍ଷ ୭ ହଜାର ଟଙ୍କା ଆକଳନ କରାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ନକଲି କାରଖାନା ଉପରେ ନଜର ରଖିବ କମିଟି

**କଟକ ଅଫିସ, ୨।୧୨**



ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଏବଂ ଅନ୍ୟ ଅଧିକାରୀ।

କଟକ ସହର ସମେତ ଜିଲାର ନକଲି ତଥା ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତକାରୀ କାରଖାନାଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯିବ। ଏଥିସହ ନକଲି ଖାଦ୍ୟ ପ୍ରସ୍ତୁତକାରୀ କାରଖାନାଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିନିମନ୍ତେ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାସ୍ତରର ବରିଷ୍ଠ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରିଥିଲେ। ନକଲି ଖାଦ୍ୟ ପ୍ରସ୍ତୁତକାରୀ କାରଖାନାଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଏକ କମିଟି ଗଠନ କରିଛନ୍ତି। ଏଥିରେ ଜିଲାପାଳଙ୍କ ସମେତ ଅତିରିକ୍ତ ଜିଲାପାଳ, ଡିସିପି, ଏସ୍‌ପି, ସିଏମ୍‌ସି କମିଶନର, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ, ସିଏମ୍‌ସି ଖାଦ୍ୟ ସୁରକ୍ଷା ଅଧିକାରୀ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ, ଆସିଷ୍ଟାଣ୍ଟ କଣ୍ଟ୍ରୋଲରମାନେ ସଦସ୍ୟ ରହିଛନ୍ତି। ଏହି କମିଟି ଜରିଆରେ ନକଲି ଓ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ କାରଖାନା ସମ୍ପର୍କରେ ସୂଚନା ସଂଗ୍ରହ କରାଯିବା ପରେ ଚଢ଼ାଉ ସହ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଛନ୍ତି। ସ୍ଥାନୀୟ ଜନ ପ୍ରତିନିଧି, ସାମାଜିକ ଅନୁଷ୍ଠାନ, ସାଧାରଣ ଜନତାଙ୍କଠାରୁ ମଧ ସୂଚନାପ୍ରାପ୍ତି ଉପରେ ମଧ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ଏଥିନିମନ୍ତେ ସିଏମ୍‌ସି ଓ ଜିଲା ଖାଦ୍ୟ ଯୋଗାଣ କାର୍ଯ୍ୟାଳୟ ଦ୍ୱାରା ଟେଲିଫୋନ ନମ୍ବର ଜାରି କରାଯିବ। ଏତଦ୍‌ବ୍ୟତୀତ ମାଲଗୋଦାମ ବ୍ୟବସାୟୀମାନଙ୍କ ସହିତ ବିଭିନ୍ନ ସମୟରେ ଆଲୋଚନା କରାଯାଇ ରଣନୀତି ପ୍ରସ୍ତୁତ ସହ କାର୍ଯ୍ୟାନୁଷ୍ଠାନ ହେବ। ଏହି ବୈଠକରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡ. ସତ୍ୟବ୍ରତ ମହାପାତ୍ର, ଏସିପି ଅମରେନ୍ଦ୍ର ପଣ୍ଡାଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଶିଳ୍ପ ମନ୍ତ୍ରୀଙ୍କୁ ଭେଟିଲେ ଶିଳ୍ପ ସୁରକ୍ଷା ମଞ୍ଚ ପ୍ରତିନିଧି ମଣ୍ଡଳୀ

**ଚୌଦ୍ୱାର,୨।୧୨(ଡି.ଏନ୍.ଏ.):** ଦୀର୍ଘଦିନ ହେବ ଚୌଦ୍ୱାରରେ ବନ୍ଦ ଥିବା ବଲ୍ଲାରପୁର କାଗଜ କଳର ବିଭିନ୍ନ ସମସ୍ୟାକୁ ନେଇ ଶିଳ୍ପ ସୁରକ୍ଷା ମଞ୍ଚର ଏକ ପ୍ରତିନିଧି ମଣ୍ଡଳି ଶିଳ୍ପ ମନ୍ତ୍ରୀଙ୍କୁ ଭେଟିଛନ୍ତି। ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ମଞ୍ଚର କର୍ମକର୍ତ୍ତାମାନେ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ଭେଟି ବନ୍ଦ କାଗଜ କଳର ଭିତ୍ତିଭୂମି ଉପରେ ବିକଳ୍ପ ଶିଳ୍ପ ପ୍ରତିଷ୍ଠା ଦାବି କରିଥିଲେ। ମନ୍ତ୍ରୀ ଏ ବିଷୟରେ ସକାରାତ୍ମକ ମନୋଭାବ ପୋଷଣ କରିବା ସହ ବର୍ତ୍ତମାନ ସ୍ଥିତିରେ ବଲାରପୁର କମ୍ପାନୀ ଆଉ ନୂତନ ଶିଳ୍ପ ପ୍ରତିଷ୍ଠା କରିପାରିବା ଭଳି ସ୍ଥିତିରେ ନାହିଁ। କାଗଜ କଳର ଭିତ୍ତିଭୂମିକୁ ସରକାରଙ୍କ ହାତକୁ ଆଣି ଇଡ୍‌କୋ ଜରିଆରେ ଅଧିଗ୍ରହଣ କରି ବିକଳ୍ପ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ସେ ନିଜେ ତଦାରଖ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ଚଳିତ ମାସ ଶେଷ ସୁଦ୍ଧା କମ୍ପାନୀ ଭିତ୍ତିଭୂମିକୁ ସେ ନିଜେ ଆସି ପରଖିବେ ବୋଲି ପ୍ରକାଶ କରିଛନ୍ତି। ପ୍ରତିନିଧି ମଣ୍ଡଳିରେ ପୂର୍ବତନ ଉପନଗରପାଳ ଅଜୟ ବେହେରା, ରମେଶ ନାୟକ, ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ ପ୍ରମୁଖ ସାମିଲ ଥିଲେ।

# ଧର୍ମ ପରିବର୍ତ୍ତନ ଯୋଗୁ ଶ୍ମଶାନରେ ମିଳିଲାନି ଜାଗା

- ଗ୍ରାମବାସୀଙ୍କ ବିରୋଧ
- ନିଜ ଜମିରେ ହେଲା ସତ୍କାର, ୧୦ ଅଟକ

**ମାଲକାନଗିରି,୨।୧୨(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ବ୍ଲକ୍ ଚଲାଣଗୁଡ଼ା ପଞ୍ଚାୟତର ଓଡିଗୁଡ଼ା ଗ୍ରାମରେ ଜଣେ ବୃଦ୍ଧଙ୍କ ମୃତଦେହ ସତ୍କାରକୁ କେନ୍ଦ୍ରକରି ମଙ୍ଗଳବାର ରାତିରେ ଉତ୍ତେଜନା ପ୍ରକାଶ ପାଇଥିଲା। ଧର୍ମ ପରିବର୍ତ୍ତନ କରିଥିବା ଯୋଗୁ ଗ୍ରାମବାସୀ ଗାଁ ଶ୍ମଶାନରେ ମୃତଦେହ ସତ୍କାର କରିବାକୁ ଦେଇ ନ ଥିଲେ। ଏହି ଘଟଣାରେ ପୋଲିସ ୧୦ଜଣଙ୍କୁ ଅଟକ ରଖିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଓଡିଗୁଡ଼ା ଗ୍ରାମର ପାଣ୍ଡୁ ମାଡକାମି(୭୦) କିଛିବର୍ଷ ତଳେ ନିଜର ଧର୍ମ ପରିବର୍ତ୍ତନ କରିଥିଲେ। ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ମୃତଦେହ ସତ୍କାର ନିମନ୍ତେ ଗାଁ ଶ୍ମଶାନକୁ ନେଇଥିଲେ, କିନ୍ତୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଧର୍ମ ପରିବର୍ତ୍ତନ କରିଥିବାରୁ ପୂର୍ବ ପୁରୁଷଙ୍କ ଶ୍ମଶାନ ମାଟିରେ ପାଣ୍ଡୁଙ୍କ ମୃତଦେହ ସତ୍କାରକୁ ବିରୋଧ କରାଯାଇଥିଲା। ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ମାଲକାନଗିରି ତହସିଲଦାର ଗୁଣନିଧି ନାୟକ ଏବଂ ମାଲକାନଗିରି ଥାନାଧିକାରୀ ରାମପ୍ରସାଦ ନାଗ ସଦଳବଳ ପହଞ୍ଚି ଉଭୟ ପକ୍ଷର ଲୋକଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଗ୍ରାମବାସୀ ମାନି ନ ଥିଲେ। ଫଳରେ ପରିବାର ଲୋକ ପାଣ୍ଡୁଙ୍କ ମୃତଦେହ ପୋଲିସ ଓ ପ୍ରଶାସନ ଉପସ୍ଥିତିରେ ନିଜ ଜମିରେ ସତ୍କାର କରିଥିବା ଜଣାପଡ଼ିଛି।

# ଏସ୍‌ସିବି ପବ୍ଲିକ ସ୍କୁଲରେ ଝୁଲିବ ତାଲା

- ଡିଏଭିକୁ ସ୍ଥାନାନ୍ତର ହେବେ ଛାତ୍ରୀଛାତ୍ର
- ସ୍କୁଲ ମୁଖ୍ୟ ଫାଟକ ଆଗରେ ଅଭିଭାବକଙ୍କ ପ୍ରତିବାଦ

**କଟକ ଅଫିସ,୨।୧୨**

ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ଲାଗି ଏସ୍‌ସିବି ପବ୍ଲିକ ସ୍କୁଲ ବନ୍ଦ ହେବ। ଏହି ସ୍କୁଲରେ ପଢୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଡିଏଭି ସ୍କୁଲକୁ ସ୍ଥାନାନ୍ତର କରାଯିବ। ତେବେ ସ୍କୁଲ ପରିଚାଳନା କମିଟିର ଏହି ନିଷ୍ପତ୍ତିରେ ଅଭିଭାବକମାନେ ଖପ୍ପା ହୋଇଛନ୍ତି। ବୁଧବାର ସକାଳେ ସ୍କୁଲ ମୁଖ୍ୟ ଫାଟକ ଆଗରେ ଶତାଧିକ ଅଭିଭାବକ ଏକତ୍ରିତ ହୋଇ ଏହାର ପ୍ରତିବାଦ କରିଥିଲେ। ସେମାନେ ଅଭିଯୋଗ କରିଛନ୍ତି ଯେ, ସ୍କୁଲ କମିଟି ଅତି ତରବରିଆ ଭାବେ ଏପରି ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ ମଧ ଅଭିଭାବକମାନଙ୍କୁ ଆଗୁଆ ସୂଚନା ଦିଆଯାଇନାହିଁ। ଏହି ସ୍କୁଲକୁ ଡିଏଭି ସହ ମିଶ୍ରଣ କରାଗଲେ ସେମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିବ। ତେଣୁ ଏହି ନିଷ୍ପତ୍ତି ପ୍ରତ୍ୟାହାର ପାଇଁ ସେମାନେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଏସ୍‌ସିବି ପବ୍ଲିକ ସ୍କୁଲରେ ଅଧ୍ୟୟନରତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଡିଏଭି ସ୍କୁଲକୁ ସ୍ଥାନାନ୍ତର କରାଯିବ। ଟ୍ୟୁଶନ ଫି ଅପରିବର୍ତ୍ତିତ ରଖିବା ସହ ସମସ୍ତ କର୍ମଚାରୀଙ୍କୁ ମଧ ଡିଏଭି ପରିଚାଳନା କମିଟିରେ ସାମିଲ ପାଇଁ ଚେଷ୍ଟା କରାଯିବ ବୋଲି ଏସ୍‌ସିବି ପବ୍ଲିକ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ବିଜ୍ଞପ୍ତିରେ ଦର୍ଶାଯାଇଛି। ଉଚ୍ଚଶିକ୍ଷା ତଥା ଦ୍ୱାଦଶ ଶ୍ରେଣୀ ପଢିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହି ମିଶ୍ରଣ ସହାୟକ ହେବ ବୋଲି କୁହାଯାଇଛି।

# ଆମାଜନ୍ ନାଁରେ ପୁଣି ଏତଲା

### ଅନ୍‌ଲାଇନରେ ନିର୍ମାଲ୍ୟ ବିକ୍ରିକୁ ବିରୋଧ

- କାର୍ଯ୍ୟାନୁଷ୍ଠାନ ଦାବି କଲା ସୁଆର ମହାସୁଆର ନିଯୋଗ
- ଲିଗାଲ ନୋଟିସ୍ ପଠାଇଲା ଯୁବ ଆଇନଜୀବୀ ଫୋରମ୍

**ପୁରୀ ଅଫିସ, ୨।୧୨**



ପୁରୀ ଜିଲା ଯୁବ ଆଇନଜୀବୀ ଫୋରମ ପକ୍ଷରୁ ଲିଗାଲ ନୋଟିସ ପ୍ରଦର୍ଶନ କରାଯାଉଛି।

ଅନ୍‌ଲାଇନରେ ମହାପ୍ରଭୁଙ୍କ ଶୁଖିଲା ମହାପ୍ରସାଦ 'ନିର୍ମାଲ୍ୟ' ବିକ୍ରିକୁ ନେଇ ବିବାଦ ଥମୁନାହିଁ। ଭକ୍ତ ଓ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ସୁଆର ମହାସୁଆର ନିଯୋଗ ବୁଧବାର ଆମାଜନ୍ କମ୍ପାନୀ ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ଦେଇଛି। ଶ୍ରୀମନ୍ଦିର ପ୍ରଶାସନ ବିନାନୁମତିରେ ନିର୍ମାଲ୍ୟ ବିକ୍ରି କରୁଥିବାରୁ ଆମାଜନ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ନିଯୋଗ ଦାବି କରିଛି। ଏ ନେଇ ନିଯୋଗ ପକ୍ଷରୁ ଏସ୍‌ପି ଏବଂ ଶ୍ରୀମନ୍ଦିର ପ୍ରଶାସକଙ୍କ ମଧ ଦୃଷ୍ଟି ଆକର୍ଷଣ କରାଯାଇଛି। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଏହାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ସେହିପରି ପୁରୀ ଜିଲା ଯୁବ ଆଇନଜୀବୀ ଫୋରମ ପକ୍ଷରୁ ଜିଲା ଓକିଲ ସଂଘ ସମ୍ମୁଖରେ ବିରୋଧ ପ୍ରଦର୍ଶନ ସହ ଆମାଜନ୍ କମ୍ପାନୀକୁ ଲିଗାଲ ନୋଟିସ୍ ପଠାଯାଇଛି। ତୁରନ୍ତ ନିର୍ମାଲ୍ୟ ବିକ୍ରି ବନ୍ଦ ସହ ଉପଯୁକ୍ତ ଉତ୍ତର ନ ମିଳିଲେ କୋର୍ଟରେ ମାମଲା ରୁଜୁ କରାଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଗତ ୩୦ ତାରିଖରେ ଆମାଜନ ବିରୋଧରେ ଶ୍ରୀମନ୍ଦିରର ସେବାୟତ ଶମ୍ଭୁନାଥ ଖୁଣ୍ଟିଆ ସିଂହଦ୍ୱାର ଥାନାରେ ଏତଲା ଦେଇଥିଲେ। ସେହିପରି ଅନ୍‌ଲାଇନରେ ନିର୍ମାଲ୍ୟ ବିକ୍ରିକୁ ବିଭିନ୍ନ ମହଲରେ ବିରୋଧ କରାଯାଉଛି।

# ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଯାଉଛି: ଭାଜପା

### ପରୀ ଘଟଣା

**ସିବିଆଇ ତଦନ୍ତ ନ ହେଲେ ଆନ୍ଦୋଳନ ଜୋର୍‌ଦାର**

**ଭୁବନେଶ୍ୱର, ୨।୧୨(ବ୍ୟୁରୋ)**

ଆଇନ ଆଗରେ ସାନ ବଡ଼ କିଛି ନାହିଁ। ପରୀ ଜଣେ ଗରିବ ଅଟୋ ଡ୍ରାଇଭରଙ୍କ ଝିଅ ଥିଲା। ପରୀ ଅପହରଣ ଓ ହତ୍ୟା ଛୋଟ ଘଟଣା ନୁହେଁ। ପରୀକୁ ନ୍ୟାୟ ଦେବା ପର୍ଯ୍ୟନ୍ତ ସରକାରଙ୍କୁ ଚାପରେ ରଖିବା ଲାଗି ବିଧାନସଭାରେ ଲମ୍ବା ସମୟ ଧରି ବିତର୍କର ଆବଶ୍ୟକତା ଥିଲା। ହେଲେ ଏହି ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ଏକାଠି ହୋଇ ପରୀକୁ ନ୍ୟାୟ ଦେବା ପରିବର୍ତ୍ତେ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଥିବା ଭାଜପା ଅଭିଯୋଗ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଏହି ଘଟଣା ୪ମାସ ତଳେ ଘଟିଛି। ଝିଅର କିଡ୍‌ନୀ, ଆଖି ଚୋରି ହୋଇଥିବା ମା', ବାପା ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆଣିଛନ୍ତି। ସେହିପରି ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ପରୀର ବଳାତ୍କାର ହୋଇଛି ନା ନାହିଁ ସେ ନେଇ ଜଣାପଡ଼ି ନ ଥିବା କହିଛନ୍ତି। ଅନ୍ୟପଟେ ଏହି ଘଟଣାରେ ପରୀର ମା' ବାପା ଓ ବଡ଼ବାପା ଆଦିଙ୍କ ପଲିଗ୍ରାଫ ଟେଷ୍ଟ ହୋଇଛି। ହେଲେ ଯାହା ନାଁରେ ପରିବାର ଲୋକେ ଅଭିଯୋଗ କରିଛନ୍ତି ସେମାନଙ୍କ ଟେଷ୍ଟ ହୋଇନାହିଁ। ଏହି ଘଟଣାରେ ସ୍ଥାନୀୟ ସରପଞ୍ଚଙ୍କ ସହିତ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁଙ୍କ କଥାବାର୍ତ୍ତାର ଦୁଇଟି ଅଡିଓ ଭାଇରାଲ ହୋଇସାରିଛି। ଯେଉଁଥିରେ ପରୀ ଘରଲୋକେ ଅଭିଯୋଗ ଆଣୁଥିବା ବ୍ୟକ୍ତି ଭୁବନେଶ୍ୱରରେ ମନ୍ତ୍ରୀଙ୍କୁ ଭେଟିଥିବା ସେ ସ୍ୱୀକାର କରିଛନ୍ତି। ଏ ନେଇ ମନ୍ତ୍ରୀ ନିଜର ସ୍ପଷ୍ଟୀକରଣ ଦିଅନ୍ତୁ। ଏନ୍‌ସିଆର୍‌ବି ରିପୋର୍ଟ ମୁତାବକ ରାଜ୍ୟରେ ଗତ ୨ବର୍ଷରେ ମୋଟ ୫,୩୨୩ ଶିଶୁ ନିଖୋଜ ରହିଛନ୍ତି। ତେଣୁ ଯଦି ପରୀ ଘଟଣାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ, ତେବେ ଏହାର ଭଲ ପ୍ରଭାବ ସାରା ରାଜ୍ୟରେ ଦେଖିବାକୁ ମିଳିବ। ଏହି ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରାଯାଉ। ନଚେତ୍ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ସମୀର ଚେତାବନୀ ଦେଇଛନ୍ତି।

# ପାଠକ ଦୁର୍ନୀତିରେ ସରକାରଙ୍କ ଭାଗୀଦାରି ଅଛି: କଂଗ୍ରେସ

**ଭୁବନେଶ୍ୱର,୨।୧୨(ବ୍ୟୁରୋ):** ଆଇଏଫ୍‌ଏସ୍ ଅଭୟକାନ୍ତ ପାଠକଙ୍କ ଦୁର୍ନୀତିର ପେଡ଼ି ଯେତେ ଖୋଲିଲେ ବି ସରକାରଙ୍କ ସମ୍ପୃକ୍ତି ବିଷୟରେ କିଛି କୁହାଯାଉ ନାହିଁ। ଏହି ଦୁର୍ନୀତିରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ସମ୍ପୃକ୍ତି ଥିବା କଥା ବିଜେଡି ପକ୍ଷରୁ ସଫେଇ ଦିଆଯାଇଛି। ହେଲେ ବାସ୍ତବରେ ପାଠକ ନା ସରକାରଙ୍କ ଦ୍ୱାରା ଦୁର୍ନୀତି ହୋଇଛି ସେକଥା ସ୍ପଷ୍ଟ କରାଯାଉନାହିଁ ବୋଲି କଂଗ୍ରେସ ଅଭିଯୋଗ କରିଛି। ରାଜ୍ୟରେ ପାଠକଙ୍କ ଦ୍ୱାରା ଯେତେ ସବୁ ଦୁର୍ନୀତି ହୋଇଛି ସେଥିରେ ସରକାରଙ୍କ ଆଉ କେତେଜଣ ଉଚ୍ଚପଦସ୍ଥ ଅଧିକାରୀଙ୍କ ଜାଣତରେ ହୋଇଛି ବୋଲି କଂଗ୍ରେସ ଅଭିଯୋଗ ଆଣିବା ସହ ସରକାରଙ୍କୁ ୫ଟି ପ୍ରଶ୍ନ କରିଛି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି, ପ୍ରଦୀପଙ୍କ ବିରୋଧରେ ମଦମୃତ୍ୟୁ ଘଟଣା ନେଇ ଯେଉଁ ଅଭିଯୋଗ ଆସିଥିଲା ତା'ର ତଦନ୍ତ ରିପୋର୍ଟ କ'ଣ ଆସିଥିଲା ତାହା ସାର୍ବଜନୀନ କରାଯାଉ। ସେତେବେଳେ ତାଙ୍କ ବିରୋଧରେ ଇଣ୍ଟେଲିଜେଣ୍ଟ ରିପୋର୍ଟ କ'ଣ ଆସିଥିଲା ଏବଂ ସେ ଦେଇଥିବା ଚିଠିକୁ ପ୍ରକାଶ କରାଯାଉ। ମଦ ମାଫିଆଙ୍କ ସହ ପାଣିଗ୍ରାହୀଙ୍କ ସମ୍ପର୍କ କଥା ଯାହା କୁହାଯାଉଛି ତାହା କେବେଠାରୁ ଆରମ୍ଭ ହୋଇଛି। ଏ ନେଇ ଗୋଇନ୍ଦା ରିପୋର୍ଟ ଥିଲା ନା ନାହିଁ। କିଛିଦିନ ତଳେ ପାଣିଗ୍ରାହୀଙ୍କ ଝିଅ ବାହାଘର ପାଇଁ ଉଭୟ ପାଠକ ଏବଂ ପ୍ରଦୀପଙ୍କ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସମୟରେ ସେମାନଙ୍କ ସମ୍ପର୍କରେ ସରକାର ଜାଣିଥିଲେ ନା ନାହିଁ ତାହା ସ୍ପଷ୍ଟ କରାଯାଉ ବୋଲି ପଞ୍ଚାନନ ଦାବି କରିଛନ୍ତି।

## ସଂକ୍ଷେପରେ

### ଗଛରେ ପିଟିହେଲା ଟ୍ରକ୍

ଦଶପଲ୍ଲା, ୨।୧୨(ଡି.ଏନ.ଏ.): ଆନ୍ଧ୍ରପ୍ରଦେଶରୁ ସମ୍ବଲପୁର ଆଡକୁ ଯାଉଥିବା ଏକ ମାଲବାହୀ ଟ୍ରକ୍ ବୁଧବାର ଦଶପଲ୍ଲା ଅଗ୍ନିଶମ କେନ୍ଦ୍ର ନିକଟ ଏକ ଗଛରେ ପିଟିହୋଇ ଯାଇଥିଲା। ଏଥିରେ ଟ୍ରକ୍‌ର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଛି। ତେବେ ସୌଭାଗ୍ୟ ବଶତଃ ଡ୍ରାଇଭର ଓ ହେଲପରଙ୍କର କୌଣସି କ୍ଷତି ହୋଇନାହିଁ। ଦୁର୍ଘଟଣା ପରେ ସେମାନେ ଗାଡି ଛାଡି ଫେରାର ହୋଇଯାଇଥିଲେ।

### ଶୈବପୀଠ ପୁଷ୍କରିଣୀ ସଫେଇ କଲେ ଦିବ୍ୟାଙ୍ଗ

ରସୁଲପୁର,୨।୧୨(ଡି.ଏନ.ଏ.): ରସୁଲପୁର ବ୍ଲକ ଅଧୀନ ବଡ଼ନୁଣ୍ଡପୁର ଗ୍ରାମରେ ଅବସ୍ଥିତ ପ୍ରସିଦ୍ଧ ଲୋକନାଥଶ୍ୱର ଶୈବପୀଠ ଅବହେଳିତ ଅବସ୍ଥାରେ ପଡିରହିଛି। ତେବେ ଅଗଷ୍ଟରେ ବ୍ରାହ୍ମଣୀ ନଦୀରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟାଜଳ ଦ୍ୱାରା ଉକ୍ତ ପୀଠଟି ଅପରିଷ୍କାର ହୋଇଥିଲା। ମନ୍ଦିର ସମ୍ମୁଖ ପୁଷ୍କରଣୀ ପ୍ରଭାବିତ ହୋଇଥିଲା। ତେବେ ଦିବ୍ୟାଙ୍ଗମାନଙ୍କୁ ନେଇ ଗଠିତ ମାସୁମ୍ ଗ୍ରୁପ ପକ୍ଷରୁ ମନ୍ଦିର ପରିସରକୁ ସଫେଇ କରାଯାଇଛି। ଏହି ଗ୍ରୁପ୍ ପକ୍ଷରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳିଙ୍ଗ ଯୁବକ ସଂଘର ସହାୟତା ଲୋଡା ଯାଇଥିଲା। ପରେ ମାସୁମ ଗ୍ରୁପ୍ ଅଧ୍ୟକ୍ଷ ମଣ୍ଟୁ ଦାସ, କଳିଙ୍ଗ ଯୁବକ ସଂଘ ମୁଖ୍ୟ ଶିଶିର କୁମାର ପଣ୍ଡା ଓ ସେମାନଙ୍କ ସାଥୀଙ୍କ ମିଳିତ ଉଦ୍ୟମରେ ପୁଷ୍କରିଣୀରୁ ଦଳ ଓ ପୋଖରୀ ହୁଡାରୁ ଅନାବନା ଗଛ କାଟି ସଫା କରାଯାଇଥିଲା। ଦିବ୍ୟାଙ୍ଗମାନଙ୍କ ଏଭଳି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

### ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା :୨ ଗୁରୁତର

ବାଲିକୁଦା,୨।୧୨(ସ୍ୱ.ପ୍ର.): ଜଗତ୍‌ସିଂହପୁର-ମାଛଗାଁ ରାସ୍ତାର ବାଲିକୁଦା କଲେଜ ଛକ ନିକଟରେ ବୁଧବାର ବାଇକ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ବାଇକ୍ ଓ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବାଲିକୁଦା ଥାନା ଅଳାବୋଲ ପଞ୍ଚାୟତ ଅନ୍ତର୍ଗତ ଦରବା ଗାଁର ଅଭିରାମ ଜେନାଙ୍କ ପୁଅ ଆନନ୍ଦ(୨୦) ଓ ବାଲିକୁଦା ଥାନା ଅନ୍ତର୍ଗତ ହାଡ଼ିଆପଦା ଗାଁର ଅନାମ ସେଠୀ (୫୮)। ଖବରପାଇ ଆମ୍ବୁଲାନ୍ସ ସେଠାରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛି। ବାଲିକୁଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌କୁ ଜବତ କରିଛି। ପୋଲିସ ସୂଚନା ମୁତାବକ, ଆନନ୍ଦ ଏକ ବାଇକ୍‌ରେ ଇଚ୍ଛାପୁର ପଟୁ ବାଲିକୁଦା ଆଡ଼େ ଆସୁଥିବା ବେଳେ କଲେଜ ଛକ ନିକଟରେ ଅନାମ ଏକ ସ୍କୁଟିରେ ୪ ବର୍ଷର ନାତୁଣୀକୁ ନେଇ ମୁଖ୍ୟରାସ୍ତା ପାର ହେଉଥିଲେ। ଏହି ସମୟରେ ପରସ୍ପର ଗାଡ଼ି ଧକ୍କା ହେବାରୁ ଉଭୟ ଚାଳକ ଗୁରୁତର ହୋଇଥିଲେ। ସୌଭାଗ୍ୟବଶତଃ ଅନାମଙ୍କ ନାତୁଣୀ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇ ନ ଥିଲେ।

### ନିଆଁରେ ପୋଡ଼ି ଟାଇଲ୍ ମିସ୍ତ୍ରି ଗୁରୁତର

ନାଉଗାଁ,୨।୧୨(ସ୍ୱ.ପ୍ର.): ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦାହାଟସ୍ଥିତ ଡେରିକି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବୁଧବାର ସନ୍ଧ୍ୟାରେ ଜଣେ ଟାଇଲ ମିସ୍ତ୍ରୀ ପୋଡ଼ିହୋଇ ଗୁରୁତର ହୋଇଛନ୍ତି। ସେ ହେଲେ ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ବିପିନ ସାହୁ(୨୫)। ଦୀର୍ଘ ୫ ବର୍ଷ ହେବ ସେ ଗଙ୍ଗଦାହାଟ ଓ ଆଖପାଖ ଅଞ୍ଚଳରେ ଟାଇଲ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ନିକଟ ସମ୍ପର୍କୀୟ ତାଙ୍କୁ ଉଦ୍ଧାର କରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ସଂଗ୍ରାମ କେଶରୀ ମହାନ୍ତିଙ୍କ ସୂଚନା ଅନୁଯାୟୀ, ଯୁବକଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବା ପରେ ସେ ନିଜର ପରିଚୟ ଦେଇଛନ୍ତି। ଖବରପାଇ ନାଉଗାଁ ଥାନା ଏସ୍ଆଇ ପ୍ରତାପ ଦାସ ଓ ଏଏସ୍ଆଇ ଅଶୋକ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ଏହାର ତଦନ୍ତ କରୁଛନ୍ତି। ପ୍ରେମ ବ୍ୟାପାରକୁ ନେଇ ଏହି ଘଟଣା ଘଟିଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଥାନା ଅଧିକାରୀ ଭରତ ବେହେରା କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଏପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଡ଼ି ଯାଇଥିବା ଯୁବକଙ୍କ ବୟାନ ରେକର୍ଡ ପରେ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ସୁନାଦୋକାନୀଙ୍କ ଉପରେ ଲଗାମ ନାହିଁ

ନୟାଗଡ଼ ଅଫିସ,୨।୧୨

- ଧରପଗଡ ନ ଥିବାରୁ ଓଜନ, ଅପମିଶ୍ରଣରେ ଠକେଇ
- ୧୪ ଦେଇ ନେଉଛନ୍ତି ୨୨ କ୍ୟାରେଟର ଦାମ୍
- ପସନ୍ଦ ସୁନା ଶୁଦ୍ଧ କି ନୁହେଁ ଜାଣି ନ ଥାନ୍ତି ଗ୍ରାହକ

ନୟାଗଡ଼ ଜିଲାର ସୁନା ଦୋକାନୀଙ୍କ ଉପରେ ଲଗାମ ନାହିଁ। ଧରପଗଡ ନ ଥିବାରୁ ଜିଲାର ସମସ୍ତ ବ୍ଲକ, ଏନ୍ଏସି ଓ ମ୍ୟୁନିସିପାଲିଟିରେ ସୁନାର ଓଜନ ଓ ଅପମିଶ୍ରଣରେ ଠକେଇ ବଢ଼ିଚାଲିଛି। ସୁନା ଦୋକାନ ହେଉ କି ବଣିଆ ଶାଳ ସବୁଠି ଠକେଇ ଚାଲିଥିବା ଅଭିଯୋଗ ହେଉଛି। ଏପରି କି ହଲମାର୍କ ନାଁରେ ଠକେଇ ଚାଲିଛି। ପୁଣି ୧୪ କ୍ୟାରେଟ ସୁନା ଦେଇ ୨୨ କ୍ୟାରେଟର ଦାମ ନେଉଛନ୍ତି। ପସନ୍ଦ ସୁନା କେତେ ପରିମାଣର ଅସଲି ତାହା ଜାଣିବା ବ୍ୟବସ୍ଥା ନ ଥିବାରୁ ଗ୍ରାହକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଅସାଧୁ ସୁନା ଦୋକାନୀମାନେ ଠକେଇ କରିଚାଲିଛନ୍ତି।

ନୂଆଗାଁର ଜଣେ ଗ୍ରାହକ ରାମଚନ୍ଦ୍ର ସାହୁ କୁହନ୍ତି, ଝିଅ ବାହାଘର ପାଇଁ ନୟାଗଡ଼ରୁ ସୁନା ଅଳଙ୍କାର କିଣିଥିଲି। ମୋ କହିବା ମୁତାବକ ଦୋକାନୀ ହଲମାର୍କ କହି ୨୨ କ୍ୟାରେଟ ସୁନା ଅଳଙ୍କାର ପ୍ରାୟ ୯୦ ହଜାର ଟଙ୍କାର ଦେଇଥିଲେ। ଝିଅ ବାହାଘର ଶେଷ ହେଲା। ଘରକୁ ଝିଅ ଆସି କହିଲା ବାପା ତୁମେ ଆଣିଥିବା ସୁନା ହଲମାର୍କ ନୁହେଁ ବୋଲି ଶାଶୁଘରର ଲୋକ କହୁଛନ୍ତି। ତୁମେ ଠକେଇରେ ପଡିଗଲ। ମୁଁ ଦୋକାନକୁ ଯାଇ ଅଭିଯୋଗ କରିବା ପରେ ଭୁଲ ହୋଇଯାଇଛି କହି ଦୋକାନୀ ହଲମାର୍କ ସୁନା ଅଳଙ୍କାର ଦେଲେ। ମୋ ପରି ଗରିବ ଲୋକ ପ୍ରତ୍ୟହ ଏଭଳି ଠକେଇର ଶିକାର ହେଉଛନ୍ତି। ନୟାଗଡ଼ର ପ୍ରମିଳା ମଲ୍ଲିକ କୁହନ୍ତି, ସୁନାର ଅପମିଶ୍ରଣ ଓ ଠକେଇ ରୋକିବାକୁ ସମସ୍ତ ସୁନା ଦୋକାନୀ ବିଆଇଏସ୍ ଓ ହଲମାର୍କ ଲେଖିବାକୁ ବାଧ୍ୟତାମୂଳକ କରାଯାଇଥିଲେ ମଧ୍ୟ କେହି ଲେଖୁନାହାନ୍ତି। ଜିଲା ସଦର ମହକୁମାରେ ୨୨ରୁ ଊର୍ଦ୍ଧ୍ୱ ସୁନା ଦୋକାନ ରହିଛି। ହେଲେ ଠକେଇ ରୋକିବାରେ ପ୍ରଶାସନ ବ୍ୟର୍ଥ। ଗ୍ରାମାଞ୍ଚଳର ଲୋକେ ଠକେଇର ଶିକାର ହୋଇ ଅଭିଯୋଗ କଲେ ସୁଫଳ ଆଶା କରିବା ବୃଥା। ରଣପୁରର ସୀତା ପ୍ରଧାନ କୁହନ୍ତି, ଅଧିକାଂଶ ଲୋକ ୨୨ କ୍ୟାରେଟ ଭାବି ୧୪ କ୍ୟାରେଟ ସୁନା କିଣୁଛନ୍ତି। ପୁଣି କେତେକ ଗ୍ରାହକ ବଣିଆ ଦୋକାନରେ ହଟହଟା ହେବାର ନଜିର ଅଛି। ମୋର ଜଣେ ସମ୍ପର୍କୀୟ ଅସଲି ସୁନା ନାଁରେ ନକଲି ସୁନା କିଣିଥିଲେ। ଏ ନେଇ ସେ ଅଭିଯୋଗ କରିଥିଲେ ବି ସୁଫଳ ମିଳି ନ ଥିଲା। ଓଡଗାଁର ସାବିତ୍ରୀ ଦେବୀ କୁହନ୍ତି, ଯେଉଁ ଦୋକାନରୁ ସୁନା କିଣିବେ ସେଠାରେ ନ ଫେରାଇଲେ ମୂଳ ଟଙ୍କା ୨୫ ଭାଗ ଅର୍ଥ ମିଳୁନି। ପୁଣି ଗୋଟିଏ ଦୋକାନର ସୁନାକୁ ଅନ୍ୟ ଦୋକାନୀ ଭଲ ସୁନା ନୁହେଁ କହି କମ ଦାମ୍‌ରେ କିଣୁଛନ୍ତି। ସରକାର ଏ ଦିଗରେ ଆଇନ ଆଣି ଠକେଇ ରୋକିବାକୁ ପଦକ୍ଷେପ ନେବା ଉଚିତ। ସୁନା ଦୋକାନୀ ନାଁ ପଞ୍ଜୀକୃତ କରିବା ମଧ୍ୟ ଦରକାର।

## ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ତଦନ୍ତ



ଖଣ୍ଡପଡ଼ା,୨।୧୨(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ ବନମାଳୀପୁର ପଞ୍ଚାୟତର ଜଣେ ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ହୋଇଥିବା ଅଭିଯୋଗର ବୁଧବାର ତଦନ୍ତ ଆରମ୍ଭ ହୋଇଛି। ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସତ୍ୟଭାମା ଦେବୀଙ୍କ ନିର୍ଦ୍ଦେଶ କ୍ରମେ ସୁପରଭାଇଜର ମନଦୁହା ଆଲମ, ସନ୍ତୋଷିନୀ ପାଣି ଓ ଆଇସିଡିଏର ଜଣେ ବରିଷ୍ଠ କର୍ମଚାରୀ ଉକ୍ତ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀ ଅଭିଯୋଗ କରିଥିଲେ ଯେ, ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ମନଇଚ୍ଛା କେନ୍ଦ୍ରକୁ ଆସୁଥିବା ବେଳେ କୋମଳମତି ପିଲାମାନଙ୍କର କୌଣସି ଦାୟିତ୍ୱ ନେଉନାହାନ୍ତି। ପ୍ରତିମାସରେ ଶିଶୁମାନଙ୍କୁ ଖାଦ୍ୟ ନ ଦେଇ ହଡ଼ପ କରିନେଉଛନ୍ତି। ଏ ସମ୍ପର୍କରେ ପଚାରିଲେ ତାଙ୍କ ସ୍ୱାମୀ ଧମକଚମକ ଦେଉଛନ୍ତି। ଏ ସମ୍ପର୍କରେ ସିଡିପିଓଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ତଦନ୍ତକାରୀ ଟିମ୍ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ଖଣ୍ଡପଡା ସିଡିପିଓ ଓ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ ଫୋନ ଉଠାଇ ନ ଥିବାରୁ ମତାମତ ମିଳି ନ ଥିଲା। ଅନ୍ୟପକ୍ଷେ ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ତଦନ୍ତ ହୋଇଥିଲା। ଆଉ ଗୋଟିଏ ଦିନ ବୈଠକ ଡକାଯାଇ ତଦନ୍ତ କରାଯିବ ବୋଲି ସୁପରଭାଇଜର ସନ୍ତୋଷିନୀ ପାଣି ସୂଚନା ଦେଇଛନ୍ତି।

## ସାଂସ୍କୃତିକ ଉତ୍ସବ ଗ୍ରାମାଞ୍ଚଳରେ ଭାଇଚାରା ସୃଷ୍ଟି କରେ

ତିର୍ତ୍ତୋଲ,୨।୧୨(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଇଦ୍ରିସିଂ ପଞ୍ଚାୟତର ଖନ୍ଦୋଳ ଗ୍ରାମରେ ଚାଲିଥିବା ବାର୍ଷିକ ରାସୋତ୍ସବର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ପ୍ରାଧ୍ୟାପିକା ଡା. ବିଷ୍ଣୁପ୍ରିୟା ଦାସ ଯୋଗଦେଇ ସାଂସ୍କୃତିକ ଉତ୍ସବ ଗ୍ରାମାଞ୍ଚଳରେ ଭାଇଚାରା ସୃଷ୍ଟି କରେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କୈଳାସ ଚନ୍ଦ୍ର ସାହୁ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଅଧ୍ୟାପକ ଉମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଝଙ୍କଡ଼ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ ଗୋଲୋକ ବିହାରୀ ପଲାଇ, ଶିକ୍ଷାବିତ୍ ରଞ୍ଜନ କୁମାର ସାମଲ, ପୂର୍ବତନ ଜିଲାପରିଷଦ ସଭ୍ୟ ହେମନ୍ତ କୁମାର ନାୟକ ଓ ଜଗନ୍ନାଥପୁର ମଣ୍ଡଳର ରାଜସ୍ୱ ନିରୀକ୍ଷିକା ଲୋଜାଲିନ ପଣ୍ଡା ଯୋଗଦେଇଥିଲେ। ଉପଦେଷ୍ଟାଭାବେ ପ୍ରେମ ଚରଣ ରାଉତ ରାସର ଉଦ୍‌ଘାଟନ କରିଥିଲେ। ମୃଣ୍ମୟୀ ଦାସ ପ୍ରାରମ୍ଭିକ ସଙ୍ଗୀତ ଓ ଶିଶୁ ନୃତ୍ୟ ଶିଳ୍ପୀ ସାଇ ଋତୁପର୍ଣ୍ଣା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସମ୍ପାଦକ ସଂଗ୍ରାମ କେଶରୀ ସ୍ୱାଇଁ ବିବରଣୀ ପାଠ କରିଥିଲେ। ଶେଷରେ ଧ୍ରୁବ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଖାଲଖମାରେ କେନାଲ ବନ୍ଧ ରାସ୍ତା

ଡେରାବିଶ, ୨।୧୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ କେନ୍ଦ୍ରାପଡ଼ା କେନାଲ୍‌ର ଗିରିଗୋଲାଠାରୁ ଦାନପୁର ୨ କି.ମି. କେନାଲ ବନ୍ଧ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ବ୍ଲକ ଅଞ୍ଚଳର ଏହି କେନାଲ ବନ୍ଧ ରାସ୍ତାଟି ମୁଖ୍ୟ। ରାସ୍ତାଟି କେନ୍ଦ୍ରାପଡ଼ା ଓ କଟକ ସହରକୁ ସଂଯୋଗ କରିଛି। ଦୈନିକ ଶତାଧିକ ଯାନବାହନ ରାସ୍ତା ଦେଇ ଯାତାୟାତ କରୁଛି। ବିଶେଷକରି ବ୍ଲକ ଅଧୀନ ମୁକୁନ୍ଦପୁର ଓ ଦାନପୁର ପଞ୍ଚାୟତ କେନାଲ ବନ୍ଧ ପାର୍ଶ୍ୱରେ ଅବସ୍ଥିତ ଥିବାରୁ ଏହି ଦୁଇ ପଞ୍ଚାୟତ ଅଧିବାସୀଙ୍କ ପାଇଁ ରାସ୍ତାଟି ଗୁରୁତ୍ୱ ବହନ କରୁଛି। କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ଏହି କେନାଲ ବନ୍ଧ ରାସ୍ତାଟି ଦୀର୍ଘଦିନ ହେବ ମରାମତି ନ ହେବା ଫଳରେ ଖାଲଖମାରେ ପରିଣତ ହୋଇଛି। ରାସ୍ତାର ତୁରନ୍ତ ମରାମତି ପାଇଁ ମୁକୁନ୍ଦପୁର ସରପଞ୍ଚ ଯୋଗାନନ୍ଦ ମହାନ୍ତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗୀୟ ସହକାରୀ ଯନ୍ତ୍ରୀ ସମୀର କୁମାର ପରିଡ଼ାଙ୍କୁ ପଚାରିବାରୁ ଏହି ରାସ୍ତା ନିର୍ମାଣ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏଷ୍ଟିମେଟ୍ କରି ପଠାଯାଇଛି। ଖୁବଶୀଘ୍ର ଦୁଇ କିଲୋମିଟର ରାସ୍ତାର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ।



ଗିରିଗୋଲାଠାରୁ ଦାନପୁର କେନାଲ ବନ୍ଧ ରାସ୍ତା ଖାଲଖମାରେ ଭର୍ତ୍ତି।

## କଂଗ୍ରେସର ସାଙ୍ଗଠନିକ ବୈଠକ

ନୟାଗଡ଼ ଅଫିସ, ୨।୧୨

ନୟାଗଡ଼ ଜିଲା ନୂଆଗାଁ ବ୍ଲକର କଂଗ୍ରେସ ସଙ୍ଗଠନକୁ ଆମୂଳଚୂଳ ପରିବର୍ତ୍ତନ କରାଯାଇ ତୃଣମୂଳ ସ୍ତରରେ ଦଳକୁ ମଜଭୁତ କରାଯିବ। ଏ ନେଇ ପଞ୍ଚୁପାଣ୍ଡବ ତୋଟାଠାରେ ବୁଧବାର ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲା ସଭାପତି ରଣଜିତ୍ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ହୁସେନ ଖାଁ, ସେବାଦଳ ସଂଯୋଜକ ଧୀରେନ୍ଦ୍ର ଦାସ, ପୂର୍ବତନ ଜିଲା କଂଗ୍ରେସ ଉପସଭାପତି ନିର୍ମଳ ଚନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।





ବୁଧବାର କୋଣାର୍କ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ଓଡ଼ିଶୀ ନୃତ୍ୟର ଏକ ଝଲକ।

## ୮୦% କର୍ମଚାରୀଙ୍କୁ ମିଳିଛି ପାଉଣା: କୁଲଭିନ ସୁରୀ

କଳିଙ୍ଗନଗର/କାଳିଆପାଣି, ୨।୧୨(ଡି.ଏନ.ଏ.)

**ଜେଏସ୍ ଅଟୱାଲରେ କର୍ମଚାରୀଙ୍କ ପାଉଣା ବିବାଦ ଘଟଣା**

ଚଳିତ ବର୍ଷ ମାର୍ଚ୍ଚରେ ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ଟାଟା ଷ୍ଟିଲ ସୁକିନ୍ଦା କ୍ରୋମାଇଟ୍ ଖଣି ଓ ଜିଏସ୍ ଅଟୱାଲ୍ ଆଣ୍ଡ କୋ(ଇଞ୍ଜିନିୟର୍ସ) ପ୍ରାଇଭେଟ୍ ଲିମିଟେଡ୍‌କୁ କାର୍ଯ୍ୟ ବନ୍ଦ ଆଦେଶ ଜାରି କରାଯାଇଥିଲା। ଫଳରେ ଜିଏସ୍ ଅଟୱାଲ୍ ନିଜ କର୍ମଚାରୀଙ୍କ କ୍ଷେତ୍ରରେ ଏହି ଆଦେଶ ପାଳନ କରିବାରେ ବିଫଳ ହୋଇଥିଲା। ଏଥିଯୋଗୁ ଟାଟା ଷ୍ଟିଲ ପକ୍ଷରୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶ୍ରମ କମିଶନରଙ୍କ କେନ୍ଦ୍ରୀୟ କାର୍ଯ୍ୟାଳୟରେ ସ୍ୱାକ୍ଷରିତ ରାଜିନାମା ଅନୁସାରେ ଜିଏସ୍ ଅଟୱାଲ୍ କର୍ମଚାରୀଙ୍କ ବାକିଥିବା ସମ୍ପୂର୍ଣ୍ଣ ଓ ଚୂଡାନ୍ତ ପାଉଣା ପ୍ରଦାନ କରାଯାଇଥିଲା। ଏବେ ସୁଦ୍ଧା ୩୫୮ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ କର୍ମଚାରୀ ପାଉଣା ନେଇସାରିଲେଣି ବୋଲି ଭାରତ ଓ ଦକ୍ଷିଣ ପୂର୍ବ ଏସିଆର ଟାଟା ଷ୍ଟିଲ କର୍ପୋରେଟ୍ କମ୍ୟୁନିକେଶନ୍ସ ମୁଖ୍ୟ କୁଲଭିନ ସୁରୀ ଏକ ବିଜ୍ଞପ୍ତିରେ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି, ଏହାମଧ୍ୟରେ ଜିଏସ ଅଟୱାଲ୍‌ର ଜଣେ ପୂର୍ବତନ କର୍ମଚାରୀ ଯୁଗଳ ବେହେରା ଶ୍ରମିକଙ୍କ ପ୍ରତିନିଧି ବୋଲି ଦାବି କରିବା ସହିତ ଟାଟା ଷ୍ଟିଲ ଓ ଜିଏସଅଟୱାଲ ପ୍ରତିଷ୍ଠାନ ବନ୍ଦ ହେବା ବିରୋଧରେ ଉଚ୍ଚ ନ୍ୟାୟାଳୟ ଓ ଶ୍ରମ ମନ୍ତ୍ରାଳୟରେ ମାମଲା ଦାଏର କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ନୂଆଦିଲ୍ଲୀସ୍ଥିତ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଯୁଗ୍ମ ସଚିବଙ୍କ ଦ୍ୱାରା ସେପ୍ଟେମ୍ବର ୯ରେ ଟାଟା ଷ୍ଟିଲ ସୁକିନ୍ଦା ଖଣି ଓ ଜେଏସ ଅଟୱାଲର କାର୍ଯ୍ୟ ବନ୍ଦ ସମ୍ପର୍କିତ ରିଭ୍ୟୁ ପିଟିଶନ ଉପରେ ଭର୍ଚୁଆଲ ଶୁଣାଣି କରାଯାଇଥିଲା। ଯୁଗଳ ଟାଟା ଷ୍ଟିଲ କିମ୍ବା ଜେଏସ ଅଟୱାଲ୍ ମଧ୍ୟରୁ କାହାରି କର୍ମଚାରୀ ହୋଇ ନ ଥିବାରୁ ତାଙ୍କର ଏହି ମାମଲାରେ ମତ ଦେବାର ଅଧିକାର ନଥିବା ଦର୍ଶାଇ ମନ୍ତ୍ରଣାଳୟ ପକ୍ଷରୁ ଗତ ନଭେମ୍ବର ୪ ଓ ୫ରେ ଜାରି ଆଦେଶରେ ତାଙ୍କ ଆବେଦନକୁ ଖାରଜ କରାଯାଇଥିଲା। ଏହାବ୍ୟତୀତ, ସେ ଦାବି କରୁଥିବା କୌଣସି କର୍ମଚାରୀ ସଂଘର ମଧ୍ୟ ସଦସ୍ୟ ନୁହନ୍ତି ଓ ନିଜକୁ ଜେଏସ ଅଟୱାଲ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଭାବେ ଦର୍ଶାଇ ମିଥ୍ୟା ପ୍ରତିନିଧିତ୍ୱ ପ୍ରଦର୍ଶନ କରୁଛନ୍ତି। ଶିଳ୍ପ ବିବାଦ ଅଧିନିୟମ ୧୯୪୮ ଆଧାରରେ ମନ୍ତ୍ରଣାଳୟ ପକ୍ଷରୁ ଏହି ମାମଲାକୁ ଖାରଜ କରି ଦିଆଯାଇଥିଲା। ଏକ ଦାୟିତ୍ୱବାନ କର୍ପୋରେଟ୍ ସଂସ୍ଥା ଭାବେ ଟାଟା ଷ୍ଟିଲ, ଶାସନ ନୀତିରେ ଉତ୍କର୍ଷ ନିମନ୍ତେ ପ୍ରତିଶ୍ରୁତିବଦ୍ଧ ଓ ଦୀର୍ଘସ୍ଥାୟୀ ମୂଲ୍ୟ ସୃଷ୍ଟିରେ ଏହାର ସମସ୍ତ ଷ୍ଟେକ୍‌ହୋଲଡରଙ୍କୁ ସହଭାଗୀ ଭାବେ ବିଚାର କରିଥାଏ ବୋଲି ସୁରୀ ପ୍ରକାଶ କରିଛନ୍ତି।

## ଶିଳାନ୍ୟାସରେ ଅଟକିଛି କଲ୍ୟାଣ ମଣ୍ଡପ

ଖଣ୍ଡପଡ଼ା,୨।୧୨(ସ୍ୱ.ପ୍ର.)

ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ଯୋଜନା କରି ଆବଶ୍ୟକ ଅନୁଦାନ ଅର୍ଥ ମଞ୍ଜୁର କରୁଛନ୍ତି। ମାତ୍ର ଖଣ୍ଡପଡ଼ା ବ୍ଲକ ଖଳିସାହି ପଞ୍ଚାୟତରେ ଅନୁଦାନ ରାଶି ମଞ୍ଜୁର ହୋଇଥିଲେ ମଧ୍ୟ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇପାରୁ ନାହିଁ। ଏକ ବିବାଦୀୟ ସ୍ଥାନରେ ୩୫ ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣ ମଣ୍ଡପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ଯୋଗୁ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଖଳିସାହି ଦଶଦୋଳ ପଡିଆରେ ପଞ୍ଚାୟତ କର୍ତ୍ତୃପକ୍ଷ ଜାଗା ଚିହ୍ନଟ କରିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ତତ୍କାଳୀନ ବିଡିଓ ଶିବାନନ୍ଦ ସ୍ୱାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଉକ୍ତ ପ୍ରସ୍ତାବିତ ଜାଗାକୁ ନେଇ ରାଜନୈତିକ ବିବାଦର ସୂତ୍ରପାତ ହୋଇଥିଲା। ଫଳରେ ବ୍ଲକ ପ୍ରଶାସନ ନିର୍ମାଣ କାର୍ଯ୍ୟରୁ ଓହରି ଯାଇଥିଲା। ଏହାପରେ ପଞ୍ଚାୟତ ପକ୍ଷରୁ ଅନ୍ୟ ଏକ ସ୍ଥାନ ଚିହ୍ନଟ କରାଯାଇ ନ ପାରିବାରୁ ଅନୁଦାନ ଅର୍ଥ ବିନିଯୋଗ ହୋଇ ନ ପାରି ବ୍ଲକ ଆକାଉଣ୍ଟରେ ପଡିରହିଛି। ଅଞ୍ଚଳବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପଞ୍ଚାୟତର ଏକ ମୁଖ୍ୟ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ବହୁଜନ ଛାତ୍ର ଯୁବ ସାମ୍ମୁଖ୍ୟର ବିକ୍ଷୋଭ

ନାଉଗାଁ,୨।୧୨(ସ୍ୱ.ପ୍ର.)

**ପରୀ ହତ୍ୟା ଘଟଣାର ତଦନ୍ତ ଦାବି, କୃଷି ବିଲ୍‌କୁ ବିରୋଧ**

ଜଗତ୍‌ସିଂହପୁର ଜିଲା ନାଉଗାଁ ବସଷ୍ଟାଣ୍ଡ ନିକଟରେ ବୁଧବାର ବହୁଜନ ଛାତ୍ର ଯୁବ ସାମ୍ମୁଖ୍ୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ସଂଗଠନ ପକ୍ଷରୁ ନୟାଗଡ଼ ଜିଲା ପରି ହତ୍ୟା ଘଟଣାର ତଦନ୍ତ ଦାବି ସହ କେନ୍ଦ୍ର ସରକାର ପ୍ରଚଳନ କରିଥିବା କୃଷି ବିଲ୍ ୨୦୨୦କୁ ବିରୋଧ କରାଯାଇଛି। ଯୁବ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ଅନିଲ ମଲ୍ଲିକଙ୍କ ନେତୃତ୍ୱରେ ସଦସ୍ୟମାନେ ହାତରେ ପ୍ଲା କାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବିକ୍ଷୋଭରେ ନାଉଗାଁ ଶାଖା ସୁନିଲ କୁମାର ମଲିକ, ଆଲୋକ ଦାସ, ରଞ୍ଜିତ ଜେନା, ନନ୍ଦନ ଦାସ, ସୁରେଶ ମଲିକ ଓ ଶଶିକାନ୍ତ ଦାସ ପ୍ରମୁଖ ସାମିଲ ହୋଇଥିଲେ।



ପ୍ଲା କାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଜମିକୁ ଆଉ ଯିବନି ପାଣି: ଚିନ୍ତାରେ ଚାଷୀ

ପଟ୍ଟାମୁଣ୍ଡାଇ, ୨।୧୨(ସ୍ୱ.ପ୍ର.)

**ପଟ୍ଟାମୁଣ୍ଡାଇ ୨ ନଂ. କେନାଲ**

କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ମଳିବାସା- ମିଇଁଯାଉଣି ୨ ନଂ. କେନାଲ ଭିତରୁ ବେଆଇନ ଭାବେ ମାଟି ଉଠାଇ ନିଆଯାଇଛି। କେନାଲ ବନ୍ଧ ରାସ୍ତା ନିର୍ମାଣ ଯୋଗୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମାଟି ଉଠାଇନେଇ ଯିବାରୁ ଏହା ଗଭୀର ହୋଇଯାଇଛି। ଫଳରେ ଗଭୀର କେନାଲରୁ ସୋଠ ବାଟ ଦେଇ ଜମିକୁ ପାଣି ମଡାଇବା ସମ୍ଭବ ହେବ ନାହିଁ ବୋଲି କୃଷକମାନେ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରୁ ବାହାରିଥିବା ୨ ନଂ. ଶାଖା କେନାଲ ମଳିବାସାଠାରୁ ମିଇଁଯାଉଣି ପର୍ଯ୍ୟନ୍ତ ଯାଇଛି। ପୂର୍ବରୁ କେନାଲ ଭିତରେ ଦେଢ ଫୁଟ ଖାଲ ଥିବାରୁ ଏସିଆନ ଡେଭଲପ୍‌ମେଣ୍ଟ ବ୍ୟାଙ୍କ ଅର୍ଥରେ ଟେଣ୍ଡର କରାଯାଇ କେନାଲ ଉନ୍ନତୀକରଣ କରାଯାଇଥିଲା। କେନାଲ ଉନ୍ନତୀକରଣରେ ଖାଲ ରହିଥିବା କେନାଲ ଭିତରକୁ ବାହାରୁ ମାଟି ଆଣି ପୋତାଯାଇଥିଲା। ପରେ ଗୋଟିଏ ବର୍ଷ ଏହି କେନାଲରେ ଶେଷ ମୁଣ୍ଡ ପର୍ଯ୍ୟନ୍ତ ସୁରୁଖୁରୁରେ ପାଣି ଯାଇ ଧାନ ଚାଷ ଭଲ ହୋଇଥିଲା। କିନ୍ତୁ ୨ ନଂ. କେନାଲ ବନ୍ଧ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଯାଇଛି। ମଳିବାସାରୁ ମିଇଁଯାଉଣି ସଂଯୋଗ କରୁଥିବା ଏହି କେନାଲ ବନ୍ଧରେ ଥିବା ଏକମାତ୍ର ରାସ୍ତା ନିର୍ମାଣରେ ଆବଶ୍ୟକତା ପଡିଲା। ଜଳ ସମ୍ପଦ ବିଭାଗ ଏହି ରାସ୍ତା ନିର୍ମାଣ କରି ନ ପାରି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରି ଦେଇଛି। ଏବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତା ନିର୍ମାଣ କରୁଛି। କେନାଲ ବନ୍ଧ ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ କେତେ ଟଙ୍କା ଖର୍ଚ୍ଚ କରୁଛି ତାହାର କୌଣସି ଫଳକ ଲଗାଯାଇନାହିଁ। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ଅକ୍ଷୟ କୁମାର ଦାସମହାପାତ୍ରଙ୍କୁ ପଚାରିବାରେ ରାସ୍ତାକୁ ଚଉଡା କରାଯିବା ସହ ଆବଶ୍ୟକ କରାଯାଉଥିବା ମାଟି ପାଇଁ ଠିକାଦାର ବାହାରୁ ଟ୍ରକ୍ ଯୋଗେ ମାଟି ସଂଗ୍ରହ କରିବାକୁ ଚୁକ୍ତିବଦ୍ଧ ହୋଇଛି। ଏପରି ଭୁଲ୍ ହେବନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ଏସ୍‌ଡିଓ ଶକ୍ତିପ୍ରସାଦ ଦାଶଙ୍କୁ ପଚାରିବାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ମାଟିକୁ ଏହି କେନାଲ ଭିତରୁ ଜେସିବି ଲଗାଇ ଉଠାଇ ବନ୍ଧରେ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଆମେ ଚିଠି କରିଛୁ ବୋଲି ସେ କହିଛନ୍ତି।



କେନାଲରୁ ଉଠାଯାଇଥିବା ମାଟିକୁ ରାସ୍ତାକଡରେ ପକାଯାଇଛି।

**ଚତୁର୍ଥ ତ୍ରୈମାସରେ ସକାରାତ୍ମକ ରହିବ ଜିଡିପି**

ନୂଆଦିଲ୍ଲୀ- କରୋନା ମହାମାରୀ ଯୋଗୁ ଦେଶର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ପ୍ରଭାବିତ ହୋଇ ରହିଛି। ପ୍ରଥମ ତ୍ରୈମାସରେ ଜିଡିପି ୨୩.୯% ଖସିଥିବା ବେଳେ ଦ୍ୱିତୀୟ ତ୍ରୈମାସରେ ୭.୫% ହ୍ରାସ ପାଇଛି। ଏଭଳି ସ୍ଥିତିରେ ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗର ଉପାଧ୍ୟକ୍ଷ ରାଜୀବ କୁମାର ଜିଡିପିକୁ ନେଇ ଆଶା ଦେଖାଇଛନ୍ତି। ପିଟିଆଇକୁ ସାକ୍ଷାତକାରରେ ସେ କହିଛନ୍ତି ଯେ, ଚତୁର୍ଥ ତ୍ରୈମାସରେ ଦେଶର ଜିଡିପି ସକାରାତ୍ମକ ସ୍ଥିତିକୁ ଆସିବ। ଦ୍ୱିତୀୟ ତ୍ରୈମାସ ଜିଡିପି ୭.୫% ଖସିଥିବା ବେଳେ ଅର୍ଥ ବ୍ୟବସ୍ଥା ଟ୍ରାକକୁ ଫେରୁଥିବା ନଜରକୁ ଆସୁଛି। ଆର୍ଥିକ କାର୍ଯ୍ୟକଳାପ ପୂର୍ବ ସ୍ଥିତିକୁ ଫେରିବା ଲାଗି ବେଶି ସମୟ ଲାଗିବନି ବୋଲି ସେ ସ୍ପଷ୍ଟ କରିଛନ୍ତି।

## ସଂକ୍ଷେପରେ

### ଶୀଘ୍ର ଶେଷ ହେବ ନୀରବଙ୍କ ପ୍ରତ୍ୟର୍ପଣ ଶୁଣାଣି



ନୂଆଦିଲ୍ଲୀ,୨।୧୨-ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ୧୩ ହଜାର କୋଟି ଟଙ୍କା ଋଣ ଠକେଇର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ ପ୍ରତ୍ୟର୍ପଣ ଶୁଣାଣି ଲଣ୍ଡନର ଏକ କୋର୍ଟରେ ଜାରି ରହିଛି। ଏହି ଶୁଣାଣି ଶୀଘ୍ର ଶେଷ ହେବ ବୋଲି ଜଣାପଡିଛି। ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଥିବାରୁ ନୀରବଙ୍କ ରିମାଣ୍ଡକୁ ବଢ଼ାଯାଇଛି। ଲଣ୍ଡନର ୱେଷ୍ଟ ମିନ୍‌ଷ୍ଟର ମାଜିଷ୍ଟ୍ରେଟ କୋର୍ଟ ମଙ୍ଗଳବାର ନୀରବଙ୍କ ହାଜତ ମିଆଦ ବଢ଼ାଇ ଦେଇଛନ୍ତି। ନୀରବଙ୍କ ଚୂଡ଼ାନ୍ତ ପ୍ରତ୍ୟର୍ପଣ ଶୁଣାଣି ଜାନୁୟାରୀ ୭ ଏବଂ ୮ ହେବ ବୋଲି ସୂଚନା ରହିଛି। ୪୯ ବର୍ଷୀୟ ନୀରବ ବର୍ତ୍ତମାନ ୱାଣ୍ଡସଓର୍ଥ ଜେଲରେ ରହୁଛନ୍ତି। ମାର୍ଚ୍ଚ ୨୦୧୯ରେ ଗିରଫ ପରେ ତାଙ୍କୁ ଏହି ଜେଲରେ ରଖାଯାଇଛି। ସେ ଭିଡିଓଲିଙ୍କ ଜରିଆରେ କୋର୍ଟରେ ହାଜର ହେଉଛନ୍ତି। ଜାମିନ ପାଇଁ ସେ ବାରମ୍ବାର ଆବେଦନ କରିଥିବା ବେଳେ ତାଙ୍କ ଜାମିନକୁ ନ୍ୟାୟାଳୟ ଅଗ୍ରାହ୍ୟ କରିଦେଇଥିବା ଜଣାପଡିଛି।

### ଇରାନ, ଭେନେଜୁଏଲା ତେଲ ଭାରତକୁ ଆସିପାରେ

ନୂଆଦିଲ୍ଲୀ,୨।୧୨- ଭାରତ ଏହାର ଅଶୋଧିତ ତେଲ ଆମଦାନୀ କୌଶଳରେ ପରିବର୍ତ୍ତନ ଆଣିପାରେ। ଇରାନ ଏବଂ ଭେନେଜୁଏଲା ଭଳି ଦେଶଗୁଡିକରୁ ପୁଣି ଥରେ ତେଲ ଭାରତକୁ ଆସିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଜୋଶେଫ ବାଇଡେନ ଆମେରିକା ରାଷ୍ଟ୍ରପତି ହେବା ପରେ ଏ ନେଇ ପୁଣି ଥରେ ନୂଆ ଆଶା ସଞ୍ଚାର ହୋଇଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏକ ତୈଳ ଆମଦାନୀକାରୀ ରାଷ୍ଟ୍ର ଭାବେ କିଭଳି ଅଧିକ ସ୍ଥାନରୁ ତେଲ ଭାରତକୁ ଆସିପାରିବ ସେ ନେଇ ଚିନ୍ତା କରାଯିବାର ଆବଶ୍ୟକତା ରହିଛି। ଏହାକୁ ଦେଖିଲେ ଭାରତ ଅଧିକ ବିକଳ୍ପକୁ ବିଚାର କରିବ ବୋଲି ପ୍ରଧାନ ମତବ୍ୟକ୍ତ କରିଛନ୍ତି।

# ଏଚ୍‌-୧ବି ଭିଜା ନିୟମରେ ରୋକ ଲାଗିଲା

ୱାଶିଂଟନ,୨।୧୨




ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ପ୍ରଶାସନ ଦ୍ୱାରା ପ୍ରସ୍ତାବିତ ନୂଆ ଭିଜା ନିୟମ ଉପରେ ସେଠାକାର ଏକ ଡିଷ୍ଟ୍ରିକ୍ଟ କୋର୍ଟ ବୁଧବାର ରୋକ ଲଗାଇଛନ୍ତି। ପ୍ରମୁଖ ଆଇଟି କମ୍ପାନୀଗୁଡିକ ଏହି ଭିଜା ନିୟମକୁ ବିରୋଧ କରିବା ସହ ନ୍ୟାୟାଳୟଙ୍କ ହସ୍ତକ୍ଷେପ ଲୋଡିଥିଲେ। ନୂଆ ପ୍ରସ୍ତାବକୁ ଲାଗୁ କରିବାରୁ ବର୍ତ୍ତମାନ କୋର୍ଟ ରୋକ ଲଗାଇଛନ୍ତି। ଫଳରେ ଭାରତୀୟ ଆଇଟି ପ୍ରଫେଶନାଲ ଏବଂ ୟୁଏସ୍‌ର ପ୍ରମୁଖ ଆଇଟି କମ୍ପାନୀଗୁଡିକ ଏହା ଦ୍ୱାରା ଆଶ୍ୱସ୍ତି ଲାଭ କରିଛନ୍ତି। ଆମେରିକାରେ ଅବସ୍ଥିତ କମ୍ପାନୀଗୁଡିକ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ନୂଆ ଭିଜା ନିୟମ ବିଭିନ୍ନ ପ୍ରତିବନ୍ଧକ ସୃଷ୍ଟି କରୁଥିଲା। ସାଧାରଣତଃ ଏଚ୍‌-୧ବି ଭିଜା ଦ୍ୱାରା କମ୍ପାନୀଗୁଡିକ ବିଦେଶୀ କୁଶଳୀ କର୍ମଚାରୀଙ୍କୁ ନିଯୁକ୍ତି ଦେଇଥାନ୍ତି। ଟ୍ରମ୍ପ ଏହି ନିୟମ ଉପରେ କଟକଣା ଲଗାଇଥିଲେ।

ଆମେରିକା ପ୍ରତିବର୍ଷ ୮୫ ହଜାର ଏଚ୍‌-୧ବି ଭିଜା ଜାରି କରିଥାଏ। ସାଧାରଣତଃ ଏହି ଭିଜା ଅବଧି ୩ ବର୍ଷ ରହିଥିବା ବେଳେ ଏହାକୁ ନବୀକରଣ କରାଯାଇଥାଏ। ଏଚ୍‌୧ବି ଭିଜାର ପ୍ରାୟ ଅଧିକାଂଶ ଚାଇନା ଏବଂ ଭାରତୀୟ ମାନେ ଲାଭ କରିଥାନ୍ତି। ନର୍ଦ୍ଦର୍ଣ୍ଣ ଡିଷ୍ଟ୍ରିକ୍ଟ ଅଫ୍ କାଲିଫର୍ନିଆର ଡିଷ୍ଟ୍ରିକ୍ଟ ଜଜ୍ ଜେ.ହ୍ୱାଇଟ ତାଙ୍କର ୨୩ ପୃଷ୍ଠା ବିଶିଷ୍ଟ ଆଦେଶରେ ଟ୍ରମ୍ପ ପ୍ରଶାସନ ଜାରି କରିଥିବା ନିୟମକୁ ରୋକ ଲଗାଇଛନ୍ତି। ସୂଚନାଯୋଗ୍ୟ, ଭିଜା ନିୟମରେ ପରିବର୍ତ୍ତନ ହେବା ଯୋଗୁ ଟେକ୍ନୋଲୋଜି କମ୍ପାନୀଗୁଡିକୁ କର୍ମଚାରୀଙ୍କୁ ନିଯୁକ୍ତିରେ ଅଧିକ ଖର୍ଚ୍ଚ କରିବାକୁ ପଡିଥାନ୍ତା। ଫଳରେ ସେମାନେ ବାଧ ହୋଇ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି କାଟ କରିଥାନ୍ତେ। ମାତ୍ର ଏହା ଦ୍ୱାରା ଟେକ୍ନୋଲୋଜି କମ୍ପାନୀଗୁଡିକ କ୍ଷତିଗ୍ରସ୍ତ ହେବା ଆଶଙ୍କା କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରସ୍ତାବିତ ନିୟମ ଲାଗୁ ହୋଇଥିଲେ ଏଚ୍‌-୧ବି ଦ୍ୱାରା ଆମେରିକାରେ ନିଯୁକ୍ତି ଲାଭ କରିବାକୁ ଥିବା ଭାରତୀୟ ମାନେ କ୍ଷତିଗ୍ରସ୍ତ ହୋଇଥାନ୍ତେ।

**ଭାରତୀୟ ଟେକ୍ ପ୍ରଫେଶନାଲଙ୍କୁ ଆଶ୍ୱସ୍ତି**

୭ ସେପ୍ଟେମ୍ବରଠାରୁ ନୂଆ ନିୟମ ଲାଗୁ କରିବାକୁ କୁହାଯାଇଥିଲା। ମାତ୍ର ବର୍ତ୍ତମାନ ନ୍ୟାୟାଳୟ ଏହାକୁ ଲାଗୁ କରାଇବା ଉପରେ ରହିତାଦେଶ ଲାଗୁ କରିବାରୁ ଏହା କାର୍ଯ୍ୟକାରୀ ହେବନାହିଁ। ଅର୍ଥାତ ଆମେରିକାର ଶ୍ରମ ବିଭାଗପକ୍ଷରୁ ଲାଗୁ ହେବାକୁ ଥିବା ପ୍ରସ୍ତାବିତ ଏହି ନିୟମ ଆଉ ପ୍ରଭାବି ହୋଇ ରହିବ ନାହିଁ। ପ୍ରସ୍ତାବିତ ନିୟମ ଉପରେ ହସ୍ତକ୍ଷେପ କରିବା ଲାଗି ଫେସବୁକ, ଗୁଗଲ, ମାଇକ୍ରୋସଫ୍ଟ ଭଳି ଅନ୍ୟ ପ୍ରମୁଖ କମ୍ପାନୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଆର୍‌ବିଆଇ ମୁଦ୍ରାନୀତି କମିଟି ବୈଠକ ଆରମ୍ଭ

ନୂଆଦିଲ୍ଲୀ,୨।୧୨




ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ୩ ଦିନିଆ ମୁଦ୍ରାନୀତି କମିଟି ବୈଠକ (ଏମ୍‌ପିସି) ବୁଧବାରଠାରୁ ଆରମ୍ଭ ହୋଇଛି। ବର୍ତ୍ତମାନ ବଜାରରେ ମୁଦ୍ରାସ୍ଫୀତି ଉଚ୍ଚରେ ରହିଛି। ଏହାକୁ ବିଚାର କରି କେନ୍ଦ୍ରୀୟ ବ୍ୟାଙ୍କ ଏହାର ରେପୋକୁ ଚଳିତ ଥର ଅପରିବର୍ତ୍ତିତ ରଖିପାରେ ବୋଲି ବଜାର ବିଶେଷଜ୍ଞମାନେ କହୁଛନ୍ତି। ଡିସେମ୍ବର ୪ରେ ରିଜର୍ଭ ବ୍ୟାଙ୍କ ଏହାର ନିଷ୍ପତ୍ତି ଘୋଷଣା କରିବ। ମୁଦ୍ରାସ୍ଫୀତି ୬% ସ୍ତରକୁ ବଢିଛି। ଅକ୍ଟୋବରରେ ହୋଇଥିବା ଏମ୍‌ପିସି ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ଏହାର ରେପୋ ହାରକୁ ମଧ୍ୟ ଅପରିବର୍ତ୍ତିତ ରଖିଥିଲା। ସେହିଭଳି ଚଳିତ ଆର୍ଥିକ ବର୍ଷରେ ଦେଶର ଜିଡିପି ୯.୫% ଖସିବ ବୋଲି ଏହା ଆକଳନରେ କହିସାରିଛି। କରୋନା ମହାମାରୀ ଯୋଗୁ ଅର୍ଥ ବ୍ୟବସ୍ଥା ଚାପଗ୍ରସ୍ତ ହୋଇଛି। ଦେଶ ମଧ୍ୟରେ ଆର୍ଥିକ କାର୍ଯ୍ୟକଳାପକୁ ବଢାଇବା ଲାଗି ରିଜର୍ଭ ବ୍ୟାଙ୍କ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ଏବେ ସୁଦ୍ଧା ଆର୍‌ବିଆଇ ୧୧୫ ବେସିସ ପଏଣ୍ଟ ରେପୋ କମାଇଛି।

## ବି.କେ. ଦାସ ନାଲ୍‌କୋର ନୂଆ ନିର୍ଦ୍ଦେଶକ

ଭୁବନେଶ୍ୱର,୨।୧୨



ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲ୍‌କୋ)ର ନୂଆ ଉତ୍ପାଦନ ନିର୍ଦ୍ଦେଶକ ଭାବେ ବିଜୟ କୁମାର ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କମ୍ପାନୀର ପ୍ରକଳ୍ପ ବିଭାଗ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ଏନ୍‌ଆଇଟି ରାଉରକେଲାରୁ ମେକାନିକାଲ ଇଞ୍ଜିନିୟରିଂ ପରେ ସେ ନାଲକୋରେ ଗ୍ରାଜୁଏଟ୍ ଇଞ୍ଜିନିୟର ଟ୍ରେନି ଭାବେ ଯୋଗ ଦେଇଥିଲେ। ଅନୁଗୋଳର କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ପ୍ରକଳ୍ପରେ ତାଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଛନ୍ତି। ସେ କର୍ପୋରେଟ ପ୍ଲାନିଂ ଆଣ୍ଡ ଷ୍ଟ୍ରାଟେଜିକ ମ୍ୟାନେଜମେଣ୍ଟର ମହାପ୍ରବନ୍ଧକ ଏବଂ ପରେ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଦକୁ ପଦୋନ୍ନତି ପାଇଥିଲେ। ତାଙ୍କ ପାଖରେ ରହିଥିବା ଅଭିଜ୍ଞତା କମ୍ପାନୀର ବିକାଶ ଦିଗରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ଏସ୍‌ବିଆଇର ନୂଆ ଟ୍ରେଜେରି ସାଟେଲାଇଟ ଶାଖା

ଭୁବନେଶ୍ୱର,୨।୧୨




ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ପକ୍ଷରୁ ଇଡ୍‌କଲ ହାଉସରେ ଟ୍ରେଜେରି ସାଟେଲାଇଟ ଶାଖା ଶୁଭାରମ୍ଭ ହୋଇଛି। ଏସ୍‌ବିଆଇ ଗ୍ଲୋବାଲ ମାର୍କେଟର ଉପପରିଚାଳନା ନିର୍ଦ୍ଦେଶକ ଏସ୍.ଭି ଶାସ୍ତ୍ରୀ ଏହାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ବ୍ୟାଙ୍କର ଗ୍ଲୋବାଲ ମାର୍କେଟ ମୁଖ୍ୟ ମହାପ୍ରବନ୍ଧକ ବି.ରାଘବେନ୍ଦ୍ର ରାଓ, ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ରୁମା ଦେ, ନେଟଓ୍ୱର୍କ ୧ର ମହାପ୍ରବନ୍ଧକ ସି.ଏଲ୍.ଏନ୍. ଚାରିୟୁଲୁ, ନେଟଓ୍ୱର୍କ-୨ର ମହାପ୍ରବନ୍ଧକ ବିଜୟ କୁଜୁର ଓ ଏସ୍‌ବିଆଇ ବାଣିଜ୍ୟିକ ଶାଖାର ଡିଜିଏମ୍ ଅଭିନ୍ନ ସୁନ୍ଦର ବରାଳ ଉପସ୍ଥିତ ଥିଲେ। ନୂଆ ଶାଖାଟି ଆର୍‌ଟିଏମ୍‌ୟୁର କୋଲକାତାର ଏକ ୟୁନିଟ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ଉକ୍ତ ଶାଖାରେ ରିଲେଶନଶିପ ମ୍ୟାନେଜର ଭାବେ ଅଭିରାମ ଶୁକ୍ଳାଙ୍କୁ ନିଯୁକ୍ତି କରାଯାଇଛି। କାର୍ଯ୍ୟକ୍ରମ ଅବସରରେ ଆର୍‌ଟିଏମ୍‌ୟୁ ସହାୟକ ମହାପ୍ରବନ୍ଧକ ସନ୍ଦୀପ କୁମାର ସିହ୍ନା ଧନ୍ୟବାଦ ପ୍ରଦାନ କରିଛନ୍ତି।

## ଫ୍ଲିପକାର୍ଟକୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୨।୧୨

ପ୍ରମୁଖ ଇ-କମର୍ସ କମ୍ପାନୀ ଫ୍ଲିପକାର୍ଟ ବିରୋଧରେ ବେଆଇନ ଉପାୟରେ ବଜାର ଅକ୍ତିଆର କରିବା ଅଭିଯୋଗ ଆସିଥିଲା। ଏହି ଅଭିଯୋଗର ତଦନ୍ତ କରିବା ଲାଗି ନ୍ୟାଶନାଲ କମ୍ପାନୀ ଲ ଆପିଲେଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି) କମ୍ପିଟିଶନ କମିଶନ ଇଣ୍ଡିଆ(ସିସିଆଇ)କୁ ନିର୍ଦ୍ଦେଶ ଦେଇଥିଲେ। ଏନ୍‌ସିଏଲ୍‌ଏଟିଙ୍କ ଏହି ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟ ରହିତାଦେଶ ଜାରି କରିଛନ୍ତି। ମୁଖ୍ୟ ବିଚାରପତି ଏସ୍.ଏ. ବୋବଡ଼େ, ଜଷ୍ଟିସ ଏ.ଏସ୍.ବୋପାନ୍ନା ଏବଂ ଜଷ୍ଟିସ ଭି. ରାମସୁବ୍ରମଣ୍ୟନ ଏହି ମାମଲାର ଶୁଣାଣି କରି ରହିତାଦେଶ ଜାରି କରିଛନ୍ତି। ଏହି ପ୍ରସଙ୍ଗକୁ ପୁଣି ଥରେ ତର୍ଜମା ଲାଗି ଏନ୍‌ସିଏଲ୍‌ଏଟି ପଠାଇ ଦିଆଯାଇଛି। ସୁପ୍ରିମକୋର୍ଟ ଅଲ୍ ଇଣ୍ଡିଆ ଅନଲାଇନ ଭେଣ୍ଡର୍ସ ଆସୋସିଏଶନ ଏବଂ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆକୁ ନୋଟିସ ଜାରି କରିଥିବା ଜଣାପଡିଛି। ଏହି ମାମଲାରେ ବର୍ତ୍ତମାନ ଫ୍ଲିପକାର୍ଟକୁ କିଛିଟା ଆଶ୍ୱସ୍ତି ମିଳିଛି।

## ପେଟିଏମ୍ ଅଂଶଧନ ବିକିପାରେ ଚାଇନାର ଆଣ୍ଟ୍ ଗ୍ରୁପ୍

ନୂଆଦିଲ୍ଲୀ,୨।୧୨

ଚାଇନାର ଆଣ୍ଟ ଗ୍ରୁପ ଭାରତୀୟ କମ୍ପାନୀ ପେଟିଏମ୍‌ରେ ରହିଥିବା ଏହାର ଅଂଶଧନକୁ ବିକ୍ରି କରିବା ଲାଗି ବର୍ତ୍ତମାନ ବିଚାର କରୁଛି। ଭାରତ-ଚାଇନା ମଧ୍ୟରେ ଉପୁଜିଥିବା ତିକ୍ତତା ଯୋଗୁ କମ୍ପାନୀ ଏଭଳି କରିବ ବୋଲି ଗଣମାଧ୍ୟମରେ ଏକ ରିପୋର୍ଟ ପ୍ରକାଶ ପାଇଛି। ସୂଚନା ଯୋଗ୍ୟ, ପେଟିଏମ୍‌ରେ ଆଣ୍ଟ ଗ୍ରୁପର ୩୦% ଅଂଶଧନ ରହିଛି। ଏ ନେଇ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଏବେ ଯାଏ ଜାରି ହୋଇନାହିଁ। ଅପରପକ୍ଷରେ କେତେ ଟଙ୍କାର ଡିଲ ହେବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ପେଟିଏମ୍‌ରେ ଅନ୍ୟ ଅଂଶୀଦାରଙ୍କ ମଧ୍ୟରେ ସଫ୍ଟବ୍ୟାଙ୍କ ମଧ୍ୟ ରହିଛି। ଏହା ଉପରେ ପେଟିଏମ୍ ଏବଂ ଆଣ୍ଟ ଗ୍ରୁପର ପ୍ରତିକ୍ରିୟା ଲୋଡାଯାଇଥିଲା। ଏହି ଖବରର କୌଣସି ସତ୍ୟତା ନାହିଁ ବୋଲି ଉଭୟ ଗ୍ରୁପ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ୧୭.୮୪% ଖସିଲା ରପ୍ତାନି

ନୂଆଦିଲ୍ଲୀ,୨।୧୨

ଚଳିତ ଆର୍ଥିକ ବର୍ଷ ଏପ୍ରିଲରୁ ନଭେମ୍ବର ମାସ ମଧ୍ୟରେ ଦେଶ ମଧ୍ୟରୁ ରପ୍ତାନି ୧୭.୮୪% ଖସିଛି। ସେହିଭଳି ସମାନ ଅବଧିରେ ଆମଦାନୀ ୩୩.୫୬% କମିଥିବା ବାଣିଜ୍ୟ ସଚିବ ଅନୁପ ୱାଧୱାନ ବୁଧବାର ସୂଚନା ଦେଇଛନ୍ତି। ସେହିଭଳି ଦେଶର ବାଣିଜ୍ୟ ନିଅଣ୍ଟ ମଧ୍ୟ କମିଥିବା ସେ କହିଛନ୍ତି। ଏହି ଅବଧିରେ ଫାର୍ମା ରପ୍ତାନି ୧୫% ବଢିଥିବା ବେଳେ ଚାଉଳ ୩୯% ଏବଂ ଲୁହା ପଥର ୬୨% ବଢିଛି। ୨୦୨୫ ସୁଦ୍ଧା ୧ ଲକ୍ଷ କୋଟି ଡଲାର ରପ୍ତାନି ଲକ୍ଷ୍ୟ ହାସଲ କରିବା ଲାଗି ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୁଷ ଗୋୟଲ ଆହ୍ୱାନ ଜଣାଇଛନ୍ତି। ବୋର୍ଡ ଅଫ୍ ଟ୍ରେଡ ମିଟିଂ ଅବସରରେ ସେ କହିଛନ୍ତି ଯେ, ଦେଶର ଅର୍ଥ ବ୍ୟବସ୍ଥାରେ ବର୍ତ୍ତମାନ ସୁଧାର ଆସୁଛି। ବିଶ୍ୱ ସ୍ତରୀୟ ସପ୍ଲାଇ ଚେନ୍ ଭାରତ ବଜାରକୁ ଆସିବାକୁ ବର୍ତ୍ତମାନ ଆଶା ପ୍ରକଟ କରୁଛନ୍ତି। ବିଭିନ୍ନ କ୍ଷେତ୍ରକୁ ସହାୟତା କରିବା ଲାଗି ସରକାର ନିରନ୍ତର କାର୍ଯ୍ୟକ୍ରମ ଜାରି କରିଛନ୍ତି।

## ଆଞ୍ଚଳିକ ଖବର

### କୋଭିଡ୍ କଟକଣା ଉଲ୍ଲଂଘନ: ବ୍ୟାଣ୍ଡପାର୍ଟି ଗାଡ଼ି ଜବତ

ଖଣ୍ଡପଡ଼ା,୨।୧୨(ସ୍ୱ.ପ୍ର.): କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ଖଣ୍ଡପଡ଼ା ଥାନା ପୋଲିସ ବୁଧବାର ବିବାହ ପ୍ରସେଶନରେ ଆସିଥିବା ଏକ ବ୍ୟାଣ୍ଡପାର୍ଟି ଗାଡ଼ି ଜବତ କରିଛି। ଥାନା ସୂତ୍ରରୁ ପ୍ରକାଶ ଯେ, କୋଭିଡ୍-୧୯ ସମୟରେ ବିବାହ ଉତ୍ସବରେ ଏକାଧିକ ବ୍ୟକ୍ତି ଏକତ୍ରିତ ହେବା ଉପରେ ସରକାର କଟକଣା ଲାଗୁ କରିଛନ୍ତି। ଏପରି କି ବିବାହ ପ୍ରସେଶନ ପାଇଁ ନିକଟସ୍ଥ ଥାନା କିମ୍ବା ପ୍ରଶାସନିକ ଅଧିକାରୀଙ୍କଠାରୁ ଅନୁମତି ନେବା ବାଧତାମୂଳକ କରାଯାଇଛି। ଏପରିସ୍ଥଳେ ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତର ତେନ୍ତୁଳିଆପଲ୍ଲୀ ଗ୍ରାମରେ ମଙ୍ଗଳବାର ରାତିରେ ଏକ ବିବାହ ପ୍ରସେଶନରେ ବ୍ୟାଣ୍ଡପାର୍ଟି, ଡିଜେ ବ୍ୟବହାର ସହ ବାଣ ଫୁଟାଯାଉଥିବା ନେଇ ସ୍ଥାନୀୟ ବାସିନ୍ଦା ପୋଲିସକୁ ସୂଚନା ଦେଇଥିଲେ। ଥାନା ଆଇଆଇସି ବିଶ୍ୱଜିତ ରାଉତରାୟ ସଦଳବଳ ବିଳମ୍ବିତ ରାତିରେ ଚଢାଉ କରି ବ୍ୟାଣ୍ଡପାର୍ଟି ଗାଡି ଜବତ କରିଥିଲେ। ଏ ସମ୍ପର୍କରେ ତହସିଲଦାରଙ୍କୁ ରିପୋର୍ଟ ଦିଆଯାଇଛି ଓ ସେ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ଥାନା ଏସ୍‌ଆଇ ପ୍ରଫୁଲ୍ଲ କୁମାର ଦେଓ ସୂଚନା ଦେଇଛନ୍ତି।

### ଟଙ୍କା ଲୁଟ୍: ୩ ଗିରଫ

କେନ୍ଦ୍ରାପଡା ଅଫିସ, ୨।୧୨: କେନ୍ଦ୍ରାପଡା ଟାଉନ ପୋଲିସ ଏକ କୁକୁଡା ଗାଡିକୁ ଯୋର ଜବରଦସ୍ତ ଅଟକାଇ ୧୪ ହଜାର ଟଙ୍କା ସମେତ ୨ଟି କୁକୁଡା ଛଡାଇ ନେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ ଚାଟରାପାଟଣା ଗ୍ରାମର କାହ୍ନୁଚରଣ ଦାସ, ଶୁଭ୍ରଜିତ ରାଉତ ଓରଫ ନିଲୁ ଓ ଅରୂପ କୁମାର ରଣା ଓରଫ ଲକି। ଏ ନେଇ ସଦର ଥାନା ଅନ୍ତର୍ଗତ ହଳଦିଆ ଗାଁର ବ୍ୟବସାୟୀ ସେକ୍ ମକସୁଦଙ୍କ ଅଭିଯୋଗ ଥିଲା ଯେ, ନଭେମ୍ବର ୩୦ରେ ତାଙ୍କ ପିକ୍‌ଅପ ଭ୍ୟାନ ଗାଡି ନଂ. ଓଡି ୨୯ ଜି ୬୮୮୬ରେ କୁକୁଡା ବୋଝେଇ କରି ଚାଟରାପାଟଣା ଗାଁ ଦେଇ ଯାଉଥିବା ବେଳେ ଏହି ଲୁଟ୍ କରାଯାଇଛି। ଏହି ମାମଲାକୁ ଟାଉନ ଥାନା ଏସ୍‌ଆଇ ଅନ୍ତର୍ଯ୍ୟାମୀ ବିଶ୍ୱାଳ ତଦନ୍ତ କରିଥିଲେ।

# ଜମି ବଢ଼ିନି, ବଢ଼ିଲେ ଚାଷୀ

ଯାଜପୁର ଅଫିସ,୨।୧୨



- ଏଥର ୧୪,୦୪୮ ନୂଆ ଚାଷୀ
- କାରଣ ଖୋଜି ପାଉନି ଯୋଗାଣ ବିଭାଗ

ଯାଜପୁର ଜିଲାର ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ଅଗଷ୍ଟ ଶେଷବେଳକୁ ପ୍ରଳୟଙ୍କରୀ ବନ୍ୟା ଆସିଥିଲା। ଏଥିଯୋଗୁ ପ୍ରାୟ ୭୪ ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଥିଲା। ପରବର୍ତ୍ତୀ ସମୟରେ ପାଗ ଅନୁକୂଳ ରହିଥିଲେ ହେଁ ଧାନ ଉତ୍ପାଦନ ହ୍ରାସ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ତଥାପି ଫୁଡ୍ ଓଡ଼ିଶା ପୋର୍ଟାଲରୁ ମିଳିଥିବା ସୂଚନା ଅନୁସାରେ ବୁଧବାର ଅର୍ଥାତ ୨ ତାରିଖ ସୁଦ୍ଧା ୨୦୨୦-୨୧ ଖରିଫ ଚାଷ ଧାନ ବିକ୍ରି ପାଇଁ ଜିଲାର ୪୩,୮୧୧ ଜଣ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଏଥିରେ ୨୯,୭୬୩ ଜଣ ଚାଷୀ ନବୀକରଣ କରିଥିବାବେଳେ ୧୪,୦୪୮ ଜଣ ଚାଷୀ ନୂଆ ରହିଛନ୍ତି। ତେବେ ଜମି ବଢ଼ିନି, କିନ୍ତୁ ଏତେ ସଂଖ୍ୟାରେ ଚାଷୀଙ୍କ ବୃଦ୍ଧି ହୋଇଥିବାରୁ ସରକାରୀ ଅର୍ଥ ଆତ୍ମସାତ ପାଇଁ ଥୋପ ପକାଯାଉଛି ବୋଲି ଅଭିଯୋଗ ହୋଇଛି।

ଜିଲାରେ ୧,୪୫,୪୫୦ ହେକ୍ଟର ଚାଷ ଉପଯୋଗୀ ଜମି ମଧ୍ୟରୁ ଖରିଫ ଋତୁରେ ୬୬,୬୧୩ ହେକ୍ଟର ଓ ରବି ଋତୁରେ ୩୮,୭୦୦ ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ରହିଥିବା ବିଭାଗ ପକ୍ଷରୁ କୁହାଯାଉଛି। ବାସ୍ତବପକ୍ଷେ ଏହାର ଅର୍ଦ୍ଧାଧିକ ଜମିରେ ମଧ୍ୟ ପାଣି ମାଡୁନ ଥିବା ଅଭିଯୋଗ ହୋଇଆସୁଛି। ପ୍ରାକୃତିକ ବିପର୍ଯ୍ୟୟରୁ ମୁକୁଳି ପାରୁ ନ ଥିବା ଚାଷୀ ଆଉ ଚାଷ କାର୍ଯ୍ୟ ପ୍ରତି ଆକୃଷ୍ଟ ହେଉ ନ ଥିବାରୁ ଚାଷୀ ସଂଖ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ୨୦୧୯-୨୦ ଖରିଫ ଧାନ ସଂଗ୍ରହରେ ପୂର୍ବ ବର୍ଷ ଅପେକ୍ଷା ୮,୩୧୫ ଜଣ ଚାଷୀ ହ୍ରାସ ପାଇଥିଲେ। କିନ୍ତୁ ଚଳିତ ବର୍ଷ ଚାଷୀ ସଂଖ୍ୟା ବୃଦ୍ଧି କଥାକୁ ଚାଷୀ ମହଲରେ ସହଜରେ ଗ୍ରହଣ ହୋଇ ପାରୁନାହିଁ। ଅନ୍ୟପକ୍ଷେ କମ୍ ଜମି ଥିବା କିମ୍ବା ଜମି ନ ଥାଇ ମଧ୍ୟ ସେମାନଙ୍କ ନାମରେ ଅଧିକ ଜମି ଦେଖାଇ ଚାଷୀ ଭାବେ ପଞ୍ଜୀକରଣ କରାଯାଉଛି। ପରେ ସେହିମାନଙ୍କ ନାମରେ କୃଷିକ୍ଷେତ୍ର ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାରେ ଆବଣ୍ଟିତ ଅନୁଦାନକୁ ଚଳୁ କରାଯାଉଛି। ଗତ ବର୍ଷ ମାର୍କଣ୍ଡପୁର ପାକ୍ସରେ ଏଭଳି ଏକ ଘଟଣା ପର୍ଦ୍ଦାଫାଶ ହୋଇଥିଲା। ଏକ କଲେଜରେ ରାତ୍ର ଜଗୁଆଳିଙ୍କ ୪ ଜଣ ପରିବାର ସଦସ୍ୟଙ୍କ ନାମରେ ୯୦ ଏକରରୁ ଉର୍ଦ୍ଧ୍ୱ ଜମି ଦର୍ଶାଇ ଧାନ କିଣାରେ ପ୍ରାୟ ୧୯ ଲକ୍ଷ ଟଙ୍କା ହଡପ ହୋଇଥିଲା। ଏନେଇ ସ୍ଥାନୀୟ କେତେକ ଚାଷୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ସମ୍ପୃକ୍ତ ପାକ୍ସର ସମ୍ପାଦକ ଓ ଚାଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ସେହିପରି ଧର୍ମଶାଳା ବ୍ଲକର ମହିସରା ଓ ରଖିଦେଇପୁର ପାକ୍ସ, କୋରେଇ ବ୍ଲକର ବନ୍ଦାଲୋ, ରସୁଲପୁରରର ବ୍ରହ୍ମବରଦା ପାକ୍ସରେ ବିଭିନ୍ନ ଦୁର୍ନୀତିର ତଦନ୍ତ କରିବାକୁ ପୂର୍ବରୁ ନିର୍ଦ୍ଦେଶ ହୋଇଛି। କିନ୍ତୁ ଏସବୁ ଦୁର୍ନୀତିର ତଦନ୍ତ କେବଳ ନିର୍ଦ୍ଦେଶରେ ସୀମିତ ରହିଛି। ରାଜ୍ୟ ସରକାର ଦୁର୍ନୀତି ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୫-ଟି ଆଇନ ଆଣିଛନ୍ତି। କିନ୍ତୁ ଏହି ଆଇନକୁ ଅଣଦେଖା କରି ଚାଷୀ ପଞ୍ଜୀକରଣ ସଂଖ୍ୟା ବୃଦ୍ଧି କରାଯାଇଛି।

୨୦୧୯-୨୦ ବର୍ଷରେ ଚାଷୀ ପଞ୍ଜୀକରଣରେ ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ରାଜ୍ୟ ସମବାୟ ସମିତି ନିବନ୍ଧକ(ଆରସିଏସ) ଉଦ୍‌ବେଗ ପ୍ରକାଶ କରି ସମ୍ପୃକ୍ତ ଅଧିକାରୀଙ୍କୁ ଏଥିପାଇଁ ଦାୟୀ କରିଥିଲେ। ଉପଯୁକ୍ତ ଭାବେ ଚାଷୀ ପଞ୍ଜୀକରଣ ପର୍ଯ୍ୟବେକ୍ଷଣ ହୋଇନାହିଁ, ତେଣୁ ଯେପରି ସମସ୍ତ କୃଷି ଋଣ ନେଇଥିବା ଚାଷୀ ଧାନ ସଂଗ୍ରହରେ ପଞ୍ଜୀକୃତ ହେବେ ସେଥିପ୍ରତି ସୁପରଭାଇଜିଂ ଅଫିସର, ପାକ୍ସ ସମ୍ପାଦକ ପ୍ରମୁଖ ଉତ୍ତରଦାୟୀ ହେବେ ବୋଲି ଆର୍‌ସିଏସ୍ ଚେତାବନୀ ଦେଇଥିଲେ। ଏହି ଚେତାବନୀକୁ ଲକ୍ଷ୍ୟରେ ରଖି ଚଳିତ ବର୍ଷ ଯେନତେନ ପ୍ରକାରେ ଚାଷୀଙ୍କ ସଂଖ୍ୟା ବୃଦ୍ଧି କରାଯାଇଛି ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ପ୍ରଭାତକର ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଜମି ପରିମାଣ ସହିତ ଚାଷୀଙ୍କ ସଂଖ୍ୟାରେ କୌଣସି ସମ୍ପର୍କ ନାହିଁ। ଚଳିତ ବର୍ଷ ଜଣେ ଚାଷୀଙ୍କ ଜମିରେ ୨ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବେ। ଚାଷୀ ସଂଖ୍ୟା ହ୍ରାସ ଓ ବୃଦ୍ଧି ପ୍ରାୟ ହୋଇଥାଏ। ତେବେ ଚାଷୀ ପଞ୍ଜୀକରଣରେ ଅନିୟମିତତା ଅଭିଯୋଗକୁ ମଧ୍ୟ ଅଣଦେଖା କରାଯାଇ ନ ପାରେ ବୋଲି ସେ ପ୍ରକାଶ କରିଛନ୍ତି।

### ମହିଳାଙ୍କୁ ଦୁର୍ବ୍ୟବହାର ଘଟଣା: ୩ ସପ୍ତାହ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଯାଜପୁରସଦର,୨।୧୨(ଡି.ଏନ.ଏ.)

ଯାଜପୁର ସଦରଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଟଣାଓଟରା କରାଯିବା ସହ ବଳାତ୍କାର ଉଦ୍ୟମ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏସଂକ୍ରାନ୍ତରେ ସଦର ଥାନା ପୋଲିସ ଏକ ମାମଲା ରୁଜୁ କରି ନୀରବ ରହିଛି। ଅଭିଯୋଗ ହେବାର ୩ ସପ୍ତାହ ବିତି ଯାଇଥିଲେ ସୁଦ୍ଧା ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଅଭିଯୋଗକାରୀ ଏସ୍‌ପି ଓ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ ସମ୍ପୃକ୍ତ ମହିଳାଙ୍କ ଜମିରୁ ଗ୍ରାମର କେତେଜଣ ମୁଷ୍ଟିମେୟ ଲୋକ ଜୋରଜବରଦସ୍ତ ବାଡ଼ ଉପାଡି ଯାତାୟାତ ରାସ୍ତା ଭାବେ ବ୍ୟବହାର କରୁଥିଲେ। ସର୍ବସାଧାରଣ ଯାତାୟାତ ରାସ୍ତା ଉପରେ ପାଇଖାନା ଟାଙ୍କି ତିଆରି କରିଥିଲେ। ଏନେଇ ସମ୍ପୃକ୍ତ ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଗ୍ରାମର ପାଖାପାଖି ୩୦ରୁ ୩୩ ଜଣ ଲୋକ ମହିଳାଙ୍କ ଘରେ ପଶି କବାଟ ଭାଙ୍ଗିବା ସହିତ ଘରକାନ୍ଥକୁ ଭାଙ୍ଗିଥିଲେ। ଏହା ସହିତ କାହିଁକି ଆମ ନାଁରେ ଥାନାରେ ଅଭିଯୋଗ କଲ କହି କିରୋସିନ ଢାଳି ପୋଡି ଦେବୁ ବୋଲି ଧମକ ଦେଇଥିଲେ। ଏପରି କି ଗତ ମାସ ୧୨ ତାରିଖ ରାତିରେ ମହିଳାଙ୍କୁ ଟଣାଓଟରା ଓ ବଳାତ୍କାର ଉଦ୍ୟମ କରିଥିଲେ। ଏନେଇ ସଦର ଥାନାରେ ଦଫା ୩୪୧, ୨୯୪, ୩୭୬-ଡି, ୩୨୩, ୩୫୪, ୩୭୯, ୫୦୬, ୩୪ ଆଇପିସିରେ ମାମଲା (ନଂ-୧୯୯/୨୦) ରୁଜୁ ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ବଂଶୀଧର ବେହେରା କହିଛନ୍ତି, ଅଭିଯୋଗର ତଦନ୍ତ ଜାରି ରହିଛି। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ।

### ହେଲ୍‌ମେଟ୍ ଯାଞ୍ଚ, ଜରିମାନା ଆଦାୟ

ଦଶପଲ୍ଲା,୨।୧୦(ଡି.ଏନ୍.ଏ.)

ବୁଧବାର ଦଶପଲ୍ଲା ଥାନା ସମ୍ମୁଖରେ ବଲାଙ୍ଗୀର ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥରେ ପୋଲିସ ହେଲ୍‌ମେଟ୍ ଯାଞ୍ଚ କରିଥିଲା। ଏହି ସମୟରେ ହେଲ୍‌ମେଟ୍ ପିନ୍ଧି ନ ଥିବା ଚାଳକଙ୍କଠାରୁ ୧୯ ହଜାର ଜରିମାନା ଆଦାୟ ହୋଇଛି। ସେହିପରି ୬ ଜଣ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଥିବା ଆଇଆଇସି କିରଣ ହେମ୍ବ୍ରମ ସୂଚନା ଦେଇଛନ୍ତି।

### ଯୁବତୀଙ୍କୁ ଅସଦାଚରଣ: ଯୁବକ ଗିରଫ

ଧର୍ମଶାଳା,୨।୧୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ବୁଧବାର ଚଣ୍ଡୀଖୋଲ କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ଚନ୍ଦନ ମଲିକ (୨୦)। ପ୍ରକାଶ ଯେ, ଗତ ୨୮ ତାରିଖ ରାତିରେ ଯୁବତୀ ଜଣକ ଶୌଚ ପାଇଁ ବାହାରକୁ ଯାଇଥିବା ବେଳେ ଚନ୍ଦନ ତାଙ୍କୁ ବଳପୂର୍ବକ ଅସଦାଚରଣ କରିଥିଲେ। ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ୨୯ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ୩୧୯/୨୦ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

## ତହସିଲ କାର୍ଯ୍ୟାଳୟ ଘେରିଲେ ବନ୍ୟାବିପନ୍ନ

ବରୀ,୨।୧୨(ଡି.ଏନ.ଏ.)

**ମିଳୁନି ସରକାରୀ ସହାୟତା**

ବରୀ ବ୍ଲକ ଅଧୀନ ସେରପୁର ପଞ୍ଚାୟତର ଶତାଧିକ ବନ୍ୟା ବିପନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରି ବୁଧବାର ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ସେମାନଙ୍କ ଅଭିଯୋଗ ଯେ, ବନ୍ୟା ପରେ କ୍ଷତିଗ୍ରସ୍ତମାନଙ୍କ ସରକାରୀ ତଦନ୍ତ ହୋଇଥିବାବେଳେ ସେଥିରେ ସେମାନଙ୍କୁ ବଞ୍ଚିତ କରାଯାଇଛି। ଘର ଭାଙ୍ଗିଥିଲେ ମଧ୍ୟ ପଲିଥିନ ଖଣ୍ଡେ ମିଳି ପାରିନାହିଁ। ତେଣୁ ଆଗାମୀ ଦିନରେ ପ୍ରଶାସନ ଯଦି ସହାୟତା ପ୍ରଦାନ ନ କରେ ସେମାନେ ରାଜରାସ୍ତାରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଚଳିତ ବନ୍ୟାରେ ବରୀ ବ୍ଲକ ଅଞ୍ଚଳର ୧୦୬ ରାଜସ୍ୱ ଗ୍ରାମ ଅଧିକ ପ୍ରଭାବିତ ହୋଇଥିଲା। ଘଟଣାକୁ ଗୁରୁତ୍ୱ ଦେଇ ତତ୍କାଳୀନ ଜିଲାପାଳ ରଞ୍ଜନ କୁମାର ଦାସ ବନ୍ୟା ପ୍ରଭାବିତଙ୍କୁ ଚିହ୍ନଟ ନିମନ୍ତେ କମିଟି ଗଠନ କରିଥିଲେ। ବନ୍ୟା ପ୍ରଭାବିତ କୌଣସି ପରିବାର ଯେଭଳି ସରକାରଙ୍କ ସୁବିଧାରୁ ବଞ୍ଚିତ ନ ହୁଅନ୍ତି ତାହାକୁ ଗୁରୁତ୍ୱ ଦେବାକୁ ବ୍ଲକ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବନ୍ୟା ଦ୍ୱାରା ପ୍ରଭାବିତ ପରିବାରଙ୍କ ନାମ ତାଲିକା ପ୍ରସ୍ତୁତ ହୋଇ ଏହା ସାର୍ବଜନୀନ ହେବା ପରେ ବାସ୍ତବପକ୍ଷେ ପ୍ରଭାବିତ ବହୁ ପରିବାର ତାଲିକାରୁ ବାଦ ପଡ଼ିଛନ୍ତି। ତେଣୁ ପୁନଃ ତଦନ୍ତ କରିବାକୁ ୮ ହଜାରରୁ ଉର୍ଦ୍ଧ୍ୱ ପରିବାର ଆବେଦନ କରିଥିଲେ। ଏପରିକି ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ବରୀ ଗ୍ରସ୍ତରେ ଆସି କ୍ଷତିଗ୍ରସ୍ତଙ୍କୁ ସବୁ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସହାୟତା ନ ମିଳିବାରୁ ଏପରି ଧାରଣା ଦିଆଯାଇଛି। ଏ ସମ୍ପର୍କରେ ବରୀ ତହସିଲଦାର ସରୋଜକାନ୍ତ ନାୟକ କୁହନ୍ତି, ଜିଲାପାଳ ପତ୍ର ସଂଖ୍ୟା: ୨୮୧୪/୧।୧୨।୨୦ରେ ତଦନ୍ତ ପରେ ଯେଉଁମାନେ କ୍ଷତିପୂରଣ ପାଇବାର ହକ୍‌ଦାର ସେମାନଙ୍କୁ ପଲିଥିନ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁସାରେ ପଲିଥିନ ଯୋଗାଇ ଦିଆଯିବ।



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ବନ୍ୟା ବିପନ୍ନ।

ଗଳ୍ପ

# ବିଶ୍ୱାସ

ଗିରୀଶ ସାହୁ

ଅ ଠରବର୍ଷ ତଳେ, ନିଜ ଅଙ୍ଗେ ଲିଭା କଥା କହି ରାମ୍‌ଜୀ ଯେଉଁ ଅଲୌକିକ ଘଟଣାଟି ମୋତେ ସେଦିନ ଶୁଣାଇଥିଲେ, ମୁଁ ଜୀବନରେ କେବେ ତାହା ଭୁଲିପାରିବି ନାହିଁ। ସତରେ କ'ଣ ଏମିତି ଘଟଣା ଘଟିଥାଇପାରେ ?

ପ୍ରଥମେ 'ଶ୍ରୀଜଗନ୍ନାଥ ହିରୋହୋଣ୍ଡା' ଶୋ'ରୁମର ନାଁକରା ମେକାନିକ ଥିଲେ ରାମ୍‌ଜୀ। ତାହା ସହ ବଳିଆପଣ୍ଡା ଯୋଗକେନ୍ଦ୍ରରେ ଯୋଗ ଶିକ୍ଷାକରି ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବାରେ ତାଙ୍କର ଥିଲା ଆଉ ଏକ ସମ୍ଭ୍ରାନ୍ତ ପରିଚୟ ; ଯେଉଁଥି ପାଇଁ ତାଙ୍କ ଯୋଗଗୁରୁ ସମରବଲ୍ଲଭ ଲେଙ୍କାରୁ ରାମ୍‌ଜୀ ନାଁରେ ତାଙ୍କୁ ପରିଚିତ କରାଇଥିଲେ।

ବଡ଼ଭାଇଙ୍କ ଆଦେଶକୁ ଅମାନ୍ୟ ନ କରି ସେ ଗାଁକୁ ଫେରିଥିଲେ। ସଂସାର ମାୟାରେ ଛନ୍ଦି ହୋଇଥିଲେ। ସାଲେପୁରର ମାଛୁଆତିରେ ନିଜ ମା'ଙ୍କ ନାଁରେ ଇନ୍ଦ୍ରାଣୀ ମୋଟର୍ସ ପାର୍ଟ୍‌ସ ଓ ଗ୍ୟାରେଜ୍ ଖୋଲିଥିଲେ।

ଏ ଗ୍ୟାରେଜ୍‌ର ବିଶେଷତ୍ୱ ହେଲା, ଏଠାରେ କେବଳ ହିରୋହୋଣ୍ଡା ମୋଟର ସାଇକେଲ ଓ ସ୍କୁଟି କାମ ବ୍ୟତୀତ ଆଉ କିଛି ହେବ ନାହିଁ। ଗ୍ୟାରେଜ୍ କାମ କରୁଥିବା ପିଲା ପାନ, ସିଗାରେଟ କିଛି ଖାଇବେ ନାହିଁ କି ଅସନା ଡ୍ରେସ୍ ପିନ୍ଧି କାମ କରିବେ ନାହିଁ। କେଉଁଠି ଟିକେ ମୋବିଲ ବା କଳା ପଡ଼ିଲେ ସଂଗେ ସଂଗେ ସେ ସ୍ଥାନ ପରିଷ୍କାର ହେବା ଥିଲା ବିଧି।

ନୂଆ ନୂଆ ଖୋଲା ହୋଇଥିବା ଦୃଷ୍ଟିରୁ କେଉଁ ସପ୍ତାହରେ ହଜାରେ, କେଉଁ ସପ୍ତାହରେ ଦୁଇ ହଜାର ଟଙ୍କା ରୋଜଗାର ହେଉଥିଲା। ଯାହା ଟଙ୍କା ରୋଜଗାର ହେଉଥିଲା ପିଲାଙ୍କୁ ଦରମା ଦେଇ, ପ୍ରତି ମାସର ଶେଷ ସୋମବାର ଦିନ କଟକ ଯାଇ, ହିରୋହୋଣ୍ଡା ଶୋ'ରୁମ୍‌ରୁ ପାର୍ଟ୍‌ସ କିଣି ଆଣୁଥିଲେ।

କୌଣସି କୌଣସି କାରଣରୁ ମୁଁ ମାନସିକ ସଙ୍କଟରେ ପଡ଼ିଲେ, ସେଥିରୁ ମୁକ୍ତି ପାଇବା ପାଇଁ ଇନ୍ଦ୍ରାଣୀ ମୋଟର୍ସ ପାର୍ଟ୍‌ସ ଓ ଗ୍ୟାରେଜ୍‌ରେ ପଡ଼ିଥିବା ବେଞ୍ଚ୍ ଉପରେ କିଛି ସମୟ ବସି ବେଳ କାଟୁଥିଲି। ଦେଖୁଥିଲି ପିଲାମାନେ ହିରୋହୋଣ୍ଡା ଗାଡ଼ି ସଜାଡ଼ିବାରେ ବ୍ୟସ୍ତ ଥିବାବେଳେ ରାମ୍‌ଜୀ ଗୀତା ପଢ଼ିବାରେ ମନୋନିବେଶ କରିଥିଲେ। ଲଙ୍କାରେ ହରିଶଚ୍ଚ ପରି ଆପଣଙ୍କୁ କଥାଟା ଲାଗିପାରେ। କଥାଟି ଚନ୍ଦ୍ର ଓ ସୂର୍ଯ୍ୟଙ୍କ ଉଦୟ ପରି ସତ। କିଛି ସମୟ ବସିଲା ପରେ ଲଗାମହୀନ ଘୋଡ଼ା ପରି ମୋ' ଅସ୍ଥିର ମନଟା ଧୀରେ ଧୀରେ ସ୍ଥିରତା ଆଡ଼କୁ ଆସୁଥିଲା ଏବଂ ମୁଁ ବସାକୁ ଫେରୁଥିଲି। ସେଦିନ କଥାଟି ମୁଁ ଭୁଲି ପାରିନାହିଁ।

ରାମ୍‌ଜୀଙ୍କ ମୁହଁରୁ ଶୁଣିଥିଲି ଏକଥା ; ଯାହା ସମସ୍ତଙ୍କୁ ଅଲୌକିକ କାହାଣୀ ପରି ମନେହେବ। ମାସର ଶେଷ ସୋମବାର ଦିନ କଟକ ବାରି। ସେ ରିଂରୋଡ୍ ବାଟଦେଇ ଏଲ୍.ଆଇ.ସି. ଅଫିସ୍ ପାଖରେ ଯେଉଁ ଗଳି ରାସ୍ତାଟି ଅଛି, ସେ ଗଳିରେ ଗଡ଼ିବା ପୂର୍ବରୁ ମୋଟର ସାଇକେଲରେ ଷ୍ଟାଣ୍ଡ୍ ମାରି ପରିସ୍ରା ଯିବା ପାଇଁ ଚାହିଁଲେ। ପରିସ୍ରା ସାରି ଫେରିବା ପୂର୍ବରୁ ପଛରୁ ଶୁଭିଲା 'ଜୟ ଜଗନ୍ନାଥ'। ଯେହେତୁ ରାମ୍‌ଜୀ ଜଗନ୍ନାଥଙ୍କ ପରମ ଭକ୍ତ, ତାଙ୍କ ପାଟିରୁ ତତ୍‌କ୍ଷଣାତ ବାହାରି ପଡ଼ିଲା 'ଜୟ ଜଗନ୍ନାଥ'।

ମୁଣ୍ଡିଆ ପଥର ଉପରେ ବସିଥିବା ଦୁଇଜଣ ସାଧୁ ତାଙ୍କୁ ହାତଠାରି ପାଖକୁ ଡାକିଲେ। ରାମ୍‌ଜୀ ପହଞ୍ଚିବା ମାତ୍ରେ ଜଣେ ସାଧୁ ତାଙ୍କୁ ଖାଇବା ପାଇଁ ଟଙ୍କା ମାଗିଲେ। ବାବା ! ଆମକୁ ଭୋକ ଲାଗୁଛି, କିଛି ଟଙ୍କା ଦେଇପାରିବ ? ସେଥରକ ବତିଶଶହ ଟଙ୍କା ଧରି କଟକ ଯାଇଥିବା ରାମ୍‌ଜୀ ଦୁଇଶହ ଟଙ୍କା କାଢ଼ି ସାଧୁଙ୍କୁ ଧରାଇଦେଲେ।

ସେ ସାଧୁଙ୍କୁ ପ୍ରଣାମ କରି ଗାଡ଼ି ପାଖକୁ ଯିବାକୁ ବସନ୍ତେ, ପଛରୁ ଅନ୍ୟ ଜଣେ ସାଧୁ ପୁଣି ଡାକିଲେ, ଆମକୁ ଆଠଶହ ଟଙ୍କା ଦେଇପାରିବ ବାବୁ! ଆମର ଗୋଟେ ଜରୁରୀ କାମରେ ଲାଗନ୍ତା। ଜଗନ୍ନାଥ ତୁମର କଲ୍ୟାଣ କରନ୍ତେ।

ବଡ଼ ଦ୍ୱନ୍ଦ୍ୱରେ ପଡ଼ିଲେ ରାମ୍‌ଜୀ। କିଏ ଏ ଦୁଇଜଣ ସାଧୁ ? କ'ଣ ଏମାନଙ୍କ ଉଦ୍ଦେଶ୍ୟ। କିଛି ସମୟ ଗୁମ୍ ହୋଇ ଠିଆହୋଇଗଲେ। ମନେ ମନେ ଜଗନ୍ନାଥଙ୍କୁ ସ୍ମରଣ କରି କହିଲେ, ହେ ପ୍ରଭୁ! ଏ କି ପରୀକ୍ଷାରେ ମୋତେ ପକାଇଲ। ହଠାତ୍ କ'ଣ ତାଙ୍କ ମନକୁ ଆସିଲା କେଜାଣି, ସତକୁ ସତ ଗଣି ସାଧୁଙ୍କ ହାତକୁ ବଢ଼ାଇଦେଲେ ଆଠଶହ ଟଙ୍କା। ପୁନରାୟ ସେ ନିଜ ମୋଟରସାଇକେଲ ପାଖକୁ ଯାଉଥିଲା ବେଳେ ପୁଣି ପଛରୁ ଡାକ ଶୁଭିଲା ଶୁଣ ବାବୁ! କେଉଁ ଏକ ସମ୍ମୋହନ ଶକ୍ତିର ଆକର୍ଷଣରେ ସେ ଯେମିତି ଟାଣି ହୋଇ ଯାଉଥିଲେ, ଚୁମ୍ବକ ଲୁହାକୁ ଆକର୍ଷିତ କଲାପରି।

ଆଚ୍ଛାବାବୁ! ଯେଉଁ ଗାଈଟି ଶାନ୍ତ ଓ ସୁଧାର ତା' ଖାଉନ୍ଦ ତା' ପହ୍ନାରୁ ଓହଳିଥିବା ଚିରକୁ ସେମିତି ଚିପୁଡ଼ି ଥାଏ ନା ନାହିଁ! ସେ ଗାଈ କଥା, ତା' ଛୁଆ କଥା କେବେ ଭାବେ କି? କେବଳ ତା' ଲାଭ କଥା ହିଁ ଭାବେ। ଧରିନିଅ ଆମେ ସେମିତି ତମ କଥା କିଛି ନ ଭାବି ଆମ ସ୍ୱାର୍ଥ କଥା ହିଁ ଭାବୁଛୁ ଏବଂ ତମକୁ ଶୋଷଣ କରୁଛୁ। ମୁଁ ଠିକ୍ କହିଲି ବୋଧେ! ସାଧୁ ଏତକ କହି ରାମ୍‌ଜୀଙ୍କ ମୁହଁକୁ ଚାହିଁଥିଲେ।

ରାମ୍‌ଜୀ ଥିଲେ ନିରୁତ୍ତର। ତାଙ୍କ ଭିତରେ କ'ଣ କ'ଣ ଘଟୁଥିଲା ସେ ନିଜେ ବି ଜାଣି ପାରୁ ନ ଥିଲେ। ''ଦେଖବାବୁ! ଏତେ ଟଙ୍କା ଦେଲଣି, ଆଉ କେତେ ଟଙ୍କା ତୁମ ପାଖରେ ଅଛି ?''– ସାଧୁ ପଚାରି ଥିଲେ। ''ବାଇଶ ଶହ ଟଙ୍କା''– ରାମ୍‌ଜୀଙ୍କ ପାଟିରୁ ବାହାରି ପଡ଼ିଲା।

ସେତକ ମଧ ଆମକୁ ଦେଇଦିଅ। ଜଣେ ସାଧୁ ତାଙ୍କୁ ଏକରକମ ମଧୁର ଆଦେଶ ଦେଲେ। ଅବାକ୍ ଓ ବିସ୍ମୟଭରା



ରାମ୍‌ଜୀଙ୍କ ସ୍ୱର ଶୁଭିଲା କାନ୍ଦ କାନ୍ଦ। ''ଆପଣ କିଏ ? କାହିଁକି ମୋତେ ଏ ପରୀକ୍ଷା କରି ଧର୍ମ ସଙ୍କଟରେ ପକାଉଛନ୍ତି। ମୁଁ ମୋଟର ସାଇକେଲ ପାର୍ଟ୍‌ସ କିଣିବା ପାଇଁ ଆସିଥିଲି।''

''ମୋଟରସାଇକେଲ ପାର୍ଟ୍‌ସ କିଣିଥାନ୍ତ ତ! ନ ହେଲା, ଆର ଥରକୁ କିଣିବ। ଭାବିନିଅ ଏଥରକ ତମ ଟଙ୍କା ବାଟରେ ହଜିଗଲା। ଠାକୁର ଚାହିଁଲେ ଆରଥରକୁ ଆସି କିଣି ନେଇପାରିବ। ଆମେ କ'ଣ ତମକୁ ଆଉ ହଇରାଣ କରିବୁ ନା ତମ ସହ ଆମର ଆଉ ଦେଖାହେବ ?'' ସାଧୁଜଣକ ହସି ହସି କଥା କହୁଥାଆନ୍ତି। ରାମ୍‌ଜୀ ଚୁପ୍‌ଚାପ୍ ଠିଆହୋଇ ଶୁଣୁଥାନ୍ତି।

କିଏ ଯେମିତି ତାଙ୍କ କାନରେ କହି ଦେଉଥାଏ, ଭାବୁଛୁ କ'ଣ ? ଏ ପରୀକ୍ଷାରେ ତୁ ଉତ୍ତୀର୍ଣ୍ଣ ହଅ। କିଛି ନ ଭାବି ପକେଟରୁ ବାଇଶ ଶହ ଟଙ୍କା ବାହାର କରି ସେ ସାଧୁଙ୍କ ହାତକୁ ବଢ଼ାଇ ଦେଲେ। ଚତୁର୍ଥ ଥର ସେ ଫେରିଯିବାକୁ ବସନ୍ତେ, ସାଧୁ ତାଙ୍କୁ ପଛରୁ ଡାକି କହିଲେ ''ଆଚ୍ଛା! ତମକୁ ବି ଭୋକ ହେବଣି। ତମ ଆଗରେ ଯେଉଁ ଛୋଟିଆ ମାଙ୍କଡ଼ା ପଥରଟି ପଡ଼ିଛି ତାକୁ ଆଣି ଖାଅ।''

ରାମ୍‌ଜୀ ଚକିତ ହୋଇ ଚାହିଁଲେ ସାଧୁବାବାଙ୍କୁ। ମନେ ମନେ ଭାବିଲେ ଟାଣଦ୍ରବ୍ୟ ଚୋବେଇବା ପାଇଁ ଦାନ୍ତ କଷ୍ଟ ପାଏ। ସେ ପଥର ଚୋବେଇବେ କେମିତି ? ଦାନ୍ତ ରହିବ ତ!

ସାଧୁଙ୍କ ନିର୍ଦ୍ଦେଶ ଥିଲା, ''ଚୋବେଇ ଖାଅ। କିଛି ହେବ ନାହିଁ। ଦାନର ପ୍ରତିଦାନ ବୋଲି କିଛି ଅଛି ତ ? ରାମ୍‌ଜୀ ଡରିମରି କଷ୍ଟେମଷ୍ଟେ ପଥରକୁ ଚୋବେଇବାକୁ ପାଟିରେ ପୂରାଇଲେ। ଏ କ'ଣ ସେ ଅନୁଭବ କରୁଛନ୍ତି ? ମିଶ୍ରି ଓ କନ୍ଦର ସୁମିଷ୍ଟ ସ୍ୱାଦ ଥିଲା ସେ ପଥରର ଏବଂ ତାହା କିଛି ସମୟ ପରେ ପାଟିରେ ମିଳେଇଗଲା। ତାଙ୍କର ଭୋକ ଓ ଶୋଷ ସବୁ ମେଣ୍ଟି ଯାଇଥିଲା। ଠିକ୍ ଏତିକି ବେଳେ ତାଙ୍କ ହାତକୁ କିଛି ଟଙ୍କା ଧରାଇ ଦେଇଥିଲେ ସାଧୁବାବା। ରାମ୍‌ଜୀ ବିସ୍ମୟ ବଦଳରେ କୋଟିନିଧି ପାଇଲା ପରି ଟଙ୍କାକୁ ତତ୍‌କ୍ଷଣାତ ପ୍ୟାଣ୍ଟ୍ ପକେଟ୍‌ରେ ପୂରାଇ ଦେଇଥିଲେ।

ସେ ଆଉ ମୁହୂର୍ତ୍ତେ ନ ରହି ସେ ସ୍ଥାନ ଛାଡ଼ିଲା ବେଳେ, ପଛରୁ ଶୁଭିଲା ସାଧୁଙ୍କ କଣ୍ଠସ୍ୱର, ଖୁବ୍ ହୁସିଆର ଥିବ। ଆଜିକାଲି ବେଳକାଳ ମୋଟେ ଭଲ ନୁହେଁ। ସେତେବେଳକୁ ରାମ୍‌ଜୀ ମୋଟରସାଇକେଲ ଷ୍ଟାର୍ଟ କରି ସାରିଲେଣି। ବାଟରେ ତାଙ୍କର ଅହେତୁକ ଭୟ ଓ ଉତ୍କଣ୍ଠା ଚରମସୀମା ଛୁଇଁଲା। କେତେ ଟଙ୍କା ତାଙ୍କ ପକେଟରେ ଅଛି ଦେଖିବା ପାଇଁ। ଯଦି ଅଧିକ ନ ଥାଏ ତା' ହେଲେ ସେ ଆଉ ପାର୍ଟ୍‌ସ ନ କିଣି ଘରକୁ ଫେରିଯିବେ।

ଗାଡ଼ିରୁ ଓହ୍ଲାଇ ପଡ଼ି ସେ ପ୍ୟାଣ୍ଟ ପକେଟରେ ହାତ ପୂରାଇଲେ ଟଙ୍କା ଗଣିବା ଆଶାରେ। ମାତ୍ର ଏ କ'ଣ ? ଟଙ୍କା ବଦଳରେ ଟାଣ ଓ ଚିକଣ ପଥର ପରି କ'ଣ ଲାଗୁଛି ହାତକୁ। ପ୍ୟାଣ୍ଟ୍ ପକେଟ୍‌ରୁ ଟଙ୍କା ବଦଳରେ ଯାହା ବାହାର କଲେ ତାଙ୍କ ଆଖି ଦେଖି ବିସ୍ଫାରିତ ହୋଇଗଲା। ତାଙ୍କ ଦେହରୁ ଝାଳ ଗମଗମ ହୋଇ ବୋହି ପଡ଼ିଲା, ତାଙ୍କ ଲୋମମୂଳ ଟାଙ୍କୁରି ଉଠିଲା। ଗୋଟେ ଅଦ୍ଭୁତ କମ୍ପନରେ ସେ ଖାଲି ଥରିବାକୁ ଲାଗିଲେ। ପ୍ୟାଣ୍ଟ ପକେଟରୁ ସେହି ଅପୂର୍ବ ନିଧିକୁ ବାହାର କରି ହାତରେ ଧରିଲା ବେଳେ, ସେ କିଛି ସମୟ ଆତ୍ମବିସ୍ମୃତ ହୋଇପଡ଼ିଥିଲେ। ଟଙ୍କା ବଦଳରେ ଥିଲା ମୁଗୁନି ପଥରରେ ତିଆରି ଛୋଟ ଶାଳଗ୍ରାମଟିଏ।

ସେ ଶୀଘ୍ର ଫେରିଯାଇ ଯଥା ସ୍ଥାନରେ ପହଞ୍ଚିବା ବେଳକୁ ଦେଖିଲେ ଜାଗାଟି ଶୂନ୍ୟତାରେ ଭରିଥିଲା। କେହି ନ ଥିଲେ, ଯାହାଙ୍କୁ ସେ ମନେ ମନେ ଖୋଜୁଥିଲେ। କେମିତି ଗୋଟାଏ ଅପୂର୍ବ ବାସ୍ନା ତାଙ୍କୁ ଆମୋଦିତ କରୁଥିଲା। କିଏ ସେ ଦୁଇଜଣ ? ଧୂଳିକଣା ପବନରେ ମିଳେଇ ଗଲା ପରି ଆଖି ପିଛୁଳାକେ କୁଆଡ଼େ ଚାଲିଗଲେ। ନିରାଶ ହେଲେ ରାମ୍‌ଜୀ। ଘରକୁ ଫେରିଲେ। ସେଦିନ ସିନା ମୋଟରସାଇକେଲ ପାର୍ଟ୍‌ସ ଗାଡ଼ି ପଛରେ ଲଦି ଆସି ନ ଥିଲେ। ହେଲେ ଯାହା ଆଣିଥିଲେ ତାହା ଥିଲା ତାଙ୍କ ପାଇଁ ଅମୂଲ୍ୟ ନିଧି। ବାଟ ସାରା ଧୂପ, ଚୁଆ ଓ ଝୁଣାର ବାସ୍ନା ସେ ବାରିପାରୁଥିଲେ। ପକ୍ଷୀମାନଙ୍କ କିଚିରିମିଚିରି ଶବ୍ଦ ତାଙ୍କୁ ଭଜନ ପରି ଲାଗୁଥିଲା। ତାଙ୍କ ଭିତରେ ଗୋଟାଏ ଅଦ୍ଭୁତ ଶକ୍ତି ସୃଷ୍ଟି ହୋଇ ସାରିଥିଲା।

ରାତିରେ ଘରେ ପହଞ୍ଚି ଠାକୁରଙ୍କ ଘରେ ଶାଳଗ୍ରାମକୁ ପୂଜା କରି ଠାକୁରଙ୍କ ଆସ୍ଥାନ ପାଖାପାଖି ରଖିଦେଲେ। ସେହିଦିନୁ ପୂଜା ପାଇ ଆସୁଛନ୍ତି ସେଇ ଶାଳଗ୍ରାମ। ସେ ଘଟଣାର ପର ସପ୍ତାହରେ ଆୟ ଥିଲା ଆଠ ହଜାର ସାତଶହ ଟଙ୍କା। ଏକଥା କାହାକୁ ସେ କହି ନ ଥିଲେ, କହିଥିଲେ କିଏ ବା ବିଶ୍ୱାସ କରିଥାଆନ୍ତା! ଏ ଘଟଣା ବର୍ଣ୍ଣନା ସରିଲା ବେଳକୁ ରାମ୍‌ଜୀଙ୍କ ଆଖିଥିଲା ବନ୍ଦ। ହାତ ଯୋଡ଼ି ହୋଇଯାଇଥିଲା। ସେ ଦିଶୁଥିଲେ ଋଷିପ୍ରତିମ। ଏ ଦୃଶ୍ୟ ମଧ ଥିଲା ଅବର୍ଣ୍ଣନୀୟ।

ମୋତେ ଲକ୍ଷ୍ୟ କରି ରାମ୍‌ଜୀ କହିଲେ, ''ସାର୍! ଆମେ ଜନ୍ମ ହେଲା ବେଳେ କ'ଣ ନେଇ ଏ ସଂସାରକୁ ଆସିଥିଲେ। ଗଲାବେଳେ କ'ଣ ବା ନେଇଯିବା। ଯାହା କିଛି ହୋଇଛି, ସେଥିପାଇଁ ଆପଣ ଭାଙ୍ଗିପଡ଼ନ୍ତୁ ନାହିଁ। ଜୀବନ ହେଉଛି ଗୋଟାଏ ଆହ୍ୱାନକୁ ସାମ୍ନା କରିବା। ଆପଣ ମୁକ୍ତ ଆକାଶରେ ଉଡୁଥିବା ପକ୍ଷୀମାନଙ୍କୁ ଦେଖନ୍ତୁ। ସେମାନେ ଆକାଶରେ ମଞ୍ଜି ବୁଣି ଶସ୍ୟ ଅମଳ କରନ୍ତି ନାହିଁ କି ଅମଳ ଶସ୍ୟକୁ ଆର ଦିନ ପାଇଁ ସାଇତି ରଖନ୍ତି ନାହିଁ। ପରମ ପିତା ସେମାନଙ୍କ ପାଇଁ କେଉଁଠି ନା କେଉଁଠି ଖାଦ୍ୟ ରଖିଥାଆନ୍ତି।'' ରାମ୍‌ଜୀଙ୍କ ମୁହଁରେ ଥିଲା ଦିବ୍ୟ ପ୍ରସନ୍ନତା।

ସେଦିନ ସେ ସାଧାରଣ ମୋଟରସାଇକେଲ ମେକାନିକ ପିଲା ପରି ଲାଗୁ ନ ଥିଲେ, ଲାଗୁଥିଲେ ଅନ୍ୟ ପ୍ରକାର। ମୋର ସମସ୍ତ ଗ୍ଲାନି, ଦୁଃଖ ଓ ଅବସାଦ ତାଙ୍କ ଅମୃତବୋଳା କଥାରେ କୁଆଡ଼େ ଉଭେଇ ଯାଇଥିଲା। ମୋର ଇଚ୍ଛା ହେଉଥିଲା ତାଙ୍କୁ ପ୍ରଣାମ କରିବା ପାଇଁ।

ମୋ– ୭୯୭୮୪୦୮୨୧୮

# କ ବି ତା

## ସୁଖଦୁଃଖ

ଡା. ମନୋରଞ୍ଜନ ଦାଶ

ସୁଖ ପାଇବାକୁ ହେଲେ
ସୁଖ ବାଣ୍ଟିବାକୁ ପଡ଼େ ଅନ୍ୟର ଓଠରେ,
ଯେଉଁଠି ଦୁଃଖ, ସେଇଠି ବି ଅଛି ସୁଖ
ଯେଉଁଠି ପ୍ରତାରଣା,
ସେଇଠ ବି ଅଛି ପ୍ରେମ

ପାରୁତ ତ ପ୍ରେମ ବାଣ୍ଟି
ଉଣ୍ଡାଳିବାକୁ ପ୍ରୟାସ କର
ଅତୀତର ସ୍ମୃତିକୁ...
ଏଇ ଯେମିତି ପିଲାବେଳେ ଗାଁ ଦାଣ୍ଡରେ
କବାଡ଼ି ବୋହୂଚୋରି ଖେଳ,
ଗାଁ ଦାଣ୍ଡରେ କାଗଜଡଙ୍ଗା
ଭସାଇବାର ମୁହୂର୍ତ୍ତ,
ବାପାଙ୍କଠୁଁ ଦୁଷ୍ଟାମି ପାଇଁ ଗାଳିମାଡ଼
ଏବଂ ପିଲାବେଳେ ବୋଉ
ଗୁଣ୍ଡାକରି ଭାତ ଖୁଆଇବାର...

ଏଇମିତି ଅନେକ କଥା।
ମୁଁ ମାନୁଛି ଏସବୁ ଅତୀତ
ତଥାପି ରୋମନ୍ଥନ କରିବାକୁ ହୁଏ
ବାରମ୍ବାର...
ଆସବନ୍ଧୁ! ହୃଦୟକୁ ହୃଦୟ ସଙ୍ଗେ
ମିଶେଇବା,
ହୁଏତ ମୁହୂର୍ତ୍ତକ ପାଇଁ ବଞ୍ଚିଯିବା।

ହଁ, ଯେଉଁଠି ଈର୍ଷା, ସେଇଠି ମଙ୍ଗଳ
ଯେଉଁଠି ସଂଘର୍ଷ, ସେଇଠି ଜୀବନ
ଯେଉଁଠି ପାପ, ସେଇଠି ପୁଣ୍ୟ
ଯେଉଁଠି ହାରିବା,
ସେଇଠି ହିଁ ରହିଛି ଜିତିବାପଣ
ଆସ ହାତବଢ଼ାଅ !
ଲୁହ ଓ କୋହକୁ ଚାପି
ହସିବା ଏବଂ ହସେଇବା।

ମୋ: ୯୪୩୭୩୧୭୭୨୨

## ଆଖି

ଅସୀମା ସାହୁ

ମୁକ୍ତା ପରି ଆଖିରେ
ସମୁଦ୍ରର ଶୋଷ
ତା' କୂଳରେ କେବେ ଲୁହ
କେବେ ପୁଣି ବିଜୁଳିର ହସ

ଆଖିରେ ପ୍ରେମ ଆସିଲେ
କବିତା ଗାଏ, ଲାଜେଇ ଯାଏ
ମୁଦିଗଲେ ସ୍ୱପ୍ନରେ ଭାସେ
ଚେଇଁଲେ ମେଘ ପରି ଦିଶେ

ଆହା ସେ ଆଖି
କେତେ ସ୍ୱପ୍ନକୁ ସାଇତି ରଖିଛି
କେତେ ଯାତନାକୁ ପିଇଛି
କେତେ ପ୍ରେମକୁ ଲୁଚାଇ ଜାଣିଛି
ପ୍ରତାରଣାର ଆହୁତି ହେଇଛି

ହେଲେ ମନ ମିଳିଗଲା ଯଦି
ଢଳ ଢଳଢଳ କଳା ବିନ୍ଦୁ ଦୁଇଟି
ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଯାଇଛି
ଆଖିରେ ଆଖି ମିଶିକି
କଥାକୁହେ ବୋଲି ଏଇ ଦେଖ
ପ୍ରେମିକା ତୁମ କଜଳ ପିନ୍ଧିଛି
ଆଃ ଏ ଆଖି !

ମୋ: ୯୪୩୭୩୮୦୭୭୦

ଗୀତି–କବିତା

## ବରଷା ତା' ବାଟେ

ହଂସନାଥ ମୁଦୁଲି

ବରଷା ତା' ବାଟେ
ଆସୁ କି ନ ଆସୁ
ନିଦାଘ ନିଘା ନ ଥାଏ
ସିଏ ଜାଣେ ଖାଲି
ଜଳାଇ ମାରିବା
ଦେହରୁ ହୃଦୟ ଯାଏ ॥୦॥

ମନ ଯେବେ ଖୋଜେ
ଶୀତଳ ଝରଣା
କିଏ ଯେ ଶୁଖାଏ ତାକୁ
ବୁଝି ହୁଏ ନାହିଁ
କିଏ ହେବ ଦାୟୀ
ଦୋଷ ବା ଦେବ କାହାକୁ
ଜଣେ ଜଳାଇଲେ
ଜଣେ ଲିଭାଇବ
ଜୀବନ ନିୟମ ଇଏ ॥୧॥

ବରଷା ପରି ତ
ସଂସାରକୁ ଲୋଡ଼ା
ନିଦାଘ ତତଲା ପଣ
ଜଣେ ଥିଲେ ପାଶେ
ଆଉ ଜଣେ ଦୂରେ
ଲାଗୁ ପଛେ ହୀନିମାନ
ଶୀତଳତା ସାଥେ
ଉଷୁମପଣକୁ
ସହିଲେ ଜୀବନ ଜିଏ ॥୨॥

ମୋ:୯୭୭୭୯୬୮୭୧୯

# ପୁସ୍ତକ ପରିଚୟ


## ଲାଲ ଘୋଡ଼ାର ସଇସ



**ଲେଖକ:** ସୂର୍ଯ୍ୟମଣି ତ୍ରିପାଠୀ
**ପ୍ରକାଶକ:** ସତ୍ୟବ୍ରତ ପ୍ରକାଶନୀ, କଟକ–୧୪
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୩୫୦/–

ବରିଷ୍ଠ ଲେଖକ ଓ ସର୍ବୋପରି ନିଜର ଶିକ୍ଷାଗୁରୁଙ୍କ ଦ୍ୱାରା ଆଦିଷ୍ଟ ହୋଇ ଶ୍ରୀ ତ୍ରିପାଠୀ ତାଙ୍କର ଆତ୍ମଜୀବନୀ ଲେଖିବାକୁ ପ୍ରାୟତଃ ବିବଶ ହୋଇଥିଲେ, ଯାହାର ପରିଣତି ହେଉଛି ୪୫୦ ପୃଷ୍ଠାର ନାତିଦୀର୍ଘ ଆତ୍ମଜୀବନୀ 'ଲାଲ ଘୋଡ଼ାର ସଇସ'। ପୁଲିସ୍ ଚାକିରିରେ ଲେଖକ ତାଙ୍କ ଜୀବନରେ ସାମ୍ନା କରିଥିବା ନାନା ଆହ୍ୱାନକୁ କିପରି ମୁକାବିଲା କରିଛନ୍ତି ଓ ସମସ୍ତ ପ୍ରତିକୂଳତା ବିପକ୍ଷରେ ନିଜକୁ ନିଃସ୍ୱାର୍ଥ ଓ ପରହିତରେ ସମ୍ବେଦନଶୀଳ ରଖିପାରିଛନ୍ତି, ତା'ର ସତ୍ୟନିଷ୍ଠ ବର୍ଣ୍ଣନା ଅତି ମଂଜୁଳ ଭାଷାରେ ବହିଟିରେ ରୂପାୟିତ ହୋଇଛି। ବାଲ୍ୟକାଳ, ଛାତ୍ର ଜୀବନ, ଚାକିରି ଜୀବନ ଓ ଅବସର ଜୀବନର ଅଭ୍ରାନ୍ତ ଦଲିଲ୍ ହୋଇ ଏହି ଆତ୍ମଜୀବନୀଟି କେବଳ ମରମୀ ପାଠିକାପାଠକଙ୍କ ମନମାଫି ହୋଇନାହିଁ, ଓଡ଼ିଆ ଆତ୍ମଜୀବନୀ ଭଣ୍ଡାରରେ ସାଇତାଥିବା ଗ୍ରନ୍ଥ–ସାରଣୀରେ ଅନ୍ୟତମ ମୂଲ୍ୟବାନ୍ ସଂଚୟ ହୋଇପାରିଛି। ବାଙ୍କୀ, ଧର୍ମଶାଳା, ଭୁବନେଶ୍ୱର, ନୀଳଗିରି, ଭଦ୍ରକ, କେନ୍ଦ୍ରାପଡ଼ା ଓ କଟକ ତଥା ବିଭିନ୍ନ ଦାପ୍ତରିକ ନିଯୁକ୍ତିରେ ଲେଖକ ଅର୍ଜନ କରିଥିବା ତାଙ୍କ ଅଭିଜ୍ଞତାକୁ ବହିଟିରେ ଉଲ୍ଲେଖ କରିଛନ୍ତି। ବହିଟି ପ୍ରତ୍ୟେକ ବର୍ଗର ପାଠିକାପାଠକଙ୍କ ପାଇଁ ଏକ ଅନୁସରଣୀୟ 'କର୍ମଯୋଗ'ର ମାର୍ଗଦର୍ଶିକା ହେବ ବୋଲି ଆଶା।

## ସାମ୍ପ୍ରତିକ ବିଜ୍ଞାନ ବୀଥିକା



**ଲେଖିକା:** ଡ. ମୃଦୁଳା ମିଶ୍ର
**ପ୍ରକାଶକ:** ସୃଜନ, ଭୁବନେଶ୍ୱର–୨୩
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୫୦/–

'ମୁଖବନ୍ଧ'ରେ ଲେଖିକା ଲେଖିଛନ୍ତି ଯେ ବିଜ୍ଞାନ ଅଧ୍ୟୟନ, ଅଧ୍ୟାପନା ଓ ଗବେଷଣାର ଯାତ୍ରାପଥରେ ତାଙ୍କ ମନକୁ ଆଲୋଡ଼ିତ କରିଥିବା ସମକାଳର କେତେକ ପ୍ରସଙ୍ଗକୁ ନେଇ ସେ ଗ୍ରନ୍ଥସ୍ଥ ନିବନ୍ଧଗୁଡ଼ିକ ରଚନା କରିଛନ୍ତି। ଗ୍ରନ୍ଥରେ ମୋଟ ୨୦ଟି ନିବନ୍ଧ ସ୍ଥାନିତ, ଯହିଁରେ ଅନ୍ତର୍ଭୁକ୍ତ 'ଇ–ଆଦାନପ୍ରଦାନର ମୂଳାଧାର ଗୋପନ ଲିପି', 'କ୍ୟାଲକୁଲସ୍‌ର ଜନ୍ମବୃତ୍ତାନ୍ତ', 'ସୁନ୍ଦରତମ ତତ୍ତ୍ୱର ଶତବର୍ଷ ପୂର୍ତ୍ତି', 'ଯମଜ ବିରୋଧାଭାସ', 'ତରଙ୍ଗ କଣିକା ଦ୍ୱୈତବାଦ', 'ବୃହତ୍ ବିଜ୍ଞାନ', 'ବ୍ରହ୍ମାଣ୍ଡ ସଂଗୀତ', 'ମାନବ କଲ୍ୟାଣରେ ଲେଜର ଆଲୋକ', 'ପରମାଣୁ ବୋମା ଓ ଓପେନ୍‌ହାଇମର', 'ଚନ୍ଦ୍ରାବତରଣର ଅର୍ଦ୍ଧଶତକ', 'ବିସ୍ମୟକର ବୈଜ୍ଞାନିକ ଷ୍ଟିଫେନ୍ ହକିଂ ଓ ତାଙ୍କ ଗବେଷଣା', 'ବିଜ୍ଞାନ ଗବେଷଣାରେ ଉପେକ୍ଷିତା ନାରୀ ପ୍ରତିଭା', 'ଆଇଜାକ୍ ଆସିମଭ ଓ କଳ୍ପବିଜ୍ଞାନ' ଏବଂ 'ପ୍ରାଚୀନ ଭାରତୀୟ ଜ୍ୟୋତିର୍ବିଜ୍ଞାନ ଓ ସାମନ୍ତ ଚନ୍ଦ୍ରଶେଖରଙ୍କ ଅବଦାନ' ଇତ୍ୟାଦି। ଲେଖାଗୁଡ଼ିକ ତତ୍ତ୍ୱନିଷ୍ଠ ଓ ବିଜ୍ଞାନ–ଗବେଷଣାରେ ଲେଖିକାଙ୍କ ମନଯୋଗୀ ଅଧିଗମନର ବିଶ୍ୱସ୍ତ ପ୍ରମାଣ। ବିଜ୍ଞାନ ତଥା ଅଣବିଜ୍ଞାନ ବିଦ୍ୟାର୍ଥୀ ଓ ବିଦ୍ୱାନ୍ୱେଷୀଙ୍କ ପାଇଁ ବହିଟି ନିଶ୍ଚୟ ଉପାଦେୟ ସାବ୍ୟସ୍ତ ହେବ। ବ୍ୟକ୍ତିଗତ ଓ ସାର୍ବଜନୀନ ପାଠାଗାର ପାଇଁ ମଧ ଏହା ଏକ ଉପାର୍ଜନ ଭାବେ ପରିଗଣିତ ହେବ।

# ଅନୁବାଦ କବିତା

## ରେଳପଥ

ମୂଳ ସ୍ୱିଡିଶ୍: ଟମାସ୍ ଟ୍ରାନ୍‌ଷ୍ଟ୍ରୋମର୍
ଭାଷାନ୍ତର: ଡ. ସୀତାକାନ୍ତ ମହାପାତ୍ର

ରାତି ଦୁଇ, ଚନ୍ଦ୍ରାଲୋକ
ରେଳଗାଡ଼ି ଅଟକିଛି ବିଲମାଳରେ
ସହରର ଆଲୋକମାଳା
ଶୀତଳ, ଦପ୍‌ଦପ୍
ବହୁ ଦୂରରେ ଦିଗନ୍ତରେ।।

ଦୁଶେ ଠିକ୍ ଯେମିତି ମଣିଷଟିଏ
ବୁଡ଼ିଯାଏ ଏତେ ଗହୀର ସ୍ୱପ୍ନରେ ଯେ
ପୁଣି ଥରେ ତା' କୋଠରିକୁ ଫେରିଆସିଲେ
ଆଉ ତା'ର ମନେପଡ଼େନି
କୋଉଠିକୁ ସେ ଯାଇଥିଲା।।



ଅଥବା ଭୟଙ୍କର ଅସୁସ୍ଥତାରେ
ହନ୍ତସନ୍ତ ମଣିଷଟିର ସବୁଗୁଡ଼ିକ ଦିନ
ଜୁଳୁଜୁଳୁ କରୁଛନ୍ତି
ନିଷ୍ପ୍ରଭ ଶୀତଳ ଦିଗନ୍ତରେ।।

ଟ୍ରେନ୍‌ଟି ସମ୍ପୂର୍ଣ୍ଣ ଗତିହୀନ
ରାତି ଦୁଇ, ବିପୁଳ ଜ୍ୟୋତ୍ସ୍ନା
ଅଳ୍ପ କେଇଟି ତାରା।।

*(ଟ୍ରାନ୍‌ଷ୍ଟ୍ରୋମର୍ ସ୍ୱିଡିଶ୍ ଭାଷାର ପ୍ରମୁଖ କବି। ମୋଟ ୯ଟି କବିତା ସଂକଳନ ପ୍ରକାଶିତ। ୨୦୧୧ରେ ନୋବେଲ ପୁରସ୍କାରପ୍ରାପ୍ତ।)*

# କାଳକାଳକୁ

''ତୁମ ଭିତରେ ଜାଗୁଥିବା ପ୍ରଶ୍ନକୁ ଆଗ ଭଲପାଅ ଓ ଭୋଗ। ଦେଖିବ, ତୁମ ଅଲକ୍ଷ୍ୟରେ ତା'ର ଉତ୍ତର ତୁମକୁ ମିଳିଯାଇଛି।''

–ରାଇନର୍ ମାରିଆ ରିଲ୍‌କେ



ରାଇନର୍ ମାରିଆ ରିଲ୍‌କେଙ୍କ ଜନ୍ମ ୪ ଡିସେମ୍ବର ୧୮୭୫ରେ, ପ୍ରେଗ୍‌ରେ ଏବଂ ପରଲୋକ ସୁଇଜରଲାଣ୍ଡର ମଣ୍ଟ୍ରିକ୍ସରେ ୨୯ ଡିସେମ୍ବର ୧୯୨୬ରେ। ରିଲ୍‌କେ ଜର୍ମାନ୍ ଭାଷାର ସବୁଠୁଁ ଅଧିକ ଗୀତି–ଗଭୀର କବି। ରହସ୍ୟ ତାଙ୍କ ରଚନାର ଅନ୍ୟତମ ଭୂଷଣ। ତାଙ୍କ ରଚନାଗୁଡ଼ିକ ମଧ୍ୟରେ 'Letters to a young poet', 'Duino alegies' ଓ 'Love Poems to God' ପ୍ରମୁଖ। ପରମ୍ପରା ଓ ଆଧୁନିକତାର ସଫଳତମ ସେତୁ ଏହି ଲେଖକ ତାଙ୍କ ଲେଖାରେ ନିତ୍‌ସେ ଓ ଫ୍ରଏଡ୍‌ଙ୍କ ଦ୍ୱାରା ଅନୁପ୍ରାଣିତ।

# ଅପାଠୋଇ ମାଉସୀଙ୍କଠୁଁ ଶିଖିଥିଲି ଲେଖିବାର ଶୃଙ୍ଖଳା

ଏଇ ଲେଖକଙ୍କ ଘର କେନ୍ଦ୍ରାପଡ଼ା ଜିଲାର କରିଲୋପାଟଣାରେ। ଇଂରାଜୀ ଭାଷା–ସାହିତ୍ୟରେ ସ୍ନାତକୋତ୍ତର, କେନ୍ଦ୍ର ସରକାରଙ୍କ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ। ପ୍ରକାଶିତ ଗଳ୍ପ ପୁସ୍ତକ ୧୧ଟି, ଯହିଁରୁ ପ୍ରମୁଖ ଗୋଟିଏ ହେଲା– 'ନଈ ସେପାରିର ମୋହ'। ଶତାଧିକ ଫିଚର ଓ କ୍ଷୁଦ୍ରଗଳ୍ପ 'ଧରିତ୍ରୀ' ସମେତ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ।

ସୃଜନ-ସ୍ମୃତି



ଅଲେଖ ଚନ୍ଦ୍ର ମିଶ୍ର

କୁ ହାଯାଏ, ପ୍ରତ୍ୟେକ ସଫଳ ବ୍ୟକ୍ତି ପଛରେ ଜଣେ ନାରୀର ପ୍ରେରଣା ପ୍ରଚ୍ଛନ୍ନ ଥାଏ। ମୋର କ୍ଷୁଦ୍ର ଜୀବନରେ ବି ଏହି ସୂକ୍ତିଟିର ଯଥାର୍ଥତା ପ୍ରତିପାଦିତ ହୋଇଛି। ଏବେ ପରିଣତ ବୟସ। ଅତୀତର ଅଭୁଲା ସ୍ମୃତି ଝାପ୍ସା ହୋଇ ଆସିଲାଣି। ତଥାପି ଭୁଲି ହେଉନି। ୧୯୫୫ ମସିହା ପୂର୍ବର ଘଟଣା। ପ୍ରତି ଶନିବାର ସ୍କୁଲ୍ ଛୁଟି ପରେ ଆମ ଗାଁଠାରୁ ଅଳ୍ପ ଦୂରରେ ଥିବା ମାମୁଘର(ହୁରାସାହି, କେନ୍ଦ୍ରାପଡ଼ା)କୁ ମୁଁ ଚାଲିଯାଏ। ସେଠାରେ ରହିବା ସମୟରେ ଗାଁର ଅନ୍ୟ ସାହିରେ ଥିବା ଜଣେ ଲେଖାଯୋଖା ମାଉସୀ ତାଙ୍କ ଘରକୁ ଡକେଇ ନିଅନ୍ତି। କଲିକତାରେ ଥିବା ମଉସାଙ୍କ ପାଖରୁ ଆସିଥିବା ଚିଠିକୁ ପଢ଼ିବାକୁ କୁହନ୍ତି ଏବଂ ତା'ର ଉତ୍ତରରେ ଚିଠି ଲେଖାନ୍ତି। ସେଥିପାଇଁ ସେ ମୋର ଅପେକ୍ଷା କରିଥା'ନ୍ତି। ସେ ଲେଖାପଢ଼ା ଜାଣି ନ ଥିବାରୁ ଯାହା ଡାକନ୍ତି ମୁଁ ଲେଖେ। କିନ୍ତୁ ତାଙ୍କ ଲେଖାର ଶୈଳୀ ଏତେ ମାର୍ଜିତ ଥିଲା ଯେ, ସେ ସବୁର ମର୍ମ ବୁଝି ନ ପାରିଲେ ବି ଲେଖିବାର ଶୃଙ୍ଖଳା ମୁଁ ତାଙ୍କରି ଭାଷାରୁ ହିଁ ଶିଖିଥିଲି। ଯେପରି ''ଜାଣିବ, ତୁମେ ଯେଉଁ ଗଛଟି ଲଗେଇ ଯାଇଥିଲ ସେଥିରେ କଷି ଧରିଛି'' (ଯାହାର ଅର୍ଥ ଅନ୍ତଃସତ୍ତ୍ୱା ବୋଲି ବହୁତ ପଛରେ ଜାଣିଲି)। ପଦେ ପଦେ ଗୀତ ଯଥା– ''ଶିଶିରେ କି ଫୁଟେ ଫୁଲ ବିନା ବରଷଣେ, ଚିଠିରେ କି ଭୁଲେ ମନ ବିନା ଦରଶନେ''। ଇତ୍ୟାଦି...

ଜଣେ ଅପାଠୋଇ ମହିଳାଙ୍କର ଏଭଳି ଭାବୋଦ୍ଦୀପକ ଲେଖା ମୋର କୈଶୋର ମନରେ ଗଭୀର ରେଖାପାତ କରେ ଏବଂ ନିଜେ ସେହିପରି ଲେଖିବା ପାଇଁ ମୋତେ ଉତ୍ସାହ ଯୋଗାଏ। ଫଳରେ ଅନେକଥର କାଗଜକଲମ ଧରି ବସିପଡ଼େ। କ'ଣଗୁଡ଼ାଏ ଏଣୁତେଣୁ ଲେଖି ଚିରି ଫିଙ୍ଗିଦିଏ। ଏମିତି ଲେଖୁଲେଖୁ ହଠାତ୍ ଦିନେ ଏକ ପୂର୍ଣ୍ଣାଙ୍ଗ ଗଳ୍ପ ଲେଖିଦେଲି, ଯାହାର ନାମ ଥିଲା– 'ସାରଥୀର ସଂସାର'। ଏତିକିବେଳକୁ ଆମ ସ୍କୁଲ୍ (ଜୟରାମ ହାଇସ୍କୁଲ, କରିଲୋପାଟଣା, କଟକ)ର ମୁଖପତ୍ର 'ଝରାଶ୍ରୀ' ପାଇଁ ଲେଖାଦେବାକୁ ନୋଟିସ୍ ଦିଆଗଲା ଏବଂ ମୁଁ ସେଇଟିକୁ ଦେଇଦେଲି। ଆଶ୍ଚର୍ଯ୍ୟର କଥା, ସେ ଗଳ୍ପଟି ପ୍ରକାଶ ପାଇଲା। ତାକୁ ଦେଖି ମୋର ଯେଉଁ ଆନନ୍ଦ କହିଲେ ନ ସରେ। ମୋ' ବୁଢ଼ୀମା', ବାପା, ବୋଉଙ୍କଠାରୁ ସାହି ପଡ଼ିଶାଯାଏଁ ସମସ୍ତଙ୍କୁ ଦେଖେଇଲି। ମାମୁଘରକୁ ବି ନେଇଗଲି।

ସେସବୁ ଅନେକ ପଛରେ ରହିଗଲାଣି। ଇଂରାଜୀ ଓ ଓଡ଼ିଆ ଭାଷାରେ ଅନେକ କିଛି ଲେଖିଲିଣି। ବରିଷ୍ଠ ଗ୍ରନ୍ଥକାରର ଆଖ୍ୟା ପାଇଲିଣି। ଏବେ ଲେଖାଟିଏ ପ୍ରକାଶ ପାଇଲେ ପାଠକମାନଙ୍କଠାରୁ ଅନେକ ବଧେଇ ମିଳୁଛି। କିନ୍ତୁ ସେଦିନର ସେଇ ଲେଖାଟି ମୋ' ପାଇଁ ଏକ ବଡିଘର ହୋଇ ରହିଯାଇଛି। ୧୯୫୫ ବନ୍ୟାର କରାଳ ଗ୍ରାସରେ ସେ କ୍ଷୁଦ୍ର ପୁସ୍ତିକାଟି ନିଶ୍ଚିହ୍ନ ହୋଇଯାଇଛି, କିନ୍ତୁ ତା'ର ସ୍ମୃତି ଅଭୁଲା ହୋଇ ରହିଥିବ ଏ ଜୀବ ଯିବାଯାଏ।


ମୋ–୯୪୩୮୬୭୩୮୯୮

# ଇକୋ ସେନ୍‌ସିଟିଭ ଜୋନରେ ପ୍ରକଳ୍ପ

**କେନ୍ଦ୍ରାପଡା ଅଫିସ, ୨।୧୨**

କେନ୍ଦ୍ରାପଡ଼ା ଜିଲା ଜାତୀୟ ଉଦ୍ୟାନ ଭିତରକନିକାର ପରିବେଶ ସମ୍ବେଦନଶୀଳ ଅଞ୍ଚଳ (ଇକୋ ସେନ୍‌ସିଟିଭ ଜୋନ)ରେ ଯାଉଛି। ଜିଲାର ରାଜକନିକା ବ୍ଲକ ବରୁଣାଡିହାରେ ନିର୍ମାଣାଧୀନ ଖରସ୍ରୋତା ମେଗା ପାନୀୟ ଜଳ ପ୍ରକଳ୍ପ ପରିବେଶ ସମ୍ବେଦନଶୀଳ ଜୋନରେ ଯାଉଛି। ତେଣୁ ଏହି ପ୍ରତିବନ୍ଧକ ଏବେ ଜିଲା ପ୍ରଶାସନର ମୁଣ୍ଡବିନ୍ଧାର କାରଣ ସାଜିଛି। ପ୍ରକଳ୍ପରୁ ଭଦ୍ରକକୁ ପାଣି ଯୋଗାଣ କରିବାକୁ ସରକାର ଚାହୁଁଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ଓ ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ବିରୋଧ କରୁଛି। ଅନ୍ୟପକ୍ଷରେ ଏହି ଅଞ୍ଚଳରେ ବର୍ଷାଜଳ ସଂରକ୍ଷଣ ପାଇଁ ବ୍ୟବସ୍ଥା କରିବାକୁ କେନ୍ଦ୍ର ସରକାରଙ୍କ ପରିବେଶ, ବନ ଓ ପାଣିପାଗ ବିଭାଗ ୨୦୧୫ ଜୁନ ୧୬ରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏଥିସହ ବନ, ଉଦ୍ୟାନ କୃଷି, କୃଷି, ପାର୍କ ବ୍ୟତୀତ ଅନ୍ୟ ପ୍ରକଳ୍ପ ଆରମ୍ଭ ପାଇଁ ଏହି ବିଜ୍ଞପ୍ତିରେ ପ୍ରତିବନ୍ଧକ ଅଛି। ନୂତନ ପ୍ରକଳ୍ପ ଆରମ୍ଭ ପୂର୍ବରୁ ପରିବେଶ ଉପରେ ସମ୍ଭାବିତ ପ୍ରଭାବର ବିଜ୍ଞାନ ଭିତ୍ତିକ ବିଶ୍ଳେଷଣ ପରେ ମନିଟରିଂ କମିଟିରେ ମଞ୍ଜୁରୀ ଆବଶ୍ୟକ। ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ସହ ପ୍ରଶାସନିକ ଅଧିକାରୀନଙ୍କ ଦୁଇଥର ଆଲୋଚନା ବିଫଳ ହୋଇଛି। ଏବେ ପ୍ରଶାସନ ତରବରିଆ ଭାବେ ପରିବେଶ ସମ୍ବେଦନଶୀଳ ଜୋନ କମିଟିକୁ ଡାକି ଏହାର ମଞ୍ଜୁରୀ ପାଇଁ ଚେଷ୍ଟା ଚଳାଇଥିବା ଜଣାପଡିଛି।

ପ୍ରକଳ୍ପ କାର୍ଯ୍ୟ ଆରମ୍ଭର ବର୍ଷେ ପରେ ଗୁରୁବାର ଏ ନେଇ କମିଟି ସଦସ୍ୟଙ୍କ ବୈଠକ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ହେବାକୁ ଯାଉଛି। ତେବେ ଅଦ୍ୟାବଧି ପରବେଶ ବିଜ୍ଞାନୀଙ୍କ ଅନୁଧ୍ୟାନ ହୋଇ ନ ଥିବାରୁ ଆଇନ ଜାଲରେ ଛନ୍ଦି ହେବା ସମ୍ଭାବନା ଦେଖାଦେଇଛି। ଭିତରକନିକା ଜାତୀୟ ଉଦ୍ୟାନର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ପରିବେଶ, ବନ ଓ ପାଣିପାଗ ବିଭାଗ ପକ୍ଷରୁ କେନ୍ଦ୍ରାପଡା ଜିଲାର ୧୪୭ଟି ଓ ଭଦ୍ରକ ଜିଲାର ୪୫ଟି ଗ୍ରାମକୁ ସମ୍ବେଦନଶୀଳ ଜୋନ ଭାବେ ଗ୍ରହଣ କରିଛନ୍ତି। ଏହି ଜୋନରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ଜଳ ଯୋଗାଣ ସ୍ଥାନ ବରୁଣାଡିହା ରହିଥିବା ବେଳେ ଭଦ୍ରକ ଜିଲା ଚାନ୍ଦବାଲିସ୍ଥ ନୂଆହାଟରେ ନିର୍ମାଣାଧୀନ ଜଳ ବିଶୋଧନ ପ୍ରଣାଳୀ ରହୁଛି। ପାଣି ଉଠାଣ ଓ ଯୋଗାଣ ଦୁଇ ସ୍ଥାନ ପରିବେଶ ସମ୍ବେଦନଶୀଳ ଜୋନରେ ରହିଛି। ତେଣୁ ପ୍ରକଳ୍ପ କିପରି ହେବ ବୋଲି ମନିଟରିଂ କମିଟି ସଦସ୍ୟ ରାଜକନିକାସ୍ଥିତ ସମ୍ଭାବନା ଅନୁଷ୍ଠାନର ସାମାଜିକ କର୍ମୀ ଶ୍ରୀକାନ୍ତ ନାୟକ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଭିତରକନିକାକୁ ୧୯୭୫ରେ ବନ୍ୟପ୍ରାଣୀ ସଂରକ୍ଷିତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ୧୯୯୭ରେ ଗହୀରମଥା ସାମୁଦ୍ରିକ ଅଞ୍ଚଳକୁ ସଂରକ୍ଷଣ ଯୋଗାଇ ଦିଆଯାଇଥିବା ବେଳେ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଛି। ଏହାବ୍ୟତୀତ ଏହି ଜାତୀୟ ଉଦ୍ୟାନ ବିଶ୍ୱସ୍ତରରେ ଜୈବ ବିବିଧତା ପାଇଁ ପରିବେଶବିତ୍ ଓ ପର୍ଯ୍ୟଟକଙ୍କ ଆକର୍ଷଣ ସାଜିଛି। ନଦୀ ମୁହାଣ ଓ ସାମୁଦ୍ରିକ ଜଳର ମିଶ୍ରଣ ପାଇଁ ଦେଶର ଦ୍ୱିତୀୟ ବୃହତ୍ତମ ହେନ୍ତାଳବଣ ସୃଷ୍ଟି ହୋଇଛି। ସେହିପରି ୬୧ ପ୍ରକାର ଅମେରୁଦଣ୍ଡୀ ପ୍ରାଣୀ, ବିଭିନ୍ନ ସରୀସୃପ, ବନ୍ୟଜନ୍ତୁ, କୁମ୍ଭୀର, ବିରଳ ଅଲିଭରିଡ୍‌ଲେ, ବିଭିନ୍ନ ପ୍ରଜାତିର ମାଛ, ୨୮୦ରୁ ଊର୍ଦ୍ଧ୍ୱ ଦେଶୀ ଓ ବିଦେଶୀ ପ୍ରଜାତିର ପକ୍ଷୀଙ୍କ ସମାହାର ହୋଇଛି। ପାନୀୟ ଜଳ ପ୍ରକଳ୍ପ ପୂର୍ବରୁ ଏ ନେଇ ପରିବେଶ ବିଜ୍ଞାନୀଙ୍କ ଅନୁଧ୍ୟାନ ପରେ କମିଟି ସଦସ୍ୟଙ୍କ ମଞ୍ଜୁରୀ ଆବଶ୍ୟକ। ସେହିପରି ୨୦୧୬ରେ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇଁ ୟୁନୋସ୍କୋ ପକ୍ଷରୁ ଅନୁଧ୍ୟାନ ହୋଇ ସାରିଛି। ଏହାର ସୁରକ୍ଷା ଏବେ ଜରୁରୀ ହୋଇପଡିଛି। କମିଟିରେ ଅଧିକାଂଶ ସରକାରୀ ଅଧିକାରୀ ଥିବାରୁ ପରିବେଶ ଅନୁଧ୍ୟାନ ପୂର୍ବରୁ ମେଗା ପାନୀୟ ଜଳ ପ୍ରକଳ୍ପକୁ ମଞ୍ଜୁରୀ ପାଇଁ ପ୍ରୟାସ ହେଲେ ଜାତୀୟ ଉଦ୍ୟାନ ଭିତରକନିକାର ଜୈବ ବିବିଧତା ନଷ୍ଟ ହେବାର ଆଶଙ୍କା ଅଛି ବୋଲି କମିଟି ସଦସ୍ୟ ନାୟକ ସୂଚନା ଦେଇଛନ୍ତି।



ଇକୋ ସେନ୍‌ସିଟିଭ ଜୋନରେ ବରୁଣାଡିହା ମେଗା ପାନୀୟ ଜଳ ପ୍ରକଳ୍ପ।

- ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ
- ୩ରେ ଅନୁଷ୍ଠିତ ମନିଟରିଂ କମିଟିରେ ମଞ୍ଜୁରୀ ପାଇଁ ପ୍ରୟାସ

## ଗଛରେ ପିଟିହେଲା ବାଇକ୍, ୨ ମୃତ

**ତିହିଡ଼ି,୨।୧୨(ସ୍ୱ.ପ୍ର.):** ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର ପ୍ରସନ୍ନ ମଲିକ(୧୯) ଓ ନାୟକାଣିଡିହୀ ଥାନା ଅନ୍ତର୍ଗତ ଭଞ୍ଜସାହିର ଧର୍ମପଦ ମଲିକ(୧୯)ଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୂଚନା ମୁତାବକ ପ୍ରସନ୍ନ ଓ ଧର୍ମପଦ ଉଭୟ ଗୋଟିଏ ବାଇକ୍‌ରେ ମଙ୍ଗଳବାର ଘଟଗାଁ ବୁଲିବାକୁ ଯାଇଥିଲେ। ସେଠାରୁ ସେମାନେ ନିକଟସ୍ଥ ଗୁଣ୍ଡିଚାଘାଗୀ ଜଳପ୍ରପାତକୁ ବୁଲିବାକୁ ଯାଇଥିଲେ। ସେଠାରୁ ଫେରିବାବେଳେ ବଣ ଚକୁଳିଆ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ଟି ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲେ।


**POST GRADUATE COUNCIL**
**SAMBALPUR UNIVERSITY**
Jyoti Vihar - 768019, Sambalpur, Odisha
Phone & Fax (Off.) (0663) 2430776
e-mail ID: pgco@suniv.ac.in

Notification No. 1049/PGCO — Date: 02.12.2020

**M.PHIL ADMISSION ANNOUNCEMENT 2020-21**

Online applications are invited for admission into M.Phil. courses of Sambalpur University for the academic session 2020-21. Application Form, Prospectus and other details shall be available from **07.12.2020** in the University website: **www.suniv.ac.in**. The last date of submission of online application is **28.12.2020 up to 4.30 P.M.** and **submission of hardcopy of Application is 30.12.2020 upto 4.00 P.M.** No application received thereafter shall be entertained.

Sd./- Chairman, P.G. Council

**LAJPAT RAI LAW COLLEGE, SAMBALPUR - 768001 (ODISHA)**
**(UNIVERSITY COLLEGE OF LAW)**
Phone: (0663) 2533121
E-mail ID: principallrlcsbp@gmail.com, principallrlc@suniv.ac.in

**ADMISSION NOTIFICATION OF DIFFERENT COURSES FOR THE ACADEMIC SESSION 2020-21 AGAINST VACANT SEATS DIFFERENT CATEGORY**

Forms and prospectus for admission into the different courses of L.R. Law College will be available in the office on working days from **03rd December 2020** between 11.30 A.M. to 1.30 P.M. on payment of requsite fee or can be downloaded from the website **www.suniv.ac.in**. Downloaded form should accompany a Bank Draft with requisite fee drawn in favour of **"The Principal, L.R. Law College, Sambalpur"** payable at Sambalpur in any Nationalized Bank.

| Sl. No. | Name of the Course | Vacant Seats available for the Categories | Last date of selling and receipt of the Application Form |
|---|---|---|---|
| 1. | 3 Yr. LL.B. Course | S.T., P.H., Ex-Service Men | 9th December 2020 |
| 2. | 5 Yr. BBA, LL.B. (H) Course | S.C., S.T., P.H., Ex-Service Men | 9th December 2020 |
| 3. | 2 Yr. PGDIR&PM Course | All Categories | 9th December 2020 |
| 4. | 2 Yr. LL.M. Course | All Categories | 9th December 2020 |

Sd./- (Dr. B.N. Behera), Principal

**ODISHA STATE ROAD TRANSPORT CORPORATION**
(A Government of Odisha Undertaking)
Paribahan Bhawan, Sachivalaya Marg
Bhubaneswar - 751009

No. 12930 — Date: 02.12.2020

**TENDER NOTICE**

Sealed tenders are invited in the prescribed format for printing and supply of Thermal Paper Rolls with advertisement on back-side for use in Electronic Ticketing Machines of OSRTC. Details may be accessed from **www.osrtc.in**.

Sd./- General Manager (Admn.)

**ତହସିଲଦାରଙ୍କ କାର୍ଯ୍ୟାଳୟ, ପୁରୁଷୋତ୍ତମପୁର**
ବିଜ୍ଞାପନ ସଂଖ୍ୟା:3439/ସୈରାତ — ତା1.12.2020ରିଖ

**ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପୁରୁଷୋତ୍ତମପୁର ତହସିଲ ଇଲାକାରେ ଥିବା 1 ଗୋଟି ପଥର ସୈରାତ ଉତ୍ସ ଓ 1 ଗୋଟି ବାଲି ସୈରାତ ଉତ୍ସଗୁଡିକର ଆଗାମୀ ପାଞ୍ଚ ବର୍ଷ ନିମନ୍ତେ (ଦୀର୍ଘ ମିଆଦୀ) ଲିଜ୍ ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ । ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବ୍‌ସାଇଟ୍ www.ganjam.nic.inରେ ଉପଲବ୍ଧ ଅଛି। ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ପୁରୁଷୋତ୍ତମପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।

କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ଗଞ୍ଜାମଙ୍କର କ୍ଷମତା ପରିସରଭୁକ୍ତ ଅଟେ।

ୱେବ୍‌ସାଇଟରେ ଦର୍ଶାଯାଇଥିବା ଯେକୌଣସି ସର୍ତ୍ତାବଳୀକୁ ଯେକୌଣସି ସମୟରେ ନିମ୍ନ ସ୍ୱାକ୍ଷରକାରୀ ପରିବର୍ତ୍ତନ କରିପାରିବେ।

ସ୍ୱା./- ତହସିଲଦାର, ପୁରୁଷୋତ୍ତମପୁର

**OFFICE OF THE NOTIFIED AREA COUNCIL, BIJEPUR**
At/P.O./P.S.: Bijepur, Dist.- Bargarh (Odisha), PIN - 768032
Phone No.: 06685-274153, E-mail ID: bijepurnac2018@gmail.com

No. 1156 — Dt.02.12.2020

**"e" Procurement Notice**
**Bid Identification No. EO/Bijepur/04/2020-21**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersodisha.gov.in**.

1. Nature of Work : Civil Works
2. No. of Works : 14 Nos.
3. Estimated Cost : As per NIT
4. Period of Completion : As per NIT
5. Date and time of availability of the documents in the portal : From 10 hours of 03.12.2020 to 17 hours of 14.12.2020
6. Last date/time for receipt of Bids in the portal : Dt.14.12.2020 upto 17.00 hours
7. Bids received online shall be opened on : Dt.15.12.2020 at 11.00 hours
8. Name and address of the Officer Inviting Bid : Executive Officer, Bijepur NAC

Further the details can be seen from the procurement portal **www.tendersodisha.gov.in**.

Sd./- Executive Officer, Bijepur NAC

NITI Aayog

**ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର**
ବିଜ୍ଞାପନ ନଂ. ୨୬୨/୨୦୨୦ — ତା୦୧।୧୨।୨୦୨୦ରିଖ

ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତି ତଥା ନୀତି ଆୟୋଗ କେନ୍ଦ୍ର ସରକାରଙ୍କ ସହାୟତା କ୍ରମେ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର ତରଫରୁ ଜିଲ୍ଲାର ୧୫ ଗୋଟି ସ୍ଥାନରେ ଯଥା– ନବରଙ୍ଗପୁର, ସରୁଗୁଡା (ନନ୍ଦାହାଣ୍ଡି), ପୂଜାରୀଗୁଡ଼ା (ତେନ୍ତୁଳିଖୁଣ୍ଟି), ପାପଡ଼ାହାଣ୍ଡି, କୋଡିଙ୍ଗା (କୋଷାଗୁମୁଡ଼ା), ବଡ଼ଆମଡ଼ା (କୋଷାଗୁମୁଡ଼ା), ଡାବୁଗାଁ, ଉମରକୋଟ, ବେହେଡ଼ା (ଉମରକୋଟ), ଝରିଗାଁ, ଚନ୍ଦାହାଣ୍ଡି, ଧୋଡ଼ିପାଣି (ଚନ୍ଦାହାଣ୍ଡି), ରାଇଘର, ମହଣ୍ଡ (ରାଇଘର), କୋଡ଼ିଙ୍ଗା (ରାଇଘର)ଠାରେ ମକା ମଣ୍ଡି ସ୍ଥାପନ କରାଯାଇ ଜାତୀୟ କୃଷି ବଜାର (e–NAM) ମାଧ୍ୟମରେ ମକାର କ୍ରୟ ବିକ୍ରୟ କରାଯିବା ପାଇଁ ତା୦୨।୧୨।୨୦୨୦ରିଖଠାରୁ ପ୍ରଚାର ରଥ ମାଧ୍ୟମରେ ଚାଷୀ ସଚେତନତା ସୃଷ୍ଟି କରିବା ତଥା ମକା ଚାଷୀ ନାମ ପଞ୍ଜୀକରଣ କରାଯିବା ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଅଛି ।

ପୁନଶ୍ଚ ନୀତି ଆୟୋଗଙ୍କ ସହାୟତାରେ ଜିଲ୍ଲାର ୦୬ ଗୋଟି ସ୍ଥାନରେ ଯଥା ଝରିଗାଁ, ରାଇଘର, ଉମରକୋଟ, ଡାବୁଗାଁ, କୋଡିଙ୍ଗା, ବଡ଼ଆମଡ଼ା (କୋଷାଗୁମୁଡ଼ା)ଠାରେ ମକାର ପରୀକ୍ଷାଗାର କେନ୍ଦ୍ର ସ୍ଥାପନ ପାଇଁ କାର୍ଯ୍ୟକ୍ରମ ଜାରି ରହିଛି । ମକା ଚାଷୀର ମକାକୁ ଜାତୀୟ କୃଷି ବଜାର ମାଧ୍ୟମରେ ବିକ୍ରୟ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ୧ କୋଟି ୬୦ ହଜାର ଟଙ୍କା ସହାୟତା ରାଶି ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରଙ୍କୁ ପ୍ରଦାନ କରାଯାଇଅଛି । ଏଥିପାଇଁ ଜିଲ୍ଲାରେ ଥିବା ଚାଷୀ ଉତ୍ପାଦକ ସଂସ୍ଥା (FPO)ମାନଙ୍କ ଦ୍ୱାରା ମକାର ସୁବିକ୍ରିବଟା ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ ଚାଲୁ ରହିଛି । ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରର ସ୍ଥାୟୀ ବଜାର ପ୍ରାଙ୍ଗଣମାନଙ୍କରେ ମକା ଚାଷୀମାନଙ୍କର ସୁବିଧା ପାଇଁ ଜିଲ୍ଲାର (FPO)ମାନଙ୍କୁ ବିନାମୂଲ୍ୟରେ ଗୋଦାମଗୃହ ତଥା ଆନୁଷଙ୍ଗିକ ମଣ୍ଡି ଉପକରଣ ଯୋଗାଇ ଦିଆଯାଇଅଛି। ସର୍ବୋପରି ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରର ମକା ଚାଷୀଙ୍କ ଉତ୍ପାଦିତ ମକାକୁ ସୁଲଭ ମୂଲ୍ୟରେ ଜାତୀୟ କୃଷି ବଜାର ମାଧ୍ୟମରେ ବିକ୍ରିବଟା କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛି ।

ସହାୟତା - ନୀତି ଆୟୋଗ, କେନ୍ଦ୍ର ସରକାର, ନୂଆଦିଲ୍ଲୀ
ସୌଜନ୍ୟ - ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର

**ODISHA COAL AND POWER LTD.**
Odisha Coal and Power Limited (OCPL)
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

**NOTICE INVITING TENDER**

NIT No: OCPL/CIV-117/2020 — Date: 03.12.2020

Sealed bids in prescribed format are invited from reputed Construction companies/ Contractors / Firms for execution of the following work at Hemgir in Sundargarh District of Odisha:

| Sl. No. | Name of the work | Cost of Tender Paper | BID Security | Last date of Sale of Tender Document | Date of Submission/ Opening |
|---|---|---|---|---|---|
| 01 | Construction of Resettlement & Rehabilitation (R & R) Colony at Hemgir (Phase-II), Sundargarh, Odisha | Rs.11,800/- (Rupees Eleven Thousand Eight Hundred only) including GST @ 18% | Rs.5,00,000/- (Rupees Five lakhs only) | 23.12.2020 | 3:00 PM on 22.01.2021<br>3:30 PM on 22.01.2021 |

Any further clarifications may please be addressed to the undersigned at the above address or by email to: **a.kanungo@ocpl.org.in**.

Tel.: 0674-2300964 (D) — Addl. General Manager (Commercial & Contracts), OCPL

**OFFICE OF THE EXECUTIVE ENGINEER**
**RWS&S DIVISION, BARIPADA**
Tel.No.06792-254029, Fax No.06792-259464
E-mail: eerwss_bpd@rediffmail.com, eerwss_bpd@ori.nic.in

No.O-602:- **Govt. of Odisha e-procurement Notice**
**Bid Identification No.29 of 2020-21, Date: 18.11.2020**

1. Nature of the work: Execution/Retrofitting of Rural Piped Water Supply New/Commissioned Projects under different Blocks of Mayurbhanj District in Lump-sum rate contract. (15 packages).
2. Estimated cost: 13.97 lakhs to 92.32 lakhs.
3. Period of completion : 180 days to 300 days.
4. Date and time of availability of bid document in portal: From 11 hour of 04.12.2020 to 15.12.2020 upto 17 hours.
5. Last date/time for receipt of bids in the portal: Both technical & financial bid for each package upto 17 hours of 15.12.2020.
6. Name and address of the O.I.T.: Executive Engineer, RWS&S Division, Baripada.
7. Date & time for opening of tender: 16.12.2020 at 11.00 A.M.
8. Corrigendum and addendum if any shall only be published in the above website http://www.tenderodisha.gov.in

Further details can be seen from the e-procurement portal: "https://tendersodisha.gov.in"

Sd./- Executive Engineer, RWS&S Division, Baripada
OIPR-25014/11/0006/2021

See Career Appointment on every Wednesday & Saturday

**PANCHAYAT SAMITI, MOHANA**
At/Po-Mohana, Dist-Gajapati, Pin-761015 (Odisha)
Tel/Fax No.- 06816-258281, Email: ori-mohana@nic.in

Letter No.- 5305 — Date: 01.12.2020

**TENDER CALL NOTICE No.- 01/2020-21**

The Block Development Officer, Mohana invites sealed tenders on behalf of Governor of Odisha from registered and eligible Contractors of the state P.W.D. (R&B)/Water Resources/Rural Works/M.I./C.P.W.D. for the following works eventually to be drawn up in the P.W.D. F-2 forms in conformity with detailed tender call notice.

| Sl. No. | Name of the Work | Name of the G.P. | Amount put to Tender in Rupees | Class of Contractor | Period of completion of the work in days | Cost of Tender Paper in Rupees | E.M.D. in Rupees (1%) |
|---|---|---|---|---|---|---|---|
| 1 | Construction of Mini Bus stand at Mohona | Mohana | 29,02,820/- | 'B' Class and 'C' Class | 180 days | 6,000/- | 30,000/- |
| 2 | Construction of Ghat cutting Road from Sikilima to Gudripanka. Village- Sikilima | Raipanka | 13,18,199/- | 'C' Class and 'D' Class | 120 days | 6,000/- | 14,000/- |
| 3 | Completion of incomplete bridge at Beashariguda bada nala, Village: Beashariguda | Chudangapur | 17,40,000/- | 'C' Class and 'D' Class | 120 days | 6,000/- | 18,000/- |

- Date and time of availability of BIDs : 04.12.2020 to 14.12.2020 (Except Sunday and Public holidays)
- Last date & time of receipt of BIDs : On or Before 15.12.2020 at 4.00 PM at Panchayat Samiti, Mohana.
- BIDs received shall be opened on : 3 PM Dated 16.12.2020 in the Office of Conference Hall Panchayat Samiti, Mohana
- Mode of Receipt of Tender Paper : Registered Post/Speed Post only.

The tender documents along with term and conditions thereof shall be had from Panchayat Samiti, Mohana on payment of Demand Draft/Banker Cheque in favour of B.D.O., Mohana payable at Mohana Branch as per cost noted above. The authority reserves the right to reject any or all of the tenders without assigning any reason thereof.

Sd./- Block Development Officer, Mohana

**OFFICE OF THE MUNICIPAL COUNCIL, BHAWANIPATNA**
No.3143 — Dt.01.12.20

**TENDER CALL NOTICE**

Bhawanipatna Municipality invites sealed tender from Electrical Contractor/Agencies having H.T. licence form ELBO, PAN No. & GSTN Certificate for Power supply to the different work of Bhawanipatna Municipality in percentage rate contract. The tender document will be available in the district website https://www.kalahandi.nic.in from 11.00 A.M. on 03.12.2020 to 5.00 P.M. on 14.12.2020. The filled of bid document will be received upto 5.00 P.M. 17.12.2020. The tender shall be received in the Office of the Executive Officer, Bhawanipatna Municipality through Regd. Post & Speed Post only and it will be opened on 18.12.2020 at 11.00 A.M. in persence of the agency or his authorized representative if any. The authority reserves the rights to accept or reject any or all tender without assigning the reason thereof. The other terms and condition can be seen from the district website https://www.kalahandi.nic.in.

Sd./- Executive Officer
Bhawanipatna Municipality

**ORISSA WATER SUPPLY & SEWERAGE BOARD**
(A Govt. of Orissa Undertaking)
THE OFFICE OF THE ENGINEER-IN-CHIEF, OISIP, JICA
At : Mahanadivihar, P.O. : Nayabazar, Cuttack-753004
Phone No.:0671-2444511, Fax No. : 0671-2441616, E-mail ID : ce_jica@owssb.in

No. 2827 — Date : 30.11.2020

**NOTICE INVITING TENDER**

1. The Government of India has received a loan from Japan International Cooperation Agency (JICA) towards the cost of Odisha Integrated Sanitation Improvement Project (II), ID-P252. It is intended that part of the proceeds of this loan will be applied to eligible payments under the Contract for Construction of Box Drains with Road between Chainage 3300 – 5150 of Main Drain - 1, Cuttack, Design Build – (Package No. JICA/OWSSB/OISIP/04 – II/ LOT 1) and Construction of Box Drains with Road between Chainage 5150 - 6700 of Main Drain - 1, Cuttack, Design Build – (Package No. JICA/OWSSB/OISIP/04 – II/ LOT 2).
2. The Orissa Water Supply and Sewerage Board (OWSSB) now invites sealed Bids from eligible Bidders as per particulars in table below.

| BID Identification No. | Name of the Work | Type of Contract | Type of Bidding | Bid Security/ Earnest Money (Rs. in Lakh) | Completion Period |
|---|---|---|---|---|---|
| JICA/OWSSB/ OISIP/04 – II/ LOT 1 | Design and Construction of 1,850 m Length of Box Drain with Road on top between Chainage 3300 – 5150, in the Main Drain 1, on Design Build basis. | Design Build | International Competitive Bidding with Single Stage - Two Envelope Bidding Procedure | 320.00 | Design and Construction for 18 months and 1-year DNP |
| JICA/OWSSB/ OISIP/04 – II/ LOT 2 | Design and Construction of 1,550 m Length of Box Drain with Road on top between Chainage 5150 – 6700, in the Main Drain 1, on Design Build basis. | Design Build | International Competitive Bidding with Single Stage - Two Envelope Bidding Procedure | 340.00 | Design and Construction for 18 months and 1-year DNP |

3. The bidding will be conducted in accordance with the applicable JICA Guidelines for Procurement under Japanese ODA Loans, and is open to all Bidders from eligible source countries.
4. The complete sets of the Bidding Documents (either of the LOTs or both LOTs) may be purchased by interested Tenderer(s) on the submission of a written Application to the Office of the Engineer-in-Chief, At: Mahanadivihar, P.O.: Nayabazar, Cuttack - 753004, Phone No. 0671-2444511, Fax No. 0671-2441616, Email: **ce_jica@owssb.in** and upon payment of a non-refundable fee of INR 10,000 (Indian National Rupees Ten Thousand only) (separately for each individual LOT) in shape of Bank Draft issued by any Scheduled Bank of India approved by RBI or any scheduled foreign bank with business in India, favouring "Engineer in Chief, OISIP, JICA, OWSSB", payable at Cuttack, Odisha. The Bidder can also download the bidding documents from the Government of Odisha website: **www.odisha.gov.in/tender**, for reference. The Bidding Documents can also be obtained by post / courier upon a written request accompanied by the cost of Bidding Document. An additional sum of INR 7,000 (Indian National Rupee Seven Thousand Only), applicable for each LOT, for postage & handling charges should be sent along with the request.
5. Schedule:
   a. Start date and time of purchase of Bid Documents: at 10:00 on 04.12.2020
   b. Date & time of Pre-bid meeting: at 11:00 on 22.12.2020
   c. Last date & time for purchasing Bid documents: at 15:00 on 25.01.2021
   d. Last date & time for submission of proposals: at 15:00 on 25.01.2021
   e. Date/time of opening of Technical bid: at 15:30 on 25.01.2021
6. The Bid shall remain valid for the period of 120 days after the last date of submission of bids. Any further corrigendum/ addendum/ clarification, if any, will be uploaded on Government of Odisha Website: **www.odisha.gov.in/tender** only.

Sd/-
Engineer-in-Chief,
OISIP, JICA, OWSSB, Cuttack

# ଏସ୍‌ସିଜିରେ ପୂରା ଦର୍ଶକ ରହିବେ

**ସିଡ୍‌ନୀ, ୨।୧୨ (ପି.ଟି.):** ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ଆୟୋଜନ ହେବାକୁ ଥିବା ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଷ୍ଟାଡିୟମ ସମ୍ପୂର୍ଣ୍ଣ ରୂପେ ଭର୍ତ୍ତି ହେବ। ଖଚାଖଚ୍ ଭରା ଷ୍ଟାଡିୟମରେ ଦର୍ଶକମାନେ ସବୁଠାରୁ ଛୋଟ ଫର୍ମାଟ୍‌ର ମଜା ନେବେ। ଡିସେମ୍ବର ୭ ତାରିଖରୁ ନ୍ୟୁ ସାଉଥ୍ ୱେଲ୍ସ ସରକାର ସବୁ କଟକଣା ଉଠାଇ ଦେଇଥିବାରୁ ଏହି ମ୍ୟାଚ୍‌ରେ ଷ୍ଟାଡିୟମ ପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

ସାରା ବିଶ୍ୱରେ କୋଭିଡ୍-୧୯ ମହାମାରୀ ପ୍ରକୋପ ଜାରି ରହିଥିବା ବେଳେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଅନୁଷ୍ଠିତ ଦିନିକିଆ ସିରିଜରେ ମାତ୍ର ୫୦ ପ୍ରତିଶତ ଦର୍ଶକଙ୍କୁ ମ୍ୟାଚ୍ ଦେଖିବାର ସୁଯୋଗ ଦିଆଯାଇଥିଲା। ତେବେ ନ୍ୟୁ ସାଉଥ୍ ୱେଲ୍ସ ପ୍ରଧାନମନ୍ତ୍ରୀ ଗ୍ଲାଡି ବେରେଜିକଲିଆନ ଡିସେମ୍ବର ୭ ପରେ ଷ୍ଟାଡିୟମଗୁଡିକ ଶତପ୍ରତିଶତ ପୂର୍ଣ୍ଣ ରହିବ ବୋଲି ଘୋଷଣା କରିଥିଲେ। ସୋମବାର ପରେ ନ୍ୟୁ ସାଉଥ୍ ୱେଲ୍ସରେ ଜୀବନଯାପନ ପୂରା ଭିନ୍ନ ରହିବ ସେ କହିଥିଲେ। ଏହାର ଅର୍ଥ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଦର୍ଶକ ଭରପୂର ରହିବେ ବୋଲି ସ୍ପଷ୍ଟ ହୋଇଛି।



ଦିନିକିଆ ସିରିଜରେ ଅଷ୍ଟ୍ରେଲିଆ ୨-୧ରେ ବିଜୟୀ ହୋଇଛି। ଶୁକ୍ରବାରଠାରୁ ଟି୨୦ ସିରିଜ ଆରମ୍ଭ ହେବ। କାନବେରା ମାନୁକା ଓଭାଲ ଗ୍ରାଉଣ୍ଡରେ ପ୍ରଥମ ଟି୨୦ ମ୍ୟାଚ୍ ଶୁକ୍ରବାର ଖେଳାଯିବ। ଏହାପରେ ଦ୍ୱିତୀୟ ଟି୨୦ ରବିବାର ସିଡ୍‌ନୀରେ ଖେଳାଯିବ।

# ଶୀର୍ଷରେ ଅଷ୍ଟ୍ରେଲିଆ, ଷଷ୍ଠ ସ୍ଥାନରେ ଭାରତ

**ଦୁବାଇ, ୨।୧୨ (ପି.ଟି.):** ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍ ସୁପର ଦିନିକିଆ ଲିଗ୍ ପଏଣ୍ଟ ତାଲିକାରେ ଅଷ୍ଟ୍ରେଲିଆ ଶୀର୍ଷ ସ୍ଥାନ ଅଧିକାର କରିଛି। ସଦ୍ୟ ସମାପ୍ତ ଭାରତ ବିପକ୍ଷ ଦିନିକିଆ ସିରିଜରେ ୨-୧ରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ଏହି ସଫଳତା ପାଇଛି। ତେବେ ଭାରତକୁ ଷଷ୍ଠ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଛି।

ଏହି ସିରିଜ ବିଜୟ ସହ ଅଷ୍ଟ୍ରେଲିଆ ୪୦ ପଏଣ୍ଟ ହାସଲ କରି ଇଂଲଣ୍ଡକୁ ପଛରେ ପକାଇଛି। ଇଂଲଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି। ଅପରପକ୍ଷରେ ଅନ୍ତିମ ଦିନିକିଆ ଜିତି ଭାରତ ଟୁର୍ନାମେଣ୍ଟରେ ତା'ର ପ୍ରଥମ ପଏଣ୍ଟ ଜିତି ମୋଟ ୯ ପଏଣ୍ଟ ହାସଲ କରି ଷଷ୍ଠ ସ୍ଥାନରେ ରହିଛି।

**ଆଇସିସି ସୁପର ଲିଗ୍ ଟେବୁଲ**

ଅଷ୍ଟ୍ରେଲିଆ ପୂର୍ବରୁ ୧୩ ଦଳ ବିଶିଷ୍ଟ ଦିନିକିଆ ଚାମ୍ପିୟନଶିପ୍‌ର ସିରିଜରେ ଇଂଲଣ୍ଡକୁ ୨-୧ରେ ପରାସ୍ତ କରିଥିଲା। ଦିନିକିଆ ଫର୍ମାଟରେ ସଂସ୍କାର ଆଣିବା ପାଇଁ ଚଳିତ ବର୍ଷ ଏହି ଚାମ୍ପିୟନଶିପ୍ ଆରମ୍ଭ କରାଯାଇଛି। ଚାମ୍ପିୟନଶିପ୍‌ର ଶ୍ରେଷ୍ଠ ୭ଟି ଦଳ ଆଇସିସି ପୁରୁଷ ଦିନିକିଆ ବିଶ୍ୱକପ୍ ଖେଳିବାକୁ ସିଧାସଳଖ ଯୋଗ୍ୟତା ହାସଲ କରିବେ। ଆସନ୍ତା ୨୦୨୩ ବିଶ୍ୱକପ୍ ଭାରତରେ ଆୟୋଜନ ହେବ। ତେଣୁ ଆୟୋଜକ ଭାବେ ଭାରତ ଯୋଗ୍ୟତା ହାସଲ କରିବା ସ୍ୱାଭାବିକ। ବିଶ୍ୱ ଚାମ୍ପିୟନ ଇଂଲଣ୍ଡ ଆୟର୍ଲାଣ୍ଡକୁ ୨-୧ରେ ପରାସ୍ତ କରିବା ପରେ ୩୦ ପଏଣ୍ଟ ହାସଲ କରିଛି। ଏହି ଚାମ୍ପିୟନଶିପ୍‌ର ପ୍ରାରମ୍ଭିକ ସିରିଜ ଥିଲା।

# ଓଡ଼ିଶା ଏଫ୍‌ସି-ଏଟିକେ ମୋହନବାଗାନ ମୁକାବିଲା ଆଜି



ଓଡ଼ିଶା ଏଫ୍‌ସି ଦଳର ଅଭ୍ୟାସ।

**ଭୁବନେଶ୍ୱର, ୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଚଳିତ ସପ୍ତମ ସଂସ୍କରଣରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ଏଟିକେ ମୋହନବାଗାନ ପରସ୍ପରକୁ ଭେଟିବେ। ଏହାପୂର୍ବରୁ ଗତ ରବିବାର ଖେଳା ଯାଇଥିବା ଜାମ୍‌ସେଦ୍‌ପୁର ଏଫ୍‌ସି ବିପକ୍ଷ ମ୍ୟାଚ୍‌କୁ ଓଡ଼ିଶା ବେଶ୍ ଲଢୁଆ ଢଙ୍ଗରେ ୨-୨ ଗୋଲରେ ଅମୀମାଂସିତ ରଖିଥିଲା। ଏହି ପ୍ରଦର୍ଶନରୁ ଦଳ ବେଶ୍ ଉତ୍ସାହ ଓ ପ୍ରେରଣା ହାସଲ କରିଛି ବୋଲି ଓଡ଼ିଶା ଏଫ୍‌ସି କୋଚ୍ ଷ୍ଟୁଆର୍ଟ ବକ୍ସଟର କହିଛନ୍ତି। ଟୁର୍ନାମେଣ୍ଟରେ ପ୍ରାରମ୍ଭିକ କେତୋଟି ମ୍ୟାଚ୍ ଦଳ ବିକାଶ ପ୍ରକ୍ରିୟାର ଅଂଶ ବୋଲି ସେ କହିଛନ୍ତି। ଯୁବ ଭାରତୀୟ ଫୁଟବଲରଙ୍କ ବିକାଶରେ ଓଡ଼ିଶା ଦଳ ବିଶ୍ୱାସ କରେ। ଜୈବ ସୁରକ୍ଷିତ ପରିବେଶରେ ଭାରତୀୟ ଖେଳାଳିମାନେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରୟାସ କରିବେ। ଗତ ମ୍ୟାଚ୍‌ର ପ୍ରଦର୍ଶନ ଖେଳାଳିଙ୍କ ମନରେ ଆତ୍ମବିଶ୍ୱାସ ଓ ଶକ୍ତି ଆଣି ଦେଇଛି ବୋଲି ମ୍ୟାଚ୍ ପର ଖବରଦାତା ସମ୍ମିଳନୀରେ ସେ କହିଛନ୍ତି। ତେବେ ଏହି ପ୍ରଦର୍ଶନକୁ ଆଗକୁ ବଜାୟ ରଖିବା ନିହାତି ଜରୁରୀ ବୋଲି ସେ କହିଛନ୍ତି।

ଏଠାରେ ପହଞ୍ଚିବା ପରେ ଆମେ ବୋୟୋ ବବଲରେ ରହିଥିଲୁ। ପୁଣି ଆମ ପାଖରେ ସମୟ ମଧ୍ୟ କମ୍ ରହିଥିଲା। ଅଭ୍ୟାସ ପାଇଁ ମଧ୍ୟ ପର୍ଯ୍ୟାପ୍ତ ସୁଯୋଗ ନ ଥିଲା। ତେଣୁ ଲିଗ୍‌ର ମ୍ୟାଚ୍‌ଗୁଡିକ ଖେଳିବା ଅବସରରେ ଦଳର ପ୍ରଦର୍ଶନରେ କ୍ରମାଗତ ଉନ୍ନତି ଆସିବ। କିନ୍ତୁ ଇଟାଲୀ, ସ୍ପେନ୍ ଓ ଇଂଲଣ୍ଡ ଖେଳାଳିଙ୍କ ପାଇଁ ଏହା ନିଶ୍ଚିତ ଭାବେ କଷ୍ଟକର। କିନ୍ତୁ ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଭାରତୀୟ ଖେଳାଳିମାନେ ଦୁଇ ପାଦ ଆଗରେ ରହିବେ। ଭାରତୀୟ ଖେଳାଳିମାନେ ଏହାକୁ ସହଜରେ ଗ୍ରହଣ କରିଛନ୍ତି। ଆମର କାର୍ଯ୍ୟ ମଧ୍ୟ ଆଗକୁ ବଢିଛି। ପ୍ରଦର୍ଶନରେ ଉନ୍ନତି ଆସିବା ସହ ଫଳାଫଳ ମଧ୍ୟ ସେହି ଅନୁରୂପ ହେବା ଅପରିହାର୍ଯ୍ୟ ବୋଲି ସେ କହିଛନ୍ତି। ଯଦି ଫଳାଫଳ ଭଲ ନ ହେବ ତା'ହେଲେ ଏତେ ପରିଶ୍ରମର ମୂଲ୍ୟ ରହିବ ନାହିଁ। ଦଳ ଏବେ ଆଗକୁ ବଢୁଛି ଓ ପ୍ରଦର୍ଶନରେ ଉନ୍ନତି ଆସୁଛି। ତେଣୁ ବର୍ତ୍ତମାନ ପାଇଁ ଏହା ବଡ଼ କଥା ବୋଲି ସେ ସ୍ପଷ୍ଟ କରିଛନ୍ତି।

ନଭେମ୍ବର ୨୩ରେ ଓଡ଼ିଶା ତା'ର ପ୍ରଥମ ମ୍ୟାଚ୍‌ରେ ହାଇଦ୍ରାବାଦ୍ ଏଫ୍‌ସିଠାରୁ ୧-୦ ଗୋଲରେ ପରାସ୍ତ ହୋଇଥିଲା। ଓଡ଼ିଶା ଦଳରେ ହେଣ୍ଡ୍ରି ଆଣ୍ଟୋନି, ସୌରଭ ମେହେର, ଥଇବା ସିଂ ଓ ପ୍ରେମଜିତ ସିଂଙ୍କ ଭଳି ଦକ୍ଷ ଖେଳାଳି ରହିଥିଲେ। ନବାଗତ ଖେଳାଳିମାନେ ଦଳ ଓ ନୂଆ କୋଚ୍‌ଙ୍କ ଅଭ୍ୟସ୍ତ ହେବା ପାଇଁ ଟିକିଏ ସମୟ ନେବେ। ସମୟକ୍ରମେ ଅଭିଜ୍ଞତା ହାସଲ କରିବା ସହ ଏମାନେ ଭଲ ପ୍ରଦର୍ଶନ କରି ଦଳକୁ ଜିତାଇବେ ବୋଲି ୬୭ ବର୍ଷୀୟ ବକ୍ସଟର ଆଶା ପ୍ରକାଶ କରିଛନ୍ତି।


ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲିଅନ୍ତା ବ୍ଲକ ପ୍ରତାପରୁଦ୍ରପୁର ଗ୍ରାମପଞ୍ଚାୟତର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି ।
ବାମନ ଚରଣ ଭୋଇ
ସରପଞ୍ଚ, ପ୍ରତାପରୁଦ୍ରପୁର, ବାଲିଅନ୍ତା ବ୍ଲକ

ଧରିତ୍ରୀ ଜନ୍ମବାର୍ଷିକ ଉତ୍ସବରେ ଶୁଭେଚ୍ଛା ।
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
କାଳିଆବାଲି ଛକ

With Best Compliments from:
BHABANI JEWELLERS
Main Road, Chatrapur, Ganjam
7735915857, 7608905176

With Best Complimetns from:
PARVATI JEWELLERS
Bazar Sqaure, Chatrapur, Ganjam
7894313457, 9437186277

ଧରିତ୍ରୀର ୪୭ତମ ସ୍ୱନକ୍ଷତ୍ର ଅବସରରେ ବସୁପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି । ଏହି ପଞ୍ଚାୟତର ବିକାଶ ତଥା ଉନ୍ନୟନମୂଳକ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି ।
ଅମୃତରାଜ ବେହେରା
ସରପଞ୍ଚ, ବସୁପୁର ପଞ୍ଚାୟତ
ଡେରାବିଶ

With Best Compliments from:
OM SAI JEWELLERS
Main Road, Big Bazar
Chatrapur, Ganjam
7873924431

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ପ୍ରଶାନ୍ତ କୁମାର କର
ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ
ଭାଜପା
ଛତ୍ରପୁର ନିର୍ବାଚନ ମଣ୍ଡଳୀ

ଧରିତ୍ରୀର ୪୭ତମ ସ୍ୱନକ୍ଷତ୍ର ଅବସରରେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ସଂଯୁକ୍ତା ସାହୁ
ସରପଞ୍ଚ,
ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ
ଡେରାବିଶ

With Best Compliments from:
KALINGA INSTITUTE OF MEDICAL TECHNOLOGY
Ram Nagar, 3rd Line, Chatrapur, Ganjam
06811-262535

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଖମୋଳ ପଞ୍ଚାୟତର ସମସ୍ତ ଭାଇ ଭଉଣୀ ଓ ମାଆ ମାଉସୀଙ୍କ ସୁଖ ସମୃଦ୍ଧି କାମନା କରୁଛି । ଡେରାବିଶ ବ୍ଲକରେ ଆମ ପଞ୍ଚାୟତକୁ ୧ ନମ୍ବର କରିବା ପାଇଁ ମୁଁ ସଙ୍କଳ୍ପବଦ୍ଧ ।
ଲିଲିମା ପରିଡ଼ା
ସରପଞ୍ଚ
ଖମୋଳ ପଞ୍ଚାୟତ
ଡେରାବିଶ ବ୍ଲକ

ଧରିତ୍ରୀ ଜନ୍ମବାର୍ଷିକ ଉତ୍ସବରେ ଶୁଭେଚ୍ଛା ।
ଉର୍ମିଳା ଫାଉଣ୍ଡେସନ
କାଳିଆବାଲି ଛକ

ଧରିତ୍ରୀର ୪୭ତମ ସ୍ୱନକ୍ଷତ୍ର ଅବସରରେ ନହଙ୍ଗ ପଞ୍ଚାୟତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛି ।
ଉମାକାନ୍ତ ନାୟକ
ସରପଞ୍ଚ
ନହଙ୍ଗ ପଞ୍ଚାୟତ, ଡେରାବିଶ

ନିରପେକ୍ଷ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ମୋର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି।
ଡଃ. ଧରଣୀଧର ସ୍ୱାଇଁ
ଅଧ୍ୟକ୍ଷ
ଜବାହରଲାଲ ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲିଅନ୍ତା, ଖୋର୍ଦ୍ଧା

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲିଅନ୍ତା ବ୍ଲକର ଭିଙ୍ଗାରପୁର ଓ ବେଣ୍ଟପୁର ପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ବ୍ଲକର ସମସ୍ତ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛି।
ତ୍ରୈଲୋକ୍ୟ ମଙ୍ଗରାଜ (ତ୍ରିନାଥ)
ପୂର୍ବତନ ସରପଞ୍ଚ, ଭିଙ୍ଗାରପୁର
ସମିତିସଭ୍ୟ – ବେଣ୍ଟପୁର

ଧରିତ୍ରୀର ୪୭ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଆମ ସମବାୟ ସମିତିରେ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବା ପାଇଁ ଆମେ ସଙ୍କଳ୍ପବଦ୍ଧ । ଏଥିପାଇଁ ସମସ୍ତ ଚାଷୀଭାଇ ଓ ସମିତିର ସଦସ୍ୟଙ୍କ ସହଯୋଗ କାମନା କରୁଛି ।
ମନୋରଞ୍ଜନ ଦାସ
ସମ୍ପାଦକ,
ଏଣ୍ଡର ପ୍ରାଥମିକ କୃଷି ସମବାୟ ସମିତି
ଡେରାବିଶ, କେନ୍ଦ୍ରାପଡ଼ା

With Best Compliments From:
SUBUDHI JEWELLERS
Main Road, Chatrapur
9583209192 | 6372021026

ଧରିତ୍ରୀର ୪୭ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ମା' ଭଉଣୀ, ଛାତ୍ର ଓ ଯୁବକମାନଙ୍କ ସୁଖସମୃଦ୍ଧି କାମନା କରୁଛି ।
ଉତ୍କଳ କେଶରୀ ପରିଡ଼ା
ସଭାପତି
ବିଜୁ ଜନତା ଦଳ
କେନ୍ଦ୍ରାପଡ଼ା ଜିଲ୍ଲା

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଏହାର ଅଗଣିତ ପାଠିକାପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
Bharat Petroleum
RAY FUEL POINT
Benupur, Balianta, Khurdha
ଏଠାରେ Online Pollution Testing କରାଯାଏ।

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଉପଭୋକ୍ତାଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରୁଛୁ ।
Bharat Petroleum
ଶ୍ରୀ ଧନ୍ୱନ୍ତରୀ ଭାରତ ଗ୍ୟାସ୍ ଗ୍ରାମୀଣ ବିତରକ
ବାଲିଅନ୍ତା, ଭୁବନେଶ୍ୱର
ଫୋନ୍: ୦୬୭୪-୨୪୬୧୧୦୦, ୨୯୫୯୧୧୬
ସୁଧିରଞ୍ଜନ କର (ଗୁଲୁ)
ପ୍ରୋପ୍ରାଇଟର
ନୂଆ ଗ୍ୟାସ୍ କନେକସନ ପାଇଁ ଯୋଗାଯୋଗ କରନ୍ତୁ

ଧରିତ୍ରୀର ୪୭ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ମାଆ, ମାଉସୀ ଓ ଭାଇ ଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରୁଛି । ଆସନ୍ତୁ, ଆମ ଜିଲ୍ଲାକୁ ଏକ ବିକାଶୋନ୍ମୁଖୀ ଜିଲ୍ଲାରେ ପରିଣତ କରିବାକୁ ଶପଥ ନେବା।
ରବି ସାମଲ
ରାଜ୍ୟ ସାଧାରଣ ସମ୍ପାଦକ
ବିଜୁ ଜନତା ଦଳ

## ନାଳରୁ ଜଳ ନିଷ୍କାସନ ସହ ମାଇହାତୀର ଚିକିତ୍ସା

ଦେବଗଡ଼, ୨।୧୨ (ଡି.ଏନ.ଏ)

ସୋମବାର ରାତ୍ରିରୁ ଦେବଗଡ ବନଖଣ୍ଡ କଂସର ସେକ୍ସନ ଅନ୍ତର୍ଗତ ବିରିୟାମ ଗ୍ରାମର ଏକ ନାଳରେ ପଡି ମାଇହାତୀ ମରଣ ସହ ଲଢୁଥିବା ବେଳେ ବୁଧବାର ହାତୀକୁ ବଞ୍ଚାଇବା ପାଇଁ ଚିକିତ୍ସା ଆରମ୍ଭ ହୋଇଛି। ଦେବଗଡ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଦେବଗଡ ଫରେଷ୍ଟ ରେଞ୍ଜ ଅଫିସର ଦେବଦତ୍ତ ନନ୍ଦ ଓ କଂସର ଫରେଷ୍ଟର ଦାୟିତ୍ୱରେ ଥିବା ତିଲେଇବଣି ଫରେଷ୍ଟର ସୁଧାଂଶୁ ବେହେରା ଘଟଣାସ୍ଥଳରେ ପହଞ୍ଚି ଶ୍ରମିକ ଓ ମେଶିନ ସାହାଯ୍ୟରେ ସମ୍ପୃକ୍ତ ନାଳରୁ ଅନ୍ୟତ୍ର ଜଳ ନିଷ୍କାସନ କରିଥିଲେ । ସେହିପରି ତିଲେଇବଣି ପ୍ରାଣୀ ଚିକିତ୍ସକ ସତ୍ୟବ୍ରତ ମିଶ୍ର କଂସର ଲାଇଫ ଷ୍ଟକ ଇନ୍ସପେକ୍ଟର ପାବନୀ ବେହେରା ଓ ବରଘାଟ ଲାଇଫ ଷ୍ଟକ ଇନ୍ସପେକ୍ଟର ଅର୍ଜୁନ ମୋହନ ପ୍ରଧାନଙ୍କ ସହ ଘଟଣାସ୍ଥଳକୁ ଯାଇ ହାତୀର ଚିକିତ୍ସା ଆରମ୍ଭ କରିଥିଲେ । ଏ ସମ୍ପର୍କରେ ଚିକିତ୍ସାଧିକାରୀ ଡ. ମିଶ୍ରଙ୍କୁ ପଚାରିବାର ହାତୀର ଅବସ୍ଥା ସ୍ଥିର ରହିଥିବା ପ୍ରକାଶ କରିଥିଲେ । ତେବେ ହାତୀଟି କୌଣସି ଖାଦ୍ୟ ଗ୍ରହଣ ନ କରି ଅତ୍ୟନ୍ତ ଦୁର୍ବଳ ହୋଇପଡିଥିବାରୁ ହାତୀର ଶରୀରରେ ମୋଟ ୧୬ ଗୋଟି ସାଲାଇନ ଦିଆଯାଇଥିଲା। ଗତ ସୋମବାର ମାଇହାତୀ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ବିରିୟାମ ଗ୍ରାମକୁ ଚାଲିଆସିବା ସହ ରାତ୍ରିରେ ସେଠାରେ ଥିବା ଏକ ନାଳରେ ପଡିଯାଇଥିଲା।

# ମାଛ ନିଲାମରେ କେଳେଙ୍କାରୀ: ଗହୀରମଥା ବନପାଳ ନିଲମ୍ବିତ

ରାଜନଗର, ୨।୧୨ (ଡି.ଏନ.ଏ.)

- ପାଟ୍ରୋଲିଂ ସମୟରେ ଟ୍ରଲର ଜବତ ହୋଇଥିଲା
- ସିଜର ଲିଷ୍ଟରେ ୨ କୁଇଣ୍ଟାଲ ଦର୍ଶାଇ ୧୮ କୁଇଣ୍ଟାଲ ମାଛ ବିକ୍ରିଥିଲେ

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସମୁଦ୍ର ମାଦଳିମାଉଥ ନିକଟ ନିଷିଦ୍ଧାଞ୍ଚଳରେ ପଶି ମାଛ ମାରୁଥିବାବେଳେ ନଭେମ୍ବର ୨୯ରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ଲକ୍ଷ୍ମୀ ତାରିଣୀ-୩ ନାମକ ଟ୍ରଲରକୁ ଜବତ କରିଥିଲା। ଜବତ ଟ୍ରଲରରେ ଭଦ୍ରକ ଅଞ୍ଚଳର ୯ ମତ୍ସ୍ୟଜୀବୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ସରକାରୀ ସିଜର ଲିଷ୍ଟରେ ଜବତ ଟ୍ରଲରରୁ ଅନ୍ୟାନ୍ୟ ଜିନିଷ ସହ ୨ କୁଇଣ୍ଟାଲ ସାମୁଦ୍ରିକ ମାଛ ଥିବା ଗହୀରମଥା ରେଞ୍ଜ ଅଫିସର ଦେବାଶିଷ ଭୋଇ ଦର୍ଶାଇଥିଲେ। ବନପାଳ ପ୍ରଫୁଲ୍ଲ କୁମାର ମାଝି ଏତିକି ପରିମାଣର ସାମଗ୍ରୀ ଜବତ ନେଇ ବିଭାଗକୁ ରିପୋର୍ଟ କରିଥିଲେ। ହେଲେ ଜବତ ମାଛ ନିଲାମ ସମୟରେ ୨ କୁଇଣ୍ଟାଲ ଜାଗାରେ ୧୮ କୁଇଣ୍ଟାଲ ବିକ୍ରି ପାଇଁ ମସୁଧା ହୋଇଥିଲା। ଏ ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ରାଜନଗର ଡିଏଫ୍‌ଓ ଏହି କେଳେଙ୍କାରୀ ଘଟଣାର ତଦନ୍ତ ଅତିରିକ୍ତ ବନ ସଂରକ୍ଷକଙ୍କ ଦ୍ୱାରା କରାଇଥିଲେ। ପ୍ରାଥମିକ ତଦନ୍ତ ରିପୋର୍ଟ ଆଧାରରେ ବୁଧବାର ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ବନପାଳ ମାଝିଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି। ହେଲେ କେଳେଙ୍କାରୀରେ ସମ୍ପୃକ୍ତି ଥିବା ଅନ୍ୟମାନଙ୍କୁ ଘଣ୍ଟ ଘୋଡାଯାଇଥିବା କୁହାଯାଉଛି। ବନପାଳ ମାଝି ମାଛ ନିଲାମ ସମ୍ପର୍କରେ ଗଣମାଧ୍ୟମକୁ ସତ୍ୟ ଘଟଣା କହିଥିବାରୁ ତାଙ୍କୁ ନିଲମ୍ବିତ କରାଯାଇଥିବା କୁହାଯାଉଛି। ଜବତ ହେଉଥିବା ଟ୍ରଲରର ମାଛ ଦୁର୍ନୀତିରୁ ନଜର ହଟାଇବାକୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ସାଧାରଣରେ କୁହାଯାଉଛି। ଏହାପରେ ଆଗାମୀଦିନରେ କୌଣସି ବନ କର୍ମଚାରୀ ବା ଅଧିକାରୀ ପାଟି ନ ଖୋଲିବାକୁ ପରୋକ୍ଷରେ ତାଗିଦ୍ କରାଯାଇଛି। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ଦାଶଙ୍କୁ ପଚାରିବାରେ ପ୍ରାଥମିକ ତଦନ୍ତ ଅନୁସାରେ ଗହୀରମଥା ବନପାଳ ମାଝିଙ୍କୁ ନିଲମ୍ବିତ କରାଯାଇଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି। ଏହି ଘଟଣାରେ ଯଦି ଆଉ କାହାର ସମ୍ପୃକ୍ତି ଥିବା ଜଣାପଡିବ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଜନଜାତିଙ୍କ ଅର୍ଥନୈତିକ ବିକାଶ କରୁଛି 'ମିଶନ ଜୀବିକା'

ଭୁବନେଶ୍ୱର, ୨।୧୨ (ବ୍ୟୁରୋ)

**ପ୍ରତିମାସରେ ହେବ 'ଟ୍ରାଇବାଲ୍ ଡାଏଲଗ୍'**

ରାଜ୍ୟ ସରକାରଙ୍କର 'ମୋ ସରକାର' ଓ '୫-ଟି' କାର୍ଯ୍ୟକ୍ରମ ଅଧୀନରେ ଗତବର୍ଷ ଅକ୍ଟୋବର ମାସରେ 'ମିଶନ ଜୀବିକା' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରତିବର୍ଷ ଏହି କାର୍ଯ୍ୟକ୍ରମରେ ୧ ଲକ୍ଷ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ଏବେସୁଦ୍ଧା ୫୪୫ଟି କୃଷି ଓ ଅଣକୃଷି କ୍ଲଷ୍ଟର ମାଧ୍ୟମରେ ୧ ଲକ୍ଷ ୧୮ ହଜାର ୩୩୪ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। କୃଷିଭିତ୍ତିକ ଓ ଅଣକୃଷିଭିତ୍ତିକ ଜୀବିକା ନିମନ୍ତେ ଉନ୍ନତମାନର କୃଷି ଉତ୍ପାଦନ, ଜଳସେଚନ ଓ ଉପଯୁକ୍ତ ସମୟରେ ବଜାରୀକରଣ କରାଯାଇଛି। ଗୁଣାତ୍ମକ ସାମଗ୍ରୀର ଉପଯୋଗ କରାଯାଇ କୃଷିଭିତ୍ତିକ କ୍ଲଷ୍ଟର ଯଥା ଚଣା କ୍ଲଷ୍ଟର, ମକା କ୍ଲଷ୍ଟର, ଅର୍ଥକରୀ ପନିପରିବା କୁକୁଡା ଚାଷ କ୍ଲଷ୍ଟର ଦ୍ୱାରା ଜନଜାତିର ଲୋକଙ୍କ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ଏତଦ୍‌ବ୍ୟତୀତ କୃଷି ଓ ଜଳସେଚିତ ଜମିର ପରିସୀମା ବୃଦ୍ଧି ହୋଇଛି। 'ମିଶନ ଜୀବିକା' କାର୍ଯ୍ୟକ୍ରମ ଦ୍ୱାରା ପତିତ ଜମିକୁ ଚାଷ ଉପଯୋଗୀ କରାଯାଇପାରିଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ବୁଧବାରଠାରୁ ଆରମ୍ଭ ହୋଇଥିବା ୱେବିନାର ସିରିଜ୍ 'ଟ୍ରାଇବାଲ୍ ଡାଏଲଗ୍'ରେ ଯୋଗଦେଇଥିବା ବକ୍ତାମାନେ ଏହି ତଥ୍ୟ ଉପସ୍ଥାପନ କରିଛନ୍ତି। 'ଜନଜାତିଙ୍କ ଜୀବନଜୀବିକା' ବିଷୟବସ୍ତୁ ଉପରେ ପର୍ଯ୍ୟବସିତ 'ଟ୍ରାଇବାଲ୍ ଡାଏଲଗ୍'ର ପ୍ରଥମ ଅଧ୍ୟାୟକୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଉଦ୍‌ଘାଟନ କରିଥିଲେ। ଆଦିବାସୀ ମନ୍ତ୍ରଣାଳୟର ଯୁଗ୍ମ ସଚିବ ନଭ୍‌ଜିତ କପୁର ଯୋଗଦେଇ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଆଦିବାସୀ ଉନ୍ନୟନ ଯୋଜନା ସମ୍ପର୍କରେ କହିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ମିଶନ ଜୀବିକା କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଉପରେ ଆଲୋକପାତ କରି ଏହାଦ୍ୱାରା ଜନଜାତି ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ହେବା ସହିତ ଜୀବନଧାରଣର ମାନରେ ଉନ୍ନତି ହୋଇପାରୁଛି ବୋଲି କହିଥିଲେ। ପଦ୍ମଶ୍ରୀ କମଳା ପୂଜାରୀ, ଆଇଏଏସ୍ ଅଫିସର ଡ. ଅରବିନ୍ଦ କୁମାର ପାଢ଼ୀ, ସିୱାଇଏସ୍‌ଡି ପ୍ରତିଷ୍ଠାତା ଜଗଦାନନ୍ଦ, 'ପ୍ରଦାନ'ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନରେନ୍ଦ୍ର ଦାମୋଦରନ୍ ଜନଜାତିଙ୍କର ଜୀବନ ଓ ଜୀବିକା ନିର୍ବାହର ବିଭିନ୍ନ ଦିଗ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶିକା(ଏସ୍‌ଟି) ତଥା ଓଟିଡିଏସ୍‌ର ସିଇଓ ଗୁହା ପୁନମ୍ ତାପସ କୁମାର ଏହି ୱେବିନାର୍‌କୁ ପରିଚାଳନା କରିଥିଲେ। ଏଣିକି ବିଭାଗ ପକ୍ଷରୁ ପ୍ରତି ମାସ ପ୍ରଥମ ସପ୍ତାହରେ 'ଟ୍ରାଇବାଲ୍ ଡାଏଲଗ୍'ର ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଥିଲା।


## ODISHA SALES TAX TRIBUNAL, CUTTACK

File No.X-09/2020/2692/Trl., Dt.20.11.2020

### QUOTATION CALL NOTICE

**No. S-21:-** Sealed quotations / tender are invited from interested reputed Travel Agencies/ Tour Operators or Private individuals of Cuttack/ Bhubaneswar for providing vehicles Swift Dzire(Petrol/Diesel)/Zest (Petrol/Diesel)/ Xcent (Petrol/Diesel)/Tigor (Petrol/Diesel)/Etios (Petrol/ Diesel), which must conform to the terms and conditions (Annexure-I) for Official use in Odisha Sales Tax Tribunal, Cuttack on monthly rate basis.
Further details can be seen from **http://www.tendersodisha.gov.in**

**Sd./- Registrar,**
OIPR-05003/11/0003/2021 **Odisha Sales Tax Tribunal, Cuttack**

## ODISHA PUBLIC SERVICE COMMISSION CUTTACK

### NOTICE

**No. 6588/PSC,** **Dt. 02.12.2020**
**(1E-16-2020-21) (DR-II)**

**No. D-117:-** In continuation to this Office Notice No. 6070/PSC, dt. 17.11.2020, it is for information for all concerned that the ongoing viva voce test for recruitment to the post of Assistant Executive Engineer (Civil) & Assistant Executive Engineer (Mechanical) under Water Resources Deptt., pursuant to the Advertisement No. 01 of 2019-20 will be conducted **on 05.12.2020 (Saturday) as per scheduled programme** despite of Govt. in G.A. & P.G. Deptt. Notification No. 26753/Gen. dt. 28.11.2020 i.e. all the State Government offices throughout the State will remain closed on Saturdays.

OIPR-12002/11/0055/2021 **Sd./- Secretary**

## GOVERNMENT OF ODISHA SPORTS & YOUTH SERVICES DEPARTMENT

No. 7670/SYS Dt. 02/12/2020
SYS-FE-FE-0008/2015

### Dateline for e-Admission in Govt. College of Physical Education for the Session 2020-22

**No. TT-07:-** Dateline for e-Admission in Govt. College of Physical Education, Bhubaneswar/Sambalpur of the State for B. P. Ed. & M .P. Ed. Courses under project Student Academic Management System (SAMS). For details please contact to Govt. College of Physical Education (GCPE) Bhubaneswar/ Sambalpur or call Sanjog helpline Toll Free (155335/18003456770) Number.

| SN# | Activities | Date Lines* |
|---|---|---|
| 01 | Availability of Online Common Application Form (CAF) for B.P. Ed./M.P. Ed. Course in the Sports & Youth Services Department website www.samsodisha.gov.in & www.sportsodisha.gov.in | 03.12.2020 |
| 02 | Last date of applying online CAF | 09.12.2020 (11.59 PM) |
| 03 | Availability for downloading of Index Card for Physical Fitness Test | 11.12.2020 |
| 04 | Date of Physical Fitness Test (Conducted at Bhubaneswar) & Validation (Detail of Test Schedule & venue will be mentioned on the index card) | 14.12.2020 to 17.12.2020 |
| 05 | i. Publication of General Merit List & Disqualified List<br>ii. Publication 1st Selection List (College wise) | 23.12.2020 |
| 06 | Admission of selected candidates for both colleges at **Central Admission Centre at Kalinga Stadium, Bhubaneswar (10.00AM to 05.00PM)** | 28.12.2020 to 30.12.2020 |
| 07 | Publication of 2nd Selection List | 31.12.2020 |
| 08 | Admission of selected candidates for both colleges at **Central Admission Centre at Kalinga Stadium, Bhubaneswar (10.00AM to 05.00PM)** | 04.01.2021 |
| 09 | Publication of 3rd Selection List if vacancy arises | 05.01.2021 |
| 10 | Admission of selected candidates for both colleges at **Central Admission Centre at Kalinga Stadium, Bhubaneswar (10.00AM to 05.00PM)** | 07.01.2021 |
| 11 | Online classes will start | 08.01.2021 |

**For more detail please Contact**
**e-Admission Helpline (Toll free) Number 155335-18003456770 or e-Admission Helpdesk @ Govt. College of Physical Education (GCPE) Bhuabaneswar/Sambalpur- 0674-2476694/06681-284658**

*Change to the dateline (if occurs) will be notified in the website.
**Sd./- PRINCIPAL, GCPE, BHUBANESWAR**
OIPR-29001/11/0007/2021

## GOVERNMENT OF ODISHA OFFICE OF THE EXECUTIVE ENGINEER RURAL WORKS DIVISION, ROURKELA

rw_rourkela@yahoo.co.in

### OFFICE ORDER

**Memo No.- 6493** **Date- 28.11.2020**
**No. O-638:-** Tender Called Notice No.- **Online-EERKL-09 of 2020-21** (DMF Road Works) of R.W. Divison, Rourkela is hereby cancelled due to some unavoidable circumstances.

**Sd./- Executive Engineer, R.W. Division, Rourkela**
OIPR-25067/11/0014/2021

## ଓଡ଼ିଶା ସରକାର
## ସୂଚନା ଓ ଲୋକସମ୍ପର୍କ ବିଭାଗ

ସଂଖ୍ୟା: ୧୦୮୭୬ ତା୦୧।୧୨।୨୦୨୦

No. Z-11: ୨୦୧୭ ମସିହା ଜୁଲାଇ ମାସରୁ ୨୦୨୦ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ଲେଖକ/ଲେଖିକାମାନଙ୍କ ପାରିତୋଷିକ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମଞ୍ଜୁର ହୋଇସାରିଛି। ତେଣୁ ଯେଉଁ ଲେଖକ/ଲେଖିକାମାନଙ୍କ ଲେଖା ଉପରୋକ୍ତ ଅବଧି ମଧ୍ୟରେ ଏହି ଉଭୟ ପତ୍ରିକାରେ ପ୍ରକାଶିତ ହୋଇଛି, ସେମାନେ ପାରିତୋଷିକ ନିମନ୍ତେ ସେମାନଙ୍କ ଜମାଖାତା ବିବରଣୀ ନିମ୍ନମତେ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଦାଖଲ କରିବାକୁ ଅନୁରୋଧ।

**ଜମାଖାତା ବିବରଣୀ**

| | |
|---|---|
| ନାମ | : |
| ବ୍ୟାଙ୍କର ନାମ | : |
| ବ୍ୟାଙ୍କର ଶାଖାର ନାମ | : |
| ବ୍ୟାଙ୍କ ଆକାଉଣ୍ଟ ନଂ. | : |
| ଆଇ.ଏଫ୍.ଏସ୍.ସି. କୋଡ୍ | : |

ସ୍ୱା./- ଯୁଗ୍ମ ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/11/0105/2021

## ଓଡ଼ିଶା ସରକାର
## ସୂଚନା ଓ ଲୋକସମ୍ପର୍କ ବିଭାଗ

ସଂଖ୍ୟା: (IPR-PM-MISC-0155-2018) 10874/ସୂ.ଲୋ.ସ. ତା୦୧।୧୨।୨୦୨୦

### ନିଲାମ ଇସ୍ତାହାର

No. Z-10: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଭଣ୍ଡାର ଘରେ ଗଚ୍ଛିତ ପୁରୁଣା ପୁସ୍ତକ ଓ ଅଦରକାରୀ କାଗଜ ନିଲାମ କରାଯିବ। ଏଥିନିମନ୍ତେ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ସାଦା କାଗଜରେ ମୁଦା ଲଫାପାରେ କିଲୋ ପ୍ରତି ମୂଲ୍ୟ ଉଲ୍ଲେଖ କରି ଆବେଦନ କରିପାରିବେ। ପ୍ରକାଶ ଥାଉକି, ଇଚ୍ଛୁକ ବ୍ୟକ୍ତି/ସଂସ୍ଥା କାର୍ଯ୍ୟାଳୟ ସମୟ ମଧ୍ୟରେ ଗଚ୍ଛିତ ପୁରୁଣା ପୁସ୍ତକ ଓ କାଗଜଗୁଡ଼ିକ ସୂଚନା ଓ ଲୋକ ସମ୍ପର୍କ ବିଭାଗଠାରେ ତଦାରଖ କରିପାରିବେ। ଏଥିପାଇଁ ପ୍ରକାଶନ ପରିଚାଳକ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ (ଫୋନ୍: ୯୪୩୭୭୯୧୧୬୯)ଙ୍କୁ ଯୋଗାଯୋଗ କରିପାରନ୍ତି।

| | | |
|---|---|---|
| ୧. | ଦରଖାସ୍ତ ଗ୍ରହଣର ଶେଷ ତାରିଖ | : ୧୪ ଡିସେମ୍ବର, ୨୦୨୦ |
| ୨. | ମୂଲ୍ୟାଙ୍କ ଖୋଲା ହେବା ତାରିଖ | : ୧୫ ଡିସେମ୍ବର, ୨୦୨୦ |
| ୩. | ସମୟ | : ଅପରାହ୍ନ ୪.୦୦ |
| ୪. | ସ୍ଥାନ | : ଯୁଗ୍ମ ନିର୍ଦ୍ଦେଶକଙ୍କ ପ୍ରକୋଷ୍ଠ, ସୂଚନା ଓ ଲୋକ ସମ୍ପର୍କ ବିଭାଗ |

ସ୍ୱା./- ଯୁଗ୍ମ ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/11/0104/2021

Your classified advertisement published in Dharitri will be listed free in Dharitri online edition :
**www.dharitri.com**

## OFFICE OF THE CDM & PHO, KANDHAMAL

No. 14685/BMWM/2020 Dt.02.12.2020

### Request for Proposal (RFP) for BMW Management in District Head Quarters Hospitals/SDH/CHCs/OHs

Sealed proposals as per prescribed RFP document are invited from interested eligible bidders for BWM management in District Head Quarters Hospitals/SDH/CHCs/OHs. The eligible criteria, the details requirement of the said services and the formats for submission of porposals are set forth in the RFP documents which can be downloaded from the website **www.kandhamal.nic.in**. Interested bidders fulfilling the eligibility criteria may submit their proposals (with EMD & document as per RFP) to the O/o. CDM & PHO, DHH, Phulbani, Kandhamal. Proposal(s) complete in all respect should reach the undersigned on or before **04.00 P.M.** of **21.12.2020** through Regd./Speed Post & Courier and the same will be opened on **22.12.2020 at 11.00 A.M.** in the office chamber of the undersigned. The undersigned reserves the right to reject any or all the tender(s) without assigning any reason thereof.

**Sd./- CDM & PHO, Kandhamal**

## Government of Odisha OFFICE OF THE SUPERINTENDING ENGINEER CUTTACK (R&B) CIRCLE, CUTTACK

No. B-482
E-mail ID: sectcrb_2006@yahoo.co.in
Tel./Fax: 0671-2301751/2302751

### ('e' - Procurement Notice)

**Bid Identification No. S.E.Ctc. (R&B) 15/2020-21**

1. The Superintending Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis Bid in Double Cover System in ONLINE MODE from eligible contractors for Road & Building work as mentioned below.
2. No. of Work : 5 Nos.
3. Nature of Work : Road & Building Work
4. Class of Contractor : 'A', Special & Super Class
5. Tender Paper Cost : Rs.10000/- (Online)
6. Available of Bid documents in the website : From 14.12.2020 to 16.00 hours of 29.12.2020
7. Date of Opening of Bid : Dt.30.12.2020 at 11.00 hours
8. The Bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Superintending Engineer**
**Cuttack (R&B) Circle**
**OIPR-34012/11/0016/2021**

## ODISHA PUBLIC SERVICE COMMISSION CUTTACK

**No. 6570/PSC,** **Dt. 02.12.2020**
(DR-IV) (2PL-1-2020-21)

### NOTICE FOR CONDUCT OF COMPUTER BASED RECRUITMENT EXAMINATION FOR RECRUITMENT TO THE POST OF INSURANCE MEDICAL OFFICER & SPECIALIST PURSUANT TO ADVERTISEMENT NO. 02 OF 2020-21

**No. D-116:-** The Commission have decided to conduct **Computer Based Recruitment Examination (CBRE)** for the post of Insurance Medical Officer & Specialist in (Group-A) (Junior Branch) of Odisha Employees State Insurance Medical Services Cadre under Labour & ESI Department, pursuant to Advertisement No. 02 of 2020-21 on 20.12.2020. The candidates can familiarize themselves for appearing on the above examination throught the Mock Test Link to be provided shortly in the website of the Commssion. The detail programme of examination will be notified shortly.

OIPR-12002/11/0054/2021 **Sd./- Secretary**

## Government of Odisha "e" Procurement Notice WORKS DEPARTMENT

No. B-481

**Bid Identification No. S.E.K.C., Keonjhar No. 17/2020-21**
e-mail: sekcpwd_keonjhar@yahoo.com

**Letter No. 3554** **Dt.24.11.2020**

1. No. of the Work : 10 Number of Building Works
2. Estimated Cost : Rs.216.30 lakhs to Rs.579.37 lakhs
3. Period of Completion : 09 (Nine) Calendar Months to 11 (Eleven) Calendar Months
4. Date and time of availability of bid document in the portal : From 11.00 hours of 18.12.2020 to 16.00 hours of 30.12.2020
5. Last date/time for receipt of bids in the portal : 16.00 hours of 30.12.2020
6. Date of opening of Bid from portal : 12.00 hours on 31.12.2020
7. Name and address of the Officer Inviting Bid : Superintending Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal **"http://tendersodisha.gov.in"**.

**Superintending Engineer**
**Keonjhar (R&B) Circle, Keonjhar**
**OIPR-34033/11/0019/2021**

## THE ODISHA MINING CORPORATION LIMITED

OMC ODISHA NEW OPPORTUNITIES
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

### NOTICE

**No. 14518/OMC/Persnl/2020** **Date: 02/12/2020**

**No. CAD-853:-** Pursuant to Advt. No. 46/ OMC dated 26.02.2020 regarding recruitment of 128 Non-executive posts in OMC Ltd., this is for information of all candidates that a "**Mock Test**" questionnaire is being uploaded in OMC website (http://omcltd.in) to make candidates familiar with the interface of Computer Based Test (CBT) to be conducted from 08.12.2020 to 11.12.2020 & 14.12.2020. The questions in the **Mock Test** are only for reference purpose and have no connection to the questions appearing in the CBT. The **Mock Test** link will also be sent to applicant's registered e-mail ID.

Sd./- **General Manager (P&A)**

***NB:*** *Candidates are advised to check the OMC website (https://omcltd.in) regularly for important instructions / notifications relating to the online Computer Based Test.* OIPR-30005/11/0117/2021

## ODISHA LIFT IRRIGATION CORPORATION LTD.

**(A Government of Odisha Undertaking)**
**Plot No. N-17/2, Nayapali, Bhubaneswar - 751 012**
**Phone No. (0674) 2390195 (Off), Fax No. (0674) 2395844**
**E-mail ID: olicltd123@bsnl.in, olicltd@ymail.com**
**www.odishalift.co.in**

### NATIONAL COMPETITIVE BIDDING THROUGH e-Procurement

**No. IT-80/2019-8727/OLIC** **Dated: 01.12.2020**

No. CAD-848: The Managing Director, OLIC Ltd., Bhubaneswar invites online percentage rate tender through e-procurement for Installation, Electrification, Energisation and Commissioning of cluster borewells in the State of Odisha. Interested bidders may visit website: **www.tendersodisha.gov.in** and OLIC website **www.odishalift.co.in** to view and download Detailed Tender Call Notice and bid documents. The bids should be submitted only online in the website **www.tendersodisha.gov.in**.

**Important features of this NCB are as under:**

A. Brief description of Work : Installation, electrification, energisation and commissioning of Borewells in Nabarangpur District Package - 02
B. Estimated cost of works : Rs.1234.98 lakhs
C. Date and time of availability of bid document in the portal : From Dt.03.12.2020 to Dt.30.12.2020 (upto 17.00 hours)
D. Last date/time for receipt of bid in the portal : Dt.30.12.2020 upto 17.00 hours
E. Last date of seeking clarification : Dt.16.12.2020 upto 17.00 hours
F. Technical Bid will be opened on : Dt.31.12.2020 at 11.00 hours

Any Addendum/corrigendum/cancellation of tender will be available in the said website.
Authority reserves the right to accept/reject any or all the tenders, increase or decrease the quantities of work put to bidding without assiging any reasons thereof.

**Sd./- Managing Director**
**OLIC Ltd., Bhubaneswar**
**OIPR-32135/11/0019/2021**

## OFFICE OF THE DISTRICT MAGISTRATE & COLLECTOR, SAMBALPUR

No. 1599/SS (RCDR) (Social Security Section) Date. 2.12.2020

### TENDER CALL NOTICE

Sealed tenders in plain paper are hereby invited separately from the intending CGST/ SGST registered Firms/ Suppliers/ Companies/ Manufacturers/Dealers etc. for supply of items as annexed in Annexure-A & B for distribution among the Leprosy Cured Persons (LCPs) under Sahaya Scheme. Separate tender should be received for Utensils (as specified in Annexure-A) and Mat, Bed Sheet & Mosquito Net (as specified in Annexure-B)

The Tender papers containing detailed Terms and Conditions, EMD, and others statutory requirments, etc. can be downloaded from the District website: www.sambalpur.nic.in. The Quotation Fee of Rs. 5,600/- (Rupees five thousand six hundred) only which is non refundable shall be submitted along with the Tender papers. The Tender papers complete in all respect along with other required documents should reach in Sealed Cover to the DSSO, Sambalpur on or before 5 P.M. of Dt. 21.12.2020 by **Registered/ Speed Post only.** The Authority shall not take any responsibility due to postal delay. Tender received through facsimile/e-mail/by hand shall be outrightly rejected. The Tender shall be opened on 22.12.2020 at 12.30 PM by the Collector, Sambalpur/ the officer authorized by Collector in presence of the members of District Purchase Committee and the Tenderers or their authorized representatives. The Tender received beyong the scheduled date & time and incomplete tenders shall not be taken in to consideration.

The undersigned reserves the right to reject or cancel any or all the tenders without assigning any reasons thereof.

**Sd./- Collector, Sambalpur**

## OFFICE OF THE DISTRICT MAGISTRATE & COLLECTOR, SAMBALPUR

No. 1594/SS (RCDR) (Social Security Section) Date. 2.12.2020

### TENDER CALL NOTICE

Sealed tenders in plain paper are hereby invited separately from the intending CGST/ SGST registered Firms/ Suppliers/ Companies/ Manufacturers etc. for supply of materials for the purpose of establishment of Cosmetic Workshop in DDRC, Sambalpur for empowering persons with Disabilities. The detailed specification for supply of materials is enclosed in Annexure-A.

The Tender papers containing detailed Terms and Conditions, EMD, and others statutory requirments, etc. can be downloaded from the District website: www.sambalpur.nic.in. The Quotation Fee of Rs. 5,600/- (Rupees five thousand six hundred) only which is non refundable shall be submitted along with the Tender papers. The Tender papers complete in all respect along with other required documents should reach in Sealed Cover to the DSSO, Sambalpur on or before 5 P.M. of Dt. 21.12.2020 by **Registered/ Speed Post only.** The Authority shall not take any responsibility due to postal delay. Tender received through facsimile/e-mail/by hand shall be outrightly rejected. The Tender shall be opened on 12 N. Dt. 22.12.2020 by the Collector, Sambalpur/ the officer authorized by Collector in presence of the members of District Purchase Committee and the Tenderers or their authorized representatives. The Tender received beyong the scheduled date & time and incomplete Tenders shall not be taken in to consideration.

The undersigned reserves the right to reject or cancel any or all the tenders without assigning any reasons thereof.

**Sd./- Collector, Sambalpur**

## DR. ABHIN CHANDRA HOMOEOPATHIC MEDICAL COLLEGE & HOSPITAL

UNIT-III , KHARVELA NAGAR, BHUBANESWAR - 751001

### TENDER CALL NOTICE

**No. E-392:-** Sealed tenders are invited from the eligible registered dietary articles suppliers or catering firms having valid GST registration certificate, Women Self Help Groups [SHGs] to supply dietary articles for the indoor patients of the attached Hospital of Dr. A. C. Homoeopathic Medical College and Hospital, Bhubaneswar for the year 2020-21. The details of specifications of items and their terms and conditions for supply can be obtained from the office of the undersigned w.e.f. **04.12.2020** during office hours on payment of Rs. 500/- (Rupees five hundred) only, which is non-refundable, only in shape of Demand Draft in favour of **Principal-cum-Superintendent, Dr Abhin Chandra Homoeopathic Medical College & Hospital, Bhubaneswar** from any Nationalized Bank payable at Bhubaneswar. The last date of submission of tender papers **28.12.2020 up to 5.00 P.M.** Interested bidders may also download the tender book available at the college website **www.drachmch.nic.in** and submit tender accompanying the demand draft for Rs 500/- towards the cost of tender book. The tender papers will be opened on **29.12.2020 at 11.30 A.M.** The authorized agents of the bidders may remain present during that time. The tender received after due date shall not be entertained on any circumstance. The authority reserves every right to accept or reject any or all tenders without assigning any reason thereof. In the event of the last date for submission of tender being declare as a holiday by the Govt. the due date of submission and opening of tender will be the next working day following the scheduled day for submission and opening of tender.


OIPR-10030/11/0004/2021 **Sd./- Principal-cum-Superintendent**

## ଫିଲ୍ମ ସିଟିକୁ ନେଇ ମୁହାଁମୁହିଁ

ନୋଏଡ଼ାରେ ଫିଲ୍ମ ସିଟି ନିର୍ମାଣ ନେଇ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ମହାରାଷ୍ଟ୍ର ପ୍ରତିପକ୍ଷ ଉଦ୍ଧବ ଠାକ୍‌ରେ ମୁହାଁମୁହିଁ ହୋଇଛନ୍ତି। ଉଦ୍ଧବ କହିଛନ୍ତି ଯେ, ମୁମ୍ବାଇ ଭଳି ଜାଗାରେ ଫିଲ୍ମ ସିଟି ନିର୍ମାଣ ଏକ ଭଲ ଚିନ୍ତାଧାରା। ବଲିଉଡ୍ ସହିତ ପ୍ରତିଯୋଗିତା ସ୍ୱାଗତଯୋଗ୍ୟ। ତେବେ କୌଣସି ଧମକକୁ ସହ୍ୟ କରାଯିବ ନାହିଁ ବୋଲି ଉଦ୍ଧବ ଆଦିତ୍ୟନାଥଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ଭାରତୀୟ ବଣିକ ସଂଘ ସହିତ ଏକ ବୈଠକରେ ଉଦ୍ଧବ ଏଭଳି ମନ୍ତବ୍ୟ ଦେଇଛନ୍ତି।

# ରହସ୍ୟମୟ ସହର 'ହେଗ୍ରା'

**ସାଉଦି ଆରବର ଅନ୍ୟତମ ପୁରାତନ ସହର 'ହେଗ୍ରା' ଦୀର୍ଘ ୨୦୦୦ ବର୍ଷ ପରେ ସର୍ବସାଧାରଣଙ୍କ ଲାଗି ଖୋଲିବ। ଏଠାରେ ରହିଛି ୧୧୧ ରହସ୍ୟମୟ କବର। ଏଗୁଡ଼ିକ ଉପରେ ଆରବୀ ଭାଷାରେ ଅଜବ ଚେତାବନୀ ଲେଖାଯାଇଛି। ଫଳରେ ଛୁଇଁବା ତ ଦୂରର କଥା ଏହାର ପାଖ ମାଡ଼ିବାକୁ ବି କେହି ସାହସ କରନ୍ତିନି। ସବୁଠାରୁ ବଡ଼ କଥା ହଜାର ହଜାର ବର୍ଷ ଧରି ଏହି ସହର ପରିତ୍ୟକ୍ତ ଅବସ୍ଥାରେ ଥିଲା। ୧୯୮୫ରେ ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ ହେବା ପରେ ଏହା ଚର୍ଚ୍ଚାର ପରିସରକୁ ଆସିଛି।**



**ରିଆଦ୍:** ପର୍ଯ୍ୟଟକଙ୍କ କୋଳାହଳରେ ମୁଖରିତ ହେବ ସାଉଦି ଆରବର ଅନ୍ୟତମ ପ୍ରାଚୀନ ସହର 'ହେଗ୍ରା'। ଇତିହାସ ଏବଂ କିମ୍ବଦନ୍ତୀରେ ଭରା ଏହି ସ୍ଥାନ ସମୟକ୍ରମେ ଧରାଶାୟୀ ହୋଇଯାଇଛି। ଏଠାରେ ରହିଛି ୧୧୧ କବର। ଏହାକୁ କେହି ସ୍ପର୍ଶ ନ କରିବାକୁ ସ୍ପଷ୍ଟ ଉଲ୍ଲେଖ ରହିଛି। ବିଶ୍ୱ ଅର୍ଥନୀତିକୁ ଧରାଶାୟୀ କରିଦେଇଛି କରୋନା। ଏଥିରୁ ମୁକୁଳିବାକୁ ସବୁ ଦେଶ ପର୍ଯ୍ୟଟନ ଶିଳ୍ପକୁ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ସାଉଦି ମଧ୍ୟ ଚର୍ଚ୍ଚିତ ସହର 'ହେଗ୍ରା'କୁ ଖୋଲିବାକୁ ଯୋଜନା କରୁଛି।

ଜୋର୍ଡାନ ଏବଂ ପେଟ୍ରା ନିକଟବର୍ତ୍ତୀ ମରୁଭୂମିରେ ଅବସ୍ଥିତ କ୍ଷୁଦ୍ର ସହର 'ହେଗ୍ରା'ର ପୁରାତନ ନାମ ଥିଲା 'ମାଦାଇନ ସାଲେହ'। ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ ବେଳକୁ ବେଶ୍ ସମୃଦ୍ଧ ଥିଲା ଏହି ସହର। ଏଠାରେ ଗଢ଼ିଉଠିଥିଲା ନାବାଟିଏନ୍ସ ସଭ୍ୟତା। ଯାଯାବର ସମ୍ପ୍ରଦାୟର ଅଧିବାସୀମାନେ ବୁଲି ବୁଲି ମସଲା ବ୍ୟବସାୟ କରୁଥିଲେ। କାଳକ୍ରମେ ଏହି ସହର ପାଲଟିଗଲା ବ୍ୟବସାୟର କେନ୍ଦ୍ରସ୍ଥଳୀ। ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ରୋମାନ ଶାସକଙ୍କ ଆକ୍ରମଣରେ ଏହି ଐତିହ୍ୟସମ୍ପନ୍ନ ଜନପଦ ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଥିଲା। ଏହାର ସ୍ଥାନ ନେଇଗଲା ରୋମାନ ସଂସ୍କୃତି। ଏବେ ବି 'ହେଗ୍ରା'ର କବର ଉପରେ ରୋମାନ ଛାପ ଦେଖିବାକୁ ମିଳେ। ବ୍ୟବସାୟର ପ୍ରମୁଖ କେନ୍ଦ୍ର ପାଲଟିଥିବା ଏହି ସ୍ଥାନରେ ରୋମାନ ଆକ୍ରମଣ ପରେ ବି ବିକାଶ ଧାରା ଜାରି ରହିଥିଲା। ତେବେ ବ୍ୟବସାୟର ଅନ୍ୟ ଠିକଣା ଖୋଲିବା ପରେ 'ହେଗ୍ରା' ପଛରେ ପଡ଼ିଗଲା। ୩୬୩ ଖ୍ରୀଷ୍ଟାବ୍ଦରେ ଆସିଥିବା ପ୍ରଳୟଙ୍କରୀ ଭୂମିକମ୍ପରେ ସମଗ୍ର ଅଞ୍ଚଳ ଧ୍ୱଂସସ୍ତୂପରେ ପରିଣତ ହୋଇଗଲା। ୧୮୧୨ରେ ସ୍ୱିଜରଲାଣ୍ଡର ପ୍ରତ୍ନତତ୍ତ୍ୱବିତ୍ ଜୋହାନ ଲୁଡ୍‌ବିଗ୍ ବର୍କହାର୍ଟ ଏହି ସହରକୁ ଠାବ କରିଥିଲେ। ୧୯୮୫ରେ ଏହାକୁ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ କରାଯାଇଥିଲା। ପ୍ରଥମ ବିଶ୍ୱଯୁଦ୍ଧରେ ମଧ୍ୟ ଜନଶୂନ୍ୟ 'ହେଗ୍ରା' ମିତ୍ରଶକ୍ତିର କାମରେ ଆସିଥିଲା। 'ହେଗ୍ରା'ରେ ଏବେ ବି ନାବାଟିଏନ୍ସ ସଭ୍ୟତାର ଧ୍ୱଂସାବଶେଷ ଦେଖିବାକୁ ମିଳେ। କୂଅ ପ୍ରତିକୃତି କେତେକ ଢାଞ୍ଚା ବି ଉତ୍‌ଖନନରୁ ମିଳିଛି, ଯାହା ଏଠାକାର ଅଧିବାସୀଙ୍କ ବୈଷୟିକ ଜ୍ଞାନ କୌଶଳର ପରିଚୟ ଦେଉଛି। ସେହିପରି ପଥୁରିଆ ଚଟାଣରେ ନିର୍ମିତ ଘର, ଉପାସନା ଗୃହର ବାସ୍ତୁକଳା ଅନନ୍ୟ। ହେଗ୍ରାରେ ଥିବା ୧୧୧ କବର ହିଁ ପର୍ଯ୍ୟଟକଙ୍କ ଲାଗି ଆକର୍ଷଣର କେନ୍ଦ୍ରବିନ୍ଦୁ। ଏଥିରେ ଲେଖାଯାଇଛି 'କବରକୁ ଛୁଉଁଥିବା ବା ଭାଙ୍ଗିବାକୁ ଉଦ୍ୟମ କରୁଥିବା ଲୋକଙ୍କୁ ଈଶ୍ୱର ଦଣ୍ଡିତ କରିବେ', ଯାହା ଆଜି ରହସ୍ୟମୟ ଲାଗେ।

କବର ସହର ହେଗ୍ରାକୁ ନୂଆ ରୂପ ଦେବା ଲାଗି ଯୋଜନା କରିଛନ୍ତି ସାଉଦି ଶାସକ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ। ସାଉଦି ଭିଜନ-୨୦୩୦ ଅନୁଯାୟୀ ଏହାକୁ ବ୍ୟବସାୟ ଏବଂ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ସଫଳ ରୂପ ନେଲେ ଏସିଆ, ୟୁରୋପ ଏବଂ ଆଫ୍ରିକା ସହିତ ସାଂସ୍କୃତିକ ସମନ୍ୱୟ ଆଗକୁ ବଢ଼ିବ ବୋଲି ଆଶା ରହିଛି।

# ଭାଇରାଲ ହେଉଛି ଅନୁଷ୍କାଙ୍କ ଫଟୋ




**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ଏବେ ତାଙ୍କ ପ୍ରେଗ୍‌ନାନ୍ସି ପିରିୟଡ୍‌କୁ ନେଇ ବେଶ୍ ଖୁସି ଅଛନ୍ତି। ବେବି ବମ୍ପ୍ ସହିତ ଅନୁଷ୍କାଙ୍କର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ଫଟୋରେ ଅନୁଷ୍କା ହସ୍ପିଟାଲରେ ଡାକ୍ତରଙ୍କ ସହ ଥିବା ପରି ମନେହେଉଛି। ହେଲେ ପ୍ରକୃତରେ ଅନୁଷ୍କା ଏହି ଫଟୋ ପୋଜ୍ ଶୁଟିଂ ସେଟ୍‌ରେ ତାଙ୍କ ଟିମ୍ ସହିତ ଦେଇଛନ୍ତି, ଯାହାକୁ ଫ୍ୟାନ୍‌ମାନେ ଖୁବ୍ ପସନ୍ଦ କରିବା ସହ ତାଙ୍କୁ କମେଣ୍ଟ ମଧ୍ୟ ଦେଇଛନ୍ତି। ଅନୁଷ୍କାଙ୍କ ହେୟାର୍ ଷ୍ଟାଇଲିଷ୍ଟ ନିଜ ଇନଷ୍ଟାଗ୍ରାମ୍‌ରେ ଏହି ଫଟୋଟିକୁ ଶେୟାର୍ କରିଛନ୍ତି। ଏହାକୁ ଶେୟାର କରି ସେ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ଏପରି ଲାଗୁଛି, ଯେମିତି ଆମେ କୌଣସି ଜେନେରାଲ ହସ୍ପିଟାଲରେ ଅଛୁ। ବାସ୍ତବରେ ଏହି ଫଟୋରେ ଅନୁଷ୍କାଙ୍କୁ ଯିଏ ବି ଦେଖିବେ, ଧୋକା ଖାଇଯିବେ। ଆଉ ଭାବିବେ ସେ କୌଣସି ହସ୍ପିଟାଲ୍‌ରେ ଅଛନ୍ତି। ଫଟୋରେ ଅନୁଷ୍କାଙ୍କ ସହିତ ପିପିଇ କିଟ୍ ପିନ୍ଧି ତାଙ୍କ ଟିମ୍ ଛିଡ଼ା ହୋଇଛନ୍ତି ଏବଂ ଅନୁଷ୍କା ପିଙ୍କ୍ କଲର୍‌ର ଏକ ଡ୍ରେସ ପିନ୍ଧିଛନ୍ତି। ଏହାପୂର୍ବରୁ ମଧ୍ୟ ଅନୁଷ୍କାଙ୍କ ମେକ୍‌ଅପ ଆର୍ଟିଷ୍ଟ ଅନ୍ୟ ଏକ ଫଟୋ ଶେୟାର୍ କରିଥିଲେ। ଯେଉଁଥିରେ ଅନୁଷ୍କା ମେକଅପ୍ ନେଉଥିଲେ।

# ବଦନାମରୁ ବର୍ତ୍ତିବା ଲାଗି ବଦଳିଲା ନାଁ



**ଭିଏନା:** ଯଦି ଆପଣଙ୍କ ଗାଁ କିମ୍ବା ସହରର ନାଁ କୌଣସି ଆପତ୍ତିଜନକ ଶବ୍ଦରେ ହୋଇଥିବ ତେବେ ଏହାର ନାଁ କହିବାକୁ ନିଶ୍ଚିତ ଲାଜ ଲାଗିବ। ଅଷ୍ଟ୍ରିଆରେ ଏମିତି ଏକ ଗାଁ ଅଛି, ଯାହାର ନାଁ ନେବାକୁ ଲୋକେ ଉଚିତ୍ ମନେ କରନ୍ତି ନାହିଁ। ଏହି ଗାଁର ନାଁ ଫକିଂ। ଏବେ ଏହି ଗାଁର ଟାଉନ କାଉନସିଲ୍ ନାମ ପରିବର୍ତ୍ତନ ପ୍ରକ୍ରିୟା ଆରମ୍ଭ କରିଛି। କିଛି ଦିନ ପରେ ଏହା ଫଗିଙ୍ଗ୍ ନାମରେ ପରିଚିତ ହେବ। ମେୟର ଆନ୍ଦ୍ରିୟା ହୋଲ୍‌ଜନର କହିଛନ୍ତି, ୟୁରୋପୀୟ ଏବଂ ଅନ୍ୟ ଦେଶର ପର୍ଯ୍ୟଟକଙ୍କୁ ଯେବେ ଏହି ଗାଁର ନାଁ ଜଣାପଡ଼ିଲା ସେତେବେଳେ ଗାଁର ସୂଚନାବୋର୍ଡ ନିକଟକୁ ଆସି ସେମାନେ ଫଟୋ ଉଠାଇବାରେ ଲାଗିଲେ। ପରେ ଏହା ସୋସିଆଲ ମିଡିଆରେ ଭାଇରାଲ ହେଲା। ଫଳରେ ଗାଁ ବଦ୍‌ନାମ ହେଲା। ତେଣୁ ଏହାର ନାଁ ବଦଳାଯାଇ ଫଗିଙ୍ଗ୍ ରଖାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ୧ ଜାନୁୟାରୀ ୨୦୨୧ରୁ ଅଷ୍ଟ୍ରିଆରେ ଏହି ଗାଁର ନାମ 'ଫକିଂ'ରୁ 'ଫଗିଙ୍ଗ୍'ହେବ।

ପ୍ରାରମ୍ଭରେ ଏହାର ନାମ ଲାଟିନ୍ ଭାଷାରେ ରଖାଯାଇଥିଲା। ପରେ ଏହାକୁ ଆଡେଲପର୍ଟସେ ଡେ ଫସିଜିନ୍ କୁହାଯାଉଥିଲା। ଧୀରେ ଧୀରେ ଲୋକମାନେ ନାମ ପରିବର୍ତ୍ତନ କରିବା ଆରମ୍ଭ କଲେ। ୧୫୩୨ ମସିହାରେ ଏହାର ନାମ ଫକିଂ ରଖାଯାଇଥିଲା। ଅଷ୍ଟାଦଶ ଶତାବ୍ଦୀ ସୁଦ୍ଧା ଲୋକମାନେ ଏହାକୁ ନକଲି ବୋଲି କହିବା ଆରମ୍ଭ କଲେ। ଅଷ୍ଟ୍ରିଆର ଇତିହାସ ଏବଂ ପୁସ୍ତକ ଅନୁଯାୟୀ ଗାଁ ଫୋକୋ ଦ୍ୱାରା ପ୍ରତିଷ୍ଠିତ ହୋଇଥିବାରୁ ଏହାର ଏମିତି ନାଁ ଥିଲା।

# ସନି ଦେଓଲ କରୋନା କବଳିତ

## ଏବେ କ୍ୱାରାଣ୍ଟାଇନ୍‌ରେ ଚିକିତ୍ସାଧୀନ ଅଛନ୍ତି



**ଗୁରୁଦାସପୁର:** ଗୁରୁଦାସପୁର ଏମ୍‌ପି ସନି ଦେଓଲଙ୍କ ନମୁନା ପରୀକ୍ଷା ରିପୋର୍ଟ କରୋନା ପଜିଟିଭ୍ ଆସିଛି। ଏନେଇ ବୁଧବାର ସନି ଟୁଇଟ୍ କରି ଜଣାଇଛନ୍ତି। ସେ ଏବେ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ତାଙ୍କର ସ୍ୱାସ୍ଥ୍ୟବସ୍ଥା ଭଲ ଅଛି। ତାଙ୍କ ସହିତ ମିଳାମିଶା କରି ଲୋକେ ଶୀଘ୍ର କରୋନା ପରୀକ୍ଷା କରାଇନେବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି। କିଛି ଦିନ ତଳେ ସନିଙ୍କର କାନ୍ଧ ଅପରେଶନ୍ ମୁମ୍ବାଇର ଏକ ହସ୍ପିଟାଲରେ ହୋଇଥିଲା। ଏହାପରେ ସେ କୁଲ୍ଲୁ ଜିଲାର ମନାଲି ନିକଟରେ ଫାର୍ମ ହାଉସ୍‌ରେ ରହିଥିଲେ। ମଙ୍ଗଳବାର ହିମାଚଳପ୍ରଦେଶ ସ୍ୱାସ୍ଥ୍ୟ ସଚିବ ଅମିତାଭ ଅୱସ୍ଥି ସନିଙ୍କ ରିପୋର୍ଟ କରୋନା ପଜିଟିଭ୍ ଆସିଥିବା ସୂଚନା ଦେଇଥିଲେ।

# ସହଯୋଗ ସହ ସମାନ ଅଧିକାର ମିଳୁ

## ଆଜି ବିଶ୍ୱ ଭିନ୍ନକ୍ଷମ ଦିବସ



**ନୂଆଦିଲ୍ଲୀ:** ପ୍ରତିବର୍ଷ ଡିସେମ୍ବର ୩କୁ ବିଶ୍ୱ ଭିନ୍ନକ୍ଷମ ଦିବସ ଭାବେ ପାଳନ କରାଯାଇଥାଏ। ଜାତିସଂଘ ପକ୍ଷରୁ ୧୯୮୧ ମସିହାରୁ ଏହି ଦିବସ ପାଳନ ସହ ଭିନ୍ନକ୍ଷମଙ୍କ ବିକାଶ ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରତିବର୍ଷ ଏହି ଦିବସରେ ଭିନ୍ନ ଭିନ୍ନ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯାଇଥାଏ। ସମାଜରେ ଭିନ୍ନକ୍ଷମ ବ୍ୟକ୍ତି ସମ୍ମାନର ସହ ବଞ୍ଚିବା ଓ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଭାଗୀଦାରିକୁ ଉତ୍ସାହ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି। କରୋନା ସମୟରେ ଭିନ୍ନକ୍ଷମଙ୍କୁ ସହଯୋଗର ହାତ ବଢ଼ାଇବା ଲାଗି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ପ୍ରକାଶ କରିଛନ୍ତି। ସମାଜର ପ୍ରତିଟି ସ୍ତରରେ ସେମାନଙ୍କ ଅଧିକାରକୁ ଗୁରୁତ୍ୱ ଦିଆଯିବା ଜରୁରୀ। ମହାମାରୀ କରୋନା ପରେ ସେମାନଙ୍କ ଭାଗୀଦାରିତା, ବିକାଶ ଓ ଜୀବନଜୀବିକା ଉପରେ ଗୁରୁତ୍ୱ ଦିଆଯିବା ୨୦୨୦ ଭିନ୍ନକ୍ଷମ ଦିବସର ବାର୍ତ୍ତା ରହିଛି। ୟୁନେସ୍କୋ ପକ୍ଷରୁ ଏହି ଦିବସରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବ। ସାମାଜିକ, ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ କ୍ଷେତ୍ରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଯେପରି କ୍ଷୁଣ୍ଣ ନ ହେବ, ସେଥିପ୍ରତି ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ହତାଦର ନ କରି ସେମାନଙ୍କୁ ଆଦରର ସହ ସହଯୋଗର ହାତ ବଢ଼ାଇବା ଲାଗି ଗୁଟେରେସ୍ କହିଛନ୍ତି।

ପଞ୍ଚମ ବର୍ଷର ଜନ୍ମଦିବସ ଶୁଭେଚ୍ଛା ଓ ଅଭିନନ୍ଦନ



ସୁଶ୍ରୀ ସୌଭାଗ୍ୟଲକ୍ଷ୍ମୀ ପଣ୍ଡା
ଖୁଣ୍ଟୁଣୀ, କଟକ
ଆଜି ତୋର ୫ମ ବାର୍ଷିକ ଶୁଭ ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋର ଦୀର୍ଘ ନିରାମୟ ଜୀବନ କାମନା କରୁଛୁ ।
ଶୁଭେଚ୍ଛା ସହ: ତୋର ବଡ଼ ଜେଜେ, ଜେଜେ, ଜେଜେମା, ବଡ଼ ବାପା-ବୋଉ, ସାନ ବାପା-ବୋଉ, ବାପା, ମାମା, ବଣ୍ଟି ବାବା, କାକା ଓ ମାମୁଁ ଏବଂ ସମସ୍ତ ବନ୍ଧୁ ଓ ଆତ୍ମୀୟସ୍ୱଜନ ।

Happy Birthday



I'm celebrating this day together with you because on this day the love of my life, my soulmate, my best friend, was born into this world. Happy Birthday.
Happy Birthday
FEELINGS
MAMA
Best Wishes:
Bapuni, Family & Relatives
ଧ-୧୯୧୨୨

ମନେ ପଡ଼ନ୍ତି
ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱ ଡଃ ଅମରେଶ୍ୱର ମିଶ୍ର
ଆବିର୍ଭାବ: ୦୨।୦୨।୧୯୫୦
ତିରୋଧାନ: ୧୮।୧୧।୨୦୦୫
(ମାର୍ଗଶିର ତୃତୀୟା)
ଆପଣଙ୍କ ପ୍ରେରଣା, ଭଲପାଇବା, ଆଶୀର୍ବାଦ, ସଦିଚ୍ଛା ସଦାସର୍ବଦା ଆମ ଜୀବନର ପଥ ପ୍ରଦର୍ଶକ ହେଉ।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ
ଧ-୧୧୧୨୩

# ପ୍ୟାଣ୍ଟ୍‌ଶାର୍ଟ ପିନ୍ଧି ବେଦିକୁ ଆସିଲେ କନ୍ୟା

## ବିବାହକୁ ସ୍ମରଣୀୟ କରିବା ଲାଗି ପ୍ରୟାସ



**ନୂଆଦିଲ୍ଲୀ:** ସାଧାରଣତଃ ବିବାହ ସମୟରେ ଭାରତୀୟ କନ୍ୟାମାନେ ପାରମ୍ପରିକ ପୋଷାକରେ ନଜର ଆସିଥାନ୍ତି। ଲେହେଙ୍ଗାଠାରୁ ଆରମ୍ଭ କରି ବିଭିନ୍ନ ଗହଣା ପିନ୍ଧି ସଜେଇ ହୋଇଥାନ୍ତି। କେହି କେହି ଲେହେଙ୍ଗା ବଦଳରେ ଶାଢ଼ି ମଧ୍ୟ ପିନ୍ଧିଥାନ୍ତି। ମାତ୍ର ଏବେ ସମୟ ସହିତ ସବୁ ପରିବର୍ତ୍ତନ ହୋଇଛି। ଜଣେ ଭାରତୀୟ କନ୍ୟା ଶାଢ଼ି କିମ୍ବା ଲେହେଙ୍ଗା ବଦଳରେ ପ୍ୟାଣ୍ଟ୍‌ଶାର୍ଟ ପିନ୍ଧି ବେଦୀକୁ ଆସିଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଇଣ୍ଡୋ-ଆମେରିକୀୟ ସଞ୍ଜନା ଋଷି ତାଙ୍କ ବିବାହରେ ଲେହେଙ୍ଗା ବଦଳରେ ପ୍ୟାଣ୍ଟଶାର୍ଟ ପିନ୍ଧି ଏକ ନୂଆ ଧାରା ଆରମ୍ଭ କରିଛନ୍ତି। ଆଜିକାଲି ସେ ଏହି ବିବାହ ପୋଷାକ ପାଇଁ ଇଣ୍ଟରନେଟ୍‌ରେ ଅନେକ ହେଡ୍‌ଲାଇନ ପାଲଟିଛନ୍ତି। ଲାଇଟ୍ ବ୍ଲୁ ପ୍ୟାଣ୍ଟଶାର୍ଟ ସହିତ ସଞ୍ଜନାଙ୍କ ମୁଣ୍ଡରେ ଓଢ଼ଣୀ ଅଛି ଏବଂ ତାଙ୍କ ହାତରେ ପୁଷ୍ପଗୁଚ୍ଛ ମଧ୍ୟ ରହିଛି। ସଞ୍ଜନା ଏହି ଲୁକ୍‌ରେ ଖୁବ୍ ଶାନ୍ତ, ସରଳ ଏବଂ ସୁନ୍ଦର ଦେଖାଯାଉଛନ୍ତି। ସଞ୍ଜନା କାନଫୁଲ ସହ ଅନ୍ୟ ଅଳଙ୍କାରମାନ ପିନ୍ଧିଛନ୍ତି। ସଞ୍ଜନା କୁହନ୍ତି, ସେ ପ୍ୟାଣ୍ଟଶାର୍ଟ ପିନ୍ଧିବାକୁ ଭଲ ପାଆନ୍ତି ଏବଂ ଏଥିରେ ଆରାମଦାୟକ ଅନୁଭବ କରନ୍ତି। ସେ କହିଛନ୍ତି , ବିବାହରେ ପିନ୍ଧିଥିବା ପ୍ୟାଣ୍ଟଶାର୍ଟ ବହୁ ପୁରୁଣା। ସେ ଏହାକୁ ବହୁ ପୂର୍ବରୁ ଏକ ଇଟାଲୀୟ ବୁଟିକ୍‌ରୁ କିଣିଥିଲେ। ଭାରତୀୟ ପରମ୍ପରାରେ ବିବାହ ପାଇଁ କେବଳ ରଙ୍ଗୀନ ପୋଷାକକୁ ଗୁରୁତ୍ୱ ଦିଆଯାଏ। ସଞ୍ଜନା ଟିକେ ଭିନ୍ନ ଧରଣର ପୋଷାକ ପିନ୍ଧିବାକୁ ମନସ୍ଥ କରିଥିଲେ। ଏହା ଦ୍ୱାରା ତାଙ୍କ ବିବାହକୁ ସେ ସ୍ମରଣୀୟ କରିବାକୁ ଚାହାନ୍ତି ବୋଲି କହିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ
ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
କାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତି ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡ଼ା ପାଳନ ଓ ଗୃହରଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole, Sambalpur
9438082179
8480403308

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Bansal Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 1 ଜଣଙ୍କୁ ନିୟୋଜିତ କରନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
89011-10748
94337-13945

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ହୁମା

# ଯଦି ମନା କରି ନ ଥାନ୍ତି...

ହୁମା କ୍ୟୁରେସି ନିଜ ଆକ୍ଟିଂ କ୍ୟାରିୟରର ପ୍ରଥମ ଘଟଣାକୁ ଆଦୌ ଭୁଲି ପାରୁନାହାନ୍ତି। କଥା କ'ଣ କି ଗ୍ରାଜୁଏଶନ ଶେଷ କରିବା ପରେ ସେ ଥିଏଟର ସହ ଜଡ଼ିତ ଥିଲେ। ବେଶ୍ କେତୋଟି ନାଟକରେ ଅଭିନୟ କରି ସାଉଁଟିଥିଲେ ସଫଳତା। ତା'ପରେ ତାଙ୍କୁ ଏକ ତାମିଲ ଫିଲ୍ମରେ ଆକ୍ଟିଂ କରିବାକୁ ସୁଯୋଗ ମିଳିଥିଲା। ପ୍ରଥମେ ସେ ଏ ନେଇ ନିଜର ସମ୍ମତି ଜଣାଇଥିଲେ। ହେଲେ ଏହି ପ୍ରୋଜେକ୍ଟ କେତେକ କାରଣରୁ କିଛି ମାସ ଧରି କୋଲ୍ଡ ରୁମ୍‌ରେ ରହିଥିଲା। 'ବିଲ୍ଲା-୨' ନାମକ ଉକ୍ତ ସିନେମାର ପ୍ରାରମ୍ଭିକ କାମରେ ବିଳମ୍ବ ଦେଖି ହୁମାଙ୍କ ଟେନସନ ବଢ଼ିଯାଇଥିଲା। ଶେଷରେ ଅପେକ୍ଷା ନ କରି ସେ ଏହି ଫିଲ୍ମଟିକୁ ହାତଛଡା କରିଥିଲେ। 'ଯେତେବେଳେ ଏହି ଫିଲ୍ମର ପ୍ରୋସେସିଙ୍ଗ ଲେଟ୍ ହେଲା, ତାକୁ ନେଇ ଅପେକ୍ଷା କରିବାକୁ ମୋର ଆଉ ଧୈର୍ଯ୍ୟ ନ ଥିଲା। ସେପଟେ କେତେଜଣ ପ୍ରଯୋଜକ ମୋତେ ବଲିଉଡ୍‌ରେ ବ୍ରେକ୍ ଦେବାକୁ ସୂଚନା ଦେଇଥିଲେ। ତେଣୁ ଆଉ ଅପେକ୍ଷା ନ କରି ସେହି ତାମିଲ ଫିଲ୍ମରେ ଅଭିନୟ କରିବାକୁ ମନା କରିଦେଇଥିଲି। କିନ୍ତୁ ପରେ ଏହି ଫିଲ୍ମଟି ଭଲ ବିଜନେସ କରିଥିଲା। ତେଣୁ ସେପରି ଏକ ସୁଯୋଗ ହାତଛଡ଼ା କରିବା କଥାକୁ ମୁଁ ଜୀବନସାରା ଭୁଲିପାରିବି ନାହିଁ ବୋଲି କହନ୍ତି ହୁମା।'

# ଶ୍ରଦ୍ଧାଙ୍କ ସ୍ଲିମ୍ ଟ୍ରିମ୍ ମିଶନ

ଶ୍ରଦ୍ଧା କପୁର ଏବଂ ନିଜର ସ୍ଲିମ୍ ଟ୍ରିମ୍ ମିଶନରେ ବ୍ୟସ୍ତ ଅଛନ୍ତି। ଏବେ ତ ତାଙ୍କର କୌଣସି ନୂଆ ସିନେମାର ଶୁଟିଂ ଆରମ୍ଭ ହୋଇନାହିଁ। ପୁଣି ଆରମ୍ଭ ହେଲା ବେଳକୁ ଆସନ୍ତା ବର୍ଷ ଜାନୁୟାରୀ ହୋଇଯିବ। ତେଣୁ ଏହି ଗ୍ୟାପ୍ ସମୟ ଭିତରେ ସେ ନିଜର ଫିଟ୍‌ନେସ୍ ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି। ସକାଳେ ଦୁଇ ଘଣ୍ଟା ଏବଂ ସନ୍ଧ୍ୟାରେ ଦୁଇ ଘଣ୍ଟା ଜିମ୍‌ରେ କଟୁଛି। 'ଏବେ ମୋ ହାତରେ ପାଖାପାଖି ଛଅ ସପ୍ତାହ ସମୟ ଅଛି। ତେଣୁ ସମୟ ନଷ୍ଟ ନ କରି ନିଜ ଫିଟ୍‌ନେସ୍ ପ୍ରତି ଅଧିକ ନଜର ଦେଉଛି। ଉଭୟ ସକାଳେ ଏବଂ ସନ୍ଧ୍ୟାରେ ଜିମ୍‌ରେ ଅଧିକ ସମୟ ଏକ୍ସରସାଇଜ କରୁଛି। ତା'ସହ ଯୋଗ, ପ୍ରାଣାୟାମ କରୁଛି। ଡାଏଟିଂ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଉଛି। କେବଳ ଏବେ ନୁହେଁ ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ମୁଁ ନିଜ ଫିଟ୍‌ନେସ୍ ପ୍ରତି ବେଶ୍ ସଚେତନ ବୋଲି କହନ୍ତି ଶ୍ରଦ୍ଧା।'



ନୂଆ ସିନେମା

## ଏଇ ବୋଧେ ଭଲ ପାଇବା

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଏଇ ବୋଧେ ଭଲ ପାଇବା'। ପ୍ରଶାସକ ରଞ୍ଜନ କୁମାର ଦାସ ଏହାର କାହାଣୀ ରଚନା କରିଛନ୍ତି। ନବାଗତ ପ୍ରଯୋଜକ ଆଲେକଜାଣ୍ଡର ଦାସ ଏବଂ ସିଦ୍ଧାର୍ଥ ପାତ୍ର ଏହି ଫିଲ୍ମ ମାଧ୍ୟମରେ ଓଲିଉଡ୍‌ରେ ଏଣ୍ଟ୍ରି କରୁଛନ୍ତି। ଚିତ୍ରଟିର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳୁଛନ୍ତି କୋରିଓଗ୍ରାଫର-କମ୍-ଡିରେକ୍ଟର ସୁଧାକର ବସନ୍ତ। ଏହାର ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଓଡ଼ିଆ ସିନେମାଜଗତର ଆଗଧାଡ଼ିର ସଂଳାପକାର ତଥା ଏ ପର୍ଯ୍ୟନ୍ତ ୭୦ଟି ଚଳଚ୍ଚିତ୍ରର ସଂଳାପ ଲେଖିସାରିଥିବା ଡ. ରଜନୀ ରଞ୍ଜନ। 'ଏକ ନିଚ୍ଛକ ଓଡ଼ିଆ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହେଉଛି। ଏହାର କାହାଣୀ ଯେତେବେଳେ ମୁଁ ପଢ଼ିଲି ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଏହି ସିନେମାର ସଂଳାପରେ କ'ଣ ବିଶେଷତ୍ୱ ରହିଛି ତାହା ଦର୍ଶକ ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ ବୋଲି କହନ୍ତି ରଜନୀ।' କଳିଙ୍ଗ ସୂର୍ଯ୍ୟ ସିନେ ପ୍ରଡକ୍ସନ ବ୍ୟାନରରେ ଏହି ଫିଲ୍ମର ମହୁରତ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହାର ଲିଡ୍ ରୋଲ୍‌ରେ ଦୀପକ ଅଭିନୟ କରିବେ ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ଅନୁଭା ସୌର୍ଯ୍ୟା। ଅନ୍ୟପକ୍ଷରେ ଏହି ଫିଲ୍ମର ବିଭିନ୍ନ ଭୂମିକାରେ କୁନା ତ୍ରିପାଠୀ, ସରୋଜ ଦାସ, ନନସେନ୍ସ ମଣି, ପ୍ରତିଭା ପଣ୍ଡା, ମଧୁ ପ୍ରମୁଖ କଳାକାର ଅଭିନୟ କରିବେ। ଚଳଚ୍ଚିତ୍ରର ଶୁଟିଂ କୋଭିଡ୍ ଗାଇଡଲାଇନ୍ ଅନୁସାରେ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ଅନୁଭା


ଦୀପକ

## ସୁଯୋଗ ଅପେକ୍ଷାରେ କୀର୍ତ୍ତି

ଭଲ ତଥା ମନଲାଖି ସୁଯୋଗଟିଏ ମିଳିଲେ ତାକୁ କିଏ ବା ହାତଛଡ଼ା କରିବ କହିଲେ ? ଠିକ୍ ସେହିପରି ଏକ ସୁଯୋଗ ଅପେକ୍ଷାରେ ଅଛନ୍ତି ରୋମାଣ୍ଟିକ୍ ଆଲବମ୍ ଯୋଡ଼ି କୀର୍ତ୍ତି ବିକାଶ ମଲ୍ଲ ଏବଂ ସ୍ୱିଟି। ଏହି ଯୋଡ଼ିକୁ ପ୍ରଥମେ ସୁଯୋଗ ମିଳିଥିଲା ଭିଡିଓ ଆଲବମ୍ 'ଚାନ୍ଦଉଦିଆଁ'ରେ। ତା'ପରେ ତିନୋଟି ଆଲବମ୍‌ରେ ଅଭିନୟ କରିବା ପରେ ବଡ଼ ପରଦାରେ ଏକାଠି ମୁହଁ ଦେଖାଇବାକୁ ଆଶା ରଖିଛନ୍ତି। ଏ ସମ୍ପର୍କରେ କୀର୍ତ୍ତି କହନ୍ତି, 'ମୋର ଅଭିନୟ କ୍ୟାରିୟର ଆରମ୍ଭ ଚଳଚ୍ଚିତ୍ରରୁ। ଏସ. ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶିତ 'ଦିଲ୍ କା ରାଜା'ରେ ମୋତେ ପ୍ରଥମେ ସୁଯୋଗ ମିଳିଥିଲା। ତା'ପରେ 'ଅଜାତଶତ୍ରୁ', 'ନିମକି' ଏବଂ 'ଧୀରେ ଧୀରେ ପ୍ରେମ ହେଲା' ସିନେମାରେ ଆକ୍ଟିଂ କରିବା ପରେ ଚଳଚ୍ଚିତ୍ରରେ କ୍ୟାରିୟର କରିବାକୁ ମୋର ଆଶା ଦ୍ୱିଗୁଣିତ ହୋଇଛି। ବିଶେଷଭାବରେ ଭିଡିଓ ଆଲବମ୍‌ରେ ସ୍ୱିଟି ସହ ମୋର ଯୋଡି ବେଶ୍ ଜମିଛି। ଚଳଚ୍ଚିତ୍ରରେ ଏକାଠି ଅଭିନୟ କରିବାର ସୁଯୋଗ ଅପେକ୍ଷାରେ ଦୁହେଁ ରହିଛୁ। ଅପରପକ୍ଷରେ ଧାରାବାହିକ 'ଫାଲ୍‌ତୁ କଥା'ରେ ବେଙ୍ଗୁଲି ଚରିତ୍ର ତାଙ୍କୁ ବେଶ୍ ମାଇଲେଜ୍ ଦେଇଛି। ତେବେ ଏହି ଯୋଡ଼ି କେବେ ବଡ଼ ପରଦାରେ ମୁହଁ ଦେଖାଉଛନ୍ତି ତାହା ଦେଖିବାକୁ ବାକି ରହିଲା।



## ଖୋଜିବା ଚିଜ ମିଳିଗଲା

ଓଡ଼ିଆ ଦର୍ଶକଙ୍କୁ ଭିନ୍ନ ଧରଣର ମନୋରଞ୍ଜନ ଯୋଗାଇ ଦେବାକୁ ଦୁହେଁ ଚିନ୍ତା କରିଥିଲେ। ଶେଷରେ ଯୋଜନାବଦ୍ଧ ଭାବରେ ଏହି ଯୋଡି ମଇଦାନକୁ ଓହ୍ଲାଇଛନ୍ତି। ସେହି ଦୁଇ ଜଣ ହେଲେ ଲିପୁ ବାବୁ ଏବଂ ସିପୁ ବାବୁ। ନିଜସ୍ୱ ୱେବ୍ ଚ୍ୟାନେଲ ବ୍ୟତୀତ ଓଟିଟି ଫର୍ମାଟରେ ସେମାନେ ମ୍ୟୁଜିକ ଭିଡିଓ, ସର୍ଟ ଫିଲ୍ମ, ୱେବ୍ ସିରିଜ୍ ନିର୍ମାଣ କରିବାକୁ ଯାଉଛନ୍ତି। ନିହାର-ନମନ ଫିଲ୍ମସ ବ୍ୟାନରରେ ଏହି ଯୋଡ଼ି ଦ୍ୱାରା ପ୍ରଯୋଜିତ ଏବଂ ବୈଦ୍ୟନାଥ ଦାଶଙ୍କ ସ୍ୱର ସଂଯୋଜିତ ଭଜନ ଆଲବମ୍ 'ସାଇ ଶଙ୍କର' ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। 'ଡିଜିଟାଲ ପ୍ଲାଟଫର୍ମରେ ଆମେ ଏପରି ଯୋଜନା ସହ ଆଗେଇବୁ। ଆମ ଦ୍ୱାରା ପ୍ରଯୋଜିତ ଭଜନଟି ହିଟ୍ ହେବା ପରେ ତାହା ଆମକୁ ବେଶ୍ ପ୍ରେରଣା ଯୋଗାଇଛି। ଖୁବ୍ ଶୀଘ୍ର ଏକ ବିଗ୍ ବଜେଟ ସର୍ଟ ଫିଲ୍ମ ମଧ୍ୟ ରିଲିଜ ହେବାକୁ ଯାଉଛି ବୋଲି କହନ୍ତି ଲିପୁ ବାବୁ।'


ଲିପୁ


ସିପୁ

## ବଲିଉଡ୍ ହାଲ୍‌ଚାଲ୍

➡ସାଜିଦ୍ ନାଦିୱାଦୱାଲାଙ୍କ ଆଗାମୀ ଫିଲ୍ମ 'ବଚ୍ଚନ ପାଣ୍ଡେ'ର ଶୁଟିଂ ଚାଲୁ ରହିଛି। ଏହାର ନାୟକ ସାଜିଛନ୍ତି ଅକ୍ଷୟ କୁମାର। ଫିମେଲ ଲିଡ୍‌ରେ ଅଭିନୟ କରୁଛନ୍ତି କ୍ରିତି ସାନନ ଏବଂ ଜ୍ୟାକଲିନ୍ ଫର୍ନାଡିସ୍।

➡ସାରା ଅଲ୍ଲୀ ଖାଁ ଅଭିନୟ କରୁଥିବା 'ଅତରଙ୍ଗୀ ରେ'ର ଶୁଟିଂ ବାରାଣସୀରେ ଚାଲୁ ରହିଛି। ସେ ଏବେ କରିସ୍ମା କପୁରଙ୍କ ନିକଟରୁ ଆକ୍ଟିଂ ଟିପ୍ସ ନେଉଛନ୍ତି। କେବଳ ସେତିକି ନୁହେଁ, ଯୁଆଡେ ଗଲେ ତାଙ୍କର ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି।

➡ଅନନ୍ୟା ପାଣ୍ଡେ ନିକଟରେ ଦୁଇଟି ଭଲ ଅଫରକୁ ହାତଛଡ଼ା କରିଛନ୍ତି। ଏ ନେଇ ସଫେଇ ଦେଇ ସେ କହିଛନ୍ତି ଯେ, ଫିଲ୍ମଦ୍ୱୟର କାହାଣୀ ତାଙ୍କୁ ଭଲ ଲାଗିଲା ନାହିଁ, ତେଣୁ ସେ ମନା କରିଦେଇଥିଲେ।

➡ନିର୍ଦ୍ଦେଶକ ସତୀଶ କୌଶିକ ଖୁବ୍ ଶୀଘ୍ର ଏକ ନୂଆ ସିନେମା ଆରମ୍ଭ କରିବାକୁ ଯାଉଛନ୍ତି। ବଲିଉଡ୍‌ର ୟଙ୍ଗ ସେନସେସନ ଭାବରେ ପରିଚିତ ଟାଇଗର ଶ୍ରଫ ଏହାର ନାୟକ ଭୂମିକାରେ ଅଭିନୟ କରିବାର ଯୋଜନା ରହିଛି।

➡ରକୁଲପ୍ରୀତ ସିଂ ଏବେ ମାଳଦ୍ୱୀପରେ ଡେରା ପକାଇଛନ୍ତି। ସେଠାରେ ସେ ଅଭିନୟ କରୁଥିବା ଏକ ମ୍ୟୁଜିକ ଆଲବମ୍‌ର ଶୁଟିଂ ଚାଲିଛି।


ଜ୍ୟାକ୍ଲିନ

## ମର୍ଡର ମିଶନ

ଖଳନାୟକ ଅଂଶୁମାନ ସାମନ୍ତରାୟ। ମାରିୟା ନାମ୍ନୀ ଝିଅକୁ ଯେମିତି ହେଲେ ମର୍ଡର କରିବେ। ହେଲେ କାରଣ କ'ଣ ? ଆଉ ସେଥିରେ ସେ ସଫଳ ହୁଅନ୍ତି କି ? ଯଦି ହଁ ତାହାର ପରବର୍ତ୍ତୀ ଘଟଣା କ'ଣ ଘଟେ ? ଅସଲ କଥା ହେଲା ଏହି ଘଟଣାର ସଂଯୋଗ ରହିଛି ତାଙ୍କର ଆକ୍ଟିଂ ଜୀବନ ସହ। ଅର୍ଥାତ୍ ଆସନ୍ତା ମାସରେ ରିଲିଜ ହେବାକୁ ଯାଉଥିବା ହିନ୍ଦୀ ସିନେମା 'ମାରିୟା'ରେ ତାଙ୍କୁ ମିଳିଛି ଏପରି ଏକ ନେଗେଟିଭ ଭୂମିକା। ନିଜର ଏଭଳି ଭୂମିକା ସମ୍ପର୍କରେ ଅଂଶୁମାନ କହନ୍ତି, ''ବେଳେବେଳେ କେତେକ କଥା ମନରେ ଜେରକ୍ସ ହୋଇ ରହିଯାଏ। କେହି କେହି ଆଗପଛ ବିଚାର ନ କରି ନିଜ ଲକ୍ଷ୍ୟ ହାସଲ କରିବାକୁ ବାହାରି ପଡ଼ନ୍ତି। ମୋ ରୋଲ୍‌ଟି ଠିକ୍ ସେହିପରି। ଭୂମିକାଟିକୁ ସଫଳ କରିବାକୁ ଯଥାସାଧ୍ୟ ଚେଷ୍ଟା କରିଛି। ବାକି ଦର୍ଶକଙ୍କ ଉପରେ ନିର୍ଭରକରେ।'' ଏଥିରେ ଅଂଶୁମାନ ମୁଖ୍ୟ ଖଳନାୟକ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି। ଫିଲ୍ମର ପ୍ରଯୋଜନା, ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବା ସହ ନାୟକ ସାଜିଛନ୍ତି ହରିଶ ଶର୍ମା। ଏଥିରେ ଟାଇଟଲ ମାରିୟା ଭୂମିକାରେ ଅଭିନୟ କରିଛନ୍ତି ଅଜିତା। ଏହା ବ୍ୟତୀତ ହରିଶ ଶର୍ମାଙ୍କ ପ୍ରଯୋଜିତ ଏବଂ ସନ୍ତୋଷ ବର୍ମାଙ୍କ ନିର୍ଦ୍ଦେଶିତ 'ପ୍ୟାର୍ କା ଏହସାସ' ଚଳିତବର୍ଷ ଡିସେମ୍ବରରେ ରିଲିଜହେବାର ଯୋଜନା ରହିଛି। ନିକଟରେ ରିଲିଜ ହୋଇଥିବା ଓଡ଼ିଆ ସିନେମା 'ସାଥୀ ତୁ ଫେରିଆ'ରେ ତାଙ୍କୁ ଡନ୍ ଭୂମିକାରେ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଶୁଟିଂ ଚାଲିଥିବା 'ତୁ ମୋର ନିହାତି ଦରକାର'ର ପ୍ରମୁଖ ଖଳନାୟକ ଭୂମିକାରେ ସେ ଅଭିନୟ କରୁଛନ୍ତି।

## ଭାଗ୍ୟକୁ ନିନ୍ଦୁଛନ୍ତି ଆଥିୟା

ସୁନୀଲ ସେଟ୍ଟିଙ୍କ କନ୍ୟା ଆଥିୟା। ଦେଖୁ ଦେଖୁ ବଲିଉଡ୍‌ରେ ୫ବର୍ଷ ବିତିଗଲାଣି। ହେଲେ ହାତଗଣତି ତିନୋଟି ସିନେମାରେ ଆକ୍ଟିଂ କରିଛନ୍ତି। ୨୦୧୫ରେ ରିଲିଜ ହୋଇଥିବା 'ହିରୋ' ଥିଲା ତାଙ୍କ ଅଭିନୀତ ପ୍ରଥମ ସିନେମା। ତା'ପରେ ୨୦୧୭ରେ ସେ ଆକ୍ଟିଂ କରିଥିବା ଦୁଇଟି ସିନେମା- 'ମୁବାରକନ୍' ଏବଂ 'ମୋତିଲାଲ୍ ଚକମାଚୁର' ଆଶାନୁରୂପ ବିଜ୍‌ନେସ କରି ନ ଥିଲା। ଗତ ତିନିବର୍ଷ ଧରି ସେ ହାତ ବାନ୍ଧି ବସିଛନ୍ତି। ସେ ଭାବିଥିଲେ ଯେ, 'ହିରୋ' ହିଟ୍ ହେବା ପରେ ତାଙ୍କୁ ଅଫର ପରେ ଅଫର ମିଳିବ। ହେଲେ ବାସ୍ତବରେ ସେମିତି କିଛି ହେଲାନାହିଁ। ତେଣୁ ଏସବୁର ଦୋଷ ସେ ନିଜ ଭାଗ୍ୟକୁ ହିଁ ଦେଉଛନ୍ତି। ତେବେ ଆଥିୟାଙ୍କୁ କେବେ ପୁଣି ଥରେ ଆକ୍ଟିଂ କରିବାର ସୁଯୋଗ ମିଳୁଛି ତାହା ସମୟ ହିଁ କହିବ।


ଆଥିୟା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ଡିସେମ୍ବର ୩/୨୦୨୦ Thursday, December 3/ 2020

# ଅଷ୍ଟ୍ରେଲିଆକୁ ହରାଇଲା ଭାରତ


ଯଶପ୍ରୀତ୍ ବୁମ୍‌ରାଙ୍କୁ ଅଧିନାୟକ ବିରାଟ କୋହଲିଙ୍କ ସମେତ ସାଥୀ ଖେଳାଳିଙ୍କ ବଧେଇ।

- ହାର୍ଦ୍ଦିକ ପାଣ୍ଡ୍ୟା ମ୍ୟାନ୍ ଅଫ ଦି ମ୍ୟାଚ
- ଷ୍ଟିଭ୍ ସ୍ମିଥ ମ୍ୟାନ୍ ଅଫ ଦି ସିରିଜ

**କାନବେରା, ୨।୧୨:** ହାର୍ଦ୍ଦିକ ପାଣ୍ଡ୍ୟା ଓ ରବୀନ୍ଦ୍ର ଜାଡେଜାଙ୍କ ୧୫୦ ରନର ଭାଗୀଦାରି ଏବଂ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତ ବୁଧବାର ଅନୁଷ୍ଠିତ ତୃତୀୟ ଥର ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୧୩ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୫ ଉଇକେଟ ହରାଇ ୩୦୨ ରନ କରିଥିବାବେଳେ ଘରୋଇ ଦଳ ୪୯.୩ ଓଭରରେ ୨୮୯ ରନକରି ଅଲଆଉଟ ହୋଇଯାଇଥିଲା। ପାଣ୍ଡ୍ୟା ମ୍ୟାନ ଅଫ ଦି ମ୍ୟାଚ ଓ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ପାଇଛନ୍ତି। ପ୍ରଥମ ୨ଟି ମ୍ୟାଚ ଜିତିଥିବା ଅଷ୍ଟ୍ରେଲିଆ ୨-୧ରେ ସିରିଜ ବିଜୟୀ ହୋଇଛି। ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ପୂର୍ବରୁ ଏହି ବିଜୟ ଭାରତର ମନୋବଳ ଦୃଢ଼ କରିଛି।

## ପାଣ୍ଡ୍ୟା-ଜାଡେଜାଙ୍କ ଶତକୀୟ ଭାଗୀଦାରି

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୬ ରନରେ ଇନ୍‌ଫର୍ମ ଓପନର ଶିଖର ଧାୱନ(୧୬ ରନ)ଙ୍କ ଉଇକେଟ ହରାଇଥିଲେ ହେଁ ଶୁବମନ ଗିଲ୍ ଏବଂ ଅଧିନାୟକ ବିରାଟ କୋହଲି ଇନିଂସ ସମ୍ଭାଳି ନେଇଥିଲେ। ତେବେ ଯୁବ ଓପନର ଗିଲ୍ ୩୩, ଶ୍ରେୟାସ ଆୟାର ୧୯ ଓ ଲୋକେଶ ରାହୁଲ ୫ ରନରେ ଆଉଟ ହେବାରୁ ଭାରତର ଦ୍ରୁତ ରନ ହାରରେ ଅଙ୍କୁଶ ଲାଗିଥିଲା। ଆତ୍ମବିଶ୍ୱାସର ସହିତ ଖେଳିଥିବା କୋହଲି ୭୮ ବଲ୍‌ରୁ ୬୩ (୫ ଚୌକା) ରନ କରି କ୍ରମାଗତ ତୃତୀୟ ଥରପାଇଁ ଜୋଶ୍ ହାଜେଲଉଡ୍‌ଙ୍କ ଶିକାର ହୋଇଥିଲେ। ଭାରତ ୩୨ ଓଭରରେ ୧୫୨ ରନରେ ୫ମ ଉଇକେଟ ହରାଇଥିଲା। ଫଳରେ ଭାରତର ବଡ଼ ସ୍କୋର ହେବାନେଇ ଆଶଙ୍କା ଦେଖା ଦେଇଥିଲା। ତେବେ ପାଣ୍ଡ୍ୟା ଓ ଜାଡେଜା ଅସମାପ୍ତ ୬ଷ୍ଠ ଉଇକେଟରେ ୧୦୮ ବଲ୍‌ରୁ ଦ୍ରୁତ ୧୫୦ ରନର ଭାଗୀଦାରି ଗଢ଼ି ଦଳୀୟ ସ୍କୋରକୁ ୩୦୦ ଅତିକ୍ରମ କରାଇଥିଲେ। ହାର୍ଦ୍ଦିକ ୭୬ ବଲ୍‌ରୁ ୯୨(୭ ଚୌକା, ୧ ଛକା) ଓ ଜାଡେଜା ୫୦ ବଲ୍‌ରୁ ୬୬(୫ ଚୌକା, ୩ ଛକା) ରନରେ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ଆଷ୍ଟନ ଅଗର ୨ଟି ଏବଂ ହାଜେଲଉଡ୍, ସିଅନ ଆବୋଟ ଓ ଆଡାମ ଜାମ୍ପା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ପଦାର୍ପଣରେ ନଟରାଜନ ସଫଳ

ଭାରତ ଏହି ମ୍ୟାଚରେ ୪ ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଥିଲା। ମୟଙ୍କ ଅଗ୍ରୱାଲ, ନବଦୀପ ସଇନି, ମହମ୍ମଦ ସାମି ଓ ଯୁଜବେନ୍ଦ୍ର ଚହଲଙ୍କ ସ୍ଥାନରେ ଶୁବମନ ଗିଲ, ଟି. ନଟରାଜନ, ଶାର୍ଦ୍ଦୁଳ ଠାକୁର ଓ କୁଲଦୀପ ଯାଦବଙ୍କୁ ସାମିଲ କରାଯାଇଥିଲା। ସେହିପରି ଅଷ୍ଟ୍ରେଲିଆ ଦଳରେ ଡେଭିଡ ୱାର୍ନର, ପ୍ୟାଟ୍ କୁମିନ୍ସ ଓ ମିଚେଲ ଷ୍ଟାର୍କଙ୍କ ସ୍ଥାନ ନେଇଥିଲେ କାମେରି ଗ୍ରୀନ୍, ଆବୋଟ ଓ ଅଗର। ଭାରତର ନଟରାଜନ ଓ ଅଷ୍ଟ୍ରେଲିଆର ଗ୍ରୀନ୍ ଏଠାରେ ଦିନିକିଆ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ନଟରାଜନ ନିଜ ପ୍ରଥମ ମ୍ୟାଚରେ ଚମତ୍କାର ବୋଲିଂ କରି ସଫଳତା ପାଇଥିଲେ। ୩୦୩ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ ୫୬ ରନରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଅଧିନାୟକ ଆରୋନ ଫିଞ୍ଚ୍ ୮୨ ବଲ୍‌ରୁ ୭୫(୭ ଚୌକା, ୩ ଛକା) ଓ ଗ୍ଲେନ ମ୍ୟାକ୍ସୱେଲ ୩୮ ବଲ୍‌ରୁ ଦ୍ରୁତ ୫୯(୩ ଚୌକା, ୪ ଛକା) ରନ ସ୍କୋର କରିଥିଲେ ହେଁ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ଦଳ ବିଜୟ ଲକ୍ଷ୍ୟଠାରୁ ଦୂରରେ ରହି ଯାଇଥିଲା। ଆଲେକ୍ସ କାରେ ୩୮ ଓ ଅଗର ୨୮ ରନର ଯୋଗଦାନ ଦେଇଥିଲେ। ସିରିଜରେ ପ୍ରଥମଥରପାଇଁ ଭାରତୀୟ ବୋଲର ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ଶାର୍ଦ୍ଦୁଳ ସର୍ବାଧିକ ୩ଟି ଉଇକେଟ ନେଇଥିବାବେଳେ ଯଶପ୍ରୀତ୍ ବୁମ୍‌ରା ଓ ପଦାର୍ପଣକାରୀ ନଟରାଜନ ୨ଟି ଲେଖାଏ ଏବଂ କୁଲଦୀପ ଓ ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସ୍କୋର ବୋର୍ଡ

**ଭାରତ ଇନିଂସ**
ଧାୱନ-କ-ଅଗର-ବୋ-ଆବୋଟ-୧୬
ଶୁବମନ-ଏଲବିଡବ୍ଲ୍ୟୁ-ଅଗର-୩୩
କୋହଲି-କ-କାରେ-ବୋ-ହାଜେଲଉଡ-୬୩
ଆୟାର-କ-ଲାବୁସ୍କାନ-ବୋ-ଜାମ୍ପା-୧୯
ରାହୁଲ-ଏଲବିଡବ୍ଲ୍ୟୁ-ଅଗର-୫
ହାର୍ଦ୍ଦିକ-ନଟଆଉଟ-୯୨
ଜାଡେଜା-ନଟଆଉଟ-୬୬
ଅତିରିକ୍ତ-୮
ମୋଟ(୫ ଉଇକେଟ, ୫୦ ଓଭର) ୩୦୨।
ଉଇକେଟ ପତନ:୧/୨୬, ୨/୮୨, ୩/୧୧୪, ୪/୧୨୩, ୫/୧୫୨।
ବୋଲିଂ(ଅଷ୍ଟ୍ରେଲିଆ)
ହାଜେଲଉଡ୍ ୧୦-୧-୬୬-୧
ମ୍ୟାକ୍ସୱେଲ ୫-୦-୨୭-୦
ଆବୋଟ ୧୦-୦-୮୪-୧
ଗ୍ରୀନ୍ ୪-୦-୨୭-୦
ଅଗର ୧୦-୦-୪୪-୨
ଜାମ୍ପା ୧୦-୦-୪୫-୧
ହେନରିକ୍ସ ୧-୦-୭-୦

**ଅଷ୍ଟ୍ରେଲିଆ ଇନିଂସ**
ଲାବୁସ୍କାନ-ବୋ-ନଟରାଜନ-୭
ଫିଞ୍ଚ୍-କ-ଧାୱନ-ବୋ-ଜାଡେଜା-୭୫
ସ୍ମିଥ-କ-ରାହୁଲ-ବୋ-ଠାକୁର-୭
ହେନରିକ୍ସ-କ-ଧାୱନ-ବୋ-ଠାକୁର-୨୨
ଗ୍ରୀନ୍-କ-ଜାଡେଜା-ବୋ-କୁଲଦୀପ-୨୧
କାରେ-ରନଆଉଟ-୩୮
ମ୍ୟାକ୍ସୱେଲ-ବୋ-ବୁମ୍‌ରା-୫୯
ଅଗର-କ-କୁଲଦୀପ-ବୋ-ନଟରାଜନ-୨୮
ଆବୋଟ-କ-ରାହୁଲ-ବୋ-ଠାକୁର-୪
ଜାମ୍ପା-ଏଲବିଡବ୍ଲ୍ୟୁ-ବୁମ୍‌ରା-୪
ହାଜେଲଉଡ-ନଟଆଉଟ-୭
ଅତିରିକ୍ତ-୧୭
ମୋଟ(୪୯.୩ ଓଭର, ଅଲଆଉଟ) ୨୮୯।
ଉଇକେଟ ପତନ: ୧/୨୫, ୨/୫୬, ୩/୧୧୭, ୪/୧୨୩, ୫/୧୫୮, ୬/୨୧୦, ୭/୨୬୮, ୮/୨୭୮, ୯/୨୭୮, ୧୦/୨୮୯।
ବୋଲିଂ(ଭାରତ)
ବୁମ୍‌ରା ୯.୩-୦-୪୩-୨
ନଟରାଜନ ୧୦-୧-୭୦-୨
ଠାକୁର ୧୦-୧-୫୧-୩
କୁଲଦୀପ ୧୦-୦-୫୭-୧
ଜାଡେଜା ୧୦-୦-୬୨-୧


ହାଇଦ୍ରାବାଦ ଓ ଜାମଶେଦପୁର ଏଫ୍‌ସି ମଧ୍ୟରେ ବୁଧବାରା ଅନୁଷ୍ଠିତ ଆଇଏସ୍‌ଏଲ୍ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।


# ହାଇଦ୍ରାବାଦ-ଜାମଶେଦପୁର ମ୍ୟାଚ ଡ୍ର

**ଇଣ୍ଡିଆନ ସୁପରଲିଗ୍**

**ଭାସ୍କୋ, ୨।୧୨**

ଆରିଡାନେ ସାଣ୍ଟାନାଙ୍କ ପରେ ପ୍ରତିପକ୍ଷ ଷ୍ଟିଫେନ୍ ଏଜେଙ୍କ ଗୋଲ ଯୋଗୁ ବୁଧବାର ହାଇଦ୍ରାବାଦ୍ ଏଫ୍‌ସି ଓ ଜାମଶେଦପୁର ଏଫସି ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଅପରାଜେୟ ରହିଥିବା ହାଇଦ୍ରାବାଦ ୩ ମ୍ୟାଚରୁ ୧ ବିଜୟ ଓ ୨ ଡ୍ର ସହ ୫ପଏଣ୍ଟ ପାଇ ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଓଡ଼ିଶା ଏଫସିକୁ ୧-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ହାଇଦ୍ରାବାଦ ଏହାର ଦ୍ୱିତୀୟ ମ୍ୟାଚକୁ ବେଙ୍ଗାଲୁରୁ ଏଫସି ସହିତ ଗୋଲଶୂନ୍ୟ ଡ୍ର ରଖିଥିଲା। ଅନ୍ୟପକ୍ଷରେ ୩ ମ୍ୟାଚରୁ ୨ ଡ୍ର ଓ ୧ ପରାଜୟ ସହ ଜାମଶେଦପୁର ଟେବୁଲର ୮ମ ସ୍ଥାନରେ ରହିଛି।

ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ଫିନିଶିଂ ଠିକ୍‌ଭାବେ ହୋଇ ନ ପାରିବାରୁ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭର ଅଳ୍ପସମୟ ପରେ ୫୦ତମ ମିନିଟରେ ଆରିଡାନେ ସାଣ୍ଟାନା ଗୋଲ ଦେଇ ହାଇଦ୍ରାବାଦକୁ ଅଗ୍ରଣୀ କରାଇଥିଲେ। ବାମ ପଟରୁ ବଲ୍ ନେଇ ଆସିଥିବା ହଲିଚରଣ ନାର୍ଜାରେ ଜାମଶେଦପୁରର ଲାଲଡିନଲିଆନା ରେନ୍ଥଲେଇଙ୍କୁ ଚକ୍‌ମା ଦେଇ ବକ୍ସ ମଧ୍ୟରେ ପ୍ରବେଶ କରିଥିଲେ। ମାତ୍ର ପୱନ କୁମାର ତାଙ୍କୁ ରୋକିବାରୁ ବଲ୍ ସାଣ୍ଟାନାଙ୍କ ନିକଟକୁ ଚାଲି ଆସିଥିଲା। ସାଣ୍ଟାନା ଏହାକୁ ନେଟ୍ ମଧ୍ୟକୁ ପ୍ରବେଶ କରାଇବାରେ ସଫଳ ହୋଇଥିଲେ। ଗୋଲ ପରିଶୋଧ ପାଇଁ ଜାମସେଦପୁରର ଉଦ୍ୟମ ଜୋରଦାର ହୋଇଥିଲା। ୮୫ତମ ମିନିଟରେ ଷ୍ଟିଫେନ ଏଜେ ଗୋଲ ଦେବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ନେରିଜୁସ ଭ୍ଲାସକିସ୍ ପାସ୍ ପାଇବାପରେ ବଲ୍‌କୁ ନିୟନ୍ତ୍ରଣରେ ରଖି କ୍ରସ୍ ଶଟ୍ ମାରିଥିଲେ। ମାତ୍ର ଟିଙ୍ଗଲେନସାନା ସିଂ ହେଡ୍ ଜରିଆରେ ତାହାକୁ କ୍ଲିୟର କରିଥିଲେ। ବଲ୍ ୱିଲିୟମ ଲାଲନୁନ୍‌ଫେଲାଙ୍କ ନିକଟରେ ପଡ଼ିଥିଲା। ସେ ତାହାକୁ ଏଜେଙ୍କ ନିକଟରୁ ପଠାଇ ଦେଇଥିଲେ। ନାଇଜେରିଆନ ଏଜେ ପ୍ରତିପକ୍ଷ ଲକ୍ଷ୍ମୀକାନ୍ତ କାଟିମନିଙ୍କୁ ଅତିକ୍ରମ କରି ଗୋଲ ଦେବାରେ ସଫଳ ହୋଇଥିଲେ। ଗୋଲକିପର ପ୍ରତିରୋଧ କରିବାକୁ ସମୟ ପାଇ ନ ଥିଲେ। ଜାମସେଦପୁରର ରେନ୍ଥଲେଇ ପାସ୍ ଅଫ୍ ଦି ମ୍ୟାଚ ଏବଂ ହାଇଦ୍ରାବାଦର ମହମ୍ମଦ ୟାସିର ହିରୋ ଅଫ ଦି ମ୍ୟାଚ ପୁରସ୍କାର ହାସଲ କରିଥିଲେ।







## କୋହଲିଙ୍କ ଦ୍ରୁତ ୧୨୦୦୦

ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଏକଦିବସୀୟ କ୍ରିକେଟରେ ଦ୍ରୁତ ୧୨,୦୦୦ ରନ ପୂରଣ କରିଛନ୍ତି। ଏ କ୍ଷେତ୍ରରେ ସେ ପୂର୍ବତନ ଅଧିନାୟକ ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ୩ୟ ତଥା ଅନ୍ତିମ ଦିନିକିଆରେ କୋହଲି ଏହି ମାଇଲଖୁଣ୍ଟ ସ୍ପର୍ଶ କରିବାକୁ ୨୩ ରନ ଆବଶ୍ୟକ କରୁଥିଲେ। ମ୍ୟାଚର ୧୩ତମ ଓଭରରେ ସିଅନ ଆବୋଟଙ୍କ ବୋଲିଂରେ ସେ ଏହି ସଂଖ୍ୟା ଅତିକ୍ରମ କରିଥିଲେ। ସେ ଏଠାରେ ୭୮ ବଲ୍‌ରୁ ୬୩ ରନ ସ୍କୋର କରିଥିଲେ। କୋହଲି ୨୪୨ ଇନିଂସରେ ୧୨,୦୦୦ ରନ ପୂରଣ କରିଥିବାବେଳେ ସଚିନ ଏଥିପାଇଁ ୩୦୦ ଇନିଂସର ସହାୟତା ନେଇଥିଲେ। ୨୦୦୮ରେ ଦିନିକିଆ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ୩୨ ବର୍ଷୀୟ କୋହଲି ବୁଧବାର କ୍ୟାରିୟରର ୨୫୧ତମ ମ୍ୟାଚ ଖେଳିଥିଲେ। ଏହି ଫର୍ମାଟରେ ତାଙ୍କ ଆଭରେଜ ପାଖାପାଖି ୬୦ ଥିବାବେଳେ ସେ ୪୩ ଶତକ ଏବଂ ୬୦ ଅର୍ଦ୍ଧଶତକ ହାସଲ କରି ସାରିଛନ୍ତି। ସଚିନ ୧୯୮୯ରୁ ୨୦୧୨ ମଧ୍ୟରେ ୪୬୩ ଏକଦିବସୀୟରୁ ୪୪.୮୩ ଆଭରେଜରେ ୧୮୪୨୬ ରନ ସ୍କୋର କରିଛନ୍ତି। ଏହା ମଧ୍ୟରେ ୪୯ ଶତକ ଏବଂ ୯୬ ଅର୍ଦ୍ଧଶତକ ସାମିଲ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ